# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar

ODISHA BHASKAR

ଯାହା ଆପଣଙ୍କ କଥା କହେ




ରାଜ୍ୟପାଳ ପଦରୁ ଇସ୍ତଫା ଦେଲେ ରାଧାକ୍ରିଷ୍ଣନ |୬



ବାପା ହେଲେ ବରୁଣ ତେଜ |୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୬୩ Vol. 22 No-163 12 SEPTEMBER 2025 FRIDAY, BHUBANESWAR ଶୁକ୍ରବାର, ୧୨ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦







## ସଂକ୍ଷେପରେ...

### ବାଚସ୍ପତି ଡାକିଲେ ସର୍ବଦଳୀୟ ବୈଠକ

ଭୁବନେଶ୍ୱର,୧୧।୯(ଭାସ୍କର ନ୍ୟୁଜ): ଆସନ୍ତା ୧୬ରେ ବସିବ ସର୍ବଦଳୀୟ ବୈଠକ। ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ବସିବ ସର୍ବଦଳୀୟ ବୈଠକ। ସୁରୁଖୁରୁରେ ବିଧାନସଭା ମୌସୁମୀ ଅଧିବେଶନ ଶେଷ କରିବା ପାଇଁ ବସିବ ସର୍ବଦଳୀୟ ବୈଠକ। ଆସନ୍ତା ୧୮ ରୁ ୨୫ ତାରିଖ ଯାଏଁ ରହିଛି ବିଧାନସଭା ମୌସୁମୀ ଅଧିବେଶନ।

### ବଜ୍ରପାତ ନେଲା ଜୀବନ

ନୂଆପଡ଼ା,୧୧।୯(ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ବୋଡେନ ଥାନା ଅନ୍ତର୍ଗତ ତୁର୍କାମୁଣ୍ଡା ଗାଁରେ ବଜ୍ରପାତରେ ଜଣେ ଚାଷୀଙ୍କର ମୃତ୍ୟୁ ଘଟିଛି। ଚାଷୀଜଣକ ଗୁରୁବାର ସକାଳେ ବିଲକୁ ଯାଉଥିବାବେଳେ ହଠାତ୍ ବଜ୍ରପାତ ଘଟିଥିଲା।


### ଗୁଳି ମାଡ଼ରେ ୨ ଯୁବକ ଗୁରୁତର

ଖୋର୍ଦ୍ଧା,୧୧।୯(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ବଡ଼କୁମାରୀ ଗାଁର ହାଟବସ୍ତରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଗୁଳିମାଡ଼ରେ ୨ଜଣ ଯୁବକ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ପୂର୍ବ ଶତ୍ରୁତାରୁ ଏହା ଘଟିଥିବା କୁହାଯାଉଛି। ପୋଲିସ ଏହି ଘଟଣାରେ ଦୁଇଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ସେନ୍‌ସେକ୍ସ: ୮୧,୫୪୮.୭୩
ସର୍ବାଧିକ: ୩୪.୨ ଡିଗ୍ରୀ
ସର୍ବନିମ୍ନ: ୨୬.୪ ଡିଗ୍ରୀ

**୧୧।୯।୨୦୨୫ ର ମତାମତ**

ଜୀବନ ଜିନ୍ଦାବାଦ୍ କାର୍ଯ୍ୟକ୍ରମ ଆତ୍ମହତ୍ୟା ରୋକିବାରେ ସହାୟକ ହେବ କି?




**ଆଜିର ପ୍ରସଙ୍ଗ**

ସାରର ଅଭାବ ନେଇ ଚାଷୀ ଆନ୍ଦୋଳନ କରିବା ଯଥାର୍ଥ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଜିଏସ୍‌ଟି ହଟିଲା ଭାରତବର୍ଷରୁ
ଦେଉଥିଲା ଘାଣ୍ଟିଚକଟି,
ଆଠବର୍ଷ କାଳ ନାଟ କରି କରି
ଅଚାନକ ଗଲା ପଲଟି !
କେତେ ଲସ୍ କେତେ ପ୍ରଫିଟି,
ଜଣା ପଡ଼ିଯିବ ଆଗାମୀ ଦିନରେ
ବସିଲେ ଇନ୍‌କ୍ୱାରୀ କମିଟି !

### ସାର ଯୋଗାଣ ସ୍ଥିତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ରାଜ୍ୟରେ ଅଭାବ ନାହିଁ



**ପ୍ୟାକ୍ସ, ଲ୍ୟାମ୍ପ୍ସ ଜରିଆରେ ସାର ଯୋଗାଣ ତ୍ୱରାନ୍ୱିତ କର**
**କଳାବଜାରୀ, ନକଲି ସାର ମିଳିଲେ କାର୍ଯ୍ୟାନୁଷ୍ଠାନ ନିଅ**
**ଏନଫୋର୍ସମେଣ୍ଟକୁ ଅଧିକ ଦକ୍ଷ, କଡ଼ାକଡ଼ି ପାଇଁ ନିର୍ଦ୍ଦେଶ**

ଭୁବନେଶ୍ୱର,୧୧।୯(ଭାସ୍କର ନ୍ୟୁଜ): ଗୁରୁବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ସାର ଯୋଗାଣ ସ୍ଥିତିର ସମୀକ୍ଷା କରି ସମସ୍ତ ଜିଲ୍ଲାରେ ଥିବା ପ୍ୟାକ୍ସ ଏବଂ ଲ୍ୟାମ୍ପସ୍ ଜରିଆରେ ସାର ଆବଣ୍ଟନ କାର୍ଯ୍ୟକୁ ଠିକ ଭାବରେ ତଦାରଖ (ମନିଟରିଂ) କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ଜିଲ୍ଲାପାଳଙ୍କୁ କଡ଼ାକଡ଼ି ନିର୍ଦ୍ଦେଶ ଦେଇଛନ୍ତି । କୌଣସି ପ୍ରକାର କଳାବଜାରୀ କିମ୍ବା ଗଚ୍ଛିତ କିମ୍ବା ନକଲି ସାରର ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯାଞ୍ଚ ସ୍ଥାନରେ ସାରକୁ ଜବତ ନକରି ସେହି ସାରକୁ ନିକଟସ୍ଥ ପ୍ୟାକ୍ସ କିମ୍ବା ଲ୍ୟାମ୍ପସକୁ ସ୍ଥାନାନ୍ତରିତ କରି ଚାଷୀଙ୍କୁ ଆବଣ୍ଟନ କରିବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ରାଜ୍ୟରେ ସାରର କୌଣସି ଅଭାବ ନାହିଁ। ସମସ୍ତ ଜିଲ୍ଲାରେ ଆବଶ୍ୟକତା ଅନୁଯାୟୀ ସାର ଆବଣ୍ଟନ କାର୍ଯ୍ୟ ସୁରୁଖୁରୁରେ ଚାଲିଛି । ସୂଚନା ଅନୁଯାୟୀ, ୨୦୨୫ ଖରିଫ ଋତୁରେ ସେପ୍ଟେମ୍ବର ୩୦ ସୁଦ୍ଧା ସମୁଦାୟ ୯,୫୫,୦୦୦ ମେଟ୍ରିକ ଟନ ସାର ଆବଶ୍ୟକ ଥିବାବେଳେ କେନ୍ଦ୍ର ସରକାର ଏହି ପରିମାଣର ସାର ଆବଣ୍ଟନ କରିଛନ୍ତି । ଆବଶ୍ୟକ ହେଲେ ଅଧିକ ସାର ପାଇଁ ଅନୁରୋଧ କରାଯିବ । ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ପାଖରେ ସମୁଦାୟ ମହଜୁଦ ଥିବା ୧୧,୬୬,୭୩୩ ମେଟ୍ରିକ ଟନ ସାର ମଧ୍ୟରୁ ୯,୮୫,୯୬୭ ମେଟ୍ରିକଟନ ସାର ବିକ୍ରି ହୋଇସାରିଛି। ବୈଠକରେ, ଜିଲ୍ଲାରେ ସାରର ଷ୍ଟକ ସ୍ଥିତି ଏବଂ ଆବଶ୍ୟକତା ଅନୁସାରେ ପ୍ୟାକ୍ସ ଏବଂ ଲ୍ୟାମ୍ପସକୁ ବିଭିନ୍ନ ଗ୍ରେଡ଼ର ସାର ଯୋଗାଇଦେବା ପାଇଁ କୃଷି ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି, ମାର୍କଫେଡ଼ ର ଅଧିକାରୀମାନଙ୍କୁ ସାରଯୋଗାଣ ତ୍ୱରାନ୍ୱିତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । • ପୃଷ୍ଠା ୫ ଦେଖନ୍ତୁ

### ଉତ୍ତରାଖଣ୍ଡ ବନ୍ୟାସ୍ଥିତି ଦେଖିଲେ ପ୍ରଧାନମନ୍ତ୍ରୀ

# ୧୨୦୦ କୋଟିର ସହାୟତା ଘୋଷଣା



ଡେରାଡୁନ୍,୧୧।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ବନ୍ୟା ପ୍ରପୀଡ଼ିତ ଉତ୍ତରାଖଣ୍ଡ ଗସ୍ତ କରି ସ୍ଥିତି ପରଖିଛନ୍ତି। ଏହି ଅବସରରେ ସେ ଡେରାଡୁନଠାରେ ବିଭିନ୍ନ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ସ୍ଥିତି ସଂପର୍କରେ ଅବଗତ ହେବା ସହ ରାଜ୍ୟର ବିଭିନ୍ନ ଅଞ୍ଚଳର ବନ୍ୟାପୀଡ଼ିତ ପରିବାର ସହ କଥା ହୋଇଥିଲେ। ବନ୍ୟା ଓ ବାଦଲଫଟା ବର୍ଷା ଯୋଗୁ ପ୍ରଭାବିତ ହୋଇଥିବା ଅଞ୍ଚଳ ପାଇଁ ପ୍ରଧାନମନ୍ତ୍ରୀ ୧୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ରାଶି ଘୋଷଣା କରିଛନ୍ତି। ଏହାସହ ଏହି ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁ ଘଟିଥିବା ଲୋକଙ୍କ ପରିବାରପାଇଁ ୨ଲକ୍ଷ ଟଙ୍କା ଓ ଆହତମାନଙ୍କ ପାଇଁ ୫୦ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଏହାଛଡ଼ା ବନ୍ୟା ଓ ଭୂସ୍ଖଳନରେ ନିଜ ପିତାମାତାଙ୍କୁ ହରାଇଥିବା ପିଲାମାନଙ୍କ ନିମନ୍ତେ ପିଏମ୍ କେୟାର ପକ୍ଷରୁ ଶିଶୁବିକାଶ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ଘୋଷଣା କରିଥିଲେ। ସମଗ୍ର ଉତ୍ତରାଖଣ୍ଡ ପ୍ରାକୃତିକ ଦୁର୍ବିପାକରେ ହନ୍ତସନ୍ତ ହେଉଥିବାବେଳେ ଲୋକମାନଙ୍କୁ ସହାୟତା ଯୋଗାଇ ଦେବାପାଇଁ ମୋଦୀ ଏନଡିଆରଏଫ, ଏସଡିଆରଏଫ ଏବଂ ଆପଦ ମିତ୍ରଙ୍କୁ ସାକ୍ଷାତ କରିବା ସହ ସେମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଦୁର୍ବିପାକରେ ଶତାଧିକ ଘର ସହ ଅନେକ ପ୍ରତିଷ୍ଠାନ ଭାଙ୍ଗିରୁଜି ଯାଇଛି। ରାଜ୍ୟ ସରକାର ଏହି ନିର୍ମାଣ କାମ ଆରମ୍ଭ କରିବା ପାଇଁ କେନ୍ଦ୍ର ସରକାର ମଧ୍ୟ ସହାୟତା • ପୃଷ୍ଠା ୫ ଦେଖନ୍ତୁ

### ଆଇଏସ୍ ଆଇଏସ୍ ଷ୍ଟାଇଲରେ ବିସ୍ଫୋରଣ ଯୋଜନା ପଣ୍ଡ


# ୫ ସନ୍ଦିଗ୍ଧ ଆତଙ୍କୀ ଗିରଫ

ନୂଆଦିଲ୍ଲୀ,୧୧।୯: ଯେତେଯାହା କଲେ ମଧ୍ୟ ପାକିସ୍ତାନର ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ ଘଟୁନାହିଁ । ଭାରତରେ ଅସ୍ଥିରତା ସୃଷ୍ଟି କରିବା ପାଇଁ ରୀତିମତ ପ୍ରୟାସ ଜାରି ରଖିଛି। ନିଜ ଦେଶ ବରଂ ନଷ୍ଟ ହୋଇଯାଉ, କିନ୍ତୁ ପଡ଼ୋଶୀ ରାଷ୍ଟ୍ରରେ ହିଂସା ଭିଆଇବା ପାଇଁ ଚକ୍ରାନ୍ତ ଚଳାଇଛି। ଜାମ୍ମୁକାଶ୍ମୀରର ପହଲଗାମ ଆତଙ୍କୀ ଆକ୍ରମଣ ପରେ ଭାରତ ପକ୍ଷରୁ ଅପରେସନ ସିନ୍ଦୂର କାର୍ଯ୍ୟକ୍ରମ କରାଯାଇ ଆତଙ୍କୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରାଯାଇଥିଲା। ତଥାପି ତା'ର ଶୋଚନା ବି ନାହିଁ । ପୁଣିଥରେ ଭାରତରେ ଅସ୍ଥିରତା ସୃଷ୍ଟି କରିବା ପାଇଁ କରିଥିବା ଯୋଜନା ପଣ୍ଡ ହୋଇଯାଇଛି। ଭାରତରେ ଆଇଏସ୍ ଆଇଏସ୍ ଷ୍ଟାଇଲରେ ବିସ୍ଫୋରଣ ପାଇଁ ଯୋଜନା କରାଯାଇଥିଲା। ତେବେ ଏହାକୁ ପଣ୍ଡ କରିଛନ୍ତି ଗୁଇନ୍ଦା ବିଭାଗ ଓ ଦିଲ୍ଲୀ ପୋଲିସ। ସଂଗଠନ ସହ ସଂପୃକ୍ତ ଥିବା ୫ଜଣ ସନ୍ଦିଗ୍ଧ ଆତଙ୍କୀଙ୍କୁ ଗିରଫ କରାଯାଇ ଛାନ୍‌ଭିନ୍ ଚଳାଇଛି ଦିଲ୍ଲୀ ପୋଲିସ। ଦେଶର ବିଭିନ୍ନ ରାଜ୍ୟରେ ଚଢାଉ କରାଯାଇ ୫ଜଣଙ୍କୁ ଗିରଫ କରାଯାଇଛି। ଏମାନେ ରାସାୟନିକ ଅସ୍ତ୍ରଶସ୍ତ୍ର ନିର୍ମାଣରେ ମାହିର ଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ବିଭିନ୍ନ ରାଜ୍ୟରେ ଯୁବପିଢିଙ୍କୁ ଆଇଏସ ଆଇଏସ୍ ସଂଗଠନରେ ସାମିଲ ପାଇଁ ଏମାନେ ଉଦ୍ୟମ କରୁଥିଲେ। ଗିରଫ ଅଭିଯୁକ୍ତମାନେ ଆଇଏସ ଆଇଏସ୍ ପାଇଁ ସ୍ଲିପର ସେଲ୍ ଭାବେ କାର୍ଯ୍ୟ କରୁଥିଲେ। ଏମାନେ ବୋମା ତିଆରି ସହ ଅସ୍ତ୍ରଶସ୍ତ୍ର ଏକାଠି କରି ଶକ୍ତି ବଢାଇବା ପାଇଁ ଉଦ୍ୟମ କରୁଥିଲେ। ପାକିସ୍ତାନରୁ ଏମାନଙ୍କୁ ନିୟନ୍ତ୍ରଣ କରାଯାଉଥିଲା। ଦେଶରେ ଜିହାଦ ପାଇଁ ପ୍ଲଟ୍ ପ୍ରସ୍ତୁତ କରୁଥିଲେ। ଦିଲ୍ଲୀ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ତେଲଙ୍ଗାନାରେ ଚଢାଉ କରାଯାଇ ଏହି ୫ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ନିକଟରୁ ବିପୁଳ ବିସ୍ଫୋରକ ଜବତ ହୋଇଛି। ଏହି ଘଟଣାରେ ଆଉ କିଏ ସଂପୃକ୍ତ ରହିଛନ୍ତି ସେ ନେଇ ଖୋଳତାଡ଼ ଆରମ୍ଭ ହୋଇଛି। ଦିଲ୍ଲୀ ପୋଲିସର ସୂଚନା ଅନୁଯାୟୀ ଗିରଫ ୫ ସନ୍ଦିଗ୍ଧଙ୍କ ମଧ୍ୟରୁ ୨ଜଣ ଦିଲ୍ଲୀର ହୋଇଥିବାବେଳେ ଜଣେ ମଧ୍ୟପ୍ରଦେଶ ରାଜଗଡ଼ର, ଜଣେ ହାଇଦ୍ରାବାଦ ଓ • ପୃଷ୍ଠା ୫ ଦେଖନ୍ତୁ

### ଉଗ୍ର ହେଉଛି ସମୁଦ୍ର, ବାରମ୍ବାର ଲଂଘୁଛି କୂଳ

# ଜନବସତି ଆଡକୁ ୭୦୦ ମିଟର ମାଡ଼ିଗଲା

**ଜଗତସିଂହପୁର ଜିଲ୍ଲାରେ ଭୟର ବାତାବରଣ**
**କଳାବେଦୀ, ସିଆଳୀ, ତାମତରାରେ ମାଡ଼ିଲା**
**ବ୍ୟାପକ ଚାଷଜମିରେ ଲୁଣାପାଣି, ଫସଲ ନଷ୍ଟ**



ଜଗତସିଂହପୁର,୧୧।୯(ଭାସ୍କର ନ୍ୟୁଜ): ବାରମ୍ବାର କୂଳ ଲଂଘୁଛି ସମୁଦ୍ର। ଜନବସତି ଆଡକୁ ମାଡ଼ି ଆସୁଛି। ବ୍ୟାପକ ଚାଷଜମିରେ ଫସଲହାନି ଘଟାଉଛି। ଗତ ୪ ମାସରେ ତିନିଥର ସମୁଦ୍ର ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ କୂଳ ଲଂଘିଥିବାବେଳେ ଗୁରୁବାର ଜଗତସିଂହପୁର ଜିଲ୍ଲା କଳାବେଦୀ, ସିଆଳୀ ଓ ତାମତରା ନିକଟରେ କୂଳ ଲଂଘିଥିବା ସୂଚନା ମିଳିଛି। ଜନବସତି ଆଡକୁ ୭୦୦ ମିଟର ମାଡ଼ି ଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗୁରୁବାର ସକାଳେ ସିଆଳୀ ବେଳାଭୂମି ନିକଟରେ ସମୁଦ୍ର କୂଳଲଂଘି ଏରସମା ଉପକୂଳରେ ଆତଙ୍କ ସୃଷ୍ଟି କରିଥିବାବେଳେ ପୁଣିଥରେ ରାମତରା ନିକଟରେ କୂଳ ଲଂଘିଥିବା ସୂଚନା ମିଳିଛି। ସେହିପରି କଳାବେଦୀ ନିକଟରେ ମଧ୍ୟ ସମୁଦ୍ର କୂଳ ଲଂଘିଥିବା ସୂଚନା ଦିଆଯାଇଛି। ଫଳରେ ଜଗତସିଂହପୁର ଜିଲ୍ଲାର ଏରସମା ଉପକୂଳପ୍ରତି ବଡ଼ ବିପଦ ସୃଷ୍ଟି ହୋଇଛି। ସମୁଦ୍ରକୂଳିଆ ଗାଁରେ ଏହାକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ବ୍ୟାପକ ଅଞ୍ଚଳରେ ଲୁଣିପାଣି ମାଡ଼ିଥିବାବେଳେ ଚାଷ ଜମିରେ ମଧ୍ୟ ଲୁଣିପାଣି ମାଡ଼ିଯାଇଛି। ପ୍ରଶାସନ ପକ୍ଷରୁ କୌଣସି • ପୃଷ୍ଠା ୫ ଦେଖନ୍ତୁ

### ବିଶ୍ୱ ପାଣିପାଗ ସଂସ୍ଥାନର ଆକଳନ

# ଅକ୍ଟୋବରରେ ଓଡ଼ିଶାକୁ ଲା-ନିନା ବିପଦ

ନୂଆଦିଲ୍ଲୀ,୧୧।୯: ଓଡ଼ିଶା ପ୍ରତି ବିପଦ ମାଡ଼ି ଆସୁଛି। ଆସନ୍ତା ଅକ୍ଟୋବରରେ ଓଡ଼ିଶା ପାଇଁ ଲା-ନିନା ବିପଦ ରହିଛି ବୋଲି ବିଶ୍ୱ ପାଣିପାଗ ସଂସ୍ଥାନ ଆକଳନ କରିଛି। ଡିସେମ୍ବର ଯାଏ ଜଳବାୟୁ ପ୍ରକ୍ରିୟା ଲା-ନିନାର ସକ୍ରିୟ ସ୍ଥିତି ଚିନ୍ତାର କାରଣ ପାଲଟିଛି। ପ୍ରଶାନ୍ତ ମହାସାଗରରେ ଜଳବାୟୁ ପ୍ରକ୍ରିୟା ଲା-ନିନା ପରିସ୍ଥିତି ସଂଗଠିତ ହେଲେ ତାହା ବଙ୍ଗୋପସାଗରରେ ସାମୁଦ୍ରିକ ଝଡ଼ ବା ବାତ୍ୟାର ବାରମ୍ବାରତା ଓ ତୀବ୍ରତାକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଜଳବାୟୁ ପ୍ରକ୍ରିୟା ଲା-ନିନା ପ୍ରଭାବରେ ଉଚ୍ଚ ସାମୁଦ୍ରିକ ପୃଷ୍ଠ ତାପମାତ୍ରାର ଉପସ୍ଥିତି ଯୋଗୁ ପଶ୍ଚିମ ପ୍ରଶାନ୍ତ ମହାସାଗର ତଥା ଚାଇନା ସାଗର ଅଞ୍ଚଳରେ ସୃଷ୍ଟି ବାତ୍ୟାଗୁଡ଼ିକର ଅବଶିଷ୍ଟ ଅଂଶ ବଙ୍ଗୋପସାଗରରେ ପ୍ରବେଶ ସହ ମୌସୁମୀ ପରବର୍ତ୍ତୀ ବାତ୍ୟାଋତୁକୁ ସକ୍ରିୟ କରାଇବାରେ ଯଥେଷ୍ଟ ସାହାଯ୍ୟ କରିଥାଏ। ଖାସ୍‌କରି ପ୍ରଶାନ୍ତ ମହାସାଗର ଅଞ୍ଚଳରୁ ବଙ୍ଗୋପସାଗର ଅଞ୍ଚଳକୁ ପ୍ରବେଶ ଅବଶିଷ୍ଟ ଅଂଶଗୁଡ଼ିକ ମୁଖ୍ୟତଃଭାବେ ଆଣ୍ଡାମାନସାଗର ଅଞ୍ଚଳରେ ପ୍ରବେଶ କରିଥାଏ। ସାଧାରଣତଃ ଏହି ସମୟରେ ଆଣ୍ଡାମାନ ଅଞ୍ଚଳରେ ଉପସ୍ଥିତ ସ୍ଥଳଭାଗ ସହ ସାମୁଦ୍ରିକ ତରଙ୍ଗର ପ୍ରତିକ୍ରିୟା ଫଳରେ କିଛି ନିର୍ଦ୍ଦିଷ୍ଟ ସାମୁଦ୍ରିକ ଆଭ୍ୟନ୍ତରୀଣ ତରଙ୍ଗ ସୃଷ୍ଟି ହୋଇଥାଏ, ଯାହା ଆଣ୍ଡାମାନ ଅଞ୍ଚଳର ସୃଷ୍ଟ ତାପମାତ୍ରାକୁ ୩୦ ଡିଗ୍ରୀ କିମ୍ବା ଅଧିକ ଧରି ରଖିବାରେ ସାହାଯ୍ୟ କରିଥାଏ। ଫଳସ୍ୱରୂପ ଏହି ବିଶିଷ୍ଟ ଅଂଶଗୁଡ଼ିକ ବିଶେଷକରି ଅକ୍ଟୋବରରୁ ଡିସେମ୍ବରମାସ • ପୃଷ୍ଠା ୫ ଦେଖନ୍ତୁ

### ଏନ୍‌କାଉଣ୍ଟର

# ମାଓ କମାଣ୍ଡର ବାଲକ୍ରିଷ୍ଣା ସମେତ ୧୦ ନିହତ



ରାୟପୁର,୧୧।୯: ୨୦୨୬ ମାର୍ଚ୍ଚ ସୁଦ୍ଧା ସାରା ଦେଶରୁ ମାଓବାଦର ବିଲୋପ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଘୋଷଣା କରିବା ପରେ ମାଓ ପ୍ରଭାବିତ ରାଜ୍ୟଗୁଡ଼ିକରେ ସର୍ଚ୍ଚ ଅପରେସନ ଜୋରଦାର ହୋଇଛି। ଏହି କ୍ରମରେ ଗୁରୁବାର ଛତିଶଗଡ଼ର ଗରିଆବନ୍ଧ ଜିଲ୍ଲାରେ ଏକ ବଡ଼ଧରଣର ଏନକାଉଣ୍ଟର ହୋଇଛି। ଏଥିରେ ମାଓ କମାଣ୍ଡର ତଥା ମାଓବାଦୀଙ୍କ ବରିଷ୍ଠ ନେତା ମୋଡେମ ବାଲକ୍ରିଷ୍ଣା ସମେତ ୧୦ଜଣ ନିହତ ହୋଇଥିବା ସୂଚନା ମିଳିଛି। ବାଲକ୍ରିଷ୍ଣା ମୁଣ୍ଡ ପାଇଁ ୧ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ବାଲକ୍ରିଷ୍ଣା ଛତିଶଗଡ଼ ପାଇଁ କାମ କରିବା ସହ କନ୍ଧମାଳ-କଳାହାଣ୍ଡି- ବୌଦ୍ଧ-ନୟାଗଡ଼ • ପୃଷ୍ଠା ୫ ଦେଖନ୍ତୁ

### ଆଇଇଡି ବିସ୍ଫୋରଣରେ ୨ ଯବାନ ଗୁରୁତର

ଦାନ୍ତେୱାଡା,୧୧।୯: ଛତିଶଗଡ଼ର ଦାନ୍ତେୱାଡାରେ ମାଓବାଦୀମାନେ ବିଛାଇଥିବା ଆଇଡି ବିସ୍ଫୋରଣରେ ୨ଜଣ ସିଆରପିଏଫ ଯବାନ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଦାନ୍ତେୱାଡ଼ାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପରେ ସେଠାରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ସୂଚନାଯୋଗ୍ୟ ଯେ ଛତିଶଗଡ଼ରେ ଏବେ ମାଓ ଦମନ ପାଇଁ ପ୍ରତିଦିନ ଅପରେସନ ଚାଲୁ ରହିଛି।

# ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀଙ୍କୁ ଗୁଳିକରି ହତ୍ୟା

ୱାଶିଂଟନ,୧୧।୯: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ଚାର୍ଲି କିର୍କଙ୍କୁ ଗୁଳିକରି ଗୁରୁବାର ସକାଳେ ହତ୍ୟା କରାଯାଇଛି। ସେ ଉଟାସ୍ଥିତ ଭ୍ୟାଲି ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିଲେ। ତେବେ ତାଙ୍କୁ ସେଠାରେ କେତେକ ଦୁର୍ବୃତ୍ତ ଗୁଳିମାଡ଼ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ରାଷ୍ଟ୍ରପତି ଟ୍ରମ୍ପ ଚାର୍ଲିଙ୍କ ହତ୍ୟା ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକପ୍ରକାଶ କରିଛନ୍ତି। ଚାର୍ଲିଙ୍କ ନିହତ ନେଇ ଆମେରିକାରେ ଜାତୀୟ ଶୋକ ଘୋଷଣା କରାଯାଇଛି। ଚାର୍ଲି ଉଟାଭ୍ୟାଲି ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ଡିବେଟରେ ଅଂଶଗ୍ରହଣ କରିଥିଲେ। ଏହି ସମୟରେ ସେ ଏକ ଟେଣ୍ଟତଳେ ମାଇକ୍‌ଧରି ଭାଷଣ ଦେଉଥିଲେ। ଠିକ୍ ସେତିକିବେଳେ ହଠାତ୍ ଜଣେ ବ୍ୟକ୍ତି ତାଙ୍କ ଉପରକୁ ଗୁଳି ଚଳାଇଥିଲା। ଗୁଳିଟି ଚାର୍ଲିଙ୍କ ବେକରେ ବାଜିଥିଲା। ଗୁଳି ବାଜିବାମାତ୍ରେ ସେ ତଳେ ପଡ଼ିଯାଇଥିଲେ। ତାଙ୍କ ବେକରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ପରଲୋକରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଲେଖିଛନ୍ତି ଯେ ମହାନ ଚାର୍ଲି କିର୍କ ଆଉ ଏ ଦୁନିଆରେ ନାହାନ୍ତି। ଆମେରିକୀୟ ଯୁବକମାନଙ୍କୁ ତାଙ୍କଠାରୁ ଭଲ କେହି ବୁଝି ନଥିଲେ। ସମସ୍ତେ ତାଙ୍କୁ ଭଲ ପାଆନ୍ତି ଏବଂ ସମ୍ମାନ ମଧ୍ୟ କରନ୍ତି। ମେଲାନିଆ ଏବଂ ମୁଁ ତାଙ୍କ ପତ୍ନୀ ଏରିକା ଏବଂ ପରିବାରକୁ ସମବେଦନା ଜଣାଉଛୁ। ଟ୍ରମ୍ପ ଆହୁରି କହିଥିଲେ ଯେ ଚାର୍ଲି ପ୍ରକୃତରେ ଜଣେ • ପୃଷ୍ଠା ୫ ଦେଖନ୍ତୁ



ମାଲକାନଗିରି, (ଭାସ୍କର ନ୍ୟୁଜ): ଛାତ୍ରଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେବା ଘଟଣାରେ ପ୍ରଧାନ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। ସେ ହେଲେ ମାଲାକନଗିରି ସଦର ବ୍ଲକ ଗୌଡଗୁଡ଼ା ପଞ୍ଚାୟତ ଏମ୍‌ଭି ୦୯ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୁମାର ସାମନ୍ତରା। ସୂଚନାଯୋଗ୍ୟ, ଅଗଷ୍ଟ ୨୧ ରେ ଗୌଡଗୁଡା ପଞ୍ଚାୟତ ଏମଭି ୦୯ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଇଥିଲେ। ଘଟଣା ସମ୍ପର୍କରେ ପରିବାର ବର୍ଗ ଓ ଗ୍ରାମବାସୀ ମାଲକାନଗିରି ଗୋଷ୍ଠୀ ଶିକ୍ଷାଧୀକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥାିଲେ। ୧୫ ଦିନ ବିତି ଯାଇଥିଲେ ମଧ ସମ୍ପୃକ୍ତ ଶିକ୍ଷକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏ ନେଇ ବିଭିନ୍ନ ଗଣମାଧମରେ ପ୍ରକାଶ ପାଇବା ପରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ପତ୍ର ସଂଖ୍ୟା ୨୨୨୧/୨୫ରେ ସମ୍ପୃକ୍ତ ଶିକ୍ଷକଙ୍କୁ ନନିଳମ୍ବିତ କରାଯାଇଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ଧର ସୂଚନା ଦେଇଛନ୍ତି। ତାଙ୍କ କାର୍ଯ୍ୟରେ ଅବହେଳା, ବିଦ୍ୟାଳୟକୁ ଅନୁଦାନର ଆସୁଥିବା ହେରଫେର, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି।



## ଜଣେ ବ୍ୟକ୍ତିଙ୍କ ଦଖଲରେ ହାଟପିଣ୍ଡି

# ପଦକ୍ଷେପ ନେବାକୁ ରାଜସ୍ୱ ନିରୀକ୍ଷକଙ୍କୁ ଦେଲେ ନିର୍ଦ୍ଦେଶ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ନିୟନ୍ତିତ ବଜାର କମିଟି ଅଧିନରେ ଥିବା ତିହିଡ଼ି ହାଟପିଣ୍ଡିକୁ ଜଣେ ବ୍ୟକ୍ତି ଅନଧିକାର ଭାବେ ଦଖଲ କରି ରହିଛନ୍ତି। ଯାହାଫଳରେ ହାଟପିଣ୍ଡିକୁ ଯେଉଁ ବ୍ୟକ୍ତି ଚୁକ୍ତି କରି ଭଡ଼ା ଦେଇଆସୁଛନ୍ତି ସେ ବ୍ୟକ୍ତି ଜଣକ ହାଟପିଣ୍ଡିକୁ ଦଖଲ କରିପାରୁ ନାହାଁନ୍ତି। ଏ ସମ୍ପର୍କରେ ୨୨୩ ଓ ୨୨୪ ନମ୍ବର ହାଟପିଣ୍ଡିକୁ ଚୁକ୍ତି କରି ରସିଦ୍ କାଟିଥିବା ଭାଟପଡ଼ା ଗ୍ରାମର ନାରାୟଣ ବେହେରା ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇବା ପରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ୧୫ଦିନ ମଧରେ ସ୍ୱଇଚ୍ଛାରେ ଅନଧିକାର ଭାବେ ଦଖଲ କରି ରହିଥିବା ପିଣ୍ଡିକୁ ଦଖଲମୁକ୍ତ କରିବାକୁ ଶର୍ଙ୍ଗଡ଼ା ଗ୍ରାମର ବୀରେନ୍ଦ୍ର ପାଢ଼ୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶର ୧୭ ଦିନ ବିତିଯାଇଥିଲେ ମଧ ସେ ଦଖଲ ଛାଡ଼ି ନାହାଁନ୍ତି। ତେବେ ନିର୍ଦ୍ଦିଷ୍ଟ ସମୟସୀମା ମଧରେ ଯଦି ସ୍ୱେଚ୍ଛାକୃତ ଭାବରେ ସେ ଦଖଲ ନ ଛାଡ଼ନ୍ତି ତେବେ ତାଙ୍କୁ ଆଇନଗତ ଭାବରେ ଉଚ୍ଛେଦ କରିବାକୁ ଉପଜିଲ୍ଲାପାଳ ଚକ୍ରବର୍ତ୍ତୀ ତହସିଲଦାର ଓ ପୋଲିସ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ ଅତିରିକ୍ତ ତହସିଲଦାର ନମିତା ଧଳ ପଦକ୍ଷେପ ନେବାକୁ ଗୁରୁବାର ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ଭଦ୍ରକ ବଜାର ନିୟନ୍ତିତ କମିଟିର ସମ୍ପାଦକଙ୍କୁ କର୍ମଚାରୀଙ୍କ ମାଧ୍ୟମରେ ପିଣ୍ଡି ଚିହ୍ନଟ କରିବାକୁ ଚିଠି ଲେଖିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଭାଟପଡ଼ା ଗ୍ରାମର ନାରାୟଣ ବେହେରା ଗତ ୨୪ ମାର୍ଚ୍ଚରେ ତିହିଡ଼ି ହାଟପିଣ୍ଡି ୨୨୩ ଓ ୨୨୪ ନମ୍ବରକୁ ଭଦ୍ରକ ବଜାର ନିୟନ୍ତିତ କମିଟି ଚୁକ୍ତିକରି ତାଙ୍କୁ ଦେଇଥିଲେ। ଏଥିପାଇଁ ତାଙ୍କ ଠାରୁ ୪ ହଜାର ଟଙ୍କା ସିକ୍ୟୁରିଟି ନେଇ ରସିଦ୍ ମଧ ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ଗୁରୁବାର ପର୍ଯ୍ୟନ୍ତ ମାସିକ ଭଡ଼ା ମଧ ଦେଇ ଆସୁଛନ୍ତି। ମାତ୍ର ତାଙ୍କ ପିଣ୍ଡିକୁ ଅନ୍ୟଜଣେ ଅନଧିକାର ଭାବେ ଦଖଲ କରିଥିବା ନେଇ ସେ ଅଭିଯୋଗ କରିଥିଲେ।

# ଦୁର୍ଘଟଣାରେ ଯୁବକ ଗୁରୁତର





ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ଦଦରାଘାଟି ଫାଣ୍ଡି ଅଞ୍ଚଳରେ ଗୁରୁବାର ଅପରାହ୍ନରେ କଙ୍କଡ଼ାହାଡ଼ ବ୍ଲକ କଣ୍ଟାପାଳ ପଞ୍ଚାୟତ ଅଧିନସ୍ଥ କାଲବୁଦ୍ଧିଆ ଗ୍ରାମର ରବି ନାରାୟଣ ମହାନ୍ତଙ୍କ ପୁଅ ସୌଭାଗ୍ୟ ମହାନ୍ତ(୨୮) ଡ୍ୟାମ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଆହତ ହୋଇଥିବା ଦୃଶ୍ୟ ଦେଖିବାକୁ ମିଳିଛି। ସୌଭାଗ୍ୟ ୧୪୯ ନମ୍ବର ଜାତୀୟ ରାଜପଥ ଉପରେ ତାଳଚେର ଦିଗରୁ ଘାଗରାମୁଣ୍ଡା, ମହାବିରୋଡ ଦେଇ ନିଜ ଗ୍ରାମକୁ ବାଇକରେ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ଥିଲେ। ରାସ୍ତାରେ ଯାଉଥିବା ପଥଚାରୀ ମାନେ ଏପରି ଦୃଶ୍ୟ ଦେଖି ୧୦୮ଆମ୍ବୁଲାନ୍ସ ଗାଡ଼ିକୁ ଡାକି ପରଜଙ୍ଗ ମେଡ଼ିକାଲକୁ ପଠାଇଥିଲେ। ଖବର ପାଇ ପରିବାର ଲୋକେ ପରଜଙ୍ଗ ମେଡ଼ିକାଲରେ ପହଞ୍ଚିଥିଲେ। ସୌଭାଗ୍ୟର ଦେହ ସାରା କ୍ଷତାକ୍ତ ହୋଇଥିବା ବେଳେ ବାମ ଗୋଡ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି। ଅବସ୍ଥା ଗୁରୁତର ଥିବାରୁ ପରଜଙ୍ଗ ମେଡ଼ିକାଲରେ ଚିକିତ୍ସା କରାଯାଇ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି।

## ଭୁଲ୍ ଚିକିତ୍ସା ଯୋଗୁଁ ଶିଶୁକନ୍ୟା ମୃତ୍ୟୁ ଅଭିଯୋଗ

କାଲିମେଲା, (ଭାସ୍କର ନ୍ୟୁଜ୍): ଭୁଲ୍ ଚିକିତ୍ସା ଯୋଗୁଁ କାଲିମେଲା ଥାନା ଅନ୍ତର୍ଗତ ତୁମକିମାଡକା ଗାଁ'ର ଜଣେ ତିନି ମାସର ଶିଶୁ କନ୍ୟା ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ଗତ ବୁଧବାର ଦିନ ଶିଶୁକନ୍ୟାଙ୍କ ଦେହ ସାମାନ୍ୟ ଅସୁସ୍ଥ ହେବାରୁ ତାଙ୍କୁ ଗାଁ ଅଙ୍ଗନବାଡ଼ି କେନ୍ଦ୍ରରେ ନିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟ କର୍ମୀ ଭେକସିନ ଦେବା ପରେ ଶିଶୁ କନ୍ୟାଟିକୁ ଘରକୁ ଆଣିଥିଲେ। ତାଙ୍କ ପିତା ଦେବା ମାଡକାମି ଏବଂ ମାଆ ଭୀମେ ମାଡକାମିଙ୍କ କହିବା ଅନୁଯାୟୀ ଭେକସିନ ଦେବା ପରେ ଶିଶୁ କନ୍ୟାର ସ୍ୱାସ୍ଥ୍ୟ ବିଗିଡ଼ିବା ଆରମ୍ଭ ହୋଇଥିଲା। ଗୁରୁତର ହେବାରୁ ଗୁରୁବାର କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲେ ସୁଦ୍ଧା ସେ ସନ୍ଧ୍ୟା ସମୟରେ ମୃତ୍ୟୁ ବରଣ କରିଛନ୍ତି। ଦେବା ମାଡକାମିଙ୍କ ମୋଟ ୭ଜଣ ପୁଅଝିଅ ମଧ୍ୟରୁ ପୂର୍ବରୁ ୨ଟି ଝିଅ ମୃତ୍ୟୁ ବରଣ କରିସାରିଛନ୍ତି। ଏବେ ୩ଟି ଝିଅ ଓ ଗୋଟିଏ ପୁଅ ଥିବା ଜଣାପଡିଛି। ପରିବାର ଲୋକେ ସ୍ୱାସ୍ଥ୍ୟ କର୍ମୀଙ୍କୁ ଦାୟୀ କରିଥିବା ବେଳେ ତଦନ୍ତ କଲେ ସଠିକ୍ ଘଟଣା ଜଣାପଡ଼ିବ ବୋଲି ଆଶା କରାଯାଇଛି।

## ଅଦାଲତ ପ୍ରତିଷ୍ଠା ବିଳମ୍ବକୁ ନେଇ ସର୍ବଦଳୀୟ ଆନ୍ଦୋଳନ ଚେତାବନୀ




କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): କଣ୍ଟାପଡାରେ ଅଦାଲତ ଖୋଲିବାକୁ ନେଇ ଘୋଷଣା ହୋଇଥିଲେ ବି ମାସମାସ ପରେ ମାସ ବିତି ଚାଲିଥିଲେ ବି ଅଦାଲତ ପ୍ରତିଷ୍ଠା ପାଇଁ ଇଟା ଖଣ୍ଡେ ବି ପଡି ପାରିଲା ନାହିଁ। କଣ୍ଟାପଡା ବ୍ଲକ୍‌ର ୧୪ ଗୋଟି ପଞ୍ଚାୟତର ହଜାର ହଜାର ଲୋକ କଟକ ଧାଇଁ ଅଯଥା ସମୟ ନଷ୍ଟ କରିବା ସହ ମୋଟା ଅଙ୍କ ର ଅର୍ଥ ଖର୍ଚ୍ଚ କରି ନୟାନ୍ତ ହେଉଛନ୍ତି। ଏହାକୁ ଓଡ଼ିଶାର ଉଚ୍ଚତମ ନ୍ୟାୟାଳୟ ହୃଦୟଙ୍ଗମ କରିବା ପରେ କଣ୍ଟାପଡା ରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କମ୍ ଜୁନିଅର ଡିଭିଜନ ସିଭିଲ ଜଜ କୋର୍ଟ ସ୍ଥାପନ ପାଇଁ ଘୋଷଣା ହୋଇଥିଲା। ହେଲେ ମାସ ପରେ ମାସ ବିତିଯାଇଥିଲେ ବି ଏ ପର୍ଯ୍ୟନ୍ତ କଣ୍ଟାପଡ଼ା ବ୍ଲକ୍‌ରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଅଦାଲତ ପ୍ରତିଷ୍ଠା ବିଳମ୍ବ ଯୋଗୁ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ସର୍ବଦଳୀୟ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଏଠାରେ ସୂଚନା ଥାଉ କି କଣ୍ଟାପଡା ଜଳ ସମ୍ପଦ ଡିଭିଜନ ପରିଶର ଓ କାର୍ଯ୍ୟାଳୟକୁ କଟକ ଜିଲ୍ଲା ଜଜ କୋର୍ଟ ପକ୍ଷରୁ ଅସ୍ଥାୟୀ ଅଦାଲତ ପ୍ରତିଷ୍ଠା ପାଇଁ ଉତ୍ତମ ସ୍ଥାନ ଭାବେ ଚୟନ କରାଯାଇଥିଲା। ଅସ୍ଥାୟୀ ଭାବେ କୋର୍ଟ ଖୋଲିବାକୁ ଆବଶ୍ୟକ ହେଉଥିବା ୫୦ଲକ୍ଷ ଟଙ୍କା ଧାର୍ଯ୍ୟ କରି ପୂର୍ତ୍ତ ବିଭାଗ ଅର୍ଥ ବ୍ୟବସ୍ଥା କରିଥିବା ବେଳେ ପୂର୍ବ ସରକାର ସମୟରେ ବର୍ତ୍ତମାନ୍ ସରକାର ସମୟରେ ଅର୍ଥ ମିଳିପାରି ନାହିଁ। କଣ୍ଟାପଡା ତହସିଲ ପକ୍ଷରୁ ମଧ ପ୍ରସ୍ତାବିତ କୋର୍ଟ ସ୍ଥାୟୀ ନିମନ୍ତେ ଆଇନ ବିଭାଗକୁ ଜାଗା ଚିହ୍ନଟ କରାଯାଇ ପ୍ଲଟ ହସ୍ତାନ୍ତର କରାଯାଇଥିବା କଣ୍ଟାପଡା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ କହିଛନ୍ତି। ଏତେ ସବୁ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ନିଆଳି ବିଧାୟକ ଓ ଜିଲ୍ଲା ପ୍ରଶାସନର କଣ୍ଟାପଡା ବ୍ଲକ୍ ପ୍ରତିଯୋଗୀତା ମନଭାବ କାରଣରୁ ଅଦାଲତ ପ୍ରତିଷ୍ଠା ହୋଇପାରୁ ନାହିଁ। ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ସର୍ବଦଳୀୟ ଟିମ ଗଠନ କରାଯାଇ ନିଆଳି ବିଧାୟକ ଛବି ମଲିକ ପୂର୍ବତନ ଅର୍ଥ ରାଷ୍ଟ୍ର ମନ୍ତ୍ରୀ ପଞ୍ଚାନନ କାନୁନଗୋ ଗୋ, ପୂର୍ବତନ ବିଧାୟକ ଡ଼ ପ୍ରମୋଦ କୁମାର ମଲିକ, ପୂର୍ବତନ ବିଧାୟକ ରବି ମଲିକଙ୍କ ସମେତ ଅନେକ ନେତା ଓ ଦଳୀୟ କର୍ମୀଙ୍କୁ ଭେଟି ଆସନ୍ତା ୧୮ ତାରିଖ ଗୁରୁବାର ଦିନ କଣ୍ଟାପଡା ତହସିଲ କାର୍ଯ୍ୟାଳୟ ଆଗରେ ଶାନ୍ତି ପୁର୍ଣ୍ଣ ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ ଲିଖିତ ଭାବେ କଟକ ଜିଲ୍ଲା ପାଳଙ୍କ ସମେତ ସ୍ଥାନୀୟ ଥାନା ତହସିଲ ଓ ଅନ୍ୟାନ୍ୟ କାର୍ଯ୍ୟାଳୟ କୁ ଜଣାଇ ଦିଆଯାଇଛି। ଏହି ଆନ୍ଦୋଳନକୁ ସଫଳ କରିବା ନିମନ୍ତେ ତୃପ୍ତି ରଞ୍ଜନ ବେହେରା, ଅଶ୍ୱିନୀ କୁମାର ରାଉତରାୟ, ଲିଙ୍ଗରାଜ ମହାନ୍ତି, ବାବୁଲି ମହାପାତ୍ର, ଶରତ କୁମାର ପାଢ଼ୀ, କୃଷ୍ଣ ଚନ୍ଦ୍ର ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ ଦେଇଛନ୍ତି।

## ଗ୍ୟାସ ଟାଙ୍କି ଲିକ୍ ହୋଇ ଜଳିଗଲା ଘର, ଜଣେ ଆହତ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ସ୍ଥିତ ମାଣିକାଗୋଡ଼ା ପଞ୍ଚାୟତ ନିକଟସ୍ଥ ସରୋଜ କୁମାର ସ୍ୱାଇଁଙ୍କ (୫୦) ଘରେ ଆଜି ଗ୍ୟାସ ସିଲିଣ୍ଡରରୁ ଗ୍ୟାସ ଲିକ ହୋଇ ଜଳିଯାଇଛି ଘର ଏବଂ ଲକ୍ଷାଧିକ ଟଙ୍କାର ଆସବାବ ପୋଡି ପାଉଁଶ ହୋଇଯାଇଛି। ଏଥିରେ ସରୋଜଙ୍କ ପତ୍ନୀ ଜ୍ୟୋର୍ତି ମୟୀ ସ୍ୱାଇଁ (୪୨) ଆହତ ହୋଇଛନ୍ତି। ଚିକିତ୍ସା ନିମନ୍ତେ ନୟାଗଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାଇ ଗୁରୁବାର ମଧାହ୍ନ ସମୟରେ ସରୋଜଙ୍କ ପତ୍ନୀ ଜ୍ୟୋର୍ତିମୟୀ ରୋଷଇ ଘରେ ରୋଷେଇ କରୁଥିବାବେଳେ ଗ୍ୟାସ ସିଲିଣ୍ଡର ପାଇପରୁ ଗ୍ୟାସ ଲିକେଜ ହୋଇ ଘରସାରା ନିଆଁ ଲାଗିଯାଇଥିଲା। ଯାହାଫଳରେ ନିଆଁ ଦ୍ରୁତ ବେଗରେ ଜଳି ଘରର ସମସ୍ତ ଉପକରଣ ସହିତ ପାଖ ଘରର ଅନେକ ଦାମୀ ଜିନିଷ ଓ ତାଙ୍କ ଝିଅର ବିବାହ ପାଇଁ ରଖିଥିବା ଖଟ, ଚେୟାର, ଆଲମିରା, କାଠ ସିନ୍ଧୁକ, ସୋଫା ସେଟ ସହିତ ଅନେକ ଦାମୀ ଜିନିଷ ପୋଡି ନଷ୍ଟ ହୋଇଯାଇଛି। ସୁଧୀର ଜଣେ ଦୋକାନୀ ହୋଇଥିବାରୁ ଘରେ ଅନେକ ଦୋକାନ ସାମାନ ଷ୍ଟକ ରଖିଥିଲେ। ସେଗୁଡିକ ମଧ ନିଆଁ ଲାଗି ପାଉଁଶ ହୋଇଯାଇଛି। ଯାହାର ଆକଳନ ମୂଲ୍ୟ ଲକ୍ଷ୍ୟାଧିକ ଟଙ୍କାରୁ ଊର୍ଦ୍ଧ୍ୱ ବୋଲି ଅନୁମାନ କରାଯାଉଛି। ଘରେ ସେ ପେଟ୍ରୋଲ ରଖି ଗ୍ରାମରେ ବିକ୍ରି କରନ୍ତି। ସେହି ପେଟ୍ରୋଲ ଘର ବାରଣ୍ଡାରେ ରହିଥିବାରୁ ନିଆଁ ଦ୍ରୁତ ଗତିରେ ପେଟ୍ରୋଲରେ ଲାଗିଥିଲା ଯାହା ଫଳରେ ବହୁତ କ୍ଷତି ହୋଇଛି। ସରୋଜଙ୍କ ପତ୍ନୀ ଜ୍ୟୋର୍ତିମୟୀଙ୍କ ଡାହାଣ ହାତ ଓ ଡାହାଣ ପଟ ଗୋଡ଼ରେ ନିଆଁ ଲାଗି ପୋଡ଼ିଯାଇଛି। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ନୟାଗଡ ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ। ମାଣିକାଗୋଡ଼ା ଗ୍ରାମର ଶେଖଜୁଲ ଫିକର ଅଲ୍ଲୀ ଘଟଣାସ୍ଥଳରେ ପହଂଚି ବୋଲଗଡ଼ ଦମକଳ ବାହିନୀକୁ ଫୋନ କରି ଡାକିଥିଲେ। ଘଟଣା ସ୍ଥଳରେ ବୋଲଗଡ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସରୋଜଙ୍କ ଦୁଇ ଜଣ ଝିଅ ମାମାଲି ସ୍ୱାଇଁ (୧୯)ଓ ରୂପାଲି ସ୍ୱାଇଁ (୧୫) ବୋଲି ଜଣାପଡିଛି। ସରକାରୀ ସହାୟତା ପାଇଁ ପ୍ରଶାସନକୁ ମାଣିକଗୋଡା ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ଆଠ ଏସିର ତମ୍ବା ପାଇପ ଚୋରି

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କିଛିଦିନ ଧରି କେନ୍ଦୁଝର ରେ ସିନ୍ଧି ଚୋରଙ୍କ ଉତ୍ପାତ ବହୁ ଜୋରରେ ବଢିଚାଲିଛି। କାଳୀତୀର୍ଥ କମିଟି ଦ୍ୱାରା ନିର୍ମିତ କଲ୍ୟାଣ ମଣ୍ଡପରେ ଲାଗିଥିବା ଏସି ଗୁଡିକର ଆଉଟର ମେସିନରେ ଲାଗିଥିବା ତମ୍ବା ପାଇପ ସବୁ ଚୋର କାଟିନେଇଥିବା କଥା କମିଟିର ଯୁଗ୍ମ ସମ୍ପାଦକ ମନୋଜ ମିଶ୍ର କହିଛନ୍ତି। ସେହିଭଳି ଖବର ମିଳିଛି ଯେ କେନ୍ଦୁଝର ଗଡ଼ ମ୍ୟୁନିସିପାଲିଟି ଅଧୀନରେ ଥିବା ନଗର ଭବନରେ ମଧ ଲାଗିଥିବା ଏସିର ମଧ ତମ୍ବା ପାଇପ ଚୋରି ହୋଇଯାଇଛି। ଏହା ବାଦ ଗତ ଦୁଇଦିନ। ଭିତରେ ରାତିରେ ଉତ୍କଳ ସପ୍ଲାଇ ଏଜେନ୍ସିରେ ଲାଗିଥିବା ପ୍ରାୟ ୧୩ଗୋଟି ଏସି ପାଇପ ଚୋରି ହୋଇଛି ବୋଲି ଏହାର ସ୍ୱତ୍ୱାଧିକାରୀ କହିଛନ୍ତି। ଥାନା ନିକଟରେ ଥିବା ବିଜୁ ପଟ୍ଟନାୟକ ଛକ ସମ୍ମୁଖରେ ଥିବା ଶ୍ରୀକ୍ରୀଷ୍ଣା ଏଣ୍ଟରପ୍ରାଇଜେସରୁ ମଧ ଦୁଇଦୁଇ ଥର ଏସି ପାଇପ ଚୋରୀ ହୋଇସାରିଛି ବୋଲି ଏହାର ପାର୍ଟନର ସୁରେଶ ରାଉତ ପ୍ରକାଶ କରିଛନ୍ତି। କେନ୍ଦୁଝର ସହରରେ ଏହି ସବୁ ଚୋରୀ ଘଟଣା ପରେ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଚୋରମାନେ ଏହିସବୁ ତମ୍ବା ପାଇପକୁ କାଟିନେଇ କବାଡି ବାଲାଙ୍କୁ ବିକୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଟାଉନ ଥାନା ଆଇଆଇସି ଶ୍ରୀକାନ୍ତ ସାହୁଙ୍କୁ ପଚାରିବାରୁ ଏହି ବାବଦରେ କେହି ଥାନାରେ କୌଣସି ଅଭିଯୋଗ କରିନାହାନ୍ତି ଏହି କାମ ସିନ୍ଧି ଚୋର ମାନେ କରୁଛନ୍ତି ସେମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଗାନ୍ଧୀ ମୂର୍ତ୍ତି ଭଙ୍ଗାକୁ ନେଇ ଜନଶକ୍ତି ପାର୍ଟିର ତୀବ୍ର ନିନ୍ଦା



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ନିଳିକଣା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃତ୍ତ ଭଙ୍ଗି ଦେଇଛନ୍ତି। ଏହି ଘଟଣାରେ ଜନଶକ୍ତି ପାର୍ଟି ପକ୍ଷରୁ ଏହାର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ ତୀବ୍ର ନିନ୍ଦା କରିଛନ୍ତି। ଦାଶ ତାଙ୍କ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଏହା ଏକ ଅମାନବୀୟ କାର୍ଯ୍ୟ, ଦୁର୍ବୃତ୍ତ ଗାନ୍ଧିଙ୍କ ମୂର୍ତ୍ତିକୁ ସିନା ଭାଙ୍ଗିଦେଲେ ହେଲେ ତାଙ୍କ ଦର୍ଶନ ଓ ବଚାରଧାରାକୁ କେହି ଭାଙ୍ଗିପାରିବ ନାହିଁ। ସୂଚନାଯୋଗ୍ୟ ସୋମବାର ବିଳମ୍ବିତ ରାତିରେ ବିଦ୍ୟାଳୟ ପସରିରେ ଥିବା ଗାନ୍ଧି ମୂର୍ତ୍ତିର ଗୋଡ଼ ଓ ହାତକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ବେଳେ ମୂର୍ତ୍ତିଟି ଗୋଟିଏ ପଟକୁ ଢଳିପଡ଼ିଥିବା ଦେଖିବାକୁ ମିଳିଥିଲା।

## ଫାର୍ମହାଉସ ଉପରେ ବୁଲିଲା ବୁଲଡୋଜର

କୃଷ୍ଣପ୍ରସାଦ, (ଭାସ୍କର ନ୍ୟୁଜ୍): କୃଷ୍ଣପ୍ରସାଦ ବ୍ଲକ ବିରିପଦର ଚିଲିକା ଉପକୂଳରେ ଥିବା ଜାଣ ପଡିଆ ଠାରେ ବେ ଆଇନ ଭାବେ ଗଢି ଉଠିଥିବା ଦୁଇମହଲା ଉପରେ ବୁଲିଛି ବୁଲଡୋଜର। ଖବରରୁ ଜଣାପଡିଛି ବଡଝାଡ ଗ୍ରାମର ଅକ୍ଷୟ ତରେଇ ଦୀର୍ଘବର୍ଷ ହେଲା ବେଆଇନ ଭାବେ ଏହି ସରକାରୀ ଜାଗାକୁ ନିଜ ଅକ୍ତିଆରରେ ରାଖି ଦୁଇ ମହଲା ବିଶିଷ୍ଟ ଅଟ୍ଟାଳିକା ସାଙ୍ଗକୁ ବିଭିନ୍ନପ୍ରକାର ଫୁଲ,ଫଳ ଲଗାଇଥିଲେ। ଏହି ଜାଗରୁ ବେଆଇନ ଉଚ୍ଛେଦ ନିମନ୍ତେ ଦୀର୍ଘ ବର୍ଷ ହେଲା ସ୍ଥାନୀୟ ଲୋକେ ଦାବି କରି ଆସୁଥିଲେ ମଧ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଇ ଅଣାଦେଖା କରୁଥିଲା। ଗୁରୁବାର ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉଚ୍ଛେଦ ହେଇଥିବାରୁ ଜିଲ୍ଲା ପ୍ରଶାସନକୁ ସ୍ଥାନୀୟ ଲୋକ ଧନ୍ୟବାଦ ଦେଇ ଆଗାମୀଦିନରେ କୃଷ୍ଣପ୍ରସାଦର ପ୍ରମୁଖ ବଜାର ରାସ୍ତା ଓ ସରକାରୀ ଅନୁଷ୍ଠାନ ଜନହିତ ଉଦ୍ଦେଶ୍ୟରେ ନିର୍ଦ୍ଧାରଣ ଜବରଦଖଲ ଉଚ୍ଛେଦ କରିବାକୁ ସାଧାରଣ ଲୋକେ ଦାବି କରିଛନ୍ତି।

## କେନାଲ୍‌ରେ ଆସୁନି ପାଣି

# ଜଳସେଚନ କାର୍ଯ୍ୟାଳୟରେ ଅଭିଯୋଗ କଲେ ଚାଷୀ



ଡେରାବିଶ, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା କେନାଲ୍‌ର ୧୧ ନଂ ଶାଖାନାଳରୁ ଡେରାବିଶ ବ୍ଲକ ପଲେଇ ପଂଚାୟତ ଅନ୍ତର୍ଗତ କାଜିପୁର ଶନିମନ୍ଦିର ନିକଟରୁ ବାହାରିଥିବା ୧୧(ଏ) ହାପ୍ ଶାଖା କେନାଲଟି ସଫେଇ ହୋଇ ନଥିବାରୁ ଏହା ଉପରେ ନିର୍ଭର କରୁଥିବା କାଜିପୁର, କନ୍ଦରପୁର ଓ ଅଡ଼ଙ୍ଗା ମଲ୍ଲିକେଶ୍ୱରପୁର ଗ୍ରାମର ଶତାଧିକ ଚାଷୀଙ୍କର ୫୦ଏକରରୁ ଊର୍ଦ୍ଧ୍ୱ ଚାଷଜମିକୁ ସଠିକ୍ ଭାବରେ ଜଳସେଚିତ ହୋଇପାରୁନି। ଫଳରେ ଏହି ଚାଷଜମି କେନାଲ୍ ଜଳ ଅଭାବରୁ ଫସଲହାନୀ ହେବା ଆଶଙ୍କା ଦେଖା ଦେଇଛି। ଏବେ ହେଉଥିବା ଲଘୁଚାପ ଜନିତ ବର୍ଷାରେ ଚାଷଜମିରେ ପାଣି ଜମି ରହୁବାରୁ ଫସଲର ଅସୁବିଧା ହେଉନଥିବା ବେଳେ ଆଗକୁ ବର୍ଷା ବନ୍ଦ ହୋଇଗଲେ ସମ୍ପୂର୍ଣ୍ଣ ଚକରେ ଫସଲ କ୍ଷତିଗ୍ରସ୍ତ ହେବ ବୋଲି ବହୁ ଚାଷୀ ଅଭିଯୋଗ କରିଛନ୍ତି। ଏହି କେନାଲ୍‌ଟି ସଫେଇ ହେଉନଥିବା ବେଳେ ଏହାର ବନ୍ଧ ମଧ ବହୁ ସ୍ଥାନରେ ନଷ୍ଟ ହୋଇଯାଇଛି। ଫଳରେ ମୁଖ୍ୟ କେନାଲ୍‌ରୁ ଆସୁଥିବା ପାଣି ଚାଷଜମିକୁ ନଯାଇ ଏଣେତେଣେ ବାହାରକୁ ପଳାଇ ଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କନ୍ଦରପୁର ଗ୍ରାମର ୱାର୍ଡ଼ସଭ୍ୟ ସୁଧାଂଶୁ ଶେଖର ଲେଙ୍କା, ଚାଷୀ ବିଜୟ କୁମାର ସ୍ୱାଇଁ, ଅଜୟ କୁମାର ମଲ୍ଲ, ଦିବକାର ଲେଙ୍କା, ଗୋପବନ୍ଧୁ ସ୍ୱାଇଁଙ୍କ ସମେତ ଶତାଧିକ ଚାଷୀ ଚାନ୍ଦୋଳ ଜଳସେଚନ ବିଭାଗୀୟ କାର୍ଯ୍ୟାଳୟରେ ପହଂଚି ଲିଖିତ ଅଭିଯୋଗ କରିବା ସହ ତୁରନ୍ତ ନାଳକୁ ସଫେଇ କରାଯାଇ ଚାଷଜମିକୁ ପାଣି ଯୋଗାଇ ଦେବାକୁ ଦାବି କରିଥିଲେ। ତେବେ ବିଭାଗୀୟ ଅଧିକାରୀ ଚାଷୀମାନଙ୍କର ଅଭିଯୋଗକୁ ଗ୍ରହଣ କରି କେନାଲ୍‌କୁ ତୁରନ୍ତ ସଫେଇ କରି ଚାଷଜମିରେ ପାଣି ପହଞ୍ଚାଇବାକୁ ପ୍ରତିଶ୍ରୁତି ଦେଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

## କନ୍ୟାଶ୍ରମ ନଦୀରୁ ଗଳିତ ମୃତଦେହ ଉଦ୍ଧାର

ମାଲକାନଗିରି/କାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କନ୍ୟାଶ୍ରମ ଗିରକାନପଲ୍ଲୀ ନିକଟବର୍ତ୍ତୀ ନଦୀରେ ଭାସୁ ଥିବା ଜଣେ ଅଜଣା ଯୁବକଙ୍କ ଗଳିତ ସବ ଉଦ୍ଧାର କରାଯାଇଛି। ଗତ ମଙ୍ଗଳବାର ରାତି ୧୦ ଟାରେ ମୃତ ଦେହ ଭାସୁଥିବା ନେଇ ସ୍ଥାନୀୟ ଅଞ୍ଚଳର କେତେକ ଲୋକ ଏମ୍‌ଭି ୭୯ ପୋଲିସକୁ ଖବର ଦେବା ପରେ ପୋଲିସ ରାତିସାରା ସେଠାରେ ଜଗି ରହିଥିଲା। ପରେ ବୁଧବାର ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ ପରେ ରାତିରେ ମୃତଦେହ ପାଣିରୁ ଉଦ୍ଧାର କରାଯାଇଥିବା ଜଣାପଡିଛି। ବାହାର ମୃତଦେହଟି ୩ ରୁ ୪ ଦିନ ହେବ ପାଣିରେ ପଡି ଫୁଲି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ମୃତ ଯୁବକଙ୍କ ବୟସ ୩୦ରୁ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବା ଜଣା ପଡ଼ିଛି। ପୋଲିସ ତାର ପରିଚୟ ଜାଣିବା ପାଇଁ ଚେଷ୍ଟା ଚାଲିଛି ବୋଲି ଥାନା ଅଧିକାରୀ ଚନ୍ଦ୍ର କାନ୍ତ ତାଣ୍ଡି ସୂଚନା ଦେଇଛନ୍ତି।

# ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ବୈଠକ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବୋଲଗଡ଼ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ଆବାହକତ୍ୱ ଓ ପୌରୋହିତ୍ୟରେ ମଙ୍ଗଳବାର ଦିନ ପୂର୍ବାହ୍ନ ୧୦.୩୦ ଘଟିକାରେ କାର୍ଯ୍ୟାଳୟର ଇଓ କେଭି ଲକ୍ଷ୍ମୀ, ମଣ୍ଡଳ ସଂଯୋଜକ କୈଳାସନାଥ ସ୍ୱାଇଁ, ଏବିଇଓ ଅମିତା ମିଶ୍ରଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପରୋକ୍ଷ ଆପତ୍ତି ଅଭିଯୋଗ ସମ୍ବନ୍ଧୀୟ ତଦନ୍ତ କାର୍ଯ୍ୟତ୍ୱରାନ୍ୱିତ କରି ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟକୁ ଶୀଘ୍ର ତଥ୍ୟ ପ୍ରେରଣ କରିବାକୁ ଏବଂ ପ୍ରତ୍ୟକ୍ଷ ଅଭିଯୋଗ କାରୀମାନଙ୍କୁ ବାରଂ ବାର କାର୍ଯ୍ୟାଳାୟକୁ ନ ଦୌଡ଼ାଇ ଶୀଘ୍ର ସମସ୍ୟା ଗୁଡିକର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ସ୍ୱାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସେବାନିବୃତ୍ତ କର୍ମଚାରୀ ମାନଙ୍କ ପେନସନ ପାଇବାରେ ବିଳମ୍ବ ନ ହେବାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ କର୍ମଚାରୀ କାର୍ଯ୍ୟ କରିବାକୁ ଏବଂ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଇନକ୍ରିମେଣ୍ଟ, ଏମଏସିପି କାର୍ଯ୍ୟରେ ବିଳମ୍ବ ନକରି ସମସ୍ତଙ୍କୁ ନିଜ କାର୍ଯ୍ୟଦ୍ୱାରା ସନ୍ତୁଷ୍ଟ କରିବାକୁ ସ୍ୱାଇଁ କହିଥିଲେ। ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରିଣୀ ସୋନାମିକା ରାୟ ନିର୍ଦ୍ଦେଶିତ ୧୪ଗୋଟି କାର୍ଯ୍ୟକୁ ସଫଳ କରିବା ଉଦ୍ଦେଶ୍ୟରେ ମଣ୍ଡଳର ସମସ୍ତ ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ସିଆରସିସିଙ୍କ ସହ ଆଭାସୀ ବୈଠକ ଉକ୍ତଦିନ ସନ୍ଧ୍ୟାରେ କରାଇଥିଲେ। ଆସ ସ୍କୁଲ ଯିବା ଯୋଜନାରେ ଅଧିକ ପିଲାଙ୍କୁ ବିଦ୍ୟାଳୟ ବା ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇବା,୧୭ ତାରିଖରେ ହେବାକୁ ଥିବା ମେଗା ପ୍ଲାଣ୍ଟେସନ ସଫଳତା ନିମିତ୍ତ ବହୁ ସଂଖ୍ୟାରେଚାରା ରୋପଣ କରିବା, ତା ପୂର୍ବରୁ ବିଦ୍ୟାଳୟ ସ୍ତରରେ ପିଲାମାନଙ୍କ ମଧ୍ୟରେ ବୃକ୍ଷର ଉପକାରିତା ସମ୍ବନ୍ଧୀୟ ବକ୍ତୃତା, ପ୍ରବନ୍ଧ ଓ ଚିତ୍ର ପ୍ରତିଯୋଗିତା କରାଇ ଆଲୁମିନି ଏବଂ ଖ୍ୟାତିସଂପନ୍ନ ବ୍ୟକ୍ତିଙ୍କ ଉପସ୍ଥିତିରେ ସେହି ଦିନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବାପାଇଁ, ସ୍ୱଚ୍ଛ ହରିତ ବିଦ୍ୟାଳୟ ରେଟିଂ ବୃଦ୍ଧିକରିବା, ଉଲ୍ଲାସ ଯୋଜନାରେ ୧୫ ବର୍ଷରୁ ଅଧିକ ବୟସର ଯୁବକ,ଯୁବତୀ ଏବଂ ବୟସ୍କ ବ୍ୟକ୍ତିଙ୍କ ଶିକ୍ଷାଦାନ ପାଇଁ ଶିକ୍ଷାର୍ଥୀ, ସ୍ୱେଚ୍ଛାସେବୀ ଶିକ୍ଷାଦାତା ଚିହ୍ନଟ କରିବାକୁ, ଶ୍ରୀମତୀ ରାୟଙ୍କଅଭିନ୍ନ ଯୋଜନା ରେଜର ସଫଳତା ପାଇଁ ମାର୍ଟ୍ରିକ ପରୀକ୍ଷାରେ ପ୍ରତି ବିଦ୍ୟାଳୟରେ ଶୂନ ଫେଲ ହେବା ଓ ପାଞ୍ଚ ଜଣ ଏ୧ ଗ୍ରେଡ ପ୍ରାପ୍ତ ହେବା ପାଇଁ ଏଜି ଓ ପିଜି ପିଲାଙ୍କୁ ପୃଥକ ଭାବେ କିଛି ସମୟଶିକ୍ଷାଦାନ କରିବାକୁ ସ୍ୱାଇଁ ପରାମର୍ଶ ଦେଇଥିଲେ। ଏଫଏଲ ଏନ କ୍ଷେତ୍ରରେ ପ୍ରଗତି କରିବା, ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ମିଳିଥିବା ଶିକ୍ଷଣ ସାମଗ୍ରୀର ସଦୁପଯୋଗ କରିବା, ବିଦ୍ୟାର୍ଥୀଙ୍କୁ ଶୀଘ୍ର ୟୁନିଫର୍ମ, ହାଉସ ଡ୍ରେସ, ଜୋତା, ମୋଜା ଇତ୍ୟାଦି ବଣ୍ଟନ କରିବା, ଦୁର୍ବଳ ପିଲାଙ୍କୁ ସ୍ୱତନ୍ତ୍ର ଧାନ ଦେବା, ୧୧ଦିନର ମଧାହ୍ନ ଭୋଜନ ଚାଉଳ ଓ ଅର୍ଥରାଶି ହିତାଧିକାରୀଙ୍କୁ ଶୀଘ୍ରପ୍ରଦାନ କରିବା, ବିଦ୍ୟାଳୟ ହତା ଓ ଟଏଲେଟ ସଫା ରଖିବା, ସିଏଲ ରେଜିଷ୍ଟର ଦାୟିତ୍ୱ ଜଣେ ଶିକ୍ଷକଙ୍କୁ ଅର୍ପଣ କରିବାକୁ କହିଥିଲେ।

# ସୁସ୍ଥ ନାରୀ ଓ ସଶକ୍ତ ପରିବାର କାର୍ଯ୍ୟକ୍ରମ ଅଭିଯାନ ସମ୍ପର୍କିତ ବୈଠକ



ବାରିପଦା, (ଭାସ୍କର ନ୍ୟୁଜ୍): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗକୁ ନେଇ ସୁସ୍ଥ ନାରୀ ଓ ସଶକ୍ତ ପରିବାର ସମ୍ପର୍କିତ ଏକ ବିଭିନ୍ନ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅନିଲ କୁମାର ମହାନ୍ତି ଏହି ଅଭିଯାନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ସମସ୍ତ ଅଧିକାରୀ ମାନଙ୍କୁ ଅବଗତ କରାଇ ଥିଲେ। ଏହି କାର୍ଯ୍ୟକ୍ରମ ଚଳିତ ସେପ୍ଟେମ୍ବର ୧୭ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୁଖ୍ୟତଃ ଗ୍ରାମ୍ୟ ସ୍ତରରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଯଥ ଅଣସଂକ୍ରାମକ ରୋଗ ଚିହ୍ନଟକରଣ, ଟିବି ରୋଗର ପରୀକ୍ଷା, ମା'ମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ଯଥା ଅଣସଂକ୍ରାମକ ରୋଗର ଚିହ୍ନଟ କରଣ, ଟିଭି ରୋଗର ପରୀକ୍ଷା, ଟୀକାକରଣ, ବିଭିନ୍ନ ପ୍ରକାର କର୍କଟ ରୋଗ, ସିକିଲ ସେଲ, ଓ ଥାଲାସେମିଆ ଇତ୍ୟାଦି ରୋଗର ପରୀକ୍ଷା, ଗର୍ଭବତୀ ମା ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗର ସମନ୍ୱୟ ସହିତ ସମାଜର ସବୁ ବର୍ଗର ଲୋକଙ୍କୁ ଏଥିରେ ସାମିଲ କରାଯାଇ ବ୍ୟାପକ ସଚେତନତା ସୃଷ୍ଟି କରି ମହିଳା ମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅଧିକରୁ ଅଧିକ ସଂଖ୍ୟକ ମହିଳା ଓ ମା ମାନଙ୍କ ଅଂଶଗ୍ରହଣ ପାଇଁ ପଦକ୍ଷେପ ନିଆଯିବ। ଏଥି ସହିତ ଏହି ଅଭିଯାନ ସମୟରେ ପିଏଚସି, ସିଏଚସି ଓ ଅନ୍ୟାନ୍ୟ ସବସେଣ୍ଟର ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା କାର୍ଡ ବଣ୍ଟନ ଓ ଯୋବନ୍ଦନା ଯୋଜନାରେ ପଞ୍ଜିକରଣ ବ୍ୟବସ୍ଥା ମଧ କରାଯିବ। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ ଆମ ଜିଲ୍ଲା ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ହେତୁ ଏହି କାର୍ଯ୍ୟକ୍ରମକୁ ଏକ ମିଶନ ମୋଡ଼ କରିବା ପାଇଁ ପଡିବ। ଏହାର ଶତପ୍ରତିଶତ ସନ୍ତୃପ୍ତି ହାସଲ ପାଇଁ ଦାୟିତ୍ୱର ସହ ନିଜ ନିଜ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ! ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର କିଶୋର କୁମାର ଆଚାର୍ଯ୍ୟ ଏହି କାର୍ଯ୍ୟକ୍ରମକୁ କିଭଳି ସଫଳତାର ସହ ଜିଲ୍ଲାରେ କରାଯିବ ସେଥିଲାଗି ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ଦାସ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଶାନ୍ତନୁ ଦାସ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅନିଲ କୁମାର ମହାନ୍ତି, ଅଣସଂକ୍ରାମକ ରୋଗ ବିଭାଗର ନିହାର ରଞ୍ଜନ ପୃଷ୍ଟି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




କଟକ(ଭାସ୍କର ନ୍ୟୁଜ): ଖ୍ରୀଷ୍ଟକଲେଜ ମଦର ଟେରେସା ଛାତ୍ରୀ ନିବାସର ନୂତନ ଅନ୍ତେବାସୀମାନଙ୍କୁ ଛାତ୍ରୀନିବାସ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଛାତ୍ରୀ ନିବାସର ତତ୍ତ୍ୱାବଧାରିକା ଡଃ କବିତା ଜେନା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। କଲେଜର ଅଧ୍ୟକ୍ଷା ଶ୍ରୀମତୀ ମଧୁମିତା ପାତ୍ର ସ୍ୱାଗତ ଭାଷଣରେ କହିଲେ ଯେ, ଛାତ୍ରୀମାନଙ୍କର ଶୈକ୍ଷିକ ବିକାଶ କ୍ଷେତ୍ରରେ ଆମର ଏହି ଛାତ୍ରୀନିବାସ ବିଶେଷ ଭୂମିକା ଗ୍ରହଣ କରିପାରିଛି। ପରିଚାଳନା ସମିତିର ସଭାପତି ଅନୁପମ ପାତ୍ର, ସଦସ୍ୟ ପ୍ରଦୀପ୍ତ କୁମାର ଚୌଧୁରୀ, ଶିକ୍ଷକ ପ୍ରତିନିଧି ଡଃ ଦେବଯାନୀ ଦାଶ, ଉପାଧ୍ୟକ୍ଷା ଡଃ କ୍ଷଣପ୍ରଭା ନନ୍ଦ, ଛାତ୍ରୀ ନିବାସ କମିଟିର ସଂଯୋଜିକା ମଧୁସ୍ମିତା ଯାଚକ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଛାତ୍ରୀନିବାସର ଶୃଙ୍ଖଳା ଓ ଅଧ୍ୟୟନ ଉପରେ ବକ୍ତବ୍ୟ ପ୍ରଦାନକରିଥିଲେ। ୱାର୍ଡେନ୍ ରଶ୍ମିରେଖା ଦାସ ଧନ୍ୟବାଦ ଅର୍ପଣ କରିବା ପରେ ଅନ୍ତେବାସୀମାନେ ଆକର୍ଷଣୀୟ ମନୋରନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଛାତ୍ରୀନିବାସ କମିଟିର ସଦସ୍ୟା ଡଃ ସ୍ୱାତୀ ମହାନ୍ତି, ଡଃ ମୌସୁମୀ ମହାନ୍ତି, ଡଃ ଏମ୍. ସନା ଓ ଡଃ ସାଦିଆ ଆଲାମ୍।

### ମହାନଦୀ ନଦୀତଟ ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

# ୩ ବର୍ଷରେ ଖର୍ଚ୍ଚ ହେବ ୨୪୦ କୋଟି ଟଙ୍କା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବହୁ ଆକାଂକ୍ଷିତ ମହାନଦୀ ନଦୀତଟ ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ମଞ୍ଜୁରୀ ଦେଇଛନ୍ତି। ଏହି ଯୋଜନା ୨୦୨୫-୨୬ରୁ ୨୦୨୭-୨୮ ମଧ୍ୟରେ କାର୍ଯ୍ୟକାରୀ ହେବ ଏବଂ ତିନି ବର୍ଷରେ ଖର୍ଚ୍ଚ ହେବ ୨୪୦ କୋଟି ଟଙ୍କା। ଜଳ ସମ୍ପଦ ବିକାଶ ବିଭାଗ ଦ୍ୱାରା ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଏହି ଅର୍ଥ ଖର୍ଚ୍ଚ ହେବ। ଯୋଜନାକୁ ମଞ୍ଜୁରୀଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ମହାନଦୀ ହେଉଛି ଓଡିଶାର ଜୀବନରେଖା। ମହାନଦୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ପରିବେଶ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପର୍ଯ୍ୟଟନର ପ୍ରମୁଖ କେନ୍ଦ୍ରରେ ପରିଣତ କରାଯିବ। ଏହି ପର୍ଯ୍ୟଟନ ସ୍ଥଳୀ ଗୁଡିକ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ ଗୁଡିକ ହେଉଛି, ନଦୀ କୂଳରେ ସହର ପାଇଁ ସାମାଜିକ, ସାଂସ୍କୃତିକ ସୁବିଧା ଯୋଗାଇଦେବା, ଘରୋଇ ସହଭାଗିତା ମାଧ୍ୟମରେ ଜଳକ୍ରୀଡା, ମନୋରଞ୍ଜନ ପାର୍କ, ବିଜ୍ଞାନ ପାର୍କ, ହର୍ବାଲ ଉଦ୍ୟାନ ଆଦିର ବିକାଶ ପାଇଁ ମୌଳିକ ଭିତିଭୂମି ନିର୍ମାଣ, ନଦୀତଟ କ୍ଷୟ ତଥା ନଦୀ ସଂରଚନାର ନିୟନ୍ତ୍ରଣ, ଆବର୍ଜନା ନିଷ୍କାସନ ପଥ ପରିବର୍ତନ କରି ନଦୀଜଳ ସଫା ରଖିବା, ଜଳ ସଂରକ୍ଷଣ ଦ୍ୱାରା ଜଳାଭାବ ସମୟରେ ନିକଟସ୍ଥ ଅଞ୍ଚଳକୁ ପାନୀୟଜଳ ଯୋଗାଣ ଏବଂ ସମ୍ବଲର ସ୍ଥାୟୀ ବିକାଶ ସହିତ ପାରିପାର୍ଶ୍ୱିକ କ୍ଷେତ୍ରକୁ ପୁନର୍ଜୀବିତ କରିବା। ଏହି ଯୋଜନାରେ ଦୁଇଟି ସ୍ଥାନରେ ନଦୀତଟର ବିକାଶ କରାଯିବ। ପ୍ରଥମଟି ହେଉଛି ସମ୍ବଲପୁରର ମାଣ୍ଡାଲିଆରୁ ଚୌନପୁର ପର୍ଯ୍ୟନ୍ତ ମହାନଦୀରେ ନଦୀକୂଳ ବିକାଶ। ଏଥିରେ ପାର୍କିଂ ସ୍ଥାନ, ଜଗିଙ୍ଗ୍ ପାର୍କ, ସେଲ୍ଫି ପଏଂଟ, ପାର୍କ, ଖୋଲା ଜିମ୍, ଘାଟର ଉନ୍ନତି କରଣ, ସ୍ନାନ ଘାଟ ନିର୍ମାଣ, ଆରତୀ ଘାଟ, ଥିମ୍ ପ୍ଲାଜା, ସପିଂ କମ୍ପ୍ଲେକ୍ସ, ଶୌଚାଳୟ ଆଦିର ବିକାଶ କରାଯିବ। ଏଥିପାଇଁ ୧୬୦ କୋଟି ଟଙ୍କା ବିନିଯୋଗ ହେବ। ଦ୍ୱିତୀୟଟି ହେଉଛି, ଭୁବନେଶ୍ୱର ପାଣ୍ଡରା ନିକଟ କୂଆଖାଇ ଓ କୁଶଭଦ୍ରା ନଦୀରେ ନଦୀତଟ ବିକାଶ। ଏଥିରେ ସୁରକ୍ଷା କାର୍ଯ୍ୟ ସହିତ ନଦୀକୂଳ ଘାଟର ବିକାଶ, ରିଙ୍ଗ୍ ରୋଡ ସହିତ ଦୃଶ୍ୟ ପଏଣ୍ଟ ବିକାଶ, ଭାସ୍ ମାନ ଜେଟି, ଲକ୍‌ଗେଟ୍, ସେତୁ, ପାର୍କିଂ, କାଫେଟେରିଆ, ଶୌଚାଳୟ, ନଦୀପଥ ସହିତ ଆଭ୍ୟନ୍ତରୀଣ ପାଦଚଲା ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୮୦ କୋଟି ଟଙ୍କା ବିନିଯୋଗ କରାଯିବ।



ରବୀନ୍ଦ୍ରମଣ୍ଡପଠାରେ ମଞ୍ଚସ୍ଥ ନାଟକ 'ରାଜା ଇଡିପସ'ର ଏକ ମନୋରମ ଦୃଶ୍ୟ

### ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ମାମଲା

## ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

କଟକ(ଭାସ୍କର ନ୍ୟୁଜ୍): ରାଜ୍ୟରେ ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ବିରୋଧରେ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ଗୁରୁବାର ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ଜବାବ ଦାଖଲ ପରେ ୧ ସପ୍ତାହ ମଧ୍ୟରେ ଆବେଦନକାରୀ ପ୍ରତିଜବାବ ଦାଖଲ କରିବାକୁ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ରହିଛି। ମାମଲାର ପରବର୍ତ୍ତି ଶୁଣାଣି ନିମନ୍ତେ ଅକ୍ଟୋବର ୧୬ ତାରିଖକୁ ଧାର୍ଯ୍ୟ ହୋଇଛି। ସୂଚନାନୁସାରେ, ରାଜ୍ୟ ସରକାର ୨୦୧୯ ଫେବୃୟାରୀ ୨୮ ତାରିଖରେ ଲୋକାୟୁକ୍ତ ପ୍ରତିଷ୍ଠା କରିଥିଲେ। ଲୋକାୟୁକ୍ତରେ ଜଣେ ଚେୟାରପର୍ସନ ଓ ୫ ଜଣ ସଦସ୍ୟ ରହିବାର ନିୟମ ରହିଛି। ସଦସ୍ୟ ୫ ଜଣଙ୍କ ମଧ୍ୟରୁ ୨ ଜଣ ବିଚାର ବିଭାଗୀୟ ସଦସ୍ୟ ରହିବାର ନିୟମ ମଧ୍ୟ ରହିଛି। ତଦନୁସାରେ ୨୦୧୯ରେ ଚେୟାରପର୍ସନଙ୍କ ସମେତ ସଦସ୍ୟମାନଙ୍କୁ ପର୍ଯ୍ୟାୟ କ୍ରମେ ନିଯୁକ୍ତ କରାଯାଇଥିଲା। ମାତ୍ର ସେମାନଙ୍କ କାର୍ଯ୍ୟକାଳ ୫ ବର୍ଷ ହୋଇଥିବାରୁ ସେହି ଅବଧି ଶେଷ ହେବା ପରେ ୨୦୨୪ ମାର୍ଚ୍ଚ ୧୯ ତାରିଖରୁ ଚେୟାରପର୍ସନ ଓ ସଦସ୍ୟମାନଙ୍କ କାର୍ଯ୍ୟକାଳ କ୍ରମାନ୍ୱୟରେ ଶେଷ ହୋଇଥିଲା। ଶେଷରେ ୨୦୨୪ ଅଗଷ୍ଟ ୮ ତାରିଖରୁ ଲୋକାୟୁକ୍ତଙ୍କ ଚେୟାରପର୍ସନ ଓ ସଦସ୍ୟ ପଦ ଖାଲି ପଡ଼ିଛି। ଏହାକୁ ନେଇ ଆବେଦନକାରୀ ଆଇନଜୀବୀ ପ୍ରବୀର କୁମାର ଦାସ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମାତ୍ର କିଛି ଫଳ ନହେବାରୁ ସେ ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି।

## ମୋଦିଙ୍କ ଜନ୍ମଦିନରେ ଚାରାରୋପଣ କରିବ ଯୁବମୋର୍ଚ୍ଚା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଏ। ଚଳିତ ବର୍ଷ ମୋଦିଜୀଙ୍କ ୭୫ ତମ ଜନ୍ମଦିବସ ପଡୁଥିବାରୁ ଏହାକୁ ସ୍ମରଣୀୟ ରଖିବା ଉଦ୍ଦେଶ୍ୟରେ ବୃକ୍ଷଚାରା ରୋପଣଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଜେପି, ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ସେପ୍ଟେମ୍ବର ୨୧ରେ ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ସବୁଠାରୁ ଆକର୍ଷଣୀୟ କାର୍ଯ୍ୟକ୍ରମ 'ମୋଦୀ ଯୁବା ମାରାଥନ' ଆୟୋଜନ କରାଯିବ ବୋଲି ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ସୂଚନା ଦେଇଛନ୍ତି। ଶ୍ରୀ ପଣ୍ଡା କହିଛନ୍ତି ଯେ, ସେବା ପକ୍ଷକୁ ସଫଳ କରିବା ପାଇଁ ଯୁବମୋର୍ଚ୍ଚା ତରଫରୁ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି ଏବଂ ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟ କାର୍ଯ୍ୟାଳୟରେ 'ପ୍ରସ୍ତୁତି ବୈଠକ' ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ଯୋଗଦେଇ ଯୁବବର୍ଗଙ୍କୁ କାର୍ଯ୍ୟକ୍ରମ ସଫଳ କରିବା ପାଇଁ ମାର୍ଗଦର୍ଶନ ଦେବା ସହିତ ନୂତନ କାର୍ଯ୍ୟକର୍ତାଙ୍କୁ ଏଥିରେ ସାମିଲ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଯୁବ ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି ଓ ଜିଲ୍ଲା ପ୍ରଭାରୀମାନେ ଉପସ୍ଥିତ ଥିଲେ।

## ଦୁର୍ନୀତି ରୋକିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ କଡ଼ା ଆଭିମୁଖ୍ୟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦୁର୍ନୀତି ରୋକିବା ଦିଗରେ ପ୍ରଶାସନିକ ବ୍ୟବସ୍ଥାର ସୁଦୃଢୀକରଣ ଏବଂ ପ୍ରତିକାରାତ୍ମକ ସତର୍କତା ଅବଲମ୍ବନ ସଂପର୍କରେ ରାଜ୍ୟ ମୁଖ୍ୟ ଶାସନ ମନୋଜ ଆହୁଜା କଡ଼ା ଆଭିମୁଖ୍ୟ ଗ୍ରହଣ କରି ଏ ସଂପର୍କରେ ଦୃଢ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ଏ ସଂପର୍କରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ମହା ନିର୍ଦ୍ଦେଶକ, ସମସ୍ତ ବିଭାଗର କମିଶନର ତଥା ଶାସନ ସଚିବ, ସମସ୍ତ ରାଜସ୍ୱ ଆୟୁକ୍ତ ଏବଂ ଜିଲ୍ଲାପାଳମାନଙ୍କୁ ଉଲ୍ଲେଖିତ ଏକ ପତ୍ରରେ ଜଣାଇଛନ୍ତି ଯେ, ରାଜ୍ୟ ସରକାର ସ୍ୱଚ୍ଛ, ପାରଦର୍ଶୀ ଓ ନାଗରିକକେନ୍ଦ୍ରିକ ପ୍ରଶାସନ ପ୍ରତି ପ୍ରତିବଦ୍ଧ। ନିକଟରେ ଦୁର୍ନୀତି ନିବାରଣ ବିଭାଗଦ୍ୱାରା ଚିହ୍ନଟ ହୋଇଥିବା ଦୁର୍ନୀତି ମାମଲାଗୁଡ଼ିକ ସୂଚାଉଛି ଯେ, ଏ କ୍ଷେତ୍ରରେ ସକ୍ରିୟ ଓ ନିରନ୍ତର ଧ୍ୟାନ ଦେଇ ପ୍ରତିକାରାତ୍ମକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ମୁଖ୍ୟ ଶାସନ ସଚିବ ଦୁର୍ନୀତି ପ୍ରତି କଡ଼ା ଆଭିମୁଖ୍ୟ ଓ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କୁ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦୃଢ଼ ପ୍ରତିରୋଧାତ୍ମକ ସଚେତନତା ଢାଞ୍ଚା ବାସ୍ତବରେ ଏକ ଜନକେନ୍ଦ୍ରିକ ସରକାର ପ୍ରତିଷ୍ଠାକୁ ସାକାର କରିବାରେ ସାହାଯ୍ୟ କରିବବୋଲିମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ।

## ଜାନୁଆରୀରେ କାର୍ଯ୍ୟକ୍ଷମ ହେବ କଳିଙ୍ଗ ଷ୍ଟୁଡ଼ିଓ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ଜାନୁଆରୀ ମାସରେ କଳିଙ୍ଗ ଷ୍ଟୁଡ଼ିଓ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଏହାପରେ ଓଡ଼ିଆ ସିନେ ନିର୍ମାତା ପୁଣି କଳିଙ୍ଗ ଷ୍ଟୁଡ଼ିଓରେ ସୁଟିଂ କରିପାରିବେ। ଗୁରୁବାର ଦିନ ୭ ଜଣିଆ ବିଧାୟକ ଦଳ କମିଟି କଳିଙ୍ଗ ଷ୍ଟୁଡ଼ିଓ ପରିଦର୍ଶନ କରିଥିବା ବେଳେ ଭିତିଭୂମିର ଯାଂଚ ସାଙ୍ଗକୁ ବିଭିନ୍ନ ଆଲୋଚନା କରିଥିଲେ। ଏହି କମିଟିରେ ଚେୟାରମ୍ୟାନ ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କ ସମେତ ଛବି ମଲ୍ଲିକ, ଅରବିନ୍ଦ ମହାପାତ୍ର, ଲକ୍ଷ୍ମଣ ବାଗ, ପ୍ରତାପ ଚନ୍ଦ୍ର ପ୍ରଧାନ, ରୂପେଶ କୁମାର ପାଣିଗ୍ରାହୀ, ସତ୍ୟଜିତ ଗମାଙ୍ଗ ପ୍ରମୁଖ କଳିଙ୍ଗ ଷ୍ଟୁଡ଼ିଓର କାର୍ଯ୍ୟସମୀକ୍ଷା କରିଛନ୍ତି। ପରିଦର୍ଶନ କରି କମିଟି ଚେୟାରମ୍ୟାନ ଦୁଷ୍ମନ୍ତ ସ୍ୱାଇଁ କହିଛନ୍ତି ଖୁବ ଶୀଘ୍ର ଷ୍ଟୁଡିଓ କିଭଳି କାର୍ଯ୍ୟକ୍ଷମ ହେବ ଏ ଦିଗରେ ସରକାର ସମସ୍ତ ଚେଷ୍ଟା କରୁଛନ୍ତି । ଜାନୁଆରୀ ମାସ ସୁଦ୍ଧା କାମ ଶେଷ ହୋଇ ଏହା କାର୍ଯ୍ୟକ୍ଷମ ହେବା ଲକ୍ଷ୍ୟ ରଖାଯାଇଛି । ଏହା ପୂର୍ବରୁ ଜୁନ ୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଶିକ୍ଷାମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ କଳିଙ୍ଗ ଷ୍ଟୁଡ଼ିଓ ପରିଦର୍ଶନ କରିଥିଲେ । ଏକ ସ୍ୱତନ୍ତ୍ର ଡିପିଆର ପ୍ରସ୍ତୁତ କରିବା ପ୍ରତିଶ୍ରୁତି ଦେଇଥିଲେ ମୁଖ୍ୟମନ୍ତ୍ରୀ ।


## କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲରେ ଗ୍ଲୋବାଲ ୟୁନିଭର୍ସିଟି ଫେୟାର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ପକ୍ଷରୁ 'ଗ୍ଲୋବାଲ ୟୁନିଭର୍ସିଟି ଫେୟାର'ର ତୃତୀୟ ସଂସ୍କରଣ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶରୁ ୭୦ରୁ ଅଧିକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଯୋଗ ଦେଇଥିଲେ। ଭାରତୀୟ ଛାତ୍ରଛାତ୍ରୀଙ୍କୁ ବିଦେଶରେ ଉଚ୍ଚଶିକ୍ଷା ସମ୍ଭାବନା ସୃଷ୍ଟି କରିବାର ଏକ ଅଭୂତପୂର୍ବ ସୁଯୋଗ ପ୍ରଦାନ କରିଛି ଗ୍ଲୋବାଲ ୟୁନିଭର୍ସିଟି ଫେୟାର। ଏହି ଫେୟାରରେ ଭାରତ ସମେତ ଆମେରିକା, ବ୍ରିଟେନ, କାନାଡ଼ା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ସ୍ୱିଜରଲ୍ୟାଣ୍ଡ, ଆୟାର୍ଲାଣ୍ଡ, ଦୁବାଇ, ଫିନଲାଣ୍ଡ ଓ ବିଭିନ୍ନ ଦେଶର ବଡ଼ବଡ଼ ଶିକ୍ଷାନୁଷ୍ଠାନ ସାମିଲ ହୋଇଥିଲେ। କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ସମେତ ବିଭିନ୍ନ ଅଗ୍ରଣୀ ସ୍କୁଲର ୨ହଜାରରୁ ଅଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମର ଯୋଗ ଦେଇଥିଲେ । ମେଳା ଅବସରରେ କିଟ ଇଣ୍ଟରନ୍ୟାସନାଲ ସ୍କୁଲ ମଧ୍ୟ ଅନ୍ତର୍ଜାତୀୟ ଇଂରାଜୀ ଭାଷା ପରୀକ୍ଷା ପ୍ରଣାଳୀ ସହ ଏକ ଆନୁଷ୍ଠାନିକ ସହଭାଗିତାରେ ସ୍ୱାକ୍ଷର କରିଥିଲା। ଏହି ଅବସରରେ କିଟ ଇଣ୍ଟରନ୍ୟାସନାଲ ସ୍କୁଲ ଚେୟାରପର୍ସନ ଡ ମୋନାଲିସା ବଳ ସୂଚନା ଦେଇ କହିଲେ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ସୁଯୋଗ ସହିତ ସଶକ୍ତ କରିବାକୁ ପ୍ରତିବଦ୍ଧ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର, ଇଣ୍ଟରନ୍ୟାସନାଲ୍ ପାଠ୍ୟକ୍ରମ ମୁଖ୍ୟ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାଣୀବିହାର କ୍ୱାର୍ଟର୍ସରୁ ଜବରଦଖଲ ଉଚ୍ଛେଦ ଆରମ୍ଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୁରୁବାର ଠାରୁ ବାଣୀବିହାରରେ ଆରମ୍ଭ ହୋଇଛି ଅପରେସନ ଅଲଆଉଟ୍ । ଅନଧିକୃତ ଭାବେ ମାଡି ବସିଥିବା କ୍ୱାର୍ଟର୍ସକୁ ଖାଲି କରୁଛି ପ୍ରଶାସନ । ଷ୍ଟାପ୍ କ୍ୱାର୍ଟର୍ସ ଖାଲି କରିବାକୁ ପୂର୍ବରୁ ନୋଟିସ କରିଥିଲା ଉତ୍କଳ ବିଶ୍ୱବିଦ୍ୟାଳୟ । ଏହି ମହଲତ ଶେଷ ହେବା ପରେ ଆଜିଠୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । ହଷ୍ଟେଲରୁ ଅଣଛାତ୍ରଙ୍କୁ ତଡିବା ପରେ ଏବେ କ୍ୱାର୍ଟର୍ସ ଖାଲି କରାଯାଉଛି । ସୁରକ୍ଷା ପାଇଁ ୪ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି । ଗତକାଲି ସନ୍ଧ୍ୟା ସୁଦ୍ଧା ବେଆଇନ ଭାବେ ମାଡି ବସିଥିବା ଷ୍ଟାପ୍ କ୍ୱାର୍ଟର୍ସ ଖାଲି କରିବାକୁ କୁଳପତି ନିର୍ଦ୍ଦେଶ ଦେଇଥିଲେ ।




### 'ହେଲଦି ଡାଏଟ୍ ଅଭିଯାନ'ର ଶୁଭାରମ୍ଭ

## ଘର ତିଆରି ଖାଦ୍ୟକୁ ଆପଣାନ୍ତୁ, ସୁସ୍ଥ ରୁହନ୍ତୁ: ପ୍ରଭାତୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଫିଟ୍ ରହିବା ପାଇଁ ସୁସ୍ଥ ଖାଦ୍ୟ ସହ ସୁସ୍ଥ ମନର ଆବଶ୍ୟକତା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତ ପ୍ରକାଶ କରିଛନ୍ତି । ଗୁରୁବାର ମହିଳା ଓ ଶିଶୁ ବିକାଶ ବିଭାଗ ଓ ୟୁନିସେଫର ମିଳିତ ସହଭାଗିତାରେ ଭୁବନେଶ୍ୱରସ୍ଥିତ ଲେମନଟ୍ରି ପ୍ରିମିଅମରେ 'ହେଲଦି ଡାଏଟ୍ ଅଭିଯାନ'ର ଶୁଭାରମ୍ଭ ହୋଇଯାଇଛି । କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ଖାଦ୍ୟାଭ୍ୟାସ ଉପରେ ଚର୍ଚ୍ଚା କରିବା ସହ ଆଦିବାସୀ ମହିଳାମାନଙ୍କର ସୁସ୍ଥ ଶରୀରର କାରଣ ମାଣ୍ଡିଆ ବୋଲି ମତ ପ୍ରକାଶ କରିଥିଲେ। ବଜାରର ଜଙ୍କ ଫୁଡ଼ଠୁ ଦୂରରେ ରହି ଘର ତିଆରି ଖାଦ୍ୟ ସହ ପାରମ୍ପରିକ ଖାଦ୍ୟ ତଥା ମାଣ୍ଡିଆ, ପଖାଳ ଓ ପିଠା ଆଦିକୁ ଆପଣେଇବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଶେଷକରି ଗାଁ ର ମହିଳାମାନଙ୍କର ମୋଟାପା ଦୂର କରିବା ଉପରେ ସେ ବିଶେଷ ଫୋକସ ଦେଇଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ଓଡିଆ ଚଳଚ୍ଚିତ୍ରର ସୁପ୍ରତିଷ୍ଠିତ ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଓ ଅଭିନେତ୍ରୀ ଅନୁ ଚୌଧୁରୀ, ପୋଷଣ ବିଶେଶଜ୍ଞ ତଥା ୟୁନିସେଫର ବରିଷ୍ଠ ଅଧିକାରୀ ସୌରଭ ଭଟ୍ଟାଚାର୍ଯ୍ୟ, ମହିଳା ଓ ଶିଶୁ ବିକାଶ ବିଭାଗ ଓ ୟୁନିସେଫର ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ଗାଁ ରେ ଅଙ୍ଗନବାଡି ଓ ସ୍କୁଲ ଯାଉଥିବା ପିଲାମାନଙ୍କର ଚିପ୍ସ ଓ ନୁଡୁଲସ ଖାଇବା ଅଭ୍ୟାସ ପ୍ରତି ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଚିନ୍ତା ପ୍ରକଟ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନରେ ମହିଳା ଓ ଶିଶୁମାନଙ୍କର ଖାଦ୍ୟାଭ୍ୟାସକୁ ପରିବର୍ତନ କରିବା ପାଇଁ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୋଷଣ ବିଶେଷଜ୍ଞ ତଥା ୟୁନିସେଫ ଅଧିକାରୀ ସୌରଭ ଭଟ୍ଟାଚାର୍ଯ୍ୟ ଫିଟ ରହିବା ପାଇଁ ଘର ପ୍ରସ୍ତୁତ ଖାଦ୍ୟ ସହ ପରିବାର ସଦସ୍ୟମାନଙ୍କ ସହ ମିଶି ଖାଦ୍ୟ ଗ୍ରହଣ ଉପରେ ମତ ପ୍ରକାଶ କରିଥିଲେ । ଶିଶୁକୁ ଜନ୍ମର ୬ ମାସ ପର୍ଯ୍ୟନ୍ତ ମା' କ୍ଷୀର ଦେବା ସହ ଅନ୍ନପ୍ରାଶନ ପରେ ମଧ୍ୟ ପିଲାଙ୍କୁ ତେଲଯୁକ୍ତ ଖାଦ୍ୟରୁ ଦୂରେଇ ରଖିବା ପାଇଁ ସେ ଦୃଢ ମତ ରଖିଥିଲେ । କାର୍ଯ୍ୟକ୍ରମରେ ଅତିଥିମାନେ ସାମାଜିକ ବ୍ୟବହାରିକ ପରିବର୍ତନ ବିଷୟରେ ଏକ ପୋଷ୍ଟର ଉନ୍ମୋଚନ କଲେ ।



" ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। "

-ସ୍ୱାମୀ ବିବେକାନନ୍ଦ



" ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ
ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ। "

-ମଧୁସୂଦନ ରାଓ



## ସେନା ନିୟନ୍ତ୍ରଣରେ ନେପାଳ

# ଅନ୍ତରୀଣ ସରକାର ଆଗରେ ଆହ୍ୱାନ

ପ୍ରଥମେ ଶ୍ରୀଲଙ୍କା, ପରେ ପରେ ବାଂଲାଦେଶ ଏବଂ ଏବେ ନେପାଳରେ ସ୍ୱେଚ୍ଛାଚାରୀ ଦୁର୍ନୀତିଗ୍ରସ୍ତ ସରକାର ବିରୋଧରେ ଭୟଙ୍କର ଜନଆନ୍ଦୋଳନ ମୁଣ୍ଡ ଟେକିବା ଯୋଗୁଁ ସମ୍ପୃକ୍ତ ସରକାରଗୁଡ଼ିକ କ୍ଷମତାଚ୍ୟୁତ ହୋଇଛନ୍ତି। ନେପାଳରେ ବିକ୍ଷୁବ୍ଧ ଯୁବଗୋଷ୍ଠୀଙ୍କ ଦୁଇଦିନର ଆନ୍ଦୋଳନ ହିଂସାର ତାଣ୍ଡବ ରଚାଇବା ସଙ୍ଗେ ସଙ୍ଗେ ବିଶ୍ୱର ଏହି ଏକମାତ୍ର ହିନ୍ଦୁରାଷ୍ଟ୍ରର ସ୍ଥିତି ଅଣାୟତ୍ତ ହୋଇ ଉଠିଲା ଏବଂ ବାଧ୍ୟ ହୋଇ ପ୍ରଧାନମନ୍ତ୍ରୀ କେ.ପି. ଓଲି ଓ ରାଷ୍ଟ୍ରପତିଙ୍କୁ ଇସ୍ତଫା ଦେବାକୁ ପଡ଼ିଲା। ଏହାପରେ ସମଗ୍ର ଦେଶ ସେନାବାହିନୀର କବ୍‌ଜାକୁ ଚାଲିଯାଇଛି ଏବଂ ତୃତୀୟ ଦିନରେ ହିଂସାତ୍ମକ ଜନଆନ୍ଦୋଳନ ଥମିଥିବାର ସୂଚନା ମିଳିଛି। ଦୁଇଦିନର ଆନ୍ଦୋଳନ ଯୋଗୁଁ ନେପାଳରେ ଅପରିସୀମ କ୍ଷୟକ୍ଷତି ଘଟିଛି। ଦେଶବ୍ୟାପୀ କର୍ଫ୍ୟୁ ବଳବତ୍ତର ଥିବା ସତ୍ତ୍ୱେ ବିକ୍ଷୋଭକାରୀ ସେଥିପ୍ରତି ଭ୍ରୂକ୍ଷେପ ନକରି ହିଂସାକାଣ୍ଡ ଘଟାଇ ଚାଲିଥିଲେ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଘର ସମେତ ସଂସଦ ଭବନ, ସୁପ୍ରିମକୋର୍ଟ ଓ ଅନ୍ୟ ମନ୍ତ୍ରୀମାନଙ୍କ ଘରଗୁଡ଼ିକୁ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ଜୀଅନ୍ତା ଜାଳିଦେବା ସହିତ ଅନ୍ୟଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ (ପ୍ରଚଣ୍ଡ)ଙ୍କ ଝିଅ ଗଙ୍ଗା ଦହଲଙ୍କୁ ମଧ୍ୟ ଜାଳି ମାରିଦେବାକୁ ପଛାଇ ନଥିଲେ। ଗଙ୍ଗାଙ୍କ ପୋଡ଼ା ମୃତଦେହ ତାଙ୍କ ଘରୁ ଉଦ୍ଧାର କରାଯାଇଛି। କେବଳ ସେତିକି ନୁହେଁ, ଦେଶର ଅନ୍ୟ ସମସ୍ତ ମନ୍ତ୍ରୀଙ୍କୁ ଆନ୍ଦୋଳନକାରୀମାନେ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ପିଟୁଥିବାର ଦୃଶ୍ୟମଧ୍ୟ ଭାଇରାଲ୍ ହୋଇଛି। ବାଂଲାଦେଶରେ ଛାତ୍ର ଓ ଯୁବ ଆନ୍ଦୋଳନ ଯୋଗୁଁ କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଜୀବନ ବଞ୍ଚାଇବାକୁ ଭାରତରେ ଆଶ୍ରୟ ନେଲା ଭଳି ନେପାଳର କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ଓଲି ଦେଶଛାଡ଼ି ପଳାଇବାକୁ ଉଦ୍ୟମ ଚଳାଇଛନ୍ତି। ସାରା ଦେଶରେ ସୃଷ୍ଟି ହୋଇଥିବା ଅରାଜକତା ଭିତରେ ବିଭିନ୍ନ ଜେଲ ଭିତରୁ ୧୧ହଜାର କଏଦୀ ଚମ୍ପଟ ମାରିବା ଆଲୋଡ଼ନ ସୃଷ୍ଟି କରିଛି। ଗୋଟିଏ ଜେଲ୍‌ରେ ସୁରକ୍ଷା କର୍ମୀ ଓ କଏଦୀଙ୍କ ମଧ୍ୟରେ ସଂଘର୍ଷ ଘଟି ପୋଲିସ ଗୁଳିରେ ୫ଜଣ ନାବାଳକ କଏଦୀଙ୍କ ମୃତ୍ୟୁ ଘଟିଛି। ଦେଶରେ ଦୀର୍ଘଦିନ ଧରି ଚାଲିଥିବା ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ବିରୋଧରେ ଜନଅସନ୍ତୋଷ ଚରମ ସୀମାରେ ପହଞ୍ଚି ଥିବାବେଳେ ଓଲି ସରକାର ତାହାକୁ ଚପାଇବା ଉଦ୍ଦେଶ୍ୟରେ ବିଭିନ୍ନ ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ ଘୋଷଣା କରିଥିଲେ। ନିଆଁରେ ଘିଅ ଢ଼ାଳିବା ଭଳି ଏହା ହିଁ ଆନ୍ଦୋଳନକୁ ବିସ୍ଫୋରକ ରୂପ ଦେଲା ଏବଂ 'ଜେନ୍-ଜି' ନାମକ ଏକ ଯୁବ ସଂଗଠନ ଏହି ଆନ୍ଦୋଳନର ଅଗ୍ରଭାଗରେ ରହିଥିଲା। ତେବେ ଓଲି ସରକାରର ପତନ ପରେ ଏବେ ଦେଶର ଶାସନ ଦାୟିତ୍ୱ କିଏ ସମ୍ଭାଳିବ ଏବଂ ଯୁବ ସଂଗଠନ 'ଜେନ୍-ଜି' କାହାକୁ ଏଥିଲାଗି ପସନ୍ଦ କରିବେ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ନେପାଳରେ ଏକ ଅନ୍ତରୀଣ ସରକାର ଗଠନ ପ୍ରକ୍ରିୟା ଆରମ୍ଭ ହୋଇଛି ଓ ସେନାବାହିନୀ ସହ ଆନ୍ଦୋଳନକାରୀଙ୍କ ଆଲୋଚନା ଅବ୍ୟାହତ ରହିଛି। ମିଳିଥିବା ସୂଚନା ଅନୁଯାୟୀ ନେପାଳ ସୁପ୍ରିମକୋର୍ଟର ପ୍ରଥମ ମହିଳା ପ୍ରଧାନ ବିଚାରପତି ସୁଶୀଳା କାର୍କିଙ୍କୁ କାମଚଳା ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି ଦେବାକୁ ଆନ୍ଦୋଳନକାରୀମାନେ ପ୍ରସ୍ତାବ ଦେଇଛନ୍ତି। ସୁଶୀଳା କୌଣସି ରାଜନୈତିକ ଦଳ ସହ ସାମିଲ ହୋଇନଥିବାରୁ ଏବଂ ବ୍ୟକ୍ତିଗତ ଜୀବନରେ ସ୍ୱଚ୍ଛତା ଯୋଗୁଁ ସେ ଯୁବଗୋଷ୍ଠୀର ପ୍ରଥମ ପସନ୍ଦ ହୋଇଥିବାର କୁହାଯାଉଛି। ତେବେ ଅନ୍ତରୀଣ ସରକାରର ଯିଏ ନେତୃତ୍ୱ ନିଅନ୍ତୁ ନା କାହିଁକି ତାଙ୍କ ପାଇଁ ଆଗାମୀ ଦିନଗୁଡ଼ିକ ଯେ ଖୁବ୍ ଆହ୍ୱାନପୂର୍ଣ୍ଣ ରହିବ, ଏଥିରେ ସନ୍ଦେହ ନାହିଁ। ନେପାଳର ସାଂପ୍ରତିକ ଘଟଣାବଳୀ ଦୁର୍ନୀତିରେ ଲିପ୍ତ ଅନ୍ୟ ଦେଶଗୁଡ଼ିକ ପାଇଁ ଏକ ସତର୍କଘଣ୍ଟି କହିଲେ ଅତ୍ୟୁକ୍ତି ହେବନାହିଁ।

# ଜିଏସ୍‌ଟି ବ୍ୟବସ୍ଥା: ତ୍ରୁଟି ସୁଧାରିଛନ୍ତି ସରକାର



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

୨୦୧୭ ମସିହା ଜୁନମାସ ୩୦ ତାରିଖ ଏବଂ ୧ ଜୁଲାଇର ମଧ୍ୟରାତ୍ରରେ ସଂସଦ ଭବନକୁ ବିଜୁଳୀ ଆଲୁଅ ଏବଂ ଫୁଲରେ ସଜା ଯାଇଥିଲା। ଆଲୋକମାଳାରେ ସଜ୍ଜିତ ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ଆର୍ଥିକ ସ୍ୱାଧୀନତାର ଘୋଷଣା କରିଥିଲେ, ତାହା ପୁଣି ମଧ୍ୟ ରାତ୍ରୀରେ। ଜାତୀୟ ଗଣମାଧ୍ୟମ ମାନେ ଏହାକୁ ଭାରତ ପାଇଁ ଏକ ଐତିହାସିକ କ୍ଷଣ ବୋଲି କହିଥିଲେ। ମଧ୍ୟରାତ୍ରୀରେ ଘୋଷଣା କରିବାର ଉଦ୍ଦେଶ୍ୟ ସ୍ପଷ୍ଟ ଥିଲା ଯେ ପଣ୍ଡିତ ନେହେରୁ ମଧ୍ୟରାତ୍ରୀରେ ଦେଶର ସ୍ୱାଧୀନତା ଘୋଷଣା କରିଥିଲେ, ଏଣୁ କୌଣସି ପ୍ରକାରେ ନେହେରୁଙ୍କ ସମକକ୍ଷ ହେବା ପାଇଁ ନରେନ୍ଦ୍ରମୋଦୀ ଜିଏସ୍‌ଟି ବାବଦରେ ଘୋଷଣା କରିଥିଲେ ଓ ଏହାକୁ ଆର୍ଥିକ ସ୍ୱାଧୀନତା ବୋଲି କହିଥିଲେ। ଜୁଲାଇ ୧ ତାରିଖ ୨୦୧୭ ଠାରୁ ଗୁଡ୍‌ସ୍ ଏଣ୍ଡ ସର୍ଭିସେସ ଟ୍ୟାକ୍ସ (ଜିଏସ୍‌ଟି) ଲାଗୁ ହେଲା ଏବଂ ଏଥିରେ ଭାଟ, ସେବା କର ଏବଂ ଏକ୍ସାଇଜ ଡ୍ୟୁଟିକୁ ମିଶାଇ ଦିଆଗଲା। କିନ୍ତୁ ଯେମିତି ବିମୁଦ୍ରାକରଣ ବିଫଳ ହେଲା ସେହିପରି ଜିଏସ୍‌ଟିରେ ଥିବା ତ୍ରୁଟି ବିଚ୍ୟୁତି ମଧ୍ୟ ଜଣାପଡିଲା। କେବଳ ବ୍ୟବସାୟୀ ନୁହଁନ୍ତି ସାଧାରଣ ଲୋକଙ୍କ ପାଇଁ ଏହା ମାରକ ସାବ୍ୟସ୍ତ ହେଲା। ଗତ ଅଗଷ୍ଟ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ଦେଶକୁ ସମ୍ବୋଧିତ କଲେବେଳେ ଜିଏସ୍‌ଟିରେ ପରିବର୍ତ୍ତନ କରାଯିବ ବୋଲି କହିଥିଲେ। ତାଙ୍କ ହିସାବରେ ଜନସାଧାରଣଙ୍କୁ ଏହା ହେଉଛି ଦୀପାବଳୀର ଉପହାର। କିନ୍ତୁ ବୋଧହୁଏ ବିହାର ନିର୍ବାଚନ କାରଣରୁ ଦୀପାବଳୀ ପୂର୍ବରୁ ଜିଏସ୍‌ଟିର ଦରରେ ପରିବର୍ତ୍ତନ କରାଗଲା ଓ ସେପ୍ଟେମ୍ବର ୨୨ (ଚଳିତ ମାସ) ଠାରୁ ଏହା ଲାଗୁ ହେବ।

ଜିଏସ୍‌ଟି ପରିଷଦ ସେପ୍ଟେମ୍ବର ୩ ତାରିଖରେ ଏହି ପରିବର୍ତ୍ତନ ବାବଦରେ ମଞ୍ଜୁରୀ ଦେଇଥିଲେ। ଏବେ ୧୨ ପ୍ରତିଶତ ଏବଂ ୨୮ ପ୍ରତିଶତର ଜିଏସ୍‌ଟି ହାର (ସ୍ଲାବ) ବଦଳରେ ୫ ପ୍ରତିଶତ ଏବଂ ୧୮ ପ୍ରତିଶତ ହାର ରହିବ। କିନ୍ତୁ ସିଗାରେଟ, ମଦ, ହେଲିକାପ୍ଟର ଓ ଅନ୍ୟ କେତେକ ଜିନିଷ ଉପରେ ୪୦ ପ୍ରତିଶତ ବିଶେଷ ଟିକସ ଲାଗୁ ହେବ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏ ପ୍ରସଙ୍ଗରେ କହିଛନ୍ତି ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପରିବର୍ତ୍ତନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ସାଧାରଣ ଲୋକ, କୃଷକ, ମଧ୍ୟମ ବର୍ଗ ଏବଂ ଏମ୍‌ଏସ୍‌ଏମ୍‌ଇ ଏହି ନୂତନ ଜିଏସ୍‌ଟି ବ୍ୟବସ୍ଥା ପାଇଁ ଲାଭବାନ ହେବେ। ଜାତୀୟ ଗଣମାଧ୍ୟମ ଏହି ନୂତନ ଜିଏସ୍‌ଟି ବ୍ୟବସ୍ଥାର ପ୍ରସାର କରିବା ସହ ପୁନଃ ଚରଣ ବନ୍ଦନାରେ ଲାଗିପଡିଲେ। ଏହାକୁ ମୋଦୀଙ୍କ ମାଷ୍ଟରଷ୍ଟ୍ରୋକ ବୋଲି କୁହାଗଲା। କିନ୍ତୁ ଅସଲ କଥା କଂଗ୍ରେସର ଦୀର୍ଘଦିନର ପରାମର୍ଶ ଏପରିକି ଜିଏସ୍‌ଟିକୁ ସମାଲୋଚନା ସର୍ବୋପରି ଏହି ବ୍ୟବସ୍ଥା ଯୋଗୁଁ ସାଧାରଣ ଜନତା ପ୍ରଭାବିତ ହେବା କାରଣରୁ ସରକାର ତାଙ୍କର ତ୍ରୁଟିକୁ ସୁଧାରିଛନ୍ତି। ୨୦୧୭ରେ ଯେଉଁ ଜିଏସ୍‌ଟି ଲାଗୁ କରାଯାଇଥିଲା ସେଥିରେ ଲୋକଙ୍କ ଦୈନନ୍ଦିନର ବ୍ୟବହାର୍ଯ୍ୟ ଜିନିଷ ଠାରୁ ଆରମ୍ଭ କରି ଜୀବନ ରକ୍ଷକ ଔଷଧ ଉପରେ ଜିଏସ୍‌ଟି ଲଗାଯାଇଥିଲା। ଏବେ ସରକାର ଏହାକୁ ସାଧାରଣ ଲୋକଙ୍କ ପାଇଁ ଲାଭ ବୋଲି କହୁଛନ୍ତି।

୨୦୧୭ ପରଠାରୁ ରାହୁଲ ଗାନ୍ଧୀ ଅନେକ ବାର କହିଛନ୍ତି ଯେ ଗରିବ, ମଧ୍ୟମବର୍ଗ ଏବଂ ଏମ୍‌ଏସ୍‌ଏମ୍‌ଇକୁ ଧ୍ୟାନରେ ରଖି ଟିକସ ଦର ଧାର୍ଯ୍ୟ କରାଯାଉ କିନ୍ତୁ ତାଙ୍କ କଥାକୁ ସରକାର ଗୁରୁତ୍ୱ ଦେଉ ନଥିଲେ। ୨୦୧୭ରେ ଜିଏସ୍‌ଟି ଲାଗୁ ହେବା ପରେ ସାର, ବହି, ଔଷଧ, ପାଠପଢ଼ା ଖର୍ଚ୍ଚ, ଦୁଗ୍ଧ- ଦହି, ଅଟା- ଚାଉଳ ଏପରିକି ପିଲାଙ୍କ ଖାତା ଓ ପେନସିଲ, ଅକ୍ସିଜେନ, ବୀମା ଏବଂ ଚିକିତ୍ସା ଖର୍ଚ୍ଚ ମହଙ୍ଗା ହୋଇ ଯାଇଥିଲା। ଦେଶରେ ପ୍ରଥମଥର ପାଇଁ କୃଷକଙ୍କ ଉପରେ ଟିକସ ଲାଗୁ କରାଯାଇଥିଲା। ସରକାର କୃଷି କ୍ଷେତ୍ରର ପାଖାପାଖି ୩୬ଟି ବସ୍ତୁ ଉପରେ ଜିଏସ୍‌ଟି ଲଗାଇଥିଲେ। କିନ୍ତୁ ୨୦୧୭ର ଭୁଲ୍‌କୁ ସୁଧାରି ଏବେ ଏହାକୁ ଉପହାର ବୋଲି କହୁଛନ୍ତି। ନୂଆ ଜିଏସ୍‌ଟି ଲାଗୁ ହେଲେ କ୍ୟାନସରର ଔଷଧ ଉପରେ ଟିକସ ଲାଗିବ ନାହିଁ। ଦୁଗ୍ଧ, ଛେନା, ପାଉଁରୁଟି ଭଳି ଲୋକଙ୍କ ଦୈନନ୍ଦିନର ଉପଯୋଗୀ ୧୭୫ଟି ବସ୍ତୁ ଶସ୍ତା ହୋଇଯିବ। ହେୟାର ଅଏଲ, ସାବୁନ, ଶାମ୍ପୁ, ଟୁଥବ୍ରସ, ରୋଷେଇ ସାମଗ୍ରୀ ଉପରେ ଏବେ ୫ ପ୍ରତିଶତ ଜିଏସ୍‌ଟି ଲାଗିବ। ୩୩ଟି ଜୀବନ ରକ୍ଷକ ଔଷଧ ଉପରେ ଶୂନ୍ ରୁ ୧୨ ପ୍ରତିଶତ ଟିକସ ଲାଗିବ। ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ଏବଂ ଜୀବନବୀମା ଉପରେ ଏବେ ଜିଏସ୍‌ଟି ଲାଗିବ ନାହିଁ। ୨୦୧୭ ଜିଏସ୍‌ଟି ଅନୁସାରେ ବୀମା ପ୍ରିମିୟମ ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲାଗୁଥିଲା। କିନ୍ତୁ ଏବେ ବି ଜଣାପଡିନାହିଁ ଯେ ବୀମା କମ୍ପାନୀମାନେ ଉପଭୋକ୍ତାଙ୍କୁ କେମିତି ରିହାତି ଦେବେ? କାରଣ କମ୍ପାନୀମାନେ ତାଙ୍କ କ୍ଷତି ଭରଣା ବାବଦରେ ଗ୍ରାହକଙ୍କ ଠାରୁ ହିଁ ଆଦାୟ କରିବେ।

ମୁଖ୍ୟ କଥା ହେଉଛି ଥରେ ଯଦି କୌଣସି ଜିନିଷରେ ଦର ବଢ଼ିଗଲା ତେବେ ପୁଣି କମିବା ପ୍ରାୟତଃ ଅସମ୍ଭବ। ଏଣୁ ଯେଉଁମାନେ ଭାବୁଛନ୍ତି ଯେ ସରକାର ଦୀପାବଳୀର ଉପହାର ଦେଇଛନ୍ତି ସେମାନେ ଅଧିକ ଖୁସି ହେବା ଉଚିତ ନୁହେଁ। ନୂଆ ଜିଏସ୍‌ଟି ଲାଗୁ ହେବା ପରେ ହିଁ ଜଣା ପଡିବ ଜିନିଷ ଶସ୍ତା ହେଉଛି ନା ଅନ୍ୟ କୌଣସି ପ୍ରକାରରେ ଦର ବଢ଼ାଯାଉଛି। ଏମିତିରେ ଦେଖିଲେ ସ୍ପଷ୍ଟ ଯେ ଏଇ ସରକାରଙ୍କ ଟ୍ରାକ ରେକର୍ଡ ହେଉଛି ଶିଳ୍ପପତିଙ୍କୁ ଫାଇଦା ଦେବା। ଜିଏସ୍‌ଟି ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଜିଏସ୍‌ଟି ବାବଦରେ ମିଳୁଥିବା ରାଜସ୍ୱର ଦୁଇ ତୃତୀୟାଂଶ ଗରିବ ଏବଂ ମଧ୍ୟମ ବର୍ଗଙ୍କ ପକେଟରୁ ହିଁ ଯାଇଥାଏ। ଧନକୁବେର ମାନଙ୍କ ଠାରୁ ମାତ୍ର ୩ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯାଇଥାଏ। ଏବେ କର୍ପୋରେଟ ଟିକସ ୩୦ ପ୍ରତିଶତକୁ ହ୍ରାସ କରାଯାଇ ୨୨ ପ୍ରତିଶତ କରାଯାଇଛି। ଏକ ଦେଶ ଏକ ଟିକସ କଥା କହି ମୋଦି ସରକାର ଶୁନ୍ ପ୍ରତିଶତ, ୫ ପ୍ରତିଶତ, ୧୨ ପ୍ରତିଶତ, ୧୮ ପ୍ରତିଶତ, ୨୮ ପ୍ରତିଶତ ହାର ସହ ୦.୨୫ ପ୍ରତିଶତ, ୧.୫ ପ୍ରତିଶତ, ୩ ପ୍ରତିଶତ ଏବଂ ୬ ପ୍ରତିଶତର ବିଶେଷ ହାର ବାଲା ଏକ ଦେଶ ୯ ଟିକସପ୍ରଣାଳୀ ଲାଗୁ କରିଥିଲେ। ଜିଏସ୍‌ଟିକୁ ମୋଦୀଙ୍କର ଏକ ବଡ଼ ସଫଳତା ଭାବେ ପେଶ କରାଯାଉଥିଲା। କିନ୍ତୁ ଏଥିରେ ପରିବର୍ତ୍ତନ କାରଣରୁ ସ୍ପଷ୍ଟ ଯେ ୧୪୨ କୋଟିରୁ ଅଧିକ ଜନତାକୁ ପ୍ରଭାବିତ କଲାଭଳି ଜିଏସ୍‌ଟି ବ୍ୟବସ୍ଥା ବାବଦରେ ସେତେବେଳେ କେନ୍ଦ୍ର ସରକାର ଠିକ୍ ଭାବରେ ବିଚାର ବିମର୍ଷ କରିନଥିଲେ। ୨୦୦୫ ମସିହା ଫେବୃୟାରୀ ୨୮ ତାରିଖରେ ତତ୍କାଳୀନ ଉପା ସରକାର ଲୋକ ସଭାରେ ଜିଏସ୍‌ଟି ବାବଦରେ ଔପଚାରିକ ଭାବେ ଘୋଷଣା କରିଥିଲେ। ୨୦୧୧ରେ ତତ୍କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ଜିଏସ୍‌ଟି ବିଲ୍ ଆଗତ କରିଥିଲେ କିନ୍ତୁ ସେ ସମୟରେ ଗୁଜୁରାଟର ମୁଖ୍ୟମନ୍ତ୍ରୀ (ବର୍ତ୍ତମାନର ପ୍ରଧାନମନ୍ତ୍ରୀ) ଜିଏସ୍‌ଟିର ଘୋର ବିରୋଧ କରିଥିଲେ। ଏବେ ଜିଏସ୍‌ଟି ନିଜର ବଡ଼ ଉପଲବ୍ଧି ବୋଲି କହୁଛନ୍ତି।




# ମଦ୍ ଭକ୍ତାଃ ଯତ୍ର ଗାୟନ୍ତି



ରାଇଚରଣ ବିଶ୍ୱାଳ
ସାମନ୍ତରାୟପୁର, ପିରହାଟ, ଭଦ୍ରକ
ମୋ : ୮୬୩୭୨୪୪୧୧୫

ଲୀଳାମୟ ଭକ୍ତ ବତ୍ସଳ ଶ୍ରୀହରି ବିଷ୍ଣୁ କଳିଯୁଗ ଆଗମନ ପୂର୍ବରୁ ତାଙ୍କ ପ୍ରିୟ ଭକ୍ତ ଦେବର୍ଷି ନାରଦଙ୍କୁ କହିଥିଲେ ଯେ ସେ ସର୍ବଦା ତାଙ୍କର ପ୍ରକୃତ ଭକ୍ତମାନଙ୍କ ହୃଦୟ କନ୍ଦର ମଧ୍ୟରେ ନିବାସ କରିରହି'ଥାନ୍ତି। ଏଠାରେ ଶ୍ରୀହରିଙ୍କ ମୁଖନିଃସୃତ 'ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗିନାମ ହୃଦୟେ ନ ଚ, ମଦ୍ ଭକ୍ତାଃ ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ' ଉଲ୍ଲେଖନୀୟ। ଯୁଗାନୁସାରେ ଶ୍ରୀହରିଙ୍କର ଅନେକ ଭକ୍ତ ତାଙ୍କର କୃପାପ୍ରାପ୍ତ ହୋଇଛନ୍ତି। ସତ୍ୟ ଯୁଗରେ ମାତ୍ର ୫ ବର୍ଷର ବାଳକ ଧ୍ରୁବ ୫ ମାସର କଠୋର ତପସ୍ୟା ପରେ ଶ୍ରୀବିଷ୍ଣୁଙ୍କର ଦର୍ଶନ ଲାଭ କରିଥିଲା। ସେହିପରି ପ୍ରହ୍ଲାଦ ମଧ୍ୟ ନୃସିଂହ ଭଗବାନଙ୍କ କୃପାପ୍ରାପ୍ତ ହୋଇଥିଲା। ତ୍ରେତୟା ଯୁଗରେ ଶ୍ରୀହନୁମାନ, ନଳ, ନୀଳ, ଜାମ୍ବବାନ ଓ ଶବରୀ ପ୍ରମୁଖ ଭକ୍ତଗଣ ପରମେଶ୍ୱର ଶ୍ରୀରାମଚନ୍ଦ୍ରଙ୍କ କୃପାପ୍ରାପ୍ତ ହୋଇଥିଲେ। ଦ୍ୱାପର ଯୁଗରେ ମାତା ଦ୍ରୌପଦୀ, ଅର୍ଜୁନ, ସୁଦାମା ପ୍ରମୁଖ ଲୀଳାପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣଙ୍କ କୃପାପ୍ରାପ୍ତ ହୋଇଥିଲେ। ସୁଦାମା ହାତରୁ ୨ ମୁଠା ଖୁଦ ଭଜା ଖାଇ ତାଙ୍କୁ ୨ ଗୋଟି ଲୋକ ପ୍ରଦାନ କରିଦେଇଥିଲେ। ଯଦି ମହାଲକ୍ଷ୍ମୀଙ୍କ ଅବତାର ରୁକ୍ମିଣୀ ମାତା ଭଗବାନ ଶ୍ରୀକୃଷ୍ଣଙ୍କୁ ୩ୟ ମୁଠା ଖୁଦ ଭଜା ଖାଇବାରୁ ନିବୃତ୍ତ କରିନଥା'ନ୍ତେ, ତେବେ ସେ ସୁଦାମାଙ୍କୁ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ଦାନକରି ଦେଇଥା'ନ୍ତେ। ଏହି ଘୋର କଳିଯୁଗରେ ମଧ୍ୟ ମୀରାବାଇ, ନିଗମାନନ୍ଦ ପରମହଂସ, ଶ୍ରୀରାମକୃଷ୍ଣ ପରମହଂସ, ବାମାକ୍ଷେପା ଓ ନଣ୍ଡାବାବା ପ୍ରମୁଖ ଭକ୍ତଗଣ ଶ୍ରୀବିଷ୍ଣୁଙ୍କର ଦର୍ଶନ ଓ କୃପାଲାଭ ପୂର୍ବକ ଚତୁଃବର୍ଗ ଫଳପ୍ରାପ୍ତ ହୋଇଛନ୍ତି। ଅଛବ ଦାସିଆ ବାଉରୀକୁ ଶ୍ରୀମନ୍ଦିରପ୍ରବେଶ ନିଷିଦ୍ଧ କରାଯାଇଥିଲା। ସୁତରାଂ, ସେ ତାଙ୍କ ନିଜ ଗ୍ରାମର ଜନୈକ ବ୍ରାହ୍ମଣ ହସ୍ତରେ ଏକ ଶ୍ରୀଫଳ ପଠାଇ କହିଥିଲା ଯେ ଯଦି ଶ୍ରୀଜଗନ୍ନାଥ ସ୍ୱହସ୍ତରେ ତାହା ଗ୍ରହଣ କରନ୍ତି, ତେବେ ସେ ପ୍ରଦାନ କରିବ; ଅନ୍ୟଥା ଫେରାଇ ଆଣିବ। କିନ୍ତୁ ଭଗବାନ ନିଜ ହସ୍ତରେ ତାହା ଗ୍ରହଣ କରିଥିଲେ। ସେହିପରି ଯବନ ଭକ୍ତ ସାଲବେଗ ଆସିବା ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ନନ୍ଦିଘୋଷ ରଥ ଅଟକି ରହିଥିଲା। ଏକଦା ଅଶୌଚ ବଳରାମ ଦାସଙ୍କ ବାଲି ରଥରେ ଶ୍ରୀଜଗନ୍ନାଥ ବିଜେ କରି ତାଙ୍କର ମାନରକ୍ଷା କରିଥିଲେ। ଯେଉଁମାନେ ଈଶ୍ୱରଙ୍କୁ ନିଜର ପିତାମାତା ଓ ଶେଷ ଆଶ୍ରୟସ୍ଥଳ ବୋଲି ଗ୍ରହଣ କରି ଅତୁଟ ଭକ୍ତି, ବିଶ୍ୱାସ ଓ ପୂର୍ଣ୍ଣ ସମର୍ପଣ ଭାବରେ ତାଙ୍କ ନାମକୁ ସର୍ବଦା ଭଜନ ଓ କୀର୍ତ୍ତନ କରନ୍ତି, ଶ୍ରୀହରି ସର୍ବଦା ସେହି ଭକ୍ତମାନଙ୍କ ହୃଦୟରେ ହିଁ ନିବାସ କରି ରହିଥା'ନ୍ତି ଓ ସେମାନଙ୍କୁ ସବୁ ବିପଦଆପଦରୁ ରକ୍ଷାକରିଥା'ନ୍ତି। ଆଜିକାଲି ଅନେକ ଅସାଧୁ ଲୋକ ସଞ୍ଚିତ କଳାଧନ ଖର୍ଚ୍ଚକରି ଦେବଦେବୀଙ୍କ ମନ୍ଦିର ନିର୍ମାଣ କରୁଛନ୍ତି; ହେଲେ ସେମାନେ ଈଶ୍ୱରଙ୍କ କୃପାପ୍ରାପ୍ତ ହୋଇପାରୁନାହାଁନ୍ତି। ସୁତରାଂ, ଆମେ ସମସ୍ତେ ଆବାଲ୍ୟରୁ ସମ୍ପୂର୍ଣ୍ଣ ସମର୍ପଣ ଓ ଅତୁଟ ଭକ୍ତି ଓ ବିଶ୍ୱାସର ସହିତ ଶ୍ରୀହରିଙ୍କ ଭଜନ ଓ କୀର୍ତ୍ତନ କରି ତାଙ୍କର କୃପାପ୍ରାପ୍ତ ହୋଇ ନିଜର ଦୁର୍ଲଭ ମନୁଷ୍ୟ ଜନ୍ମକୁ ସାର୍ଥକ କରିବା ଉଚିତ୍।



# ଦଶ ପଇସାର ରାଜା - ଦାଶିଆ ଅଜା



ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ଦାଶରଥି ପଟ୍ଟନାୟକଙ୍କ କଥା ମନେପଡ଼ିଲେ ସହସା ଆଖିସାମ୍ନାକୁ ଆସେ ସେଇ ହସ ହସ ଉଜ୍ଜ୍ୱଳ ମୁହଁ, ଅଣ୍ଟାରେ ଧୋତି, ମୁଣ୍ଡରେ ଖୋର୍ଦ୍ଧା ଗାମୁଛାର ଠେକା, କାଖରେ ବହି, କାନ୍ଧରେ ଗୋଟିଏ ଖଦଡ଼ ବ୍ୟାଗ, ଡାହାଣ ହାତରେ ବାଡ଼ି ତଥା ବାମ ହାତରେ କଲମ ଓ ଜବକାଚ। ଏ ସାଧାରଣ ପରିପାଟୀ ତଳେ ଲୁଚି ରହୁଥିଲେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ। ଏ ହେଉଛି ଓଡ଼ିଆ ପାଠାଗାର ଆନ୍ଦୋଳନର ପିତାମହ ଦାଶିଆ ଅଜାଙ୍କ ପରିଚିତ ପରିପାଟୀ। ଏଇ ପରିପାଟୀରେ ରାଜ୍ୟସାରା ପରିକ୍ରମା କରୁଥିଲେ ଦାଶିଆ ଅଜା। ପରିଣତ ବୟସରେ ନିଜର ଅକ୍ଲାନ୍ତ ପରିଶ୍ରମ ବଳରେ ସେ ସଂସ୍କୃତିର ଯେଉଁ ମହାଦ୍ରୁମ ତିଆରି କରିଥିଲେ ତାହା ଏବେ ପତ୍ରଝଡ଼ା ଦେଲାଣି। ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଉଦୟପୁରରେ ତାଙ୍କ ପ୍ରତିଷ୍ଠିତ ବାଞ୍ଛାନିଧି ପାଠାଗାର, ଅରବିନ୍ଦ ସଂଗ୍ରାହାଳୟ ଓ ଯଦୁମଣି ସାହିତ୍ୟ ସଂସଦ ତାଙ୍କ ଅନ୍ତେ ଦିନକୁ ଦିନ ନିଜର ଔଜଲ୍ୟ ହରାଉଛି। ପରିଦର୍ଶକ ଓ ଆଗ୍ରହୀ ବ୍ୟକ୍ତିଙ୍କ ଠାରୁ ମାତ୍ର ୧୦ ପଇସା ଲେଖାଏଁ ଅନୁଦାନ ଗ୍ରହଣ କରି ନିପଟ ମଫସଲ ଗାଁ ରେ ସେ ଯେଉଁ ସାଂସ୍କୃତିକ ଆନ୍ଦୋଳନ ଠିକା କରାଇଥିଲେ ତାହାର ସ୍ମୃତିଚାରଣ ପାଇଁ କାହା ପାଖରେ ସମୟ ନାହିଁ। ସବୁଠୁ ଦୁଃଖର କଥା ହେଉଛି, ଜିଲ୍ଲା ବାହାର କଥା ଦୂରେ ଥାଉ ନୟାଗଡ଼ରେ ବି ନୂଆ ପିଢ଼ି ଦାଶିଆ ଅଜାଙ୍କ ତ୍ୟାଗ ଓ ଅବଦାନ ବିଷୟରେ ଅଜ୍ଞ।

୫୭ ନମ୍ବର ଜାତୀୟ ରାଜପଥରେ ନୟାଗଡ଼ ଦଶପଲ୍ଲା ରାସ୍ତାରେ ନୂଆଗାଁ ଠାରୁ ୪ କିଲୋମିଟର ଭିତରକୁ ପଡ଼େ ଉଦୟପୁର। ଏହିଠାରେ ୧୯୦୭ ମସିହା ଜୁଲାଇ ୧୨ ତାରିଖରେ ଜନ୍ମ ନେଇଥିଲେ ଦାଶରଥି ପଟ୍ଟନାୟକ। ତେବେ ସାରା ରାଜ୍ୟର ସାହିତ୍ୟ, ସଂସ୍କୃତି ଓ ବୁଦ୍ଧିଜୀବୀ ମହଲରେ ସେ ଦାଶିଆ ଅଜା ନାମରେ ହିଁ ଅଧିକ ପରିଚିତ ଥିଲେ। ଜୀବନଜଞ୍ଜାଳକୁ ଜଳାଞ୍ଜଳି ଦେଇ ପରିଣତ ବୟସରେ ସେ ଆରମ୍ଭ କଲେ ଜଣେ ସଂଗ୍ରାହକର ଜୀବନ। ବୁଲି ବୁଲି ସଂଗ୍ରହ କଲେ ରାଶି ରାଶି ବହି ଆଉ ବିରଳ ପଦାର୍ଥ। ଓଡ଼ିଆ ସାଂସ୍କୃତିକ ଇତିହାସରେ ଯୋଡ଼ିଲେ ନୂଆ ଏକ ଫର୍ଦ। ତାଙ୍କର ଅକ୍ଲାନ୍ତ ପ୍ରଚେଷ୍ଟା ବଳରେ ବିଭିନ୍ନ ଭାଷାର ୫୦ ହଜାରରୁ ଅଧିକ ପୁସ୍ତକ ସମୂହକୁ ନେଇ ପ୍ରତିଷ୍ଠା ପାଇଲା ବାଞ୍ଛାନିଧି ପାଠାଗାର। ଏଠାରେ ରହିଛି ୩୦ରୁ ଅଧିକ ଭାଷାର ବିରଳ ଭାଷାକୋଷ। ସେହିପରି ସେ ସଂଗ୍ରହ କରିଛନ୍ତି ପ୍ରାୟ ୬୫ ହଜାରରୁ ଅଧିକ ପତ୍ରପତ୍ରିକା। ତେବେ ଶହ ଶହ ବର୍ଷର ପୁରୁଣା ତାଳପତ୍ର ପୋଥୀ ତାଙ୍କର ସଂଗ୍ରହର ଅନ୍ୟତମ ଫଳଶ୍ରୁତି। ପାଠାଗାରଟିର ଉତ୍ତମ ପ୍ରଚାର ପ୍ରସାର ହୋଇପାରିଲେ ଏହା ଗବେଷକ ଓ ଆଗ୍ରହୀ ବ୍ୟକ୍ତିଙ୍କ ପାଇଁ ବେଶ କାମରେ ଲାଗନ୍ତା। ୪୨ଟି ଭିନ୍ନ ଭିନ୍ନ ବିଭାଗରେ ଦାଶିଆ ଅଜା ପ୍ରତିଷ୍ଠା କରିଥିଲେ ଶ୍ରୀ ଅରବିନ୍ଦ ସଂଗ୍ରହାଳୟ। ପୁରୁଣା ନଥି, ସ୍ୱନାମଧନ୍ୟ ବ୍ୟକ୍ତିତ୍ୱଙ୍କ ବ୍ୟବହୃତ ସାମଗ୍ରୀ ଏବଂ ବିରଳ ଚିଠି ସମେତ ବହୁ ବିଚିତ୍ର ଓ ଆଗ୍ରହର ସାମଗ୍ରୀରେ ପରିପୂର୍ଣ୍ଣ ତାଙ୍କର ସଂଗ୍ରହାଳୟ। ସଂଗ୍ରହାଳୟର ବିରଳ ମୃତ୍ତିକା ବିଭାଗରେ ରହିଛି ୨ୟ ବିଶ୍ୱଯୁଦ୍ଧ ପରେ ବିଧ୍ୱଂସ ହିରୋସୀମାର ପୋଡ଼ା ମାଟି, ବର୍ଲିନ ପ୍ରାଚୀରର ଅଂଶବିଶେଷ, ଚନ୍ଦ୍ରପୃଷ୍ଠର ମୃତ୍ତିକା, ଡାଇନୋସରର ଫସିଲ ଇତ୍ୟାଦି। ସେହିପରି କଳା ଗ୍ୟାଲେରୀରେ ବହୁ ପୁରାତନ ପଟ୍ଟଚିତ୍ର, ଆଧୁନିକ ଚିତ୍ରକଳା ଏବଂ ବିରଳ ସ୍ଥାପତ୍ୟ ମାନ ସ୍ଥାନ ପାଇଛି। ଯୁଦ୍ଧ ସରଞ୍ଜାମ ବିଭାଗରେ ତୋପ, ବନ୍ଧୁକ, ଖଣ୍ଡା ଆଦି ବହୁ ପୁରାତନ ସାମଗ୍ରୀ ରହିଛି।

୧୯୯୭ ମସିହା ସେପ୍ଟେମ୍ବର ୧୨ ତାରିଖରେ ଦାଶିଆ ଅଜାଙ୍କ ଦେହାନ୍ତ ପରେ ବିଧିବଦ୍ଧ ଭାବେ ଏକ ଟ୍ରଷ୍ଟ ତାଙ୍କ ସ୍ମୃତି ନିମିତ୍ତ କାର୍ଯ୍ୟ କରୁଛି। ଅନେକ ହୁଏତ ଜାଣିନଥିବେ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ସେ ଯଦୁମଣି ସାହିତ୍ୟ ସଂସଦ ମଧ୍ୟ ପ୍ରତିଷ୍ଠା କରିଥିଲେ। ରାଜ୍ୟ ସରକାର ୨୦୦୬ ମସିହାରେ ଉଦୟପୁରର ଏହି ମହାର୍ଘ ପୀଠକୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଦେଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଦାଶିଆ ଅଜାଙ୍କ ସ୍ମୃତିକୁ ଉଜ୍ଜୀବୀତ କରିବା ପାଇଁ ଅନେକ ପଦକ୍ଷେପ ନିଆଯିବା ସହ ଦାଶିଆ ଅଜାଙ୍କ ଜନ୍ମଦିନ ପାଳନ ପାଇଁ ରାଜ୍ୟ ସଂସ୍କୃତି ବିଭାଗ ଏକ କାର୍ଯ୍ୟକ୍ରମ ହାତକୁ ନେଉଛି। ନିଷ୍ପତ୍ତି ଅନୁସାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ଏ ଅବସରରେ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଜଣେ ଅତି ମାମୁଲି ମଣିଷଟିଏ ହୋଇ ରାଜ୍ୟ ତମାମ ବୁଲି ବୁଲି ମାଗିଯାଚି ଏପରି ବିରଳ ସଂଗ୍ରହାଳୟ କରିବା ସମଗ୍ର ଭାରତରେ ନିଶ୍ଚିତ ଭାବରେ ବିରଳ। ଦାଶିଆ ବାବୁ ଅନେକଥର ଏହି ଲେଖିକାଙ୍କ ସଂସ୍ପର୍ଶରେ ଆସିଛନ୍ତି ଏବଂ ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ମଣିଷ ତିଆରି ଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ଅନେକ କାର୍ଯ୍ୟକ୍ରମର ନିଜକୁ ସାମିଲ କରିବା ସହ କାର୍ଯ୍ୟକ୍ରମ ପ୍ରତି ତାଙ୍କ ଅକୁଣ୍ଠ ସମର୍ଥନ ଜ୍ଞାପନ କରୁଥିଲେ। ଆମ ମାନଙ୍କ ହାତପାହାନ୍ତାରେ ମୂଲ୍ୟହୀନ ଲାଗୁଥିବା ସଂଗ୍ରହଣୀୟ ପୁସ୍ତକ, ପୋଥିପରି ବିରଳ ଜ୍ଞାନଭିତ୍ତିକ ଯେଉଁ ମଣିର ସନ୍ଧାନ କରି ଯୁଗ ଯୁଗ ପାଇଁ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ଯଶସ୍ୱୀ ହୋଇପାରିଛନ୍ତି ସେହି ତ୍ୟାଗପୂତ ନିରଳସ କର୍ମଯୋଦ୍ଧାଙ୍କ ପ୍ରତି ଆଜି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି।

# ଗ୍ରୀନ୍ ଧନ, ସୁସ୍ଥ ଭବିଷ୍ୟତ : ସସ୍ଥାୟୀ ଆର୍ଥିକର ପଥେ ଓଡ଼ିଶା



ଅବିନାଶ ପରିଡ଼ା
ସି.ଏ., ସି.ଏସ୍.
ଅର୍ଥନୀତିବିଦ୍, ମୂଲ୍ୟାଙ୍କନ ବିଶେଷଜ୍ଞ

ଆଜିର ବିଶ୍ୱ ଅର୍ଥନୀତି ଦ୍ରୁତଗତିରେ ଅଗ୍ରସର ହେଉଥିବା ସମୟରେ ଏକାଧିକ ସମସ୍ୟା ସମ୍ମୁଖୀନ ହେଉଛି। ପ୍ରାକୃତିକ ସମ୍ପଦର ଅତ୍ୟଧିକ ଶୋଷଣ, ଜଳବାୟୁ ପରିବର୍ତ୍ତନର ଗଭୀର ପ୍ରଭାବ, ଶିଳ୍ପୀକରଣରୁ ସୃଷ୍ଟ ପରିବେଶିକ ବିପଦ ଓ ସମାଜିକ ଅସମାନତା-ସମସ୍ତେ ମିଶିକରି ଏକ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ପାରମ୍ପରିକ ଆର୍ଥିକ ପ୍ରଣାଳୀରେ ପ୍ରଧାନ ଗୁରୁତ୍ୱ ଦିଆଯାଇଥାଏ କେବଳ ଲାଭରେ। କିନ୍ତୁ, ଏହି ଧାରାଣାକୁ ପରିବର୍ତ୍ତନ କରି ସସ୍ଥାୟୀ ଆର୍ଥିକ ଏକ ନୂଆ ଦିଗ ଦେଖାଏ, ଯେଉଁଥିରେ ଲାଭ ସହିତ ସମାନ ଭାବରେ ପରିବେଶ ସୁରକ୍ଷା ଓ ସମାଜିକ ମଙ୍ଗଳକୁ ମଧ୍ୟ ଗୁରୁତ୍ୱ ଦିଆଯାଏ।

ସସ୍ଥାୟୀ ଆର୍ଥିକର ମୂଳଭାବଟି ହେଉଛି, କେବଳ ସ୍ଥଳୀୟ କିମ୍ବା କ୍ଷଣିକ ଲାଭରେ ନୁହେଁ, ବରଂ ଦୀର୍ଘକାଳୀନ ଦୃଷ୍ଟିକୋଣରେ ପୁଞ୍ଜିନିବେଶ ଓ ଧନ-ବ୍ୟବସ୍ଥାପନ କରାଯିବା। ଏହାରେ ତିନୋଟି ପ୍ରଧାନ ମାନକ (ପରିବେଶ, ସମାଜ ଓ ଶାସନ)- ଅର୍ଥାତ୍ ଇଏସ୍‌ଜିକୁ ପ୍ରାଧାନ୍ୟ ଦିଆଯାଏ। କୌଣସି ପ୍ରକଳ୍ପ କିମ୍ବା କମ୍ପାନୀରେ ନିବେଶ କରିବା ପୂର୍ବରୁ, ଏହି ଇଏସ୍‌ଜି ମାନକ ମାନଙ୍କୁ ମପା ଯାଇଥାଏ। ଏହାର ଅର୍ଥ, କେବଳ କେତେ ଲାଭ ହେବାକୁ ସମ୍ଭାବନା ଅଛି ତାହା ନୁହେଁ, ବରଂ ସେହି କାର୍ଯ୍ୟରେ ପରିବେଶର ଉପରେ କିପରି ପ୍ରଭାବ ପଡ଼ିବ, ସମାଜକୁ କେତେ ସହାୟତା ମିଳିବ ଓ ପରିଚାଳନା କେତେ ସ୍ୱଚ୍ଛ ହେବ- ଏହାକୁ ମଧ୍ୟ ଗଣନା କରାଯାଏ।

ଭାରତରେ ସସ୍ଥାୟୀ ଆର୍ଥିକ ବ୍ୟବସ୍ଥାପନାର ପ୍ରୟୋଗ ଦିନକୁ ଦିନ ବୃଦ୍ଧି ପାଉଛି। ଭାରତ ସରକାର ୨୦୭୦ ପର୍ଯ୍ୟନ୍ତ ନେଟ୍ ଜିରୋ ଇମିସନ୍ ପ୍ରାପ୍ତିର ଲକ୍ଷ୍ୟ ଘୋଷଣା କରିଛନ୍ତି। ଏହି ପଥରେ ଆର୍‌ବିଆଇ ବ୍ୟାଙ୍କ ଓ ଏନ୍‌ବିଏଫ୍‌ସି ମାନଙ୍କୁ ଗ୍ରୀନ୍ ଫାଇନାନ୍ସ ଓ କ୍ଲାଇମେଟ୍ ରିସ୍କ ସମ୍ବନ୍ଧୀୟ ନୀତି ନିର୍ଦ୍ଦେଶନାମା ଦେଇଛି। ସେବି କମ୍ପାନୀମାନଙ୍କୁ ବ୍ୟବସାୟ ଦାୟିତ୍ୱ ଓ ସସ୍ଥାୟୀତା ରିପୋର୍ଟିଂ କରିବାକୁ ବାଧ୍ୟତାମୂଳକ କରିଛି। ୨୦୧୫ରୁ ଭାରତ ଗ୍ରୀନ୍ ବଣ୍ଡ୍ ଇସ୍ୟୁ କରୁଛି, ଯାହାଦ୍ୱାରା ସୋଲାର୍ ପାର୍କ, ମେଟ୍ରୋ ରେଳ ପ୍ରକଳ୍ପ, ୱିଣ୍ଡ୍ ଏନର୍ଜି ପାର୍କ ଇତ୍ୟାଦି ପ୍ରକଳ୍ପରେ ଧନ ବ୍ୟବହୃତ ହେଉଛି।

ଓଡ଼ିଶାର ପରିପ୍ରେକ୍ଷ୍ୟରେ ସସ୍ଥାୟୀ ଆର୍ଥିକ ବିକାଶର ମହତ୍ତ୍ୱ ଅଧିକ। ଏହି ରାଜ୍ୟ ପ୍ରାକୃତିକ ସମ୍ପଦରେ ସମୃଦ୍ଧ ହେଲେ ମଧ୍ୟ ପରିବେଶିକ ବିପଦରେ ନିରନ୍ତର ପୀଡ଼ିତ। ଚକ୍ରବାତ, ବନ୍ୟା, କୂଳ ଅପଚୟ, ଖଣିଜ ପ୍ରଦୂଷଣ - ଏମିତି ସମସ୍ୟାମାନ ସସ୍ଥାୟୀ ପ୍ରକଳ୍ପର ପ୍ରାୟୋଗିକତାକୁ ଆବଶ୍ୟକ କରେ। ଓଡ଼ିଶାର ପୁନଃନବୀକରଣୀୟ ଉର୍ଜା କ୍ଷେତ୍ରରେ ବଡ଼ ସୁଯୋଗ ଅଛି। ଓଡ଼ିଶା ସୋଲାର୍ ମିଶନ୍, ଅଫଶୋର୍ ୱିଣ୍ଡ ପ୍ରକଳ୍ପ, ଜଳବିଦ୍ୟୁତ ବିକାଶ - ସମସ୍ତେ ସସ୍ଥାୟୀ ଆର୍ଥିକ ବ୍ୟବସ୍ଥାପନାରେ ନିବେଶ ଦ୍ୱାରା ଆଗୁଆ ବଢ଼ିପାରିବ।

ଚିଲିକା ଜଳାଶୟର ବ୍ଲୁ ଇକୋନୋମି ଏହି କ୍ଷେତ୍ରରେ ନୂତନ ସମ୍ଭାବନା। ମାଛ ଚାଷ, ସସ୍ଥାୟୀ ମାଛଧରଣ, ପରିବେଶ-ମିତ୍ର ପର୍ଯ୍ୟଟନ - ସମସ୍ତେ ସସ୍ଥାୟୀ ଆର୍ଥିକ ବ୍ୟବସ୍ଥାପନାର ସହାୟତାରେ ଦୀର୍ଘକାଳୀନ ରୋଜଗାର ସୃଷ୍ଟି କରିପାରିବେ। ଓଡିଶାର କୃଷିକୁ ଆବହା ପ୍ରତିରୋଧୀ କୃଷିରେ ପରିଣତ କରି ଜୈବିକ କୃଷି, ମୃତ୍ୟୁପ୍ରତିରୋଧୀ ଧାନ, ଶୂନ୍ୟ-ଅପଚୟ କୃଷି ମଡେଲକୁ ସସ୍ଥାୟୀ ଆର୍ଥିକ ବ୍ୟବସ୍ଥାପନାର ସମର୍ଥନ ଆବଶ୍ୟକ। ଖଣିଜ କମ୍ପାନୀମାନଙ୍କର ସିଏସଆର୍ ଧନକୁ ସ୍ଥାନୀୟ ଉନ୍ନୟନ, ପୁନଃ ବନସ୍ୱତିକରଣ, ଗ୍ରାମୀଣ ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ ପ୍ରକଳ୍ପରେ ବ୍ୟବହାର କରାଯାଉଥିଲେ ସମାଜିକ ମଙ୍ଗଳ ସହିତ ପରିବେଶ ସୁରକ୍ଷା ହେବ।

ତଥାପି, ସସ୍ଥାୟୀ ଆର୍ଥିକରେ କିଛି ଚ୍ୟାଲେଞ୍ଜ୍ ରହିଛି। ସାଧାରଣ ନିବେଶକମାନେ ଏହା ବିଷୟରେ ଅବଗତ ନୁହନ୍ତି। ପରିବେଶ-ମିତ୍ର ବଣ୍ଡ୍, ପରିବେଶ, ସାମାଜିକ ଓ ପରିଚାଳନା ମାନଦଣ୍ଡ ଅନୁସାରିତ ଧନର ନିବେଶ, ସାମାଜିକ ପ୍ରଭାବ ସୃଷ୍ଟି କରୁଥିବା ନିବେଶ ଭଳି ପ୍ରଡକ୍ଟ ବିଷୟରେ ସଚେତନତାର ଅଭାବ ରହିଛି। ପ୍ରଶାସନିକ ନୀତିଗୁଡ଼ିକ ଏପର୍ଯ୍ୟନ୍ତ ସ୍ପଷ୍ଟ ଓ ସହଜ ହୋଇନାହିଁ। ବ୍ୟାଙ୍କ, ସରକାର ଓ କର୍ପୋରେଟ୍ ମାନଙ୍କର ସମନ୍ୱୟର ଅଭାବ ଦେଖାଯାଏ। ସଂକ୍ଷିପ୍ତ ମ୍ୟାଦୀୟ ଲାଭ ପ୍ରଥମିକତା ଥିବାରୁ ପୁଞ୍ଜିନିବେଶକ ମାନେ ଇଏସ୍‌ଜି ପ୍ରକଳ୍ପରେ ନିବେଶ କରିବାରେ ସଙ୍କୋଚ କରନ୍ତି।

ଭବିଷ୍ୟତରେ ସସ୍ଥାୟୀ ଆର୍ଥିକକୁ ଶକ୍ତିଶାଳୀ କରିବା ପାଇଁ ନୀତିଗତ ସମର୍ଥନ ଆବଶ୍ୟକ। ପରିବେଶ-ମିତ୍ର ବଣ୍ଡ୍ସ ଓ ପରିବେଶ, ସାମାଜିକ ଓ ପରିଚାଳନା ମାନଦଣ୍ଡ ଅନୁସାରିତ ଧନର ନିବେଶ ପାଇଁ କର ଲାଭ ଦିଆଯିବା ଉଚିତ୍। ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ବ୍ୟବସାୟୀ, ଛାତ୍ର, ଗ୍ରାମୀଣ ସମାଜକୁ ସସ୍ଥାୟୀ ଆର୍ଥିକ ବ୍ୟବସ୍ଥାପନା ବିଷୟରେ ଅବଗତ କରାଯିବା ଆବଶ୍ୟକ। ଏନ୍‌ଜିଓ, ଏସ୍‌ଏଚ୍‌ଜି ଓ ସ୍ଥାନୀୟ ସମୁଦାୟଙ୍କ ପାଇଁ ସସ୍ଥାୟୀ ପ୍ରକଳ୍ପରେ ସାମିଲ କରାଯାଇ ସମାଜିକ ଅଂଶଗ୍ରହଣ ବଢ଼ାଇବା ଦରକାର। ସେହିପରି, ଡିଜିଟାଲ୍ ପ୍ଲାଟଫର୍ମ୍ସ ଦ୍ୱାରା ପରିବେଶ-ମିତ୍ର ଆର୍ଥିକ ବ୍ୟବସ୍ଥା ପ୍ରାପ୍ତିକୁ ସହଜ କରିବାକୁ ଟେକ୍ନୋଲୋଜିର ସହାୟତା ନିଆଯାଇପାରେ।

ସାରକଥା, ସସ୍ଥାୟୀ ଆର୍ଥିକ କେବଳ ଏକ ନୂଆ ଆର୍ଥିକ ଧାରାଣା ନୁହେଁ। ଏହା ଏକ ସୁସ୍ଥ, ସୁରକ୍ଷିତ ଓ ସମୃଦ୍ଧ ଭବିଷ୍ୟତ ପାଇଁ ପଥ ପ୍ରଦର୍ଶକ। ଭାରତ ଓ ବିଶେଷକରି ଓଡ଼ିଶା, ନିଜର ପୁନଃନବୀକରଣୀୟ ଉର୍ଜା, ବ୍ଲୁ ଇକୋନୋମି ଓ ଆବହା ପ୍ରତିରୋଧୀ କୃଷିରେ ସସ୍ଥାୟୀ ଆର୍ଥିକ ବ୍ୟବସ୍ଥାପନାର ସଠିକ୍ ପ୍ରୟୋଗ କରି ଆର୍ଥିକ ସମୃଦ୍ଧି ସହିତ ପରିବେଶ ସୁରକ୍ଷା ଓ ସମାଜିକ ନ୍ୟାୟର ଏକ ଦୃଷ୍ଟାନ୍ତ ସୃଷ୍ଟି କରିପାରିବ।



ରାଜନଗର(ଭାସ୍କର ନ୍ୟୁଜ): ସବୁଜ ବନାନୀ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବନଖଣ୍ଡ ଅଧିନସ୍ଥ ଭିତରକନିକା ଜାତୀୟ ଉଦ୍ୟାନରେ ନିରୀହ ଜୀବଜନ୍ତୁଙ୍କୁ ସୁରକ୍ଷା ଦେବାକୁ ଯାଇ ଯେଉଁ ମହାନ ଆତ୍ମା ନିଜ ଜୀବନକୁ ଉତ୍ସର୍ଗୀକୃତ କରିଦେଇଛନ୍ତି, ସେମାନଙ୍କ ବଳିଦାନ ବୃଥା ନ ଯାଉ ସେଥିପାଇଁ ବନବିଭାଗ ପ୍ରତିବର୍ଷ ଭଳି ସହିଦଙ୍କ ସ୍ମୃତିଚାରଣ ନିମନ୍ତେ ବନ ସହିଦ ଦିବସ ପାଳନ କରିଛି । ରାଜନଗର ବନଖଣ୍ଡ ଅଧିକାରୀ ବର୍ଦ୍ଧରାଜ୍ ଗାଓଁକର ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସେମାନଙ୍କ ପରିବାରକୁ ସମ୍ବର୍ଦ୍ଧନା ଓ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀଙ୍କ ସମେତ ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସ, ସହକାରୀ ବନ ସଂରକ୍ଷକ ଗଗନ ବିହାରୀ ମଲ୍ଲିକ, କୁଜଙ୍ଗ ବନାଞ୍ଚଳର ଷ୍ଟାଫ୍, ମହାକାଳପଡା ବନାଞ୍ଚଳର ଷ୍ଟାଫ୍, ଗହୀରମଥା ବନାଞ୍ଚଳର ଷ୍ଟାଫ୍, କନିକା ବନାଞ୍ଚଳର ଷ୍ଟାଫ୍ ଓ ରାଜନଗର ବନାଞ୍ଚଳର ଷ୍ଟାଫ୍‌ମାନେ ଯୋଗଦାନ କରି ସହିଦଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।



### ଉପ-ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି

# ଦୂର ହେବ ଐତିହ୍ୟ କୁଶଭଦ୍ରା ନଦୀର ସମସ୍ୟା



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା କୁଶଭଦ୍ରା ନଦୀ ମୁହାଣ ପୋତି ହୋଇପଡ଼ିଥିବା ବେଳେ ନଦୀକୁ ଜଳ ନ ଆସିବାରୁ ନଦୀ କୂଳବାସୀ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ କୁଶଭଦ୍ରା ଖନନ ଏହାର ସୁରକ୍ଷା ପାଇଁ ସାଧାରଣରେ ଦାବି ହୋଇ ଆସୁଛି । ଏହାକୁ ନେଇ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, କୁଶଭଦ୍ରା ଖନନ ସୁରକ୍ଷା ଓ ସୌନ୍ଦର୍ଯ୍ୟର ଅଭିବୃଦ୍ଧିକୁ ନେଇ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ସରକାରୀ ବାସଭବନରେ ଭେଟିଛନ୍ତି କୁଶଭଦ୍ରା କାନ୍ଦୁଛି ପରିବାର । ନିମାପଡ଼ାରେ ଜୀବନ ରେଖା କୁଶଭଦ୍ରା ହୃତ ଗୌରବ ଫେରାଇ ଆଣିବା ଦିଗରେ ୭ କୋଟି ଦାବିକୁ ଉତ୍ଥାପନ କରାଯାଇଛି । ପ୍ରାୟ ୩ ଘଂଟା ଧରି ନିମାପଡ଼ା-ଗୋପ ଐତିହ୍ୟଗର୍ଭା କୁଶଭଦ୍ରା ବିକାଶ ସମ୍ବନ୍ଧୀୟ ଆଲୋଚନା କରାଯାଇଛି । ବାଲିଅନ୍ତାସ୍ଥିତ କୁଆଖିଆ ନଦୀରେ ସୃଷ୍ଟି ହୋଇଥିବା କୁଶଭଦ୍ରା ମୁହାଣ ଦୀର୍ଘବର୍ଷ ଧରି ପୋତି ହୋଇଯାଇଥିବା ବେଳେ ନଦୀର ବିଭିନ୍ନ ସ୍ଥାନରେ ଏକ ପ୍ରକାର ବନ୍ଦ ହୋଇଗଲାଣି । ଚାଷ ଉପଯୋଗୀ କୁଶଭଦ୍ରା ପଠାରେ ଚାଷୀ ସଠିକ୍ ଭାବରେ ଫସଲ ଉତ୍ପାଦନ କରିପାରୁ ନାହାନ୍ତି । କୁଶଭଦ୍ରାକୁ ନେଇ ଅନେକ ଐତିହ୍ୟ ତଥ୍ୟ ଥିବା ବେଳେ କୋଣାର୍କ ମନ୍ଦିରର ନିର୍ମାଣ ମଧ୍ୟ ଉକ୍ତ ନଦୀର ଅବଦାନ ଅବର୍ଣ୍ଣନୀୟ । କୁଶଭଦ୍ରା ପଠାରେ ବହୁ ସାଧୁସନ୍ଥଙ୍କୁ ଆଶ୍ରମ ରହିଥିବା ବେଳେ ବହୁ ଶକ୍ତିପୀଠ ରହିଅଛି । ତେଣୁ କୁଶଭଦ୍ରା ଚିରସ୍ରୋତା ହବାର ଆବଶ୍ୟକତାକୁ ଅନୁଭବ କରି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ କୁଶଭଦ୍ରା କାନ୍ଦୁଛି ପରିବାର ଭେଟି ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଉପ-ମୁଖ୍ୟମନ୍ତ୍ରୀ କୁଶଭଦ୍ରା ସମସ୍ୟାକୁ ଶୁଣିଥିବା ବେଳେ ତୁରନ୍ତ ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ନିମାପଡ଼ା ବୁଦ୍ଧିଜୀବୀ, ଶିକ୍ଷାବିତ୍, ଭୂତତ୍ତ୍ୱବିତ୍, ଗବେଷକ, ଅଧ୍ୟାପକ, କୃଷକ, ବ୍ୟବସାୟୀ, ସାମ୍ବାଦିକମାନଙ୍କୁ ନେଇ କୁଶଭଦ୍ରା କାନ୍ଦୁଛି ପରିବାର ଉପ-ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ । ସଂଗଠନର ଆବାହକ ନିଗମାନନ୍ଦ ସାହୁ, ସଂଯୋଜକ ବିକାଶ ଚନ୍ଦ୍ର ବାରିକ, ସଦସ୍ୟ ନିରନ ସାହୁ, ଶରତ ଚନ୍ଦ୍ର ସେନାପତି, ସଚିନ ଗୋଛାୟତ, ଭାଗିରଥୀ ଓଝା, ଦର୍ପ ନାରାୟଣ ସାହୁ, ଅମୂଲ୍ୟ ସ୍ୱାଇଁ, ପ୍ରଶାନ୍ତ ଖଟୋଇ ପ୍ରମୁଖ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଥିଲେ ।

### ପାରାଦୀପ କଳିଙ୍ଗ ବାଲିଯାତ୍ରାର ପ୍ରଥମ ପ୍ରସ୍ତୁତି ବୈଠକ

# ସଫଳ ଆୟୋଜନ ଉପରେ ଶିକ୍ଷମନ୍ତ୍ରୀଙ୍କ ଗୁରୁତ୍ୱ



ପାରାଦୀପ(ଭାସ୍କର ନ୍ୟୁଜ): ଓଡ଼ିଶାର ଦ୍ୱିତୀୟ ପ୍ରସିଦ୍ଧ ପାରାଦୀପ କଳିଙ୍ଗ ବାଲିଯାତ୍ରାର ପ୍ରଥମ ପ୍ରସ୍ତୁତି ବୈଠକ ସ୍ଥାନୀୟ ଅଫିସର୍ସ କ୍ଲବ ପରିସରରେ ଗୁରୁବାର ଅପରାହ୍ନରେ ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ସଭାପତି ଜେ.ସୋନାଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମହୋତ୍ସବକୁ ଶାନ୍ତିପୂର୍ଣ୍ଣ ଓ ସଫଳତାର ସହ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ମହାପାତ୍ରଙ୍କ ସମେତ ପାରାଦୀପ ବନ୍ଦର, ଇଫକୋ, ପିପିଏଲ ଆଇଓସିଏଲ ସମସ୍ତ କମ୍ପାନୀ ଅଧିକାରୀ, ବାଲିଯାତ୍ରା କମିଟିର ସଦସ୍ୟ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ଆସନ୍ତା ନଭେମ୍ବର ୪ ତାରିଖରେ ଆଠଦିନ ବ୍ୟାପି ଏହି କଳିଙ୍ଗ ବାଲିଯାତ୍ରାର ସଫଳ ଆୟୋଜନ ପାଇଁ ଆଲୋଚନା କରିଥିଲେ । ଏହି ସଭାରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଉପସଭାପତି ନିରଞ୍ଜନ ବେହେରା ମହୋତ୍ସବ ବିବରଣୀ ପାଠ କରିଥିବା ବେଳେ ପୌର ନିର୍ବାହୀ ଅଧିକାରୀ ତଥା କମିଟିର ସମ୍ପାଦକ ଅଭିଷେକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ବହୁ ବୁଦ୍ଧିଜୀବୀ, କମିଟି ସଦସ୍ୟ, ଗଣମାଧମ ପ୍ରତିନିଧି ଓ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ରହି ମହୋତ୍ସବର ସଫଳତା ପାଇଁ ଉପାଦେୟ ଆଲୋଚନା ଓ ପ୍ରସ୍ତାବ ଦେଇଥିଲେ ।

# ବନ୍ଧା ହେଲା ଧଳାଜହର ବ୍ୟବସାୟୀ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଅବକାରୀ ବିଭାଗ ହାତରେ ଧଳା ଜହର ବ୍ୟବସାୟୀ । ପୁରୀ ଜିଲ୍ଲା ଏସ୍‌ପି ପ୍ରତୀକ୍ ସିଂ ଓ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶ କ୍ରମେ ଚଢ଼ଉ କରାଯାଇଥିବା ବେଳେ ଜଣେ ଜହର ବ୍ୟବସାୟୀକୁ ଟିମ୍ ଗିରଫ କରି କୋର୍ଟ ଚାଲଣ କରିଛି । ଜାମିନ୍ ନାମଞ୍ଜୁର ପରେ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦ ପାଟପୁରରେ ଧଳା ଜହର ବ୍ୟବସାୟ ହେଉଥିବା କାରଣରୁ ଏ ସଂପର୍କରେ ଅଭିଯୋଗ ହୋଇଥିଲା । ଏସ୍‌ପି ପ୍ରତୀକ ସିଂ ଓ ଅବକାରୀ ବିଭାଗ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶରେ ନିମାପଡ଼ା ଥାନାଧିକାରୀ ବାମଦେବ ସ୍ୱାଇଁ ଓ କେତେକ ଥାନା କର୍ମଚାରୀ, ଅବକାରୀ ଇନ୍‌ସପେକ୍ଟର ପ୍ରଭାକର ସେଠୀ, ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସିଦ୍ଧେଶ୍ୱର ମଲ୍ଲିକ, ଏସ୍‌ଆଇ ସନ୍ତୋଷ ମହାରଣା, କର୍ମଚାରୀ ଏସ୍.କେ. ୱାରିସ୍, ତପନ ପ୍ରଧାନ, ସବିତା ସାହୁ ପ୍ରମୁଖ ଗୁରୁବାର ମଧ୍ୟାହ୍ନରେ ପାଟପୁର ଛକରେ ଚଢ଼ଉ କରି ଧଳା ଜହର ବିକ୍ରି କରୁଥିବା ଶ୍ରେଷ୍ଠ ନାୟକ (୩୦)କୁ ପୋଲିସ ଧରିବାରେ ସଫଳ ହୋଇଛି । ତା'ଠାରୁ ୧୨୮ ଗ୍ରାମ ବ୍ରାଉନ୍ ସୁଗାର ଜବତ କରିଥିବା ବେଳେ ତାର ମୂଲ୍ୟ ୧୩ ଲକ୍ଷ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛନ୍ତି । ଅବକାରୀ ଥାନା କେସ୍ ନଂ-୫୨/୨୫ରେ ଇଣ୍ଡିପିଏସ୍ ଆକ୍ଟରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ଶ୍ରେଷ୍ଠ ନାୟକକୁ ନିମାପଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ହାଜର କରାଇଥିଲେ । ଜାମିନ୍ ନାମୁର ହେବାରୁ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡ଼ିଛି ।

# ବ୍ରାଉନ୍‌ସୁଗର ଜବତ, ୩ କୋର୍ଟଚାଲାଣ



ରଣପୁର(ଭାସ୍କର ନ୍ୟୁଜ): ଆଗାମୀ ଶାରଦୀୟ ପୂଜା ପୂର୍ବରୁ ନୂଆ ଅବକାରୀ ନୀତି ହେଉଥିବା ବେଳେ ନୟାଗଡ଼ ଜିଲ୍ଲା ରଣପୁର ଥାନା ନିରୀକ୍ଷକ ଆଶିଷଦେବ ସାହୁ ସମସ୍ତ ଥାନା କର୍ମଚାରୀ ଓ ଫାଣ୍ଡି ଅଧିକାରୀଙ୍କୁ ଚୋରା ମାଦକଦ୍ରବ୍ୟ କାରବାର ଉପରେ କଡା ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ପଟୁ ରାଜସୁନାଖଳା ଫାଣ୍ଡି ଗଡବାଣିକିଲୋ ଦେଇ ବ୍ରାଉନସୁଗର ଆସୁଥିବା ଫାଣ୍ଡି ଅଧିକାରୀ ପ୍ରିତି ପ୍ରକାଶ ମହାନ୍ତି ଖବର ପାଇ ଗତକାଲି ଅପରାହ୍ନରେ ଗଡ ବାଣିକିଲୋଠାରେ ଛକି ରହିଥିଲ । ଓଡି ୦୨ସି ୱାଇ ୯୦୯୪ ନମ୍ବର ବିଶିଷ୍ଟ ଏକ ସ୍କୁଟିକୁ ତନଖି କରିବାରେ ୪୧ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଦେଉଳୀ ପାଟଣାର ଅନାଥ ବିଶ୍ୱାଳ(୬୫), ରଣପୁର ଥାନା ସାନଗଡର ପୂର୍ଣ୍ଣାନନ୍ଦ ସାହୁ(୨୪) ଓ ରଣପୁର ଥାନା ପୁରୁଣା ବସନ୍ତର ବାନାମ୍ବର ଭୋଇ(୩୫)କୁ ଗିରଫ କରିଥିଲେ । ଅଭିଯୁକ୍ତ ମାନଙ୍କୁ ନୟାଗଡ଼ କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

# ଚେଙ୍ଗଦା-ଶାନ୍ତିପୁର ରାସ୍ତା ଦୁର୍ଗମ: ବିଡିଓଙ୍କୁ ଦାବିପତ୍ର



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକର ଚମାରଗାଁ ପଂଚାୟତର ଚେଙ୍ଗଦା-ଶାନ୍ତିପୁର ରାସ୍ତା ଦୁର୍ଗମ ହୋଇଛି । ଚଳିତବର୍ଷ ଅଧିକ ବର୍ଷା କାରଣରୁ ଗାଁ କୁ ଯିବା ଲାଗି ଏକମାତ୍ର ୨ କିମି ରାସ୍ତାରେ ବିଭିନ୍ନ ସ୍ଥାନରେ ଗାଡ ଓ ଖାଲ ସୃଷ୍ଟି ହୋଇଛି । ୩୫୦ରୁ ଉର୍ଦ୍ଧ୍ୱ ଲୋକସଂଖ୍ୟା ବିଶିଷ୍ଟ ଏହି ଗାଁକୁ ଆମ୍ବୁଲାନ୍ସ ଆସି ପାରୁ ନଥିବା ବେଳେ ପିଲାମାନେ ସ୍କୁଲକୁ ଯିବାଆସିବା କରିପାରୁ ନାହାନ୍ତି । ଲୋକମାନେ ବହୁ କଷ୍ଟରେ ଯିବା ଆସିବା କରୁଥିବା ବେଳେ ବିଭିନ୍ନ ସମୟରେ ଦୁର୍ଘଟଣାର ଶୀକାର ହେଉଛନ୍ତି । ଗାଁକୁ ଯିବା ଲାଗି ଏକମାତ୍ର ରାସ୍ତାକୁ ମରାମତି ଲାଗି ଗାଁର ମୁକୁନ୍ଦ ଦେ, ସିଦାର୍ଥ ଶଂକର ଗିରି, ଗଦାଧର ଦାସ, ଗୌର ପ୍ରସାଦ ଦାସ ପ୍ରମୁଖ ବହୁ ବ୍ୟକ୍ତି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏ ସଂପର୍କରେ ସରପଂଚଙ୍କୁ ପଚାରିବାରୁ ୩ ବର୍ଷ ମଧ୍ୟରେ ୪ଟି ପର୍ଯ୍ୟାୟରେ କଂକ୍ରିଟ ରାସ୍ତାଲାଗି ଅର୍ଥ ପ୍ରଦାନ କରାଯାଇଛି । ପଞ୍ଚାୟତର ବିଭିନ୍ନ ଗାଁକୁ ପର୍ଯ୍ୟାୟକ୍ରମେ ରାସ୍ତା ନିର୍ମାଣ ଲାଗି ବ୍ୟବସ୍ଥା କରା ଯାଉଥିବା ବେଳେ ସାଂସଦ କିମ୍ବା ବିଧାୟକଙ୍କ ହାତ ପାଣ୍ଠିରୁ ଅର୍ଥ ଯୋଗାଇ ଦେଲେ ଗ୍ରାମବାସୀମାନେ ଅଧିକ ଉପକୃତ ହୋଇ ପାରିବେ ବୋଲି କହିଛନ୍ତି ।

# ଗ୍ରାମାଞ୍ଚଳ ଜନ ସୁରକ୍ଷା ପରିପୂର୍ଣ୍ଣତା ଶିବିର

କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଅନ୍ତର୍ଗତ କାଦୁଆ ନୂଆଗାଁ ଗ୍ରାମପଞ୍ଚାୟତ ଧନିତ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବରୋଦା ବ୍ୟାଙ୍କ୍ ପକ୍ଷରୁ ଗ୍ରାମାଞ୍ଚଳ ଜନ ସୁରକ୍ଷା ପରିପୂର୍ଣ୍ଣତା ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କ୍ ଅଫ ବରୋଦା ଭୁବନେଶ୍ୱର କ୍ଷେତ୍ର ଓ ଅଞ୍ଚଳ ତରଫରୁ ଏହି ସଚେତନତା ଶିବିର ଆୟୋଜନ କରାଯାଇଥିଲା । ଅତିଥି ଭାବେ ବରୋଦା ବ୍ୟାଙ୍କ୍ ମୁଖ୍ୟ ପରିଚାଳକ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ଚାନ୍ଦ, କ୍ଷେତ୍ରୀୟ ପ୍ରମୁଖ ସତ୍ୟ ରଞ୍ଜନ ମହାପାତ୍ର, ଅଞ୍ଚଳ ମହାପ୍ରବନ୍ଧକ ସ୍ୱପ୍ନା ବନ୍ଦୋପଧାୟ ଯୋଗଦେଇ ବ୍ୟାଙ୍କରେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସମସ୍ତଙ୍କୁ ଅବଗତ କରାଯାଇଥିଲା । ବରୋଦା ବ୍ୟାଙ୍କ୍ ଏକ ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭାବେ ପରିଗଣିତ । ଏହାର ଗ୍ରାହକ ସଂଖ୍ୟା ରାଜ୍ୟର ସମସ୍ତ ସହର ଓ ଗ୍ରାମରେ ପରିବ୍ୟାପ୍ତ । ବ୍ୟାଙ୍କ୍‌ରେ ଗ୍ରାହକ ଭାବେ ଥିବା ସମସ୍ତ ଆକାଉଣ୍ଟ ଧାରି ମାନେ ନିଜର ସାମାଜିକ ସୁରକ୍ଷା ପାଇଁ ନିଜ ଖାତାକୁ ପୁନଃ କେୱାଇସି କରିବା, ଡିଜିଟାଲ ଫ୍ରଡ଼ ମାନଙ୍କଠାରୁ ଦୂରେଇ ରହିବା, ଜୀବନ ବୀମା ପଲିସି ଗୁଡ଼ିକର ଫାଇଦା ଉଠାଇବା, ଡିବିଟି ସହାୟତା ସରଳ କରିବା, ଜନ ଧନ ଆକାଉଣ୍ଟ ଖୋଲିବା, ସରଳ ଭାବେ ଋଣ ନେବା ଆଦି ଉପରେ ଉପସ୍ଥିତ ଗ୍ରାହକଙ୍କୁ ସଚେତନା କରାଯାଇଥିଲା । ଏହି ଶିବିରରେ ୫୦୦ରୁ ଉର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଉପଭୋକ୍ତା ଯୋଗ ଦେଇଥିଲେ । ଏହି ଅବସରରେ ସାମାଜିକ ସୁରକ୍ଷାରେ ଲାଭ ପାଇଥିବା ହିତାଧିକାରୀ, ଋଣ ପାଇ ସ୍ୱାବଲମ୍ବୀ ହୋଇଥିବା ମହିଳା ଗ୍ରୁପ ଓ ବ୍ୟକ୍ତି ବିଶେଷଙ୍କୁ ଅର୍ଥ ରାଶିର ଚେକ୍ ପ୍ରଦାନ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶୀ ନୃତ୍ୟ, ଘୋଡ଼ନାଚ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ବରିଷ୍ଠ ପ୍ରବନ୍ଧକ ଆରତୀ ସାମନ୍ତରା ସଂଯୋଜନା କରିଥିବା ବେଳେ ବରୋଦା ବ୍ୟାଙ୍କର ବରିଷ୍ଠ ଅଧିକାରୀ ସୌରଭ ମହାପାତ୍ର, ସୌମ୍ୟ ପ୍ରସାଦ ଦାସ, ଅମିତାଭ ସାହାଣୀ, ସତ୍ୟବ୍ରତ ପ୍ରଧାନ ଓ ସ୍ମୃତି ମନୀଷା ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

### ବିଜେପି ମୁହାଁ ଯାଜପୁରବାସୀ

# ଗେରୁଆମୟ ହେବ ସାରା ଜିଲ୍ଲା: ମନମୋହନ



ବିଞ୍ଝାରପୁର(ଭାସ୍କର ନ୍ୟୁଜ): ବିଂଝାରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶରଥପୁର ବ୍ଲକର ନନ୍ଦିପୁର ପଞ୍ଚାୟତରେ ବିଜେପି ଶକ୍ତି ପ୍ରଦର୍ଶନ କରିଛି । ବିଷ୍ଣୁ ଚରଣ ମହାପାତ୍ରଙ୍କ ନେତୃତ୍ୱରେ ଶହ ବିଜେଡ଼ି ନେତା ଓ କର୍ମୀ ପଦ୍ମ ଧରିଛନ୍ତି । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ହଜାର ହଜାର ବିଜେପି କର୍ମୀ ଶୋଭାଯାତ୍ରାରେ ପାଛୋଟି ନେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ନିର୍ବାଚନ ମଣ୍ଡଳୀ କ୍ଷେତ୍ର ନେତ୍ରୀ ବବିତା ମଲ୍ଲିକଙ୍କ ନେତୃତ୍ୱରେ ବିଶାଳ ସମାବେଶ, ସମ୍ବର୍ଦ୍ଧନା ଓ ମହାମିଶ୍ରଣ ପର୍ବ ବିଜେପି କର୍ମୀଙ୍କ ମନରେ ଉତ୍ସାହ ଭରି ଦେଇଛି । ଅପରପକ୍ଷରେ ସ୍ଥାନୀୟ ବିଧାୟିକା ଓ ବିଜେଡ଼ି ଭିତରେ ଛନକା ପଶିଛି । ନନ୍ଦିପୁର ପଞ୍ଚାୟତ ଚଣ୍ଡିଗୋଳ ପଡିଆରେ ମିଶ୍ରଣ ପର୍ବରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ୨୪ ବର୍ଷ ନିରଙ୍କୁଶ କ୍ଷମତାରେ ଥିବା ବିଜେଡ଼ି ଉପରେ ବର୍ଷିଥିଲେ । ବିଜେଡ଼ିର ଦୁର୍ଗ କୁହାଯାଉଥିବା ଯାଜପୁର ଏବେ ଦୋହଲି ଗଲାଣି । ବଡଚଣା, ଧର୍ମଶାଳା ଭଳି ସବୁ ନିର୍ବାଚନ ମଣ୍ଡଳୀରେ ଲୋକେ ବିଜେପି ପ୍ରତି ଆକୃଷ୍ଟ ହୋଇ ମିଶୁଛନ୍ତି । ଏଭଳି ଧାରା ଲାଗି ରହିଲେ ଯାଜପୁର ଜିଲା ଗେରୁଆମୟ ହେବ ବୋଲି ଶ୍ରୀ ସାମଲ କହିଥିଲେ । ଯାଜପୁରରେ ଏମିତି ପରିବର୍ତ୍ତନ ହେବ କେହି କେବେ ଆଶା କରିନଥିଲେ । ରାଜ୍ୟରେ ଏବେ ଲୋକଙ୍କ ସରକାର ଚାଲିଛି । ବିଜେପି ଦେଇଥିବା ସମସ୍ତ ପ୍ରତିଶ୍ରୁତି ପର୍ଯ୍ୟାୟ କ୍ରମେ ପାଳନ କରିବ କହି ଶ୍ରୀ ସାମଲ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ସଫଳତା ବଖାଣି ଥିଲେ । ବବିତାଙ୍କ ଅଧ୍ୟକ୍ଷତାରେ ସମାବେଶକୁ ଗୌତମ ରାୟ ସଞ୍ଚାଳନ କରିଥିଲେ । ଜିଲା ବିଜେପି ସଭାନେତ୍ରୀ ଦେବଜାନୀ ପ୍ରଧାନ, ସାଂସଦ ଡ ରବିନ୍ଦ୍ର ନାରାୟଣ ବେହେରା, ବିଧାୟକ ଅମର ନାୟକ, ଆକାଶ ଦାସ ନାୟକ, ହିମାଂଶୁ ଶେଖର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ । ନନ୍ଦିପୁର, ବିରୁହାଁ ପଞ୍ଚାୟତରୁ ୨୮ ଜନପ୍ରତିନିଧିଙ୍କ ସମେତ ୪ ହଜାରରୁ ଉର୍ଦ୍ଧ୍ୱ ବିଷ୍ଣୁ ସମର୍ଥକ ବିଜେଡ଼ି ଛାଡ଼ି ପଦ୍ମ ଧରିଥିଲେ । ସେହିପରି ବିହାରୀ, ରାହସୋଇ, ତଳିହା, ଅକରପଡ଼ା, ତରପଦା, କମାରଢ଼ିହ, ପାଲଟପୁର, ନିଜାମପୁର, ପ୍ରିତିପୁର, ମଙ୍ଗଳପୁର, କୟାଁ, ଚମ୍ପେଇପାଳ, ଦଶରଥପୁର ଓ ଜୟନ୍ତରା ପଞ୍ଚାୟତର ବିଜେଡ଼ି କର୍ମୀ ବିଜେପିରେ ମିଶିଥିଲେ । ଗୌତମ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭାନେତ୍ରୀ ଶ୍ରୀମତୀ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ । ଅନ୍ୟ ଦଳର ଲୋକେ ଅନେକ କିଛି ଆଶା କରି ଆମ ଦଳକୁ ଆସିଛନ୍ତି । ଆମେ ସେମାନଙ୍କୁ ସ୍ୱାଗତ କରୁଛୁ । ସେମାନଙ୍କ ଭଲ ମନ୍ଦରେ ପାହାଡ ଭଳି ଛିଡା ହେବାକୁ ରାଜ୍ୟ ସଭାପତି ବିଷ୍ଣୁ ମହାପାତ୍ର କହିଥିଲେ । ସମାବେଶରେ ୧୫ ହଜାରରୁ ଅଧିକ ଲୋକ ସମବେତ ହୋଇଥିଲେ । ସୁବାସ ଚନ୍ଦ୍ର ମହାନ୍ତି, ଜୟନ୍ତ ଷଡ଼ଙ୍ଗୀ, ନିରଞ୍ଜନ ବେହୁରିଆ, ଶଶଧର ବେହୁରିଆ, ସତ୍ୟଜିତ ସାମଲ, ପ୍ରମୋଦ ପୁହାଣ, ସବ୍ୟସାଚି ଦାସ, ସେବା ନିବୃତ କଲେଜ କର୍ମଚାରୀ କୈଳାଶ ବେହେରା, ଅକ୍ଷୟ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ଢେଙ୍କାନାଳରେ ଏନ୍‌ଏସ୍‌ଏସ୍ ପରାମର୍ଶଦାତା କମିଟି ବୈଠକ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନଏସଏସ) ଶାଖାର ପରାମର୍ଶଦାତା କମିଟି ବୈଠକ ଗୁରୁବାର ସାରଗର୍ଭୀୟ ପରିବେଶରେ ଅନୁଷ୍ଠିତ ହୋଇଥିଲା । ସେବା, ସମର୍ପଣ ଓ ସମାଜିକ ଜବାବଦେହିତାର ସଙ୍କଳ୍ପ ସହିତ ଏହି ବୈଠକରେ ନୂଆ କାର୍ଯ୍ୟଦିଗର ରୂପରେଖ ଅଙ୍କିତ ହୋଇଥିଲା । ବୈଠକରେ କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ରବର୍ଟ ୱିଲସନ ଭାତ୍ରା ସଭ୍ୟମାନଙ୍କୁ ସ୍ୱାଗତ କରି ପରିଚୟ ପ୍ରଦାନ କଲେ ଓ ବୈଠକର ପ୍ରାରମ୍ଭିକ ସୂଚନା ରଖିଲେ । ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବରାଳ ସଭାପତିତ୍ୱ କରି ଜାତୀୟ ସେବା ଯୋଜନାର ମୂଳ ଆଦର୍ଶ ଓ ସେବାର ମାନବିକ ମୂଲ୍ୟ ବିଷୟରେ ଉପସ୍ଥିତିକୁ ସ୍ପର୍ଶକାରୀ ଭାବରେ ସ୍ମରଣ କରାଇଲେ । ସେ ବର୍ଷରେ କିଭଳି ସମାଜମୁଖୀ କାର୍ଯ୍ୟକ୍ରମ ସାର୍ଥକ ହେବ, ତାହାର ଏକ ସ୍ପଷ୍ଟ ଦିଗ ଦେଇଥିଲେ । ବୈଠକରେ ଏହିବର୍ଷରେ ଚାରା ରୋପଣ ଉତ୍ସବକୁ ସଫଳ କରିବା, ସରକାରୀ ଯୋଜନା ସମ୍ବନ୍ଧୀୟ ସଚେତନତା, ରକ୍ତଦାନ ଶିବିର ପରି ସାମାଜିକ ସେବାମୁଖୀ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେବାକୁ ନିଷ୍ପତି ନିଆଗଲା । ପୂର୍ବ ବର୍ଷର କାର୍ଯ୍ୟ ବିବରଣୀ ଅଧିକାରୀଙ୍କ ଦ୍ୱାରା ପଠିତ ହେଲା, ଯାହାରେ ଏନଏସଏସ ଦଳର ସେବାଭାବକୁ ଉଦ୍‌ଭାସିତ କରାଗଲା । ବୈଠକରେ ସଭ୍ୟ ଭାବେ ଅଧ୍ୟାପକ ଡ଼ଃ ରଜନୀକାନ୍ତ ଖୁଂଟିଆ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ଦେବରାଜ ପରିଡା, ପୋଷ୍ୟଗ୍ରାମର ପ୍ରତିନିଧି ବିମଳଚନ୍ଦ୍ର ଦାସ, ଛାତ୍ର ପ୍ରତିନିଧି ଲିଟୁ ଦେହୁରୀ ଓ ଛାତ୍ରୀ ପ୍ରତିନିଧି ସୁଶ୍ରୀ ସଙ୍ଗୀତା ସାହୁ ଯୋଗଦେଇ ନିଜ-ନିଜ ମତାମତ ରଖିଥିଲେ । ବୈଠକର ଶେଷରେ ମହାବିଦ୍ୟାଳୟର ଛାତ୍ର ପ୍ରତିନିଧି ଲିଟୁ ଦେହୁରୀ ହୃଦୟସ୍ପର୍ଶୀ ଧନ୍ୟବାଦ ଜଣାଇ, ସେବା ହିଁ ସତ୍ୟ ଓ ସାଧନା ବୋଲି ପ୍ରେରଣା ଦେଲେ ।

# ସୂଚନା ଅଧିକାରରେ ତଥ୍ୟ ନଦେବା ପଡିଲା ମହଙ୍ଗା, ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ସୂଚନା ଅଧିକାରରେ ତଥ୍ୟ ନଦେବାକୁ ନେଇ ଜଣେ ସରକାରୀ କର୍ମଚାରୀଙ୍କ ନିମନ୍ତେ ମହଙ୍ଗା ପଡିଛି । ରାଜ୍ୟ ସୂଚନା କମିସନର ୧୦ହଜାର ଟଙ୍କା ଜରିମାନା ଦେବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାକୁ ନେଇ ନିଶ୍ଚିନ୍ତକୋଇଲି ବ୍ଲକ କର୍ମଚାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ଗ୍ରାମପଂଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା, ଚଂଚକତା ଓ ଦୁର୍ନୀତି ହୋଇଥିଲା । ବାବୁଜଙ୍ଗ ଗ୍ରାମପଂଚାୟତ ବାରିମୂଳ ଗ୍ରାମର ସରୋଜ କୁମାର ବେଉରା ଗତ ୨୦୧୭ ମସିହା ଠାରୁ ୨୦୨୨ ମସିହା ପର୍ଯ୍ୟନ୍ତ ଏହି ଗ୍ରାମପଂଚାୟତରେ ମହାତ୍ମାଗାନ୍ଧୀ କର୍ମନିଯୁକ୍ତି ଯୋଜନା ନିମନ୍ତେ କେତେ ଟଙ୍କା ମଞ୍ଜୁର ହୋଇଥିଲା, ପ୍ରକଳ୍ପର ନାମ ଓ ତାହାର ଖର୍ଚ୍ଚ, ଏହି ସମୟସୀମା ମଧ୍ୟରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ନାମ ହରିଶ୍ଚନ୍ଦ୍ର ଯୋଜନାରେ କେତେଟଙ୍କା ଖର୍ଚ୍ଚ ହୋଇଛି, ଗୋଷ୍ଠୀ ଗୃହ କ୍ଲବ ଗୃହ ନିର୍ମାଣ, କଲ୍ୟାଣ ମଣ୍ଡପ ଓ ମନ୍ଦିର ନିର୍ମାଣରେ ପଂଚାୟତର କେତେ ଟଙ୍କା ଖର୍ଚ୍ଚ ହୋଇଛି ଏହାର ସମସ୍ତ ଜମିଜମା ସମ୍ପର୍କୀତ ରେକର୍ଡ ଗ୍ରାମପଂଚାୟତକୁ ଏହି ସମୟରେ ମଞ୍ଜୁର ହୋଇଥିବା ରାଜ୍ୟ ଫାଇନାନ୍ସ କମିସନ, ଚତୁର୍ଥ, ପଂଚମ, ୧୪ତମ ଓ ୧୫ତମ ଅର୍ଥ କମିସନରଙ୍କ ଦ୍ୱାରା ଖର୍ଚ୍ଚ ହୋଇଥିବା ସମସ୍ତ ଅନୁଦାନ ପ୍ରଦାନ ନିମନ୍ତେ ସୂଚନା ଅଧିକାର ଆଇନ ବଳରେ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନକୁ ତଥ୍ୟ ମାଗିଥିଲେ । ମାତ୍ର ବ୍ଲକ ପ୍ରଶାସନ ଏହି ତଥ୍ୟ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରିଥିଲା । ବ୍ଲକ ପ୍ରଶାସନ ତରଫରୁ ସୂଚନା ଅଧିକାରରେ ତଥ୍ୟ ପ୍ରଦାନ କରାନଯିବା କାରଣରୁ ଶ୍ରୀ ବେଉରା ରାଜ୍ୟ ସୂଚନା କମିସନରଙ୍କ ନିକଟରେ ଅପିଲ କରିଥିଲେ । ଅପିଲ ନମ୍ବର ୪୩୦/୨୩ ଅନୁଯାଇ ସମ୍ପ୍ରତି ଆଠଗଡ ବ୍ଲକର ପିଇଓ ତଥା ଏହି ପଂଚାୟତର ତତ୍କାଳୀନ ପିଇଓ ବିଜୟ କୁମାର ସ୍ୱାଇଁଙ୍କୁ ନିଜ ଦରମାରୁ ୧୦ହଜାର ଟଙ୍କା ଟ୍ରେଜେରୀରେ ଜମା କରିବାକୁ ରାଜ୍ୟ ସୂଚନା କମିସନର ନିର୍ଦ୍ଦେଶ ଦେଇଥିବାର ଜଣାଯାଇଛି । ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ୩୦ ଦିନ ସମୟ ଆଠଗଡ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବାର ଜଣାଯାଇଛି । ସୂଚନା ଥାଉକି ନିଶ୍ଚିନ୍ତକୋଇଲି ବ୍ଲକରେ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହେଉଥିଲେ ମଧ୍ୟ ବ୍ଲକ ପ୍ରଶାସନ ତରଫରୁ ସୂଚନା ଅଧିକାରରେ କୌଣସି ତଥ୍ୟ ଦିଆଯାଉନଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି । ସୂଚନା କମିସନରଙ୍କ ଏହି ନିର୍ଦ୍ଦେଶ କର୍ମଚାରୀ ମହଲରେ କୋକୁଆ ଭୟ ସୃଷ୍ଟି କରିଛି ।

# ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

ଜଳେଶ୍ୱର(ଭାସ୍କର ନ୍ୟୁଜ): ଗତ ୮ ତାରିଖ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ସମିତି ଜିଲ୍ଲା ସଂଗଠନର ଅଡିଟର ତଥା ଜଳେଶ୍ୱର ତହସିଲ ଅଧୀନ ରାଇବଣିଆ ରାଜସ୍ୱ ନିରୀକ୍ଷକ ନିଶିକାନ୍ତ ସିଂଙ୍କୁ ଅଗ୍ରୱାଲା ଛକ ନିକଟସ୍ଥ ୬୦ ନମ୍ବର ଜାତୀୟ ରାଜପଥ ପୋଲ ତଳେ ଦେଉଳା ଗ୍ରାମର ନରେନ୍ଦ୍ର ଦାସଙ୍କ ପୁତ୍ର ରଞ୍ଜନ ଦାସ ହଠାତ ମରଣାନ୍ତ ଆକ୍ରମଣ କରି ତାଙ୍କ ପାଖରେ ଥିବା ଅର୍ଥ ଓ ସୁନାହାର ଛଡ଼ାଇ ନେଇଛନ୍ତି । ତେଣୁ ସଂଗଠନ ବାଲେଶ୍ୱର କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ଟୁଡୁ, ସାଧାରଣ ସମ୍ପାଦକ ସୁବ୍ରତ କୁମାର ସିଂ ଓ ଜିଲ୍ଲା ଏବଂ ବ୍ଲକ ସଂଗଠନର ଅନ୍ୟ କର୍ମକର୍ତ୍ତା ରାଜସ୍ୱ ନିରୀକ୍ଷକ ନିଶିକାନ୍ତ ସିଂଙ୍କୁ ସାକ୍ଷାତ କରିବା ସହିତ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କୁ ସାକ୍ଷାତ କରି ଆକ୍ରମଣକାରୀଙ୍କୁ ଯଥାଶୀଘ୍ର ଆଇନ ଦ୍ୱାରା ବନ୍ଧା ଯାଇ ଉଚିତ ନ୍ୟାୟ ପ୍ରଦାନ ପାଇଁ ଅନୁରୋଧ କରିଥିଲେ । ନଚେତ ସଂଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ବାର୍‌ହା ମାଂସ ଜବତ, ୩ ଅଟକ


ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଷଡ଼ଙ୍ଗୀ ରେ ଅନ୍ତର୍ଗତ ଗନ୍ଧିଆ ତହସିଲ କାର୍ଯ୍ୟାଳୟ ପରିସର ଏକ ସରକାରୀ ବାସଭବନରେ ଜଂଗଲୀ ମାଂସ ରୋଷେଇ ପାଇଁ ରଖିଥିବା ବେଳେ ଷଡ଼ଙ୍ଗୀ ବନ୍ ବିଭାଗ ତରଫରୁ ଅଚାନକ ଚଢ଼ାଉ ହୋଇଥିଲା । ଚଢ଼ାଉରେ ସରକାରୀ ବାସଭବନ ଭିତରୁ କଟା ବାରହା ମାଂସ, କିଛି ମସଲା, ତେଲ ଓ ଅନ୍ୟ କିଛି ଖାଦ୍ୟ ସାମଗ୍ରୀ ଜବତ କରିଛି ଷଡ଼ଙ୍ଗୀ ବନ୍ ବିଭାଗର ସ୍ୱତନ୍ତ୍ର ଟିମ୍ । ଏହା ସହିତ ୩ଜଣଙ୍କୁ ଅଟକ ରଖିଛି ବନ ବିଭାଗ । ସେଠାରୁ ଜଣେ ରୋଷେୟା ଓ ଜଣେ ସ୍ଥାନୀୟ ବାସିନ୍ଦା ଓ ଆଉ ଜଣେ ପିଅନ ବୋଲି ସୂଚନା ମିଳିଛି । ତିନିଜଣଙ୍କୁ ରଖି ପଚରାଉଚରା ଚାଲିଛି । ନିକଟରେ କପିଳାସ ଅଭୟାରଣ୍ୟ ଥିବାରୁ ଜନ୍ତୁ ଶିକାର ପାଇଁ ଶିକାରୀଙ୍କ ପାଇଁ ଏହା ଏକ ସୁବିଧା ପାଲଟିଛି । ଆଉ ଆରାମରେ ଶିକାର ପାଇଁ ବିଭିନ୍ନ ପ୍ରଜାତିର ଜନ୍ତୁ ମିଳି ଯାଉଚି । ବିଶେଷକରି ହରିଣ ଓ ବାରହାକୁ ଏଠି ଟାର୍ଗେଟ କରନ୍ତି ଶିକାରୀ । ହରିଣ ମାଂସ କିଲୋ ୩୦୦ ଟଙ୍କାରେ ବିକ୍ରି ହେଉଥିବା ସ୍ଥାନୀୟ ଲୋକ କହୁଥିବା ବେଳେ ବାରହା ମାଂସ ମଧ୍ୟ ୨୦୦ ଟଙ୍କାରେ ମିଳିଛି । ତେଣୁ ଘଟଣା ପରେ କପିଳାସ ଅଭୟାରଣ୍ୟ ରେ ଜନ୍ତୁ ସୁରକ୍ଷା ନେଇ ଏବେ ପ୍ରଶ୍ନବାଚି ସୃଷ୍ଟି ହୋଇଛି ।

# ବାରିପଦାରେ ହାଇଟେକ୍‌ର ୩ ଦିନିଆ ସ୍ୱାସ୍ଥ୍ୟ ଶିବିର



ବାରିପଦା(ଭାସ୍କର ନ୍ୟୁଜ): ବାରିପଦାରେ ଭାରତୀୟ ସେନା ବାଲେଶ୍ୱର ମୁଖ୍ୟାଳୟ ଓ ଜିଲ୍ଲା ପ୍ରଶାସନ ବାରିପଦା ସହଯୋଗରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ତରଫରୁ ଏକ ବିଶାଳ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଓ ପରାମର୍ଶ ଶିବିର କନ୍‌ଭୟ ରୋଡ୍, ଷ୍ଟେସନ୍ ବଜାର ଆଶୀର୍ବାଦ ଛକ ନିକଟସ୍ଥ ବିବାହ ମଣ୍ଡପରେ ୩ ଦିନ ଧରି ଆୟୋଜିତ ହୋଇଛି । ଏହି ଶିବିରରେ ବିଭିନ୍ନ ବିଭାଗର ସୁଦକ୍ଷ ଚିକିତ୍ସାବିତଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସେବା ସହ ସ୍ୱତନ୍ତ୍ର ଭାବେ ଚକ୍ଷୁ ଓ ଦନ୍ତ ପରୀକ୍ଷା ନିମନ୍ତେ ମୋବାଇଲ ଭ୍ୟାନ୍‌ର ବ୍ୟବସ୍ଥା କରାଯାଇଥିଲା । ଶିବିରକୁ ମୁଖ୍ୟ ଅତିଥି ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ଏବଂ ହାଇଟେକ୍ ଗ୍ରୁପ୍‌ର ସିଇଓ ତଥା ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ ଉଦ୍‌ଘାଟନ କରିଥିବା ବେଳେ ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଶିବିର ପରିଦର୍ଶନ କରି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଓ ସିଇଓ ଶୁରେଶ କୁମାର ପାଣିଗ୍ରାହୀଙ୍କ ଏଭଳି ମହାନ୍ କାର୍ଯ୍ୟକୁ ନେଇ ପ୍ରଶଂସା କରିଥିଲେ । ୩ ଦିନ ବ୍ୟାପୀ ଏହି ଶିବିରରେ ୫୫୦୦ରୁ ଉର୍ଦ୍ଧ୍ୱ ଲୋକ ନିଜର ଚିକିତ୍ସା କରାଇଛନ୍ତି । ପୂର୍ବତନ ସୈନିକ, ବୀର ନାରୀ, ବୀର ମାତା, ବିଧବା ଏବଂ ତାଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତିମାନଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା । ସ୍ୱତନ୍ତ୍ର ଅତିଥି ଲେଫ୍ଟନା ଜେନେରାଲ ପି.ଏସ୍. ଶେଖାଓ୍ୱତଙ୍କ ସମେତ ବିଭିନ୍ନ ପଦାଧିକାର ଉପସ୍ଥିତ ଥିଲାବେଳେ ଶତାଧିକ ସେନା ଅଧିକାରୀ ଓ ସେମାନଙ୍କ ସପରିବାରେ ସ୍ୱାସ୍ଥ୍ୟ ଚିକିତ୍ସା କରାଇଥିଲେ । ।

# ଏଚଆଇଭି/ଏଡସ୍ ଓ ଯୌନ ସଂକ୍ରମଣ ସଚେତନତା ପାଇଁ ରାଜ୍ୟସ୍ତରୀୟ ମାରାଥନ ପ୍ରତିଯୋଗିତା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଯୁବବର୍ଗଙ୍କ ମଧ୍ୟରେ ଏଚଆଇଭି/ଏଡସ୍ ବିଷୟରେ ସଚେତନତା ବୃଦ୍ଧି ସହ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି (ଓସାକ୍ସ) ପକ୍ଷରୁ ଏକ ରାଜ୍ୟସ୍ତରୀୟ ଗଣଦୌଡ (ରେଡ ରନ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜନସାଧାରଣଙ୍କ ମଧ୍ୟରେ ଏଚଆଇଭି/ଏଡସ୍ ଏବଂ ଏସଟିଆଇ (ଯୌନ ସଂକ୍ରମଣ) ସଚେତନତା ପାଇଁ ଚାଲିଥିବା ଏକ ସ୍ୱତନ୍ତ୍ର ଅଭିଯାନର ଏହା ଅଂଶବିଶେଷ । ଜିଲାସ୍ତରରେ ଅନୁଷ୍ଠିତ ହୋଇଥିବା ମାରାଥନରେ କୃତୀତ୍ୱ ହାସଲ କରିଥିବା ବିଭିନ୍ନ କଲେଜର ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । ପ୍ରଭାତରୁ ପଟିଆ ସ୍ଥିତ ରାଜା ମଧୁସୁଦନ ଦେବ ଡିଗ୍ରୀ କଲେଜରୁ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ, ଖୋର୍ଦ୍ଧା ସିଡିଏମଓ ଡାକ୍ତର ସଂଜୟ ଚନ୍ଦ୍ର ରାୟ ରେଡକ୍ରସ ସୋସାଇଟିର କଲେଜର ପ୍ରିନସିପାଲ ଡ. ପ୍ରଶାନ୍ତ କୁମାର ରାଉତ, ଏବଂ ଅନ୍ୟ ଅତିଥିମାନେ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସ୍ୱାଇଁ କହିଥିଲେ ଯେ, ସଂପ୍ରତି ଯୁବବର୍ଗ ଏଚଆଇଭି ପ୍ରତି ଅଧିକ ବିପଦସଙ୍କୁଳ ଗୋଷ୍ଠି ଭାବେ ପରିଗଣିତ ହେଉଛନ୍ତି । ଯୁବବର୍ଗଙ୍କ ସାମାଜିକ ଦାୟିତ୍ୱବୋଧତା, ସଚେତନତା ଏବଂ ସୁସ୍ଥ ଜୀବନଯାପନର ପ୍ରାଧାନ୍ୟ ଉପଲବ୍ଧି କରି ଏହିଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ପରିପ୍ରେକ୍ଷୀରେ ଜିଲା ଓ ରାଜ୍ୟ ସ୍ତରରେ ଗଣଦୌଡ, କୁଇଜ ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଛି । ଜିଲା ସ୍ତରରେ ସଫଳ ହୋଇଥିବା ଛାତ୍ରଛାତ୍ରୀ ରାଜ୍ୟସ୍ତରରେ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏଥିରେ ବିଜୟ ହାସଲ କରିଥିବା କେନ୍ଦ୍ରପଡା ଜିଲାର ଛାତ୍ରଛାତ୍ରୀ ଆଞ୍ଚଳିକ ସ୍ତରରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି । ସିଡିଏମଓ ଖୋର୍ଦ୍ଧା ଡାକ୍ତର ରାୟ କହିଥିଲେ ଯେ ଏଚ.ଆଇ.ଭି/ ଏଡସ୍ ସଂକ୍ରମଣର ମାଧ୍ୟମ, ନିୟନ୍ତ୍ରଣ ଓ ନିରାକାଣ ବିଷୟରେ ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି । ଖାସକରି ଯେଉଁ ସଂକ୍ରମଣର ସଂପୂର୍ଣ୍ଣ ନିରାକରଣ ନାହିଁ, ସେଥିପ୍ରତି ଆମେ ସଚେତନ ହେବା । ଓସାକ୍ସ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲ ଏବଂ କାମ୍ୟା କମ୍ପାନୀ ସହଯୋଗର ହାତ ବଢାଇଛନ୍ତି । ଓସାକ୍ସର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଡି.ଏସ. ଅରବିନ୍ଦ ମଞ୍ଜ ପରିଚାଳନା କରିଥିଲେ ଓ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଏଥିରେ ଡିପିଏମ ଖୋର୍ଦ୍ଧା ବିଧାନ ଚନ୍ଦ୍ର ନାୟକ ଏବଂ ଡାପସୁ ଖୋର୍ଦ୍ଧା ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଓସାକ୍ସର ପ୍ରଶାସନିକ ଅଧିକାରୀ ଶତାବ୍ଦୀ ରାୟଙ୍କ ସମେତ ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗଦେଇଥିଲେ ।



ମାଥିଲି (ଭାସ୍କର ନ୍ୟୁଜ): ମାଥିଲି ବ୍ଲକର ଚାଉଳମେଦି ଠାରେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଚାଉଳମେଦି ଗ୍ରାମ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର, ଗାଁ ସାଥୀ, ସମସ୍ତ ଯୁବଗୋଷ୍ଠୀ ଓ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତି ଥିଲେ। ଆଜିର ଏଇ ସଭାରେ ମୁଖ୍ୟ ଅତିଥି ଭାବରେ ଚାଉଳମେଦି ଗ୍ରାମ ପଞ୍ଚାୟତର ସରପଞ୍ଚ ଜଳନ୍ଧର ନାୟକ ଉପସ୍ଥିତ ଥିଲେ। ପ୍ରଥମେ ୨୦୨୪ ମସିହାର ଦଶହରା ପୂଜାରେ ଖର୍ଚ୍ଚ ହୋଇଥିବା ଅର୍ଥର ହିସାବ କରିଥିଲେ ଏବଂ ବର୍ଷ ୨୦୨୫ର ଦଶହରା କେମିତି ଶାନ୍ତିଶୃଙ୍ଖଳ ବଜାୟ ରଖି ଦଶହରା ପାଳନ ହେବ ତାହା ବିତୃଷ୍ଟ ଭାବର ଆଲୋଚନ ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ଜଳନ୍ଧର ନାୟକ (ସରପଞ୍ଚ, ଚାଉଳମେଦି), ଲିଙ୍ଗରାଜ ପୂଜାରୀ (ୱାର୍ଡମେମ୍ବର ବଣ୍ଡାମାଝିଗୁଡ଼ା), ସୋନୁ ଗୌଡ (ୱାର୍ଡମେମ୍ବର, ମଲଲିଗୁଡା), ହରି ମଲଲି (ପୂର୍ବତନ ସମିତି ସଭ୍ୟ ଚାଉଳମେଦି), ବ୍ରଜବନ୍ଧୁ ନାୟକ (ନାୟକ ଚାଉଳମେଦି), ବୁରୁଶୁ ନାଲି (ଦାଙ୍ଗ ନାୟକ ଚାଉଳମେଦି), ସମରା ଗୌଡ (ଦାଙ୍ଗଡା ନାୟକ ମଲଲିଗୁଡ଼ା)ଙ୍କ ସମେତ ଗାଁର ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।



# ପତ୍ରପୁର ସେତୁ ନିର୍ମାଣରେ ଜମିଜମା ବିବାଦ

## ହିତାଧିକାରୀଙ୍କ ସହ ଆଲୋଚନା କଲେ ଅତିରିକ୍ତ ଜିଲ୍ଲାପାଳ



ଆଳି (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା କଟକ ଚାନ୍ଦବାଲି ରାସ୍ତାର ଆଳି ଓ ପଟ୍ଟାମୁଣ୍ଡାଇକୁ ସଂଯୋଗ କରୁଥିବା ବ୍ରାହ୍ମଣୀ ନଦୀ ଉପରେ ପତ୍ରପୁର ସେତୁ ପାଖରେ ଓଡିଶା ସରକାରଙ୍କ ପକ୍ଷରୁ ଦ୍ୱିତୀୟ ପୋଲ ନିର୍ମାଣ ହେବାକୁ ଯାଉଅଛି। ଏହି ସେତୁର ନିର୍ମାଣ କାର୍ଯ୍ୟ ଏକ ଘରୋଇ ନିର୍ମାଣକାରୀ ସଂସ୍ଥା ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ଜମି ହିତାଧିକାରୀ ମାନଙ୍କୁ ଜମି ବିକିବା ପାଇଁ ନୋଟିସ ଦିଆଯାଇଛି। ହେଲେ ଏହି ପୋଲ ନିର୍ମାଣ ପୂର୍ବରୁ ଚାଷୀଙ୍କ ସହ କିମ୍ବା ସାଧାରଣ ଲୋକଙ୍କ ସହ ଆଲୋଚନା କରାଗଲା ନାହିଁ। ଫଳରେ ଚାଷୀମାନେ ସେମାନଙ୍କ ମୂଲ୍ୟବାନ ଚାଷ ଜମି ଓ ଘର ବାଡି ଜମି ହରାଇବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି । ଚାଷୀ ଅଭିଯୋଗ କରିଛନ୍ତି, ସେମାନଙ୍କ ସହ କୌଣସି ଆଲୋଚନା କରାନଯାଇ ଠିକାଦାର ସେମାନଙ୍କ ଜମିରେ ଗାତ ଖୋଳିବା ଆରମ୍ଭ କରିଛନ୍ତି । ଏହାକୁ ଜମି ମାଲିକମାନେ ବିରୋଧ କରିଛନ୍ତି । ଏହାସହ ଏହାର ପ୍ରତିକାର ପାଇଁ ପୂର୍ବରୁ ମଧ୍ୟ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଯାହାକୁ ଆଖି ଆଗରେ ରଖି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲିକ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡା, ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଆଳି ଥାନା ଭାରପ୍ରାପ୍ତ ଅଧିକାରୀ ଧୀରାଜ କୁମାର ଲେଙ୍କା ଓ ଅନ୍ୟ ସରକାରୀ ଅଧିକାରୀଙ୍କୁ ନେଇ ପତ୍ରପୁର ନିକଟରେ ଥିବା ସୀତାରାମ ମଣ୍ଡପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସମସ୍ତ ଅଧିକାରୀ ମାନେ ଜମି ହରାଉଥିବା ହିତାଧିକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ହିତାଧିକାରୀ ମାନଙ୍କ କହିବା କଥା ଯେ ଏହି ଅଞ୍ଚଳର ଥିବା ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ପୋଲ ହେଲେ ଅଞ୍ଚଳର ବିକାଶ ହେବ। କିନ୍ତୁ ଯେଉଁ ଚାଷୀମାନେ ବାସହରା ହେବେ ସେମାନଙ୍କୁ ମଧ୍ୟ କ୍ଷତିପୂରଣ ମିଳିବା ଉଚିତ। ବିକାଶ କାର୍ଯ୍ୟକୁ କେହି ରୋକିବେ ନାହିଁ । ଆଇନ୍ ଅନୁଯାୟୀ ଯେଉଁମାନେ କ୍ଷତିଗ୍ରସ୍ତ ହେବେ ସେମାନଙ୍କ କଥା ମଧ୍ୟ ବିଚାରକୁ ନିଆଯିବା ଉଚିତ୍। ଏହି ପୋଲ ନିର୍ମାଣ ହେଲେ ଆଳି ତହସିଲ ଅନ୍ତର୍ଗତ ଗୋପାଳପୁର ଓ ବିଲିକଣା ରାଜସ୍ୱ ମୌଜାର ବହୁ ଚାଷୀ ଓ ସାଧାରଣ ଲୋକେ କ୍ଷତିଗ୍ରସ୍ତ ହେବେ। ସେହିପରି ଏଠାରେ ଥିବା ରାସ୍ତା, କୃଷ୍ଣ ମନ୍ଦିର ମାଟିରେ ମିଶିଯିବ। କେତେକ ଗ୍ରାମବାସୀଙ୍କୁ ନିଜ ଭିଟାମାଟି ଛାଡିବାକୁ ପଡ଼ିବ। ଏହି ପୋଲର ଆପ୍ରୋଚ ରାସ୍ତା ନିର୍ମାଣ ହେଲେ ଉଭୟ ରାଜସ୍ୱ ମୌଜାର ବହୁ ଲୋକ ବାସହରା ହେବେ। ସେମାନଙ୍କ ଚାଷଜମି ନଷ୍ଟ ହେବ। ଏହାସହ ରାଧାକୃଷ୍ଣଙ୍କ ମନ୍ଦିର ମଧ୍ୟ ଧ୍ୱଂସ ହେବ। ତେଣୁ ଏହାକୁ ବିଚାରକୁ ନିଆଯାଉ। ନିକଟରେ ଏକ ଠିକା ସଂସ୍ଥାର କେତେକ କର୍ମଚାରୀ ଘଟଣାସ୍ଥଳକୁ ଆସି ଚାଷୀଙ୍କ ବିନା ଅନୁମତିରେ ସେମାନଙ୍କ ଚାଷ ଜମି ଓ ଘରବାଡି ଜମିକୁ ମେସିନ ସାହାଯ୍ୟରେ ଖୋଳିଥିଲେ ଓ ପୋଲ ନିର୍ମାଣ ହେବ ବୋଲି କହିଥିଲେ। ହେଲେ ଏ ନେଇ ଚାଷୀଙ୍କ ସହ ପ୍ରଶାସନ କୌଣସି ଆଲୋଚନା କରିନଥିବା ଚାଷୀମାନେ ଠିକା ସଂସ୍ଥାକୁ କହିଥିଲେ। ହେଲେ ଠିକା ସଂସ୍ଥା ଚାଷୀମାନଙ୍କ କଥାକୁ ହେୟ ଜ୍ଞାନ କରି ଜମି ଖୋଳି କାର୍ଯ୍ୟ କରିଥିଲା। ଏହାକୁ ନେଇ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ତେଣୁ କୌଣସି ଅଘଟଣ ପୂର୍ବରୁ ଏହି ସମସ୍ୟାର ସମାଧାନ କରାଯିବା ଉଚିତ୍ ବୋଲି ଚାଷୀମାନେ କହିଛନ୍ତି। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ମଲିକ ପଚାରିବାରୁ କହିଲେ ଲୋକଙ୍କ ସ୍ୱାର୍ଥକୁ ସବୁବେଳେ ଅଗ୍ରାଧିକାର ଦିଆଯିବ। ଆଜିର ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଯେଉଁ ଚାଷୀ ଓ ହିତାଧିକାରୀ ବାସହୀନ ହେବେ ବା କ୍ଷତିଗ୍ରସ୍ତ ହେବେ ସେମାନଙ୍କୁ ନିଶ୍ଚିତ ଭାବେ କ୍ଷତିପୂରଣ ମିଳିବ।

# ମଣ୍ଡଳସ୍ତରୀୟ ସେବାପକ୍ଷ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବାମରା (ଭାସ୍କର ନ୍ୟୁଜ): ସମ୍ବଲପୁର ଜିଲ୍ଲା ବାମରା ଜୋନ -୧ ବିଜେପି ମଣ୍ଡଳ ପକ୍ଷରୁ ଉଚ୍ଛକାପାଟ ପଞ୍ଚାୟତର ରାଜୀବ ଭବନ ପ୍ରାଙ୍ଗଣରେ ମଣ୍ଡଳସ୍ତରୀୟ ସେବାପକ୍ଷ ପାଳନ ପାଇଁ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାମରା ଜୋନ -୧ ମଣ୍ଡଳ ସଭାପତି ବିଷ୍ଣୁ ଅଗ୍ରୱାଲଙ୍କ ସଭାପତିତ୍ୱରେ ଏକ ବୈଠକ ଆୟୋଜନ ହୋଇଥିଲା । ଉକ୍ତ ବୈଠକରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ୧୭ ସେପ୍ଟେମ୍ବର ରହିଥିବା ବେଳେ, ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସହିତ ଏହା ଅକ୍ଟୋବର ୨ ତାରିଖ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜନ୍ମଦିନ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଅବସରରେ ସ୍ୱଚ୍ଛତା ଅଭିଯାନ, ରକ୍ତଦାନ ଶିବିର, ବୃକ୍ଷ ରୋପଣ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆଦି ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ବାମରା ବ୍ଲକ୍ ସାଂସଦ ପ୍ରତିନିଧି ନରେଶ ସିଂ ଠାକୁର, ବାମରା ମଣ୍ଡଳ ଜୋନ-୧ ସମ୍ପାଦକ ଉପେନ୍ଦ୍ର ସା, ମହିଳା ମୋର୍ଚ୍ଚା ସଭାପତି ଥାପନା ପଟେଲ, ଯୁବମୋର୍ଚ୍ଚା ସଭାପତି, ବୁଥ ସଭାପତିଙ୍କ ସମେତ ବରିଷ୍ଠ କାର୍ଯ୍ୟକର୍ତ୍ତା ମଧ୍ୟରେ ମୁନକୁ ବାଘ, ଦିପକ ପଟେଲ, ଯୁଗେଶ୍ୱର ସେଠ, ସୁରୁଲାଲ ନାୟକ, ଝସକେତନ ପଟେଲ, ସଞ୍ଜୁ ଅଗ୍ରୱାଲ, ପଞ୍ଚା ଗଡ଼ନାୟକ, ବସନ୍ତ ଦାସ, ବାମରା ଟାଉନ ସଭାପତି ଚଙ୍କି ଉପାଧ୍ୟାୟ, ଯୁବମୋର୍ଚ୍ଚା ପରେଶ୍ ବନ୍ଧୁର ଶିବା ରାଜୁ, ମହିଳା କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ବିଶାଖା ମାଝୀ, ପୂଜା ନାୟକଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।

# ଦନ୍ତାହାତୀ ଆକ୍ରମଣରେ ବୃଦ୍ଧ ମୃତ

## ଘରୁ ଶୁଣ୍ଢରେ ଘୋଷାଡି ଆଣି ଦଳିଦେଲା



କୋଇଡା (ଭାସ୍କର ନ୍ୟୁଜ): ସୁନ୍ଦରଗଡ଼ ଜିଲ୍ଲାର କୋଇଡା ବନାଞ୍ଚଳ ମାଳଦା ପଞ୍ଚାୟତର ସାନିନ୍ଦପୁର ଗ୍ରାମରେ ଗିରିୱାଲ୍ ହାଟିଂରେ ବୁଧବାର ମଧ୍ୟ ରାତ୍ରରେ ଦନ୍ତାହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ବୁଧବାର ରାତିରେ ସାନିନ୍ଦପୁର ଗ୍ରାମର ଗେରୱାଲ ହଟିଂ ବସ୍ତିର ଶିବରାମ ବଡାଇକ(୬୮) ରାତିରେ ଖାଇସାରି ଶୋଇଥିଲେ। ରାତି ୧୨.୩୦ଟା ପାଖାପାଖି ସମୟରେ ହାତୀଟି ଖାଦ୍ୟ ଅନ୍ୱେଷଣରେ ଆସି ପ୍ରଥମେ ଶିବରାମଙ୍କ ଘର ଭାଙ୍ଗି ଘରେ ପଶି ଶୁଣ୍ଢରେ ତାଙ୍କୁ ଘରୁ ଟାଣିଆଣି କଚାଡି ପାଦରେ ଦଳିଦେବା ଫଳରେ ଘଟଣାସ୍ଥଳରେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲା । ରାତିରେ ହାତୀ ଆସିଥିବା ଏବଂ ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ ଖବରକୁ ନେଇ ଗ୍ରାମବାସୀ ବନ ବିଭାଗକୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ବନ ବିଭାଗ କର୍ମଚାରୀ ଫୋନ୍ ଉଠାଇ ନଥିଲେ। ଯାହାଫଳରେ ବାର ଘଣ୍ଟା ଧରି ପଡି ରହିଥିଲା ଶିବରାମଙ୍କ ମୃତଦେହ। ଆଜି ଖବର ପାଇ କୋଇଡା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିବା ପରେ ବନ ବିଭାଗ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚିବା ନେଇ ଚାପା ଉତ୍ତେଜନା ଲାଗି ରହିଥିଲା । କୋଇଡା ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ପତି ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ଏବଂ ବନ ବିଭାଗ ଶବଦାହ ପାଇଁ ୨୦ ହଜାର ଟଙ୍କା ଦେବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ଦନ୍ତାକୁ ଏକ ବର୍ଷ ପୂର୍ବରୁ ଟ୍ରାଙ୍କୁଲାଇଜ କରି ତା'ଦେହରେ ରେଡ଼ିଓ କୁଲାର ଲାଗିଥିଲେ ମଧ୍ୟ କିଭଳି ହାତୀର ଗତିବିଧି ଜାଣି ପାରିଲାନି ବନ ବିଭାଗ। ଏହି ଦନ୍ତା ୨୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଲାନି କିନ୍ତୁ ତା'ଉପରେ ନଜର କେମିତି ରହିଲାନି ସଧାରଣରେ ବଡ଼ ପ୍ରଶ୍ନ। ପରେ କୋଇଡା ଥାନା ପକ୍ଷରୁ କେସ୍ ନମ୍ବର ୧୬/୨୫ରେ ଏକ ମାମଲା ରୁଜୁ କରାଯିବା ସହ ଶବ ବ୍ୟବଚ୍ଛେଦ ପାଇଁ କୋଇଡା ଡାକ୍ତରଖାନାକୁ ମୃତଦେହ ପଠା ଯାଇଥିଲା ।

# ୬୯ କେଜି ଗଞ୍ଜେଇ ସହ କାର୍ ଜବତ, ୩ ଗିରଫ



ରେଢ଼ାଖୋଲ (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ୧୫୩(ବି) ଜାତୀୟ ରାଜପଥ ବୌଦ୍ଧ ରାସ୍ତାର ଠାରେ ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ରାସ୍ତାରେ ଚଢ଼ାଉ କରାଯାଇ ଦୁଇଟି ସ୍ଥାନରୁ ଦୁଇଟି କାର ସହ ୬୯ କେଜି ଗଞ୍ଜାଇ ଜବତ କରିବା ସହିତ ୩ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଉତ୍ତରପ୍ରଦେଶ ରାଜ୍ୟ ଜିଲ୍ଲା ବନାରସ ଖର୍ଗିପୁର ଗ୍ରାମର ବାସିନ୍ଦା ଅଳ ନନ୍ଦ ମିଶ୍ର(୨୮) ଏବଂ ଅନ୍ୟ କାର ଗାଡ଼ିର ଝାରସୁଗୁଡା ଜିଲ୍ଲା ବ୍ରଜରାଜ ନଗର ଅଞ୍ଚଳର ଅମରନାଥ ବିବେଦୀ (୨୬) ଓ ଆକାଶ କାମ ରୋଜିବାସ(୨୫) । ସୂଚନାଯୋଗ୍ୟ ଯେ ରେଢ଼ାଖୋଲ ଅବକାରୀ ବିଭାଗ ଇନ୍‌ସପେକ୍ଟର ହୃବଦଳ ବିଶାଳଙ୍କ ଏକ ଟିମ୍ କରି କଦଳୀଗଡ଼ ପଞ୍ଚାୟତ ସ୍ଥିତ କନ୍ଧରା ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ବୌଦ୍ଧ ଜିଲ୍ଲା ପଟରୁ ରେଢ଼ାଖୋଲ ଅଭିମୁଖେ ମାରୁତି କାର୍ ଦ୍ରୁତଗତିରେ ଆସୁଥିବା ଦେଖି ଯାଞ୍ଚ କରିଥିଲେ। ଗାଡି ମଧ୍ୟରେ ୬୦ କେଜି ଗଞ୍ଜେଇ ସହିତ ୭ଟି ବିଭିନ୍ନ ଗାଡି ନମ୍ବର ଥିବା ସହିତ ଏଥିରେ ଚାଲାଣକାରୀ ଅଭିଯୁକ୍ତ ଅଳନନ୍ଦ ମିଶ୍ରଙ୍କୁ ଗିରଫ କରାଯାଇଥିଲା। ସେହିପରି ସହାବାହାଳ ଗ୍ରାମ ଛକ ନିକଟରୁ କାର ନଂ ଓଡି୨୩ ୫୩୮ ୧ ବିଶିଷ୍ଟ ଗାଡ଼ିରେ ବେଆଇନ ଚୋରା ଚାଲାଣ ୯ କେଜି ଗଞ୍ଜେଇ ଜବତ କରିବା ସହିତ ଏଥିରେ ଦୁଇଜଣ ଅଭିଯୁକ୍ତ ଯୁବକ ଝାରସୁଗୁଡ଼ା ଜିଲ୍ଲାର ଅମରନାଥ ବିବେଦୀ ଓ ଆକାଶରାମ ଲୋହିବାଶଙ୍କୁ ଗିରଫ କରାଯାଇଥିଲା। ଚାଲାଣକାରୀ ଅଭିଯୁକ୍ତମାନେ ଫୁଲବାଣୀ ଜିଲ୍ଲାରୁ ବିହାର ରାଜ୍ୟକୁ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଚଢ଼ାଉ ବେଳେ ରେଢ଼ାଖୋଲ ଅବକାରୀ ବିଭାଗ କର୍ମଚାରୀ ମାନେ ସାମିଲ ରହିଥିଲେ।

# ମଣ୍ଡଳସ୍ତରୀୟ ଭଲିବଲ୍ ଓ ବିଇଚି ଭଲିବଲ୍ ପ୍ରତିଯୋଗିତା

କଣାସ (ଭାସ୍କର ନ୍ୟୁଜ୍): କଣାସ ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ ଭଲିବଲ୍ ଓ ବିଇଚି ଭଲିବଲ୍ ପ୍ରତିଯୋଗିତା ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଆଜି କଣାସ ଠାରେ ସ୍ଥାପିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। କଣାସ ମଣ୍ଡଳ ଗୋଷ୍ଠୀ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହିତ କ୍ରୀଡା ପତାକାକୁ ଉତ୍ତୋଳନ କରିଥିଲେ। କଣାସ ମଣ୍ଡଳର କ୍ରୀଡା ସଂପାଦକ ଶାରୀରିକ ଶିକ୍ଷା ଶିକ୍ଷକ ବିଭୂତି ଭୂଷଣ ରାଉତ ପ୍ରତିଯୋଗିତାର ଅଭିମୁଖ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ। ଏହି ପ୍ରତିଯୋଗିତାରେ ଶାରୀରିକ ଶିକ୍ଷା ଶିକ୍ଷକ ଶ୍ରୀକାନ୍ତ ନାୟକ, ଦିପ୍ତରଞ୍ଜନ ରାଉତ, ବିପିନ ମହାପାତ୍ର, ମନୋରଞ୍ଜନ ଦଳାଇ, ରଜନୀକାନ୍ତ ପ୍ରଧାନ, ପଦ୍ମଲୋଚନ ପାଇକରାୟ, ଗୁଣନିଧି ମତଗଜସିଂହ ଖେଳ ପରିଚାଳନା କରିଥିଲେ।



# ଶିକ୍ଷକ ଆସିନାହାନ୍ତି, ସ୍କୁଲରେ ପଡ଼ିଛି ତାଲା



ମୁନିଗୁଡା/ଚନ୍ଦ୍ରପୁରୁ (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ଚନ୍ଦ୍ରପୁରୁ ବ୍ଲକକୁ ଅନୁନ୍ନତ ଅଞ୍ଚଳ ଆଖ୍ୟା ଦେଇ ଫାଇଦା ଉଠାଉଛନ୍ତି, ଶିକ୍ଷକ, ଶିକ୍ଷୟିତ୍ରୀ ଓ ସରକାରୀ ବାବୁଙ୍କ ସମେତ ସୁବିଧାବାଦୀ ଏନ୍‌ଜିଓ। ସମସ୍ତ ସୁବିଧା ଥାଇ ମଧ୍ୟ କର୍ମକ୍ଷେତ୍ରକୁ ଯିବାକୁ ମନ ବଳାଉନଥିବା ବିଭିନ୍ନ ବିଭାଗର କର୍ମଚାରୀଙ୍କ ମଧ୍ୟରୁ ଶିକ୍ଷକଙ୍କ ଭୂମିକା ଅଧିକ ଦେଖାଦେଇଛି। ବ୍ଲକ ଓ ଜିଲ୍ଲା କାର୍ଯ୍ୟାଳୟକୁ ଯାଉଥିବା ମେନ୍ ରୋଡ଼ କଡ଼ରେ ଥିବା ସ୍କୁଲମାନଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀ ନିୟମିତ ଯାଉନଥିବା ବେଳେ ଭିତର ଗ୍ରାମମାନଙ୍କରେ ଥିବା ସ୍କୁଲକୁ ଶିକ୍ଷକ ମାନଙ୍କର ନିୟମିତ ଯାଇ ଶିକ୍ଷା ଦାନ କେତେ ତାହା ଦେଖିଲେ ଆଖି ଝଲସି ଯିବ। ତା'ର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ଚନ୍ଦ୍ରପୁରୁ ବ୍ଲକ ଜାରପା କ୍ଲଷ୍ଟର ଚେତନପୁରୁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ଏଠାରେ ସବୁ ସୁବିଧା ଥାଇ ବିଦ୍ୟାଳୟ ଅଛି, ହେଲେ ତାଲାପଡିଛି। ଦୁଇଜଣ ଶିକ୍ଷକ ଅଛନ୍ତି, ନିୟମିତ ସ୍କୁଲକୁ ଆସନ୍ତି ନାହିଁ। ଜାରପାରେ ବସି ମୋବାଇଲରେ ଜୁଆ ଖେଳି ପେନସନ ପାଇଲା ଭଳି ପ୍ରାୟ ପଚାଶ ହଜାର ଲେଖା ଜଣକା ମାସିକ ଦରମା ହାତେଇ ଥାନ୍ତି। ଏଣେ ଶିକ୍ଷକ ଆସୁନଥିବାରୁ ପିଲାମାନେ ସ୍କୁଲକୁ ଯାଇ ତାଲା ପଡିବା ଦେଖି ଫେରି ଆସନ୍ତି। ଏନେଇ ପିଲାଙ୍କ ଭବିଷ୍ୟତ ଅନିଶ୍ଚିତତା ନେଇ ଚନ୍ଦ୍ରପୁରୁ ବିଇଓ ଓ ବିଡିଓଙ୍କୁ ଚେତନପୁରୁ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ ହୋଇଥିବା ବେଳେ ସିଆରସି, ବିଆରସି ମାସିକିଆ ନେଇ ଗାଁର ପିଲାମାନଙ୍କୁ ମୂର୍ଖ ସଜାଇ ଶିକ୍ଷକଙ୍କୁ ଅନିୟମିତ କରିବାର ପ୍ରୋତ୍ସାହନ ଯୋଗାଉଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯଦି ଯେଉଁଦିନ ଶିକ୍ଷକ ସ୍କୁଲକୁ ଆସନ୍ତି ସେଦିନ ପିଲାମାନଙ୍କୁ ୫ ଟଙ୍କିଆ ବିସ୍କୁଟ ଦେଇ ହନୁମନ୍ତପୁରୁ ଚାଲି ଯାଇ ମୋବାଇଲ ଖେଳରେ ମାତିଥାନ୍ତି। ଦିନ ୧୨ଟା ହେଲେ ସ୍କୁଲ ବନ୍ଦ କରି ଚାଲି ଯାଉଥିବା ବେଳେ କ୍ଲାସରେ ପାଠ ପଢ଼ାନ୍ତି ନାହିଁ। ଏହା ଦେଖି କେତେକ ପିଲାମାନଙ୍କୁ ତାଙ୍କର ପିତାମାତା ବାହାରେ ପାଠ ପଢ଼ାଇବାକୁ ବାଧ ହୋଇଛନ୍ତି। ଏବେ ୮/୧୦ ଜଣ ପିଲା ସ୍କୁଲକୁ ଯାଉଥିବା ବେଳେ ଶିକ୍ଷକ ନଥିବାରୁ ଫେରି ଆସନ୍ତି। ସେମାନଙ୍କର ମଧ୍ୟାହ୍ନ ଭୋଜନ ସାମଗ୍ରୀ ଏହି ଶିକ୍ଷକ ଦୁଇଜଣ ବାଣ୍ଟି ନେଉଥିବା ଅଭିଯୋଗ ହେଉଛି। ରାସ୍ତାକଡ ଗ୍ରାମ ଚେତନପୁରୁରେ ବୁଧବାର ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ ଆମ ପ୍ରତିନିଧି ଯାଇ ଦେଖି ଫଟୋ ଉଠାଇଥିଲେ ଶିକ୍ଷକ ଆସିନଥିବା ବେଳେ ସ୍କୁଲଘରେ ସବୁ ତାଲା ପଡିଥିଲା। ତେଣୁ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ଗ୍ରାମବାସୀଙ୍କ ଦାବି ମୁତାବକ ଏହି ଶିକ୍ଷକ ଦ୍ୱୟଙ୍କୁ ବଦଳୀ କରାଗଲେ ସ୍କୁଲକୁ ଆସୁଥିବା ୮ଜଣ ପିଲାଙ୍କୁ ଜଣେ ଶିକ୍ଷକ ହେଲେ ବି ପଢାଇ ପାରିବା ସମ୍ଭବ ହୋଇପାରିବ ବୋଲି ଗ୍ରାମବାସୀ ଆଶାପ୍ରକଟ କରିଛନ୍ତି। ଯଦି ପ୍ରଶାସନ ପଦକ୍ଷେପ ଗ୍ରହଣ ନକରନ୍ତି ଆଗାମୀ ଦିନରେ ସ୍କୁଲରେ ତାଲା ପକାଇ ଶିକ୍ଷକଙ୍କୁ ଛଡାଯିବ ନାହିଁ, ଯଦି ଏଥିରେ କିଛି ଅଘଟଣ ଘଟେ ସେଥିପାଇଁ ଶିକ୍ଷାଧିକାରୀ ଦାୟି ରହିବେ ବୋଲି ସ୍କୁଲର ସଭାପତି ନନ୍ଦି କିଶୋର କଦମ୍ ସେଠଙ୍କ ସମେତ ମେଦିଦ୍ ଲିମା, ଜୁଲିଆନ ରଣଶଣ୍ଢ ଓ ମହିଳା ଗ୍ରୁପ୍ ସଦସ୍ୟମାନେ ଚେତାବନୀ ଦେଇଛନ୍ତି।

# ରାୟପୁର-ବିଶାଖାପାଟଣା ଭାରତମାଳା

## ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କଲେ ରାଜ୍ୟପାଳ



କୋରାପୁଟ(ଭାସ୍କର ନ୍ୟୁଜ): ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କୋରାପୁଟ ଜିଲ୍ଲା ଗସ୍ତରେ ଆସିଥିବା ବେଳେ ଭାରତ ମାଳା ଯୋଜନାରେ ନିର୍ମାଣାଧୀନ ରାୟପୁର-ବିଶାଖାପାଟଣା ଏକ୍ସପ୍ରେସ ହାଇୱେର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । ରାୟପୁର-ବିଶାଖାପାଟଣା ଏକ୍ସପ୍ରେସ ହାଇୱେ (ଏନ୍‌ଏଚ-୧୩୦ ସିଡି) ଭାବରେ ପରିଚିତ ଅର୍ଥନୈତିକ କରିଡରଦେ ଭାରତ ମାଳା ପରିଯୋଜନା ଅଧୀନରେ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକାରି ହେଉଥିବା ୬ ଲେନ୍ ରାଜପଥ ମାଲ ପରିବହନ ଦକ୍ଷତା ବୃଦ୍ଧି କରିବା ଏବଂ ରପ୍ତାନିକୁ ବୃଦ୍ଧି କରିବା ଆଶା କରାଯାଉଛି। ରାଜ୍ୟପାଳ ପଟାଙ୍ଗି ନିକଟରେ ଏହି ଏକ୍ସପ୍ରେସ ହାଇୱେର ସୁଡ଼ଙ୍ଗ (ଓଡ଼ି ୭) ପରିଦର୍ଶନ କରିଥିଲେ ଏବଂ ଚାଲୁଥିବା ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ । ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ଅନ୍ୟାନ୍ୟ ଅଧିକାରୀ ରାଜ୍ୟପାଳଙ୍କୁ ବର୍ତ୍ତମାନର ସ୍ଥିତି ଏବଂ ପ୍ରକଳ୍ପର ଭବିଷ୍ୟତ ସମୟସୀମା ବିଷୟରେ ସୂଚନା ଦେଇଥିଲେ। ଛତିଶଗଡ଼ର ରାୟପୁର ଠାରୁ ଆରମ୍ଭ ହୋଇ ଓଡ଼ିଶାର ନବରଙ୍ଗପୁର ଏବଂ କୋରାପୁଟ ଜିଲ୍ଲା ଦେଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଯାଇଥିବା ଏହି ଏକ୍ସପ୍ରେସୱେର ମୋଟ ୫୯୦ କିଲୋମିଟର ବଦଳରେ ୪୬୪ କିଲୋମିଟରକୁ ହ୍ରାସ ପାଇବ ଏବଂ ଯାତ୍ରା ସମୟ ୧୪ ଘଣ୍ଟା ବଦଳରେ ମାତ୍ର ୬ ଘଣ୍ଟା ହେବ ବୋଲି ଜଣାପଡ଼ିଛି। ସେହିପରି ଏହି କରିଡର ସମ୍ପୂର୍ଣ୍ଣ ହେବା ପରେ, କୋରାପୁଟରୁ ବିଶାଖାପାଟଣା ପହଞ୍ଚିବା ନିମନ୍ତେ ମାତ୍ର ଦୁଇ ଘଣ୍ଟା ଲାଗିବ। ରାଜ୍ୟପାଳଙ୍କ ସମୀକ୍ଷା ସମୟରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଆର୍ ଭେଙ୍କେଟେଶ୍ୱରଲୁ ଉପସ୍ଥିତ ଥିଲେ। ସମୀକ୍ଷା ପରେ ରାଜ୍ୟପାଳ ପ୍ରକଳ୍ପରେ କାର୍ଯ୍ୟରତ ଅଧିକାରୀ, କର୍ମଚାରୀ ଓ ଶ୍ରମିକମାନଙ୍କ ସହ ଆଲୋଚନା କରିଥିଲେ।

### ଶିକ୍ଷା ବିଭାଗ ସମୀକ୍ଷା ବୈଠକ

# ମେଗା ଚାରାରୋପଣ ଉପରେ ଗୁରୁତ୍ୱ

କଣାସ (ଭାସ୍କର ନ୍ୟୁଜ): କଣାସ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଆଜି ଚଳିତ ମାସର ପ୍ରଥମ ସମୀକ୍ଷା ବୈଠକ ବ୍ଲକ୍ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟରେ ସେହିଦିନ ୭୫ ଲକ୍ଷ ମେଗା ଚାରାରୋପଣ ଲକ୍ଷ୍ୟକୁ ସାକାର କରିବା ପାଇଁ କଣାସ ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ପ୍ରସ୍ତାବିତ ୬୮୨୨ ଚାରା ରୋପଣ ସମ୍ପର୍କରେ ଏହି ବୈଠକରେ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏଥିସହ ଆସ ସ୍କୁଲଯିବା କାର୍ଯ୍ୟକ୍ରମରେ ବିଦ୍ୟାଳୟ ବାହାରେ ରହି ଯାଉଥିବା ୫ରୁ ୧୮ବର୍ଷ ବୟସର ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଶତ ପ୍ରତିଶତ ଫେରାଇ ଆଣିବା, ଶତ ପ୍ରତିଶତ ବିଦ୍ୟାଳୟକୁ ଏସଏଚଭିଆର କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ସହ ନିପୁଣ ମେଳା, ଛାତ୍ରଛାତ୍ରୀ ମାନଙ୍କୁ ମାଗଣା ପୋଷାକ ବଣ୍ଟନ ଓ ୟୁଡ଼ାଇସ୍ ଅପଡେଟ ସଂପର୍କରେ ସମୀକ୍ଷା କରାଯାଇଥିଲା। ସହ ଶିକ୍ଷା ଅଧିକାରୀ ନାରାୟନ ପ୍ରଧାନ, ଗୋବର୍ଦ୍ଧନ ବେହେରା ଓ ପ୍ରଫୁଲ୍ଲ କୁମାର ବେହେରାଙ୍କ ସମେତ ୧୭ଜଣ ସିଆରସିସି ଏହି ସମୀକ୍ଷା ବୈଠକରେ ଅଂଶଗ୍ରହଣ କରିଥିଲେ।

# ରାଜ୍ୟପାଳଙ୍କୁ ବିଭିନ୍ନ ସମସ୍ୟା ଜଣାଇଲେ କୋରାପୁଟ ସଚେତନ ନାଗରିକ ମଞ୍ଚ

କୋରାପୁଟ(ଭାସ୍କର ନ୍ୟୁଜ): କୋରାପୁଟ ଗସ୍ତରେ ଅଛନ୍ତି ରାଜ୍ୟପାଳ। କୋରାପୁଟରେ ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ନେଇ କୋରାପୁଟ ସଚେତନ ନାଗରିକ ମଞ୍ଚ ତରଫରୁ ରାଜ୍ୟପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଚେତନ ନାଗରିକ ମଞ୍ଚ ତରଫରୁ ଅଭିଯୋଗ କରାଯାଇଛିଯେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜରେ ପ୍ରଫେସର ରହୁନାହାନ୍ତି। ସେମାନେ କୋରାପୁଟ ମେଡିକାଲ୍‌ରେ ନ ରହି ବ୍ରହ୍ମପୁର, ରାଜଧାନୀ, କଟକର ବିଭିନ୍ନ କ୍ଲିନକରେ ବସୁଛନ୍ତି। ଯାହାଫଳରେ କୋରାପୁଟବାସୀ ଉତ୍ତମ ଚିକିତ୍ସା ପାଇ ପାରୁନାହାନ୍ତି। ତେଣୁ ପ୍ରଫେସରମାନଙ୍କୁ ସ୍ଥାୟୀ ଭାବରେ କୋରାପୁଟ ମେଡିକାଲ୍ କଲେଜ୍ ଓ ହସ୍ପିଟାଲରେ ଅବସ୍ଥାପିତ କରାଯାଉ। କୋରାପୁଟ ବସଷ୍ଟାଣ୍ଡର ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡିଛି। ଯଦିଓ ରାଜ୍ୟ ସରକାର କୋରାପୁଟ ବସଷ୍ଟାଣ୍ଡକୁ ନୂତନ ବସ୍‌ଷ୍ଟାଣ୍ଡ କରିବା ପାଇଁ ପ୍ରସ୍ତାବ ଦେଉଛନ୍ତି କିନ୍ତୁ କାମ ଆଗେଇ ପାରୁନାହିଁ। ତେଣୁ ବସ୍‌ଷ୍ଟାଣ୍ଡ କାମ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ସଚେତନ ନାଗରିକ ମଞ୍ଚ ତରଫରୁ ରାଜ୍ୟପାଳଙ୍କୁ ଦାବିପତ୍ର ମାଧ୍ୟମରେ ଜଣାଇଛନ୍ତି। ଏଇ ଦାବିପତ୍ର ପ୍ରଦାନ ସମୟରେ ସଚେତନ ନାଗରିକ ମଞ୍ଚ ତରଫରୁ ବିଜୟ କୁମାର ମିଶ୍ର, ଦୁଷ୍ମନ୍ତ ପାଢ଼ୀ, ଅଶ୍ୱିନୀ କୁମାର ପାତ୍ର, ପ୍ରଫୁଲ୍ଲ ପାତ୍ର, ବଂଶୀଧର ପଣ୍ଡା, ଶଙ୍କର ଗରଡା, ଭି ରାମ ବ୍ରହ୍ମା, ସଞ୍ଜୁତ କୁମାର ନନ୍ଦ, ପ୍ରକାଶ କୁମାର ଗଉଡ, ସୌମ୍ୟ ରଞ୍ଜନ ସାହୁ, ମନୋଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ

ମୁନିଗୁଡ଼ା/ଚନ୍ଦ୍ରପୁର(ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳରେ ପିଲାମାନଙ୍କ ମଧ୍ୟରେ ଲୁଚି ରହିଥିବା ବିଭିନ୍ନ ପ୍ରକାର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣି ପ୍ରସ୍ଫୁଟିତ କରିବା ଲକ୍ଷ୍ୟକୁ ସରକାର ଆପଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ରାୟଗଡା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକର ଛାତ୍ରଛାତ୍ରୀ ମାନଙ୍କ ଭିତରେ ଥିବା ପ୍ରତିଭାକୁ ଲୋକଲୋଚନରେ ପ୍ରଦର୍ଶନ କରିବାକୁ ଶିକ୍ଷା ବିଭାଗ କେଇପାଦ ଆଗେଇ ଯାଇଛି। ଯାହାକି ଆଜି ଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଖେଳ ପଡିଆ ଠାରେ ଶିକ୍ଷା ବିଭାଗ ଦ୍ୱାରା ଦୁଇଦିନିଆ ୧୦ ଓ ୧୧ତାରିଖ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗୀତା ମୁଖ୍ୟ ଅତିଥି ସିଡ଼ିପିଓ ଗୀତାରାଣୀ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାଟି ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ଗୋଟିଏ ଭାଗରେ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଓ ଅନ୍ୟଟି ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବ୍ଲକର ବିଭିନ୍ନ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ଏହି କ୍ରୀଡ଼ାରେ ୧୦୦ମି.ରୁ ୮୦୦ମି. ଦୌଡ଼, ସଟପୁଟ୍ ଡିସକସ୍, ଲଙ୍ଗଜମ୍ପ, ହାଇଜମ୍ପ, କବାଡି, ଖୋ-ଖୋ, ବ୍ୟାଡମିଣ୍ଟନ, କ୍ରିକେଟ୍, ଭଲିବଲ୍ ଏବଂ ଯୋଗ ଇତ୍ୟାଦି ପ୍ରତିଯୋଗୀତା ଆୟୋଜିତ କରାଯିବ। ଉକ୍ତ କ୍ରୀଡା ପ୍ରତିଯୋଗୀତାରେ ୧୫୦ ଜଣରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେବା ନିମନ୍ତେ ନାମ ପଞ୍ଜିକରଣ କରିଛନ୍ତି। ଉକ୍ତ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାର ଗଣେଶ ଶବର ସଭାପତିତ୍ୱ କରିଥିଲେ। ସିଡିପିଓ ଗୀତାରାଣୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ବୁଡୁବାଲି ସରପଞ୍ଚ ଭୀମ ଗଗେରେଙ୍ଗା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଜଗଦୀଶ ଚନ୍ଦ୍ର ନାୟକ, ଚନ୍ଦ୍ରପୁର ଏସ୍.ଏସ୍.ଡି. ବାଳକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଦୀପ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାମ୍ବାଦିକ ହାଡିପା ଗୌଡ, ବିଜୟ ଉଲ୍ଲାକା, କୈଳାଶ ମାଳବିଶୋଇ, ସୁକାନ୍ତ କୁମାର ବେହେରା, ସଞ୍ଜୟ ନାଗ ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ ଓ ସିଆରସିସି ରଜନୀକାନ୍ତ ବଳିୟାର ସିଂହ ମଞ୍ଚ ପରିଚାଳନା କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବାଳକୃଷ୍ଣ ବିହାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସିଙ୍ଗନା ତାଡିଙ୍ଗ ଓ ବ୍ଲକର ସମସ୍ତ ସିଆରସିସି ତଥା ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗର ହାତ ବଢ଼ାଇଥିଲେ। ବିଭିନ୍ନ ବିଦ୍ୟାଳୟର ପାଞ୍ଚଜଣ କ୍ରୀଡା ଶିକ୍ଷକ ଏହି କ୍ରୀଡାକୁ ପରିଚାଳନା କରିଥିଲେ। ଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଆପଲ ରାଜୁ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଚତୁର୍ଥ ଶ୍ରେଣୀ କର୍ମଚାରୀ ସହଯୋଗ କରିଥିଲେ।

# 'ଘରୋଇ ହିଂସା ଦୂର କରିପାରିବ ସାମୂହିକ ସଚେତନତା'



କେନ୍ଦୁଝର(ଭାସ୍କର ନ୍ୟୁଜ): ଗୁରୁବାର ପୂର୍ବାହ୍ନରେ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ, ଓଡ଼ିଶା, କଟକ ଓ ନେଦରଲାଣ୍ଡ ସରକାରଙ୍କ ଦୂତାବାସ ମିଳିତ ଆନୁକୂଲ୍ୟରେ ଇ.ଟି.ସି ଟ୍ରେନିଂ ହଲ୍, କେନ୍ଦୁଝର ପରିସରରେ ଘରୋଇ ହିଂସା ବିରୁଦ୍ଧରେ ସମ୍ପ୍ରଦାୟ ଭିତ୍ତିକ ନେତୃତ୍ୱକାରୀ ଅଂଶୀଦାର ମାନଙ୍କ ସହିତ ଗୋଷ୍ଠୀ କେନ୍ଦ୍ରିତ ଆଲୋଚନା ବୈଠକ ଆୟୋଜିତ ହୋଇଯାଇଛି। ଏନ.ଏଲ୍.ୟୁ.ଓର ପ୍ରକଳ୍ପ ପ୍ରବନ୍ଧକ ରାଜକିଶୋର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଉପଆରକ୍ଷୀ ଅଧିକ୍ଷକ ହରପ୍ରିୟା ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅଶୋକ କୁମାର ନାୟକ, ଧରଣୀଧର ସ୍ୱୟଂଶାସିତ ବିଶ୍ୱ ବିଦ୍ୟାଳୟର କନିଷ୍ଠ ଅଧାପିକା ଡକ୍ଟର ସଙ୍ଗୀତା ସୁଶ୍ରୀ ନାୟକ, ଭାରାପ୍ରାପ୍ତ ଥାନା ଅଧିକାରୀ ସୋମବାରୀ ହାଂସଦା, ପ୍ରକଳ୍ପ ଏନଜିଓର ସଂପାଦକ ବିପ୍ଲବ ମିଶ୍ର, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅକ୍ଷୟ କୁମାର ଚକ୍ର, ଧକୋଠା ଯୁବକ ସଂଘର ସଂପାଦକ ପ୍ରଫୁଲ୍ଲ କୁମାର ସାହୁ, ମନ୍ଦିର ପୂଜକ ଉମାକାନ୍ତ ପାତ୍ର ଏବଂ ମହିଳାଙ୍କ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଜିଲ୍ଲା ମହାସଂଘ (ସ୍ୱୟଂ ସହାୟକ ଗୋଷ୍ଠୀ)ର ସଭାପତି, ସମ୍ପାଦିକା, ସରପଞ୍ଚ, ଅଙ୍ଗନୱାଡ଼ି ଦିଦି, ଆଶା ଦିଦି, ପରିବାର ପରାମର୍ଶ କେନ୍ଦ୍ର ସଂଯୋଜିକା, ଜେଣ୍ଡର ସଂଯୋଜିକା, କେନ୍ଦୁଝର ମ୍ୟୁନିସିପାଲଟି ଗୋଷ୍ଠୀ ସଂଯୋଜିକା, ପ୍ରକଳ୍ପ ଏନ୍‌ଜିଓର ପ୍ରବନ୍ଧକ, ପ୍ରେରଣା ଦିଦି, ସମାଜ ସେବକ, ଯଜମାନ, ମନ୍ଦିର ପୂଜକ ପ୍ରମୁଖ ଯୋଗଦେଇ ସେମାନେ ନିଜେ ନିଜର ମତ ଉପସ୍ଥାପନ ରଖିଥିଲେ। ପାରିବାରିକ ହିଂସା ୨୦୦୫ ଓ ଯୌତୁକ ନିରୋଧ ଆଇନ ୧୯୬୧, ବିଷୟରେ ସେମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ମହିଳା ଆଇନ୍ ସମ୍ବନ୍ଧରେ ମହିଳାମାନେ ସଚେତନ ହେବା କେତେ ଜରୁରୀ ତାହା ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ସ୍ତରରେ ମହିଳାଙ୍କ ପ୍ରତି ହେଉଥିବା ହିଂସା ଓ ଶୋଷଣ ବିରୋଧରେ ସୁରକ୍ଷା ଦେବା ସମସ୍ତଙ୍କର ଗୁରୁ ଦାୟିତ୍ୱ ବୋଲି କହିଥିଲେ ଏବଂ ଏକ ହିଂସା ମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଏନ.ଏଲ୍.ୟୁ.ଓର ପ୍ରକଳ୍ପ ପ୍ରବନ୍ଧକ ସୁଧାଂଶୁ ଭୂଷଣ ମହାରଣା, ରାଜ କିଶୋର ପଣ୍ଡା ପରିଚାଳନା କରିଥିଲେ।



ବାରିପଦା (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଲାଲବଜାର ପ୍ରାଥମିକ ବିଦ୍ୟାଳୟ ପରିସରରେ ୪ ଦିନ ଭିତରେ ବାରିପଦା, ବେତନଟୀ ଓ ଶାମାଖୁଣ୍ଟା ବ୍ଲକର ମୋଟ ୧୧୫ ଜଣ ସ୍ୱଳ୍ପ ଦୃଷ୍ଟି ସମ୍ପନ୍ନ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାସଗୋବିନ୍ଦପୁର ସ୍ଥିତ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ବିଶେଷଜ୍ଞ ରାଜେଶ ପାଲ ଓ ଗୀତା ମୁର୍ମୁଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା କରାଯାଇ ଉପଯୁକ୍ତ ଚଷମା ପ୍ରଦାନ ପାଇଁ ଚିହ୍ନଟ କରାଯାଇଥିଲା। ଏହି ଶିବିରକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ତପସ୍ୱିନୀ ଦାଶ ଉଦ୍‌ଘାଟନ କରିବା ସହ ଉପସ୍ଥିତ ଅଭିଭାବକ ମାନଙ୍କୁ ନିଜର ପିଲାମାନଙ୍କର ଚକ୍ଷୁ ତଥା ପ୍ରଦାନ କରାଯାଉଥିବା ଉପକରଣର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଭିନ୍ନକ୍ଷମ ଓ ଗଣମାଧ୍ୟମ ସଂଯୋଜକ ନିରଞ୍ଜନ ନାୟକ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କର ଆଖିର ଯତ୍ନ ନେବା କ୍ଷେତ୍ରରେ ସମଗ୍ର ଶିକ୍ଷା ମୟୂରଭଞ୍ଜ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିଚାଲିଛି ବୋଲି ପ୍ରକାଶ କରିଥିଲେ। ଏହି ମେଗା କାର୍ଯ୍ୟକ୍ରମକୁ ବାରିପଦା ମ୍ୟୁନିସିପାଲଟିର ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ରେଖାରାଣୀ ଦାସ ଓ ଶିକ୍ଷକ ଦିଲ୍ଲୀପ କୁମାର ଦାସ ପରିଚାଳନା କରିଥିବା ବେଳେ ସୋନାଲିକା ନାୟକ, ସରୋଜ ଦାସ, ଭରତ ଚନ୍ଦ୍ର କାଣ୍ଡି, ବିଜୟ କୁମାର ପରିଡା ପ୍ରମୁଖ ଅନ୍ତର୍ନିବେଶୀ ସେଚ୍ଛାସେବୀ ମାନେ ତୃଣମୂଳ ସ୍ତରରୁ ଶିବିର ପର୍ଯ୍ୟନ୍ତ ସ୍ୱଳ୍ପଦୃଷ୍ଟି ବାଧିତ ଛାତ୍ରଛାତ୍ରୀମାନଙ୍କୁ ଆଣିବାରେ ସହଯୋଗ କରିଥିଲେ।

## ମାଣିକପୁରରେ ଗୁଳିମାଡ଼ ଘଟଣା

# ବନ୍ଧୁକ ଜବତ, ୫ ଗିରଫ



ବାରିପଦା (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ଥାନା ଅଧୀନସ୍ଥ ମାଣିକପୁର ଗ୍ରାମରେ ଗତ ସେପ୍ଟେମ୍ବର ୦୬/୦୯/୨୫ ତାରିଖ ଶନିବାର ରାତିରେ ଏକ ଜମି ବିବାଦକୁ କେନ୍ଦ୍ରକରି ଗୁଳିମାଡ଼ ଘଟଣା ଘଟିଥିବାରୁ ସମଗ୍ର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମାଣିକପୁର ଗ୍ରାମର ଦିଲ୍ଲୀପ କୁମାର ଗିରିଙ୍କ ଘରକୁ କିଛି ଅସାମାଜିକ ଚରିତ୍ର ମଧ୍ୟରାତ୍ରୀରେ ଆକ୍ରମଣ କରି ଗୁଳିଚାଳନ କରିଥିଲେ, ଯାହାଫଳରେ ଗ୍ରାମରେ ଅସନ୍ତୋଷ ଓ ଆତଙ୍କ ପରିସ୍ଥିତି ସୃଷ୍ଟି ହୋଇଥିଲା। ସୌଭାଗ୍ୟବଶତଃ, ଏହି ଗୁଳିମାଡ଼ରେ କେହି ଆହତ ହୋଇନଥିଲେ, କିନ୍ତୁ ଘରର ବିଭିନ୍ନ ସ୍ଥାନରେ ଗୁଳିମାଡ଼ ପ୍ରଭାବରେ ଖଣ୍ଡିଆ ହୋଇଥିଲା। ପୋଲିସର ତ୍ରୁଟିହୀନ ତଦନ୍ତ ଯୋଗୁଁ ଘଟଣା ପରେ ରାସଗୋବିନ୍ଦପୁର ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ଏବଂ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। କେବଳ କିଛିଦିନ ମଧ୍ୟରେ, ଅଭିଯୁକ୍ତମାନଙ୍କ ପରିଚୟ ସ୍ପଷ୍ଟ କରି, ପାଞ୍ଚଜଣଙ୍କୁ ଗିରଫ କରିବା ସହିତ ଘଟଣାରେ ବ୍ୟବହୃତ ବନ୍ଧୁକ ମଧ୍ୟ ଜବତ କରିଛି ପୋଲିସ। ପୋଲିସ ସୂଚନାନୁସାରେ ଗିରଫ ହୋଇଥିବା ୫ ଜଣ ବ୍ୟକ୍ତି ହେଲେ ଅସନଖାଲି ଗ୍ରାମର ରଜନୀକାନ୍ତ ପଲେଇ, ମାଣିକପୁର ଗ୍ରାମର ରଞ୍ଜନ କୁମାର ଗିରି, ପିଣ୍ଟୁ ଗିରି, ଗୋକୁଳାନନ୍ଦ ଗିରି, ବୈଶିଙ୍ଗା ଥାନା ଅଧୀନ ଅଁଳା ଗ୍ରାମର ସୁବ୍ରତ କୁମାର ଦଳେଇ ବୋଲି ଜଣାପଡିଛି। ଏହି ପାଞ୍ଚଜଣଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଏହି ଗୁଳିମାଡ଼ ଘଟଣା ନେଇ ସ୍ଥାନୀୟ ଲୋକମାନେ ଗଭୀର ଚିନ୍ତା ଓ କ୍ଷୋଭ ପ୍ରକାଶ କରି ଗ୍ରାମବାସୀ କହିଛନ୍ତି, "ଜମି ବିବାଦରେ ଏଭଳି ଗୁଳିମାଡ଼ ହେବା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଦେଇଛି। ତେବେ ପୋଲିସର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ଅଞ୍ଚଳବାସୀ ସନ୍ତୋଷ ପ୍ରକାଶ କରିଛନ୍ତି।" ଘଟଣାକୁ ନେଇ ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ସଚେତନତା ଓ ପ୍ରମାଣିକ କାର୍ଯ୍ୟଦକ୍ଷତାକୁ ସ୍ଥାନୀୟ ଲୋକମାନେ ବେଶ ପ୍ରଶଂସା କରୁଛନ୍ତି। କେହି କହିଛନ୍ତି, "ପୋଲିସର ତ୍ରୁଟିହୀନ କାର୍ଯ୍ୟାନୁଷ୍ଠାନ ହୋଇନଥିଲେ, ଏଭଳି ଦୁର୍ବୃତ୍ତମାନଙ୍କର ଆତଙ୍କ ଆହୁରି ବଢ଼ିଯାଇଥାନ୍ତା। ଘଟଣାରୁ ସ୍ପଷ୍ଟ ଯେ, ଜମି ବିବାଦ ଅଞ୍ଚଳରେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପକୁ ଜନ୍ମ ଦେଉଛି। କିନ୍ତୁ ପୋଲିସର ତୁରନ୍ତ କାର୍ଯ୍ୟାନୁଷ୍ଠାନରେ ଦୁର୍ବୃତ୍ତମାନଙ୍କୁ ଆଇନର ପରିସରଭୁକ୍ତ କରାଯାଇଥିବାରୁ ସର୍ବସାଧାରଣଙ୍କ ମନେରେ ବିଶ୍ୱାସ ଓ ନିରାପତ୍ତାର ଭାବନା ପୁନର୍ଜୀବିତ ହୋଇଛି।

## ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ, କୃତଜ୍ଞତା ଜଣାଇଲେ ଗ୍ରାମବାସୀ

ଫୁଲନଖରା (ଭାସ୍କର ନ୍ୟୁଜ୍) : ପାହାଳ ଥାନା ଅନ୍ତର୍ଗତ ଭୁବନେଶ୍ୱର ମ୍ୟୁନିସିପାଲଟି ୪ନମ୍ବର ୱାର୍ଡର ଲାଲବାହାଦୁର ଉଚ୍ଚବିଦ୍ୟାଳୟ ପଛ ପାର୍ଶ୍ୱରେ ଥିବା ୨.୮ପରିମିତି ସରକାରୀ ଜାଗାକୁ ବି.ଡି.ଓ କର୍ତ୍ତୃପକ୍ଷ, ବି.ଏମ୍.ସି କର୍ତ୍ତୃପକ୍ଷ, ଜି.ଏ କର୍ତ୍ତୃପକ୍ଷ ଓ ତହସିଲ୍ କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ କରାଯାଇଛି। ନିକଟସ୍ଥ ପୋଲିସ ପ୍ରଶାସନ, ସ୍ଥାନୀୟ ବାସିନ୍ଦାଙ୍କ ଉପସ୍ଥିତିରେ କାର୍ଯ୍ୟଟି ଆରମ୍ଭ ହୋଇଛି। ୪ ନମ୍ବର ୱାର୍ଡର କର୍ପୋରେଟର ସୁକୁମାର ସାହୁଙ୍କ ପ୍ରତ୍ୟେହ ତତ୍ତ୍ୱାବଧାନରେ ବିଶ୍ୱଜିତ୍ ସ୍ୱାଇଁ, ବିନୋଦ ଭୋଇ, ଜିତୁ ସାହୁ, ନିରଞ୍ଜନ ସାହୁ, ବାବୁ ସାହୁ, ହରି ସାହୁ, ମନୋ ରଞ୍ଜନ ବେହେରା, ପ୍ରିୟବ୍ରତ ସ୍ୱାଇଁ, ସନାତନ ବେହେରାଙ୍କ ସମେତ ଅନ୍ୟାନ୍ୟ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ। ସରକାରୀ କିସମ ଜମିକୁ ସରକାରଙ୍କ ଦାଖଲକୁ ଆଣିବା ପାଇଁ ନିଆ ଯାଇଥିବା ପଦକ୍ଷେପକୁ ଗ୍ରାମବାସୀ ସ୍ୱାଗତ୍ କରିଛନ୍ତି। ବିଶେଷ କରି ସ୍ଥାନୀୟ କର୍ପୋରେଟର ଶ୍ରୀଯୁକ୍ତ ସାହୁ ବି.ଏମ୍.ସି, ବି.ଡି.ଓ ଏବଂ ତହସିଲ୍ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟରେ ଉକ୍ତ ଜମିକୁ ଚିହ୍ନଟ କରି ସୀମା ନିର୍ଦ୍ଧାରଣ କରିବା ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ। ଆଗାମୀ ଦିନରେ ୪ନଂ ୱାର୍ଡ ଅନ୍ତର୍ଗତ ଅନ୍ୟ ସରକାରୀ ଜମି ଗୁଡିକର ସୀମା ନିର୍ଦ୍ଧାରଣ କରିବା ନିମନ୍ତେ ଉପସ୍ଥିତ ଗ୍ରାମବାସୀଙ୍କ ତରଫରୁ ଦାବି କରାଯାଇଛି।

# ଅସ୍ତରଙ୍ଗରେ ସାରର କୃତ୍ରିମ ଅଭାବ



## ଚଢ଼ା ଦରରେ କିଣୁଛନ୍ତି ଚାଷୀ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୟୁରିଆ ସାରର ଅଭାବ ନେଇ ଚିନ୍ତାରେ ଚାଷୀ। ଦୀର୍ଘଦିନ ହେବ ସାରର ଅଭାବୀ ବିକ୍ରି ଓ ବିଭିନ୍ନ ସ୍ଥାନରେ ସାର ସଙ୍କଟ ଦେଖା ଦେଇଥିବା ବେଳେ ଏହାର ସମାଧାନ ପାଇଁ ସରକାର କିମ୍ବା ପ୍ରଶାସନ ପକ୍ଷରୁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏବେ ଧାନ ଗଛ ବଢିବା ସମୟ। ଏହି ସମୟରେ ଧାନରେ ସାର ଦିଆଯିବା କଥା। ମାତ୍ର ସାର ମିଳୁନଥିବାରୁ ଧାନ ଗଛ ସବୁ ହଳଦିଆ ପଡିବା ଆରମ୍ଭ କଲାଣି। ଥରେ ଧାନ ଗଛଗୁଡିକ ହଳଦିଆ ହୋଇଗଲେ ଗଛ ଆଉ ବଢିବନି। ଫଳରେ ଆଗକୁ ଧାନ ମଧ୍ୟ ଭଲ ଫଳିବନି। ଏଭଳି ସ୍ଥିତିକୁ ନେଇ ଚାଷୀମାନେ ହତାଶ ହୋଇ ପଡ଼ିଛନ୍ତି। କେତେକ ଜାଗାରେ ଚାଷୀ ଚଢା ଦରରେ ସାର କିଣୁଥିବା ଅଭିଯୋଗ ହୋଇଛି। ଚାଷୀ ବେଉଷଣ କାମ ସରିବା ପରେ ସାର ମୁଠେ ଜମିରେ ପକାଇ ଭଲ ଅମଳ କରିବେ ବୋଲି ଆଶା ରଖିଥିଲେ। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୟୁରିଆ ସାରର ନିଅଣ୍ଟିଆ ଯୋଗାଣ ଯୋଗୁଁ ଚାଷୀ ସାର କିଣିବା ପାଇଁ ଗୋଦାମ, ଦୋକାନ ମାଲିକଙ୍କ ପାଖକୁ ଯାଉଛନ୍ତି। ହେଲେ ସାର ଯୋଗାଣ ସ୍ୱଳ୍ପ ଯୋଗୁଁ ବାଧ ହୋଇ ଖୋଲା ବଜାରରେ ଚଢା ଦରରେ ସାର କିଣୁଥିବା ବହୁ ଚାଷୀ ଅଭିଯୋଗ କରୁଛନ୍ତି। ୟୁରିଆ ବସ୍ତା ପିଛା ୨୬୮ଟଙ୍କା ଥିବା ବେଳେ ଏବେ କେଉଁଠି ୫୭୦ଟଙ୍କା ତ ଆଉ କେଉଁଠି ୬୦୦ଟଙ୍କା ଦେଇ କିଣୁଛନ୍ତି। ୟୁରିଆ ସାର ନାହିଁ ବୋଲି ଅନେକ ଅସାଧୁ ବ୍ୟବସାୟୀ ସିଧା ସଳଖ ମନା କରୁଥିବା ବେଳେ ଚାଷୀ ଦେଖି ଲୁଚାଇ ରଖିଥିବା ୟୁରିଆ ସାରକୁ ଚଢା ଦରରେ ବିକ୍ରି କରୁଛନ୍ତି। ୟୁରିଆ, ଗ୍ରୋମର, ଡିଏପି ସାରକୁ ଅସାଧୁ ବ୍ୟବସାୟୀ ଖୋଲା ଭାବେ ଚଢା ଦରରେ ବିକ୍ରି କରି ମାଲେମାଲ୍ ହେଉଛନ୍ତି। ଯେଉଁଠି ଗ୍ରୋମରର ସରକାରୀ ମୂଲ୍ୟ ୧୮ଶହ ଟଙ୍କା ରହିଛି, ଏହାକୁ କୃତ୍ରିମ ଅଭାବ ଦେଖା ଯାଇ ଖୋଲା ଭାବେ ବିକ୍ରି ହେବା ଫଳରେ ପ୍ୟାକେଟ ପିଛା ୩୭ଶହ ପର୍ଯ୍ୟନ୍ତ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଯାହାକି ସରକାରୀ ମୂଲ୍ୟର ଦୁଇ ଗୁଣରୁ ଅଧିକ। ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୬ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଅଞ୍ଚଳରେ ଧାନ ଚାଷ ହୋଇଛି। ଏହା ଶହ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୧୦ଟି ସମବାୟ ସମିତି ଥିବାବେଳେ ସେମିତି ଆଖି ଦୃଶିଆ କେଉଁ ସମିତି ସାର ଆଣୁଛନ୍ତି ସେମିତି ନଜିର ଆସିନାହିଁ। ସାର ନ ମିଳିବାରୁ ଚାଷୀଙ୍କ ମୁଣ୍ଡରେ ଚଡକ ପଡ଼ିଥିବା ବେଳେ କଳାବଜାରୀ ବ୍ୟବସାୟୀଙ୍କ ପାଇଁ ଏଭଳି ସ୍ଥିତି ମୋଟାଅଙ୍କର ମୁନାଫା କମାଇବାକୁ ଏକ ଅବସର ସୃଷ୍ଟି କରିଛି। କଳାବଜାରୀ ବ୍ୟବସାୟୀମାନେ ସାର ପାଇଁ ଚାଷୀଙ୍କ ଠାରୁ ମନଇଚ୍ଛା ଟଙ୍କା ନେଉଛନ୍ତି। ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ମାଲମାଲ ନକଲି ତଥା ଲାଇସେନ୍ସ ବିହୀନ ସାର ଦୋକାନ ଖୋଲିଥିବା ବେଳେ ବ୍ୟବସାୟୀ ମାନେ ୟୁରିଆ, ଗ୍ରୋମର, ପଟାସ ଏବଂ ଡିଏପିର ଦାମ୍ ବୃଦ୍ଧି କରିଛନ୍ତି। କୌଣସି ସମବାୟରେ ସାର ନ ମିଳିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ସାର ଅଭାବ ପ୍ରସଙ୍ଗରେ ଅସ୍ତରଙ୍ଗ ବ୍ଲକ କୃଷି ଅଧିକାରିଣୀ ବି. ଅର୍ପିତା କହିଛନ୍ତି ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଦୁଇଟି ସମବାୟର ଲାଇସେନ୍ସ ଥିବାବେଳେ ଏଡ଼ବାଂଶ ସମବାୟରେ ମେସିନ ସମସ୍ୟା ରହିଛି ବୋଲି ଶୁଣିବାକୁ ମିଳୁଛି, କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ସମବାୟ ସାର କିଣିନଥିବା ବେଳେ ଅସ୍ତରଙ୍ଗ ଅଞ୍ଚଳରେ ୟୁରିଆ ସାରର ଅଭାବ ରହିଛି। ଯଦି କୌଣସି ଜାଗାରେ କଳାବଜାରୀ ସୂଚନା ଆସେ କୃଷି ବିଭାଗ ଟିମ୍ ଅଚାନକ ଚଢ଼ାଉ କରିବ। ୟୁରିଆ ସାର ସ୍ଥାନୀୟ ଅଞ୍ଚଳକୁ ପର୍ଯ୍ୟାପ୍ତ ପରିମାଣ ଆସିବାକୁ ଚେଷ୍ଟା ଜାରୀ ରହିଛି।

# ୭ଦିନ ହେଲା ଅନ୍ଧାର

## ରାଜରାସ୍ତାକୁ ଓହ୍ଲାଇଲେ ଲୋକେ



ରାମନାଗୁଡ଼ା (ଭାସ୍କର ନ୍ୟୁଜ୍) : ଏହି ବ୍ଲକର ଗୋଗୁପାଡୁ ପଞ୍ଚାୟତର ଆଡମଗୁଡା ଗ୍ରାମରେ ଦୀର୍ଘ ସାତଦିନ ଧରି ବିଦ୍ୟୁତ ସରବରାହ ନ ଥିଲା। ସହଜେ ବର୍ଷାକାଳ, ଲୋକେ ନାହିଁ ନଥିବା ଅବସ୍ଥା ଭୋଗିଲେ। ଶେଷରେ ସହିବାର ସୀମା ଟପିଯିବାରୁ ଗ୍ରାମବାସୀ ଏକଜୁଟ୍ ହୋଇ ରାମନାଗୁଡ଼ା ବିଦ୍ୟୁତ ଅଫିସ ସାମ୍ନାରେ ଧାରଣା ଦେଇଥିଲେ। ଏହି ଖବର ପାଇ ଜିଲ୍ଲାପରିଷଦ ସଭ୍ୟ ତାଙ୍ଗୁଡୁ ଶ୍ରୀଧର, ବ୍ଲକ କଂଗ୍ରେସ ସଭାପତି ବାଞ୍ଛାନିଧି ବେହେରା, ଯୁବନେତା ପିଙ୍କୁ ଲାବଲା, ରଞ୍ଜିତ ନାୟକ ବେହେରା ପ୍ରମୁଖ ଆସି ଗ୍ରାମବାସୀଙ୍କୁ ସମର୍ଥନ କରି ଧାରଣାରେ ବସିଥିଲେ। କନିଷ୍ଠଯନ୍ତ୍ରୀ ବାସୁଦେବ ପଣ୍ଡା ଆସି ଲୋକଙ୍କ ସହ କଥାବାର୍ତ୍ତା କରି କହିଥିଲେ ଯେ, ସେ ଗତକାଲି ଅର୍ଥାତ ୧୦ ସେପ୍ଟେମ୍ବରରେ ଜଏନ୍ କରିଛନ୍ତି, ତଥାପି ଆଜି ସନ୍ଧ୍ୟା ସୁଦ୍ଧା ଆପଣଙ୍କ ଗାଁ ଆଡମଗୁଡାକୁ ବିଦ୍ୟୁତ ସଂଯୋଗର ବ୍ୟବସ୍ଥା କରିବି। ଏଭଳି ପ୍ରତିଶ୍ରୁତି ପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ। ଆଡମଗୁଡା ନିବାସୀ ତଥା ବରିଷ୍ଠ କଂଗ୍ରେସନେତା ଶୁକଦେବ ମାଣ୍ଡାଙ୍ଗିଙ୍କ ନେତୃତ୍ୱରେ ଗ୍ରାମବାସୀ ଆସିଥିଲେ। ଏହି ଧାରଣା ଓ ସମାଧାନ ପରେ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ବହୁତ ପ୍ରଶଂସା କରିଛନ୍ତି।

# ସର୍ଭିସ ରୋଡ଼କୁ କବ୍‌ଜା କରିଛି ଆଶୀର୍ବାଦ ଅଟାକଲ




କୋରେଇ (ଭାସ୍କର ନ୍ୟୁଜ୍) : ପାଣିକୋଇଲି ଦେଇ ଯାଇଥିବା ଜାତୀୟ ରାଜପଥ -୧୬ (ସୋଡି ଠାରୁ ପାଣିକୋଇଲି ପର୍ଯ୍ୟନ୍ତ) ସର୍ଭିସ୍ ରୋଡ଼ ବର୍ତ୍ତମାନ କିଛି ମୁଷ୍ଟିମେୟ ଲୋକଙ୍କ କବ୍‌ଜାକୁ ଚାଲିଯାଇଥିବା ଲୋକ ଅଭିଯୋଗ କରୁଛନ୍ତି। ଏମିତି କି ସର୍ଭିସ ରୋଡ଼ଟିରେ ଦିନରାତି ବଡ଼ବଡ଼ ଟ୍ରକ ଗୁଡ଼ିକ ଠିଆ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହେବା ସହିତ ପ୍ରତିଦିନ ଦୁର୍ଘଟଣାମାନ ଘଟୁଛି। ଏମିତିକି ବେଳେ ବେଳେ କିଛି ପଥଚାରୀଙ୍କ ଜୀବନ ଯାଇଥିବା ନଜର ବି ରହିଛି। ତେଣୁ ଏହି ଅବରୋଧ ହଟେଇବା ପାଇଁ ଦୀର୍ଘଦିନ ଧରି ଦାବି ହେଇ ଆସୁଥିବା ବେଳେ କେତେବେଳେ କେମିତି ଯାଜପୁର ଆଞ୍ଚଳିକ ପରିବହନ ବିଭାଗ ଓ ପାଣିକୋଇଲି ପାଟ୍ରୋଲିଂ ପୋଲିସର ମିଳିତ ସହଯୋଗରେ ସନ୍ଧ୍ୟା ସମୟରେ ଚଢ଼ଉ କରାଯାଇ କିଛି ନାମକୁ ମାତ୍ର ଫାଇନ କରୁଥିବାରୁ ଅବରୋଧକାରୀଙ୍କ ଡର ରହୁନାହିଁ। ସୂଚନା ଅନୁଯାୟୀ ଜାତୀୟ ରାଜପଥର ସର୍ଭିସ୍ ରୋଡ଼ରେ କିଛି ଅସାଧୁ ବ୍ୟବସାୟୀ ନିଜର ବେପାର ପାଇଁ ଭାରିଯାନ ଗୁଡ଼ିକୁ ରାସ୍ତା ଉପରେ ରଖି ରାସ୍ତାଜାମ୍ ସହ ସାଧାରଣ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି କରୁଛନ୍ତି। ସେହିପରି ସର୍ଭିସ ରୋଡ଼ ପାଖରେ ଥିବା ଆଶୀର୍ବାଦ ଅଟାକଲକୁ ଦୈନିକ ଶହ ଶହ ଗହମ ଗାଡ଼ି ଆସି ସେହି ସର୍ଭିସ ରୋଡ଼ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ କାୟା ମେଲାଇ ଠିଆ ହେଉଛନ୍ତି। ଯାହାଫଳରେ ପଥଚାରୀ, ଗାଡ଼ିମଟର ସବୁ ଯିବା ଆସିବା କରିବା ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ଏବଂ ପ୍ରତିଦିନ ଏହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣାମାନ ଘଟୁଥିବା ଦେଖିବାକୁ ମିଳୁଛି। ଏନେଇ ଆମେ ଯାଜପୁର ପରିବହନ ଅଧିକାରୀଙ୍କୁ ପଚାରିବାରୁ ସେ ଏହାକୁ ନିଜେ ସ୍ୱୀକାର କରିବା ସହିତ କର୍ମଚାରୀ ଅଭାବର ଆଳ ଦେଖାଇ ପାଣିକୋଇଲି ପୋଲିସ ଉପରେ ଦୋଷ ଲଦିଥିଲେ। ପରେ ପରେ ଆମେ ଜାତୀୟ ରାଜପଥର ପାଟ୍ରୋଲିଂ ଅଫିସର ଅଶୋକ ବଳଙ୍କୁ ଯୋଗାଯୋଗ କରିବାରୁ ସେ ବି ଏ କଥାକୁ ସ୍ୱୀକାର କରି ଜୋରିମାନା ଆଦାୟ ପରିବହନ ଅଧିକାରୀଙ୍କର ବୋଲି କହିଥିଲେ। ଏଠାରେ ପ୍ରଶ୍ନ ଉଠେ ସରକାରଙ୍କର କ'ଣ ଦୁଇଟି ନିୟମ କି ? ଗୋଟେ ଗରିବ ଟ୍ରକ ଡ୍ରାଇଭର ମାନଙ୍କ ପାଇଁ, ଆଉ ଗୋଟିଏ ବିତ୍ତଶାଳୀ ମିଲ୍ ମାଲିକଙ୍କ ପାଇଁ ! କାହିଁକି ସରକାରୀ ଅଧିକାରୀମାନେ ଆଶୀର୍ବାଦ ମିଲ୍ ମାଲିକ ପାଇଁ ଏତେ ନରମ ମନୋଭାବ ପୋଷଣ କରୁଛନ୍ତି ? କାହିଁକି ସରକାରୀ ଅଧିକାରୀ, ପୋଲିସ ବିଭାଗ ସବୁ ଦେଖି ଆଖି ବୁଜି ଦେଉଛନ୍ତି ? ତାହା ହିଁ ବଡ଼ ପ୍ରଶ୍ନ ! ଜିଲ୍ଲାପାଳ, ଜାତୀୟ ରାଜପଥ ଉଚ୍ଚ କର୍ତ୍ତୃପକ୍ଷ, ପାଣିକୋଇଲି ପୋଲିସ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ବଡ଼ ବଡ଼ିଆମାନେ ପ୍ରତିଦିନ କବ୍‌ଜା କରୁଥବା ସର୍ଭିସ ରୋଡ଼କୁ ମୁକ୍ତ କଲେ ଏହା ଜନସାଧାରଣଙ୍କ ଯାତାୟାତ ପାଇଁ ସୁବିଧା ହେବା ସହିତ ଛୋଟ ବଡ଼ ଦୁର୍ଘଟଣାକୁ ବି ରୋକା ଯାଇପାରିବ।

## କଂଗ୍ରେସର ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ସ୍ଥିତ ସତ୍ୟ ପ୍ୟାଲେସ ଠାରେ ପରଜଙ୍ଗ କଂଗ୍ରେସ ଦଳ ପକ୍ଷରୁ ପୂର୍ବତନ ବିଧାୟକ ପ୍ରାର୍ଥୀ ରଣଜିତ କୁମାର ସାହୁଙ୍କ ଆୟୋଜନରେ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଅଛି । ଏହି କାର୍ଯ୍ୟକ୍ରମରେ ସଂଗଠନ ସୃଜନ ଅଭିଯାନ ଓଡ଼ିଶାର ଏଆଇସିସି ପର୍ଯ୍ୟବେକ୍ଷକ ଡିନ କୋଶିକୋଷେ ସାଂସଦ (ଇଡୁକି), ପିସିସି ପର୍ଯ୍ୟବେକ୍ଷକ ସନ୍ତୋଷ ସିଂ ସାଲୁଜା, ପିସିସି ପର୍ଯ୍ୟବେକ୍ଷକ କିଶୋର ଜେନା, ପିସିସି ପର୍ଯ୍ୟବେକ୍ଷକ ଜୟନ୍ତ ଭୋଇ, ଜିଲ୍ଲା ସଂଯୋଜକ ଛବିନାରାୟଣ ବିଶ୍ୱାଳ ଯୋଗ ଦେଇଥିବା ବେଳେ ପ୍ରଥମେ ଅତିଥିମାନଙ୍କୁ ଆନୁଷ୍ଠାନିକ ଭାବେ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପିସିସି ସଭାପତିଙ୍କ ନିର୍ଦ୍ଦେଶକ୍ରମେ କଂଗ୍ରେସର ଜିଲ୍ଲାସ୍ତରୀୟ ସଂଗଠନ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସାଧାରଣ ଜନତାଙ୍କ ମତାମତକୁ ନେଇ ଅଖିଳ ଭାରତୀୟ କଂଗ୍ରେସ କମିଟିଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ଚୟନ କରାଯିବା ନିମନ୍ତେ ସାଧାରଣ ଜନତାଙ୍କ ଠାରୁ ଉପଯୁକ୍ତ ଦକ୍ଷ ପ୍ରାର୍ଥୀଙ୍କ ନାମ ଗୋପନରେ ଗ୍ରହଣ କରାଯାଇଥିଲା। ସାଧାରଣ ଜନତାଙ୍କ ମତାମତ ନେଇ ମୂଲ୍ୟବାନ ନେତୃତ୍ୱ ଗଠନ ହେବ ଏବଂ ଜିଲ୍ଲା ସଭାପତିଙ୍କୁ ଅଖଣ୍ଡ କ୍ଷମତା ଦେଇ ଜନତାଙ୍କ ସେବା କରିବା ପାଇଁ ଲକ୍ଷ୍ୟ ରଖି ଏକ ବିଶାଳ କଂଗ୍ରେସ ସଂଗଠନ ସୃଷ୍ଟି କରାଯିବ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ନଗେନ ବିନାୟକ, ପ୍ରାକ୍ତନ ବ୍ଲକ କଂଗ୍ରେସ ଯୁବ ସଭାପତି ଦିଲ୍ଲୀପ କୁମାର ନାଥ, ଦୟାସାଗର ଦାସ, ସଦାଶିବ ମଲ୍ଲିକ, ପ୍ରକାଶ ବିଶ୍ୱାଳଙ୍କ ସମେତ ଶତାଧିକ ଆଗଧାଡିର ଛାମୁଆ କଂଗ୍ରେସ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

# କାଦୁଆ ରାସ୍ତା ପାଇଁ ସ୍କୁଲ ଯିବାକୁ ଛାତ୍ରୀଛାତ୍ର ଅମଙ୍ଗ




ରଘୁନାଥପୁର (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ଅଢେଇକୂଳ ପଞ୍ଚାୟତ ବଡକୋରକର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଯିବାକୁ ପକ୍କା ରାସ୍ତାଟିଏ ନାହିଁ। ପାଣି କାଦୁଆ ରାସ୍ତାରେ ହାତରେ ଚପଲ ଧରି ସ୍କୁଲ ଓ ଅଙ୍ଗନୱାଡିକୁ ଯିବାକୁ ଛାତ୍ରଛାତ୍ରୀ ମାନେ ଅମଙ୍ଗ ହେଉଛନ୍ତି। ବୁଧବାର ଅପରାହ୍ଣରେ ବିଡିଓ ବିରଞ୍ଚି ନାରାୟଣ ବେହେରା ଓ ସିଡିପିଓ ତୃପ୍ତିଲତା ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଉକ୍ତ ରାସ୍ତାଟି ସ୍ଥାନୀୟ ମନ୍ଦିର ଅଧୀନରେ ଥିବା ଏବଂ ଏହାର ମାର୍ଫତଦାର ଜଣେ ବ୍ୟକ୍ତି ରହିଥିବାରୁ ଏଥିରେ ସରକାରୀ ଅନୁଦାନ ଯୋଗାଇ ଦେବା ସମ୍ଭବ ନୁହେଁ ବୋଲି ବିଡିଓ ବେହେରା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଗ୍ରାମବାସୀ ଏବଂ ଦେବୋତ୍ତର ବିଭାଗର ଆପୋଷ ବୁଝାମଣା ଭିତ୍ତିରେ ଯାତାୟାତ ନିମନ୍ତେ ଅତ୍ୟନ୍ତ ଜରୁରି ଥିବା ଉକ୍ତ ରାସ୍ତାକୁ ବ୍ଲକକୁ ସରକାରୀ ଭାବେ ହସ୍ତାନ୍ତର କରାଯାଏ ତା'ହେଲେ ଯଥାଶୀଘ୍ର ଏହାକୁ କଂକ୍ରିଟ କରାଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି। ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଥିପାଇଁ ଗ୍ରାମବାସୀ ଓ ମାର୍ଫତଦାର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ମଧ୍ୟରେ ଆଲୋଚନା ଏକାନ୍ତ ଜରୁରି ବୋଲି ସେ କହିଛନ୍ତି। ପୁନର୍ବାର ତହସିଲଦାରଙ୍କ ସହ ବିଡିଓ ବେହେରା ନିଜେ ଘଟଣାସ୍ଥଳକୁ ଆସି ସମସ୍ୟା ସମାଧାନ କରିବା ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ କି ଦୀର୍ଘ ୬୭ ବର୍ଷ ଧରି ଉକ୍ତ ରାସ୍ତାଟି ଅବହେଳିତ ଅବସ୍ଥାରେ ରହିଛି। ଉକ୍ତ ରାସ୍ତାଦେଇ ସ୍କୁଲ ଓ ଅଙ୍ଗନୱାଡି ଛାତ୍ରୀଛାତ୍ର ଓ ନିକଟସ୍ଥ ମନ୍ଦିରକୁ ଲୋକେ ଯାତାୟାତ କରିଥାନ୍ତି। ଏତଦ୍ ବ୍ୟତୀତ ସ୍ଥାନୀୟ ଅନୁସୂଚିତ ସାହି, ବାରିକ ସାହି ଓ ବହୁ ବ୍ରାହ୍ମଣ ପରିବାର ଏହି ରାସ୍ତା ଉପରେ ନିର୍ଭରଶୀଳ ଅଟନ୍ତି। ଏଣୁ ବ୍ଲକ ଓ ତହସିଲ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କ ଯାତାୟାତ ପଥକୁ ପକ୍କା ରାସ୍ତାରେ ପରିଣତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବିଡିଓ ବେହେରାଙ୍କ ଗସ୍ତ ସମୟରେ ସାମାଜିକ କର୍ମୀ ସରୋଜ ରାୟ, ଅନୁପ କୁମାର ସ୍ୱାଇଁ, ମାନସ କୁମାର ପଣ୍ଡା, ପ୍ରଭାତ କୁମାର ପଣ୍ଡା, ଶକ୍ତି ଶଙ୍କର ପଟ୍ଟନାୟକ, ନବକିଶୋର ମହାରଣା, ଗଗନ ବିଶ୍ୱାଳ, ପ୍ରଭାତ ଦାସ, ବିଷ୍ଣୁ ଚରଣ ପାଣି, ଭୀମସେନ ସେଠିଙ୍କ ସହ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ବଡ଼ଚଣାରେ ଭୁଶୁଡ଼ି ପଡ଼ିଲାଣି ଶିକ୍ଷା ବ୍ୟବସ୍ଥା, ଜାଣିପାରୁନି ବିଭାଗ


ବଡ଼ଚଣା (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥା ପ୍ରତି ଅଧିକ ଗୁରୁତ୍ୱ ଦେଇ ଏହାର ବିକାଶ କରିବାକୁ ଯତ୍ନବାନ ହେଉଛନ୍ତି, କିନ୍ତୁ ବଡ଼ଚଣାରେ ଶିକ୍ଷା ବ୍ୟବସ୍ଥା ଏବେ ଭୁଶୁଡି ପଡ଼ିଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ବଡ଼ଚଣା ବ୍ଲକରେ ୨୭୩ଟ ପ୍ରାଥମିକ ବିଦ୍ୟାଳୟ ୬୩ଟି ହାଇସ୍କୁଲ ରହିଛି। ଏଠାରେ ଏକ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ରହିଛି। କିନ୍ତୁ ବହୁଦିନ ଧରି ଏହି କାର୍ଯ୍ୟାଳୟରେ ଅନେକ ପଦବୀ ଫାଙ୍କା ପଡ଼ିଛି। କିନ୍ତୁ ଏହି ପଦବୀ ପୂରଣ କରିବାରେ ରାଜ୍ୟ ଶିକ୍ଷା ବିଭାଗ କାହିଁକି ରାଜି ହେଉନାହିଁ, ଏହାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଠାରେ ଆବଶ୍ୟକ ଥିବା ୩ଟି ଅତିରିକ୍ତ ଶିକ୍ଷାଧିକାରୀ ପଦବୀରୁ ଅଛନ୍ତି ମାତ୍ର ଦୁଇଜଣ ଏବଂ ଜଣେ ବରିଷ୍ଠ କିରାଣି ପଦବୀ ଫାଙ୍କା ପଡ଼ିଛି। ଏପରିକି ଅନେକ କର୍ମଚାରୀ ପଦ ଫାଙ୍କା ପଡ଼ିଛି ଯାହାଫଳରେ ଏଠାରେ କୌଣସି କାର୍ଯ୍ୟ ସଠିକ ଭାବେ ହୋଇପାରୁନାହିଁ। ସେହିପରି ଏଠାରେ ଦୁଇଜଣ ଅତିରିକ୍ତ ଶିକ୍ଷାଧିକାରୀ ଥିବାବେଳେ ସେମାନେ ଅନେକ ସମୟରେ କୌଣସି ସ୍କୁଲକୁ ଯାଉନାହାନ୍ତି। ସେହିପରି ଯଦି ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀମାନେ ଦୈନିକ ବିଭିନ୍ନ ସ୍କୁଲକୁ ଯାଆନ୍ତେ ତେବେ ହୁଏତ କେତେକ ସ୍କୁଲର ଶିକ୍ଷକମାନେ ଭୟ କରନ୍ତେ। କିନ୍ତୁ ଏଠାରେ ନିୟୋଜିତ ଦୁଇଜଣ ଏବିଓ ସ୍କୁଲ ପରିଦର୍ଶନ କରୁ ନଥିବାରୁ ଶିକ୍ଷା କ୍ଷେତ୍ରରେ ସୃଷ୍ଟି ହେଉଥିବା ସମସ୍ୟା ନିଶ୍ଚିତ ଦୂର ହୋଇପାରନ୍ତା। ଏବେ ଏହି ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟରେ ପୂର୍ବରୁ ନିୟୋଜିତ ଥିବା ଶିକ୍ଷାଧିକାରୀ ସ୍କୁଲ ସମୟରେ କୌଣସି ଶିକ୍ଷକ ବିଇଓ କାର୍ଯ୍ୟାଳୟକୁ ଆସିବାକୁ ଅନୁମତି ଦେଉ ନଥିଲେ, କିନ୍ତୁ ଯଦି ସେପରି କିଛି ଜରୁରି କାମ ଥାଏ ତେବେ ସମ୍ପୃକ୍ତ ସିଆର୍‌ସିସିଙ୍କ ଜରିଆରେ ଉକ୍ତ କାମ କରିବାର ସୁଯୋଗ ଦେଉଥିଲେ। ଏହାଦ୍ୱାରା ବିଦ୍ୟାଳୟରେ ଶିକ୍ଷକମାନେ ପାଠ ପଢ଼ାଇବାକୁ ସୁଯୋଗ ପାଉଥିଲେ। ଅପରପକ୍ଷରେ ବିଇଓ କାର୍ଯ୍ୟାଳୟ ଅଧୀନରେ ମୋଟ ୧୬ଟି ସିଆର୍‌ସିସି କ୍ଲଷ୍ଟର ରହିଛି ଏଠାରେ ମଧ୍ୟ ୧୬ଜଣ ସିଆରସିସିଙ୍କୁ ନିଯୁକ୍ତି ଦିଆଯାଇଛି। ଏପରିକି ସମସ୍ତ ସିଆରସିସିଙ୍କ ପାଇଁ ସେମାନଙ୍କ କାର୍ଯ୍ୟାଳୟ ପାଇଁ କମ୍ପ୍ୟୁଟର ସହିତ ଜେରକ୍ସ ମେସିନ ଏବଂ ଆବଶ୍ୟକ ଉପକରଣ ଯୋଗାଇ ଦିଆଯାଇଛି। କିନ୍ତୁ ଏ ସମସ୍ତ ସରକାରୀ ସାମଗ୍ରୀ ଏବେ କେଉଁଠି ତାହା ବିଇଓଙ୍କ ପାଖରେ ଖବର ଅଛି ତ ବୋଲି ଏଠାରେ ଆଲୋଚନା ହେଉଛି । ଶିକ୍ଷା ବିଭାଗର ଏପରି ମନୋବୃତ୍ତି ନେଇ କୌଣସି ସ୍କୁଲକୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଠିକ୍ ସମୟରେ ଯାଉ ନଥିବା କୁହାଯାଉଛି। ତେବେ ଏଥିପ୍ରତି ଜିଲ୍ଲା ଶିକ୍ଷା ବିଭାଗ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ରାଶିଫଳ


ଶୁକ୍ରବାର, ୧୨ ସେପ୍ଟେମ୍ବର ୨୦୨୫



**ମେଷ:** ଏହି ରାଶିର ଲୋକମାନେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ବନ୍ଧୁ ଏବଂ ସମ୍ପର୍କୀୟଙ୍କ ସାହାଯ୍ୟ ନେବେ । ଆଜି ଅତିଥିମାନେ ଆପଣଙ୍କ ଘରେ ପହଞ୍ଚିବେ, ଯାହା ଘରକୁ ଚଳଚଞ୍ଚଳ କରିବ । ଆଜି କୈଣସି ପ୍ରକାରର ବିତର୍କକୁ ଉତ୍ସାହିତ କରନ୍ତୁ ନାହିଁ । ଚାକିରି କ୍ଷେତ୍ରରେ ଆପଣଙ୍କର ପ୍ରଭାବ ବୃଦ୍ଧି ପାଇବ ।




**ବୃଷ:** ଏହି ରାଶିର ଲୋକଙ୍କୁ ସେମାନଙ୍କର ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖିବାକୁ ପଡିବ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ନିଷ୍ପତ୍ତି ନେବା ପୂର୍ବରୁ, ଦୟାକରି ଧ୍ୟାନ ଦିଅନ୍ତୁ । ଘନିଷ୍ଠ ସମ୍ପର୍କୀୟଙ୍କ ସହିତ ସାକ୍ଷାତ ହୋଇପାରେ । ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ଆୟ ସ୍ୱାଭାବିକ ହେବ। ଚାକିରି କ୍ଷେତ୍ରରେ କିଛି ଟେନସନ ହୋଇପାରେ ।



**ମିଥୁନ:** ଏହି ରାଶିର ଲୋକଙ୍କ ପାଇଁ ସ୍ଥାୟୀ ଧନ ବୃଦ୍ଧି ହେବାର ସମ୍ଭାବନା ଅଛି । ବ୍ୟବସାୟୀମାନେ ଏକ ଲାଭ ଜନକ ଡିଲ୍ କରି ପାରିବେ । ଆପଣ ସାଙ୍ଗମାନଙ୍କ ସହିତ ଭ୍ରମଣ କରିବାକୁ ଯୋଜନା କରିପାରିବେ । ନିଯୁକ୍ତି ପ୍ରୟାସ ସଫଳ ହେବ ।




**କର୍କଟ:** ଏହି ରାଶିର ବ୍ୟକ୍ତିମାନେ ଆଜି ମିଶ୍ରିତ ଫଳାଫଳ ପାଇବେ। ଆପଣ ଆପଣଙ୍କର ବ୍ୟବସାୟରେ କିଛି ପରିବର୍ତ୍ତନ କରିବାକୁ ଚେଷ୍ଟା କରି ପାରିବେ । ଅଧସ୍ତନ କର୍ମଚାରୀମାନେ ଆପଣଙ୍କୁ ଚାକିରି କ୍ଷେତ୍ରରେ ସମର୍ଥନ କରିବେ । ପାରିବାରିକ ପରିବେଶ ଖୁସି ହେବ। ପ୍ରେମ ସମ୍ପର୍କ ମଜବୁତ ହେବ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଉପହାର ପାଇବା ସମ୍ଭାବନା ଅଛି।




**ସିଂହ:** ଏହି ରାଶିର ଲୋକଙ୍କ ପାଇଁ ଆଜି ଏକ ଭଲ ଦିନ ହେବ । ଆପଣ ବ୍ୟବସାୟରେ ଲାଭ ପାଇପାରିବେ । ଚାକିରି କ୍ଷେତ୍ରରେ ପରିସ୍ଥିତି ଆପଣଙ୍କ ସପକ୍ଷରେ ରହିବ । ଆପଣ ଧାର୍ମିକ କାର୍ଯ୍ୟ କଳାପରେ ଅଧିକ ଆଗ୍ରହୀ ହେବେ । ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ ।




**କନ୍ୟା:** ଏହି ରାଶିର ଲୋକମାନେ ସେମାନଙ୍କର ନୂତନ ଯୋଜନା ପୂରଣ କରିବାରେ ସଫଳ ହେବେ। ଆପଣ କଠିନ ପରିଶ୍ରମର ତୁରନ୍ତ ଲାଭ ପାଇବ ନାହିଁ। କର୍ମ କ୍ଷେତ୍ରରେ ଉନ୍ନତି ହେବାର ଆଶା କରା ଯାଉଛି। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । ସାମାଜିକ କ୍ଷେତ୍ରରେ ସମ୍ମାନ ହାସଲ କରାଯିବ । ବ୍ୟବସାୟରେ ମନ ଅନୁଯାୟୀ, ଆପଣ ଲାଭ ପାଇପାରିବେ।



**ତୁଳା:** ଲୋକମାନେ ଆଜି ନିଜ ପରିବାର ସଦସ୍ୟଙ୍କ ସହ ପିକନିକ୍ କାର୍ଯ୍ୟକ୍ରମ କରିପାରିବେ। ପିଲାମାନଙ୍କ ତରଫରୁ ଅସୁବିଧା ସମାପ୍ତ ହେବ। ବିବାହିତ ଜୀବନ ଭଲ ହେବ । ଜୀବନସାଥୀ ଆପଣଙ୍କର ଭାବନା ବୁଝିବେ । କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସଫଳତାର ସମ୍ଭାବନା ଅଛି ।



**ବିଛା:** ଏହି ରାଶି ଲୋକମାନେ ଏଥିର କିଛି ଭାବିବେ ନାହିଁ । ଆପଣ ଆପଣଙ୍କର କ୍ରୋଧ ଏବଂ ଉତ୍ସାହକୁ ନିୟନ୍ତ୍ରଣ କରନ୍ତୁ। ମୂଲ୍ୟବାନ ଜିନିଷଗୁଡିକ ସଂରକ୍ଷିତ ହେବା ଆବଶ୍ୟକ ଅନ୍ୟଥା ନିଖୋଜ ହେବାର ସମ୍ଭାବନା ଅଛି । ଆପଣ ଉତ୍ସାହର ସହିତ କିଛି କରିବା ଉଚିତ୍ ନୁହେଁ । ଗାଡି ଚଳାଇବା ସମୟରେ ସତର୍କ ରହିବାକୁ ପଡିବ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ।



**ଧନୁ:** ଏହି ରାଶିର ଲୋକମାନେ ଏକ ଲାଭଜନକ ଯାତ୍ରା କରିପାରିବେ । ଆପଣଙ୍କର ବ୍ୟବସାୟ ଭଲ କରିବ । ଚାକିରି କ୍ଷେତ୍ରରେ ବଡ ଅଧିକାରୀମାନେ ଆପଣଙ୍କ ସହିତ ଖୁସି ହେବେ। ଋଣ ଦିଆଯାଇଥିବା ଟଙ୍କା ଫେରସ୍ତ କରାଯାଇ ପାରିବ । ଆୟ ବୃଦ୍ଧି ପାଇବ। ପିତାମାତାଙ୍କର ସମ୍ପୂର୍ଣ୍ଣ ସମର୍ଥନ ରହିବ। ପରିବାରକୁ ନେଇ ଚିନ୍ତିତ ହେବେ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମିଳିପାରିବ।



**ମକର:** ଏହି ରାଶିର ଲୋକମାନେ ଆଜି ଭଲ ଦିନ ପାଇବେ । ବେକାରୀ ହଟାଇବାକୁ ଚେଷ୍ଟା ସଫଳ ହୋଇପାରେ । ଆପଣ କିଛି କାର୍ଯ୍ୟରେ ସଫଳତା ପାଇବେ, ଯାହା ଆପଣଙ୍କୁ ଖୁସି କରିବ। ଆପଣ ପୂର୍ଣ୍ଣ ଭାଗ୍ୟ ପାଇବେ । ଆପଣ ସାଙ୍ଗମାନଙ୍କଠାରୁ ଉପହାର ପାଇପାରିବେ । ଯେଉଁମାନେ ଷ୍ଟକ୍ ମାର୍କେଟ୍ ସହିତ ସଂଯୁକ୍ତ, ସେମାନେ ଆବଶ୍ୟକୀୟ ଲାଭ ପାଇବା ସମ୍ଭାବନା ।



**କୁମ୍ଭ:** କୁମ୍ଭ ଲୋକମାନେ ନିଜ ଘରେ ସେମାନଙ୍କର ନିକଟ ସମ୍ପର୍କୀୟଙ୍କୁ ଭେଟିବାକୁ ଯାଇପାରନ୍ତି । ହଠାତ୍ ଟେଲି ଯୋଗାଯୋଗ ମାଧ୍ୟମରେ ଭଲ ଖବର ପାଇବାର ସମ୍ଭାବନା ଅଛି । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ନୂତନ ଲୋକମାନେ ପରିଚିତ ହୋଇପାରିବେ । ଆପଣ ଆପଣଙ୍କର ଶତ୍ରୁମାନଙ୍କୁ ପରାସ୍ତ କରିବେ । ଲାଭ ପାଇଁ ସୁଯୋଗ ହାତକୁ ଯାଇପାରେ ।



**ମୀନ:** କୌଣସି ବ୍ୟସ୍ତତା କାର୍ଯ୍ୟହେତୁ ବହୁତ ବିବ୍ରତ ହେବେ। ଗାଡି ଚଳାଇବା ସମୟରେ ବେପରୁଆ ହୁଅନ୍ତୁ ନାହିଁ । ଅନାବଶ୍ୟକ ନିୟନ୍ତ୍ରଣକୁ ରଖିବାକୁ ହେବ, ନଚେତ ଆର୍ଥିକ ସମସ୍ୟା ବୃଦ୍ଧି ପାଇପାରେ। ଚାକିରୀ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇପାରେ। କୌଣସି ବିପଦ ପୂର୍ଣ୍ଣ କାର୍ଯ୍ୟରେ ଯୋଗ ଦିଅନ୍ତୁ ନାହିଁ। ବ୍ୟବସାୟ ଭଲ ହେବ। ଆୟ ବୃଦ୍ଧି ପାଇବ।



ପ୍ରସ୍ତୁତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ(ଭାସ୍କର ନ୍ୟୁଜ): ଉମରକୋଟ ବ୍ଲକ ଅନ୍ତର୍ଗତ ବେହେଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବେହେଡା ଜୋନାଲସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବେହେଡା, ଉମରଗାଁ, କୁର୍ଶା, ମୁଣ୍ଡୁମା ଓ କେଶରୀବେଡା ଆଞ୍ଚଳିକ ସାଧନ କେନ୍ଦ୍ରର ଚଉଦ ବର୍ଷ ରୁ କମ ଓ ସତର ବର୍ଷ ରୁ କମ ବର୍ଗର ଉଭୟ ବାଳକ ଓ ବାଳିକା ବର୍ଗର ଫୁଟବଲ, ଖୋ ଖୋ, କବାଡି, ଓ ଆଥଲେଟିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସକାଳେ ବେହେଡା ଗ୍ରାମଦେବୀ ଙ୍କ ମନ୍ଦିରରୁ ମଶାଲ ଅଣାଯିବା ପରେ ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଚନ୍ଦନ ରାୟ ଉପସ୍ଥିତ ରହି କ୍ରୀଡା ପତାକା ଉତ୍ତୋଳନ କରିଥିବା ବେଳେ,ଉମରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଇଶ୍ୱର ଚନ୍ଦ୍ର ମାଝୀ କ୍ରୀଡା ପ୍ରତିଯୋଗିତାର ଶୁଭାରମ୍ଭ ଘୋଷଣା କରିଥିଲେ। ବକୋଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ସରୋଜ କୁମାର ପାଡୀ, ୱାର୍ଡ ମେମ୍ବର ଇନ୍ଦ୍ର ଗଣ୍ଡ, ବାଲଚନ୍ଦ ଗଣ୍ଡ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମୋତିରାମ ନାୟକ, ବିଷ୍ଣୁ ପ୍ରସାଦ ସାହୁ ପ୍ରମୁଖ ଆସନ ଅଳଙ୍କୃତ କରିଥିବା ବେଳେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ବିଧାନ ବିଶ୍ୱାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ କୋଲିନ ଦାସ, ଦଶମୁ ଗଣ୍ଡ, ମିଲି ହାଲଦାର, ଅନିଲ ବେହେରା ଓ ନିବେଦିତା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷକ ସଞ୍ଜୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପରିଚାଳନା କରିଥିଲେ। ଏଥିରେ ସଫଳତା ହାସଲ କରିଥିବା କୃତୀ ଖେଳାଳିମାନେ ଆଗାମୀ ଦିନରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ।

# ଆସୁଛି ଦଶହରା, ଖାଲଖମା ରାସ୍ତା ପାଇଁ ବଢୁଛି ଦୁର୍ଘଟଣାର ଭୟ

ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ଗଣେଶ ପୂଜାରୁ ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ଆଗକୁ ରହିଛି ଦଶହରା ଓ ଦୀପାବଳି। ହେଲେ ପାର୍ବଣ ସମୟରେ ବ୍ରଜରାଜନଗର ସହରର ବିଭିନ୍ନ ରାସ୍ତାଘାଟରେ ଖାଲ ଖମା ବୃଦ୍ଧି ପାଉଥିବାରୁ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତା ଗୁଡ଼ିକର ଅନେକ ସ୍ଥାନରେ ଖାଲ ଖମା ଓ ପିଚୁ ବାହାରି ଯାଇ ଛୋଟ ଛୋଟ ମେଟାଲ ରାସ୍ତା ଉପରେ ବିଛାଡ଼ି ହୋଇପଡ଼ିଛି। ଫଳରେ ଲୋକଙ୍କୁ ଗାଡ଼ି ଚଳାଇବା କଷ୍ଟକର ହୋଇ ପଡ଼ିଥିବାରୁ ଜନ ଅସନ୍ତୋଷ ତେଜିବାରେ ଲାଗିଛି। ଗାନ୍ଧିଛକ-ବ୍ରଜରାଜନଗର ଓ ଗାନ୍ଧିଛକ-ରାଜପୁର ରାସ୍ତାରେ ଅହରହ ଗାଡ଼ିଚଳାଚଳ ଯୋଗୁଁ ଏହା ଅତ୍ୟନ୍ତ ବ୍ୟସ୍ତ ବହୁଳ ରାସ୍ତାରେ



ପରିଣତ ହୋଇଛି। ତେବେ ଗାନ୍ଧିଛକ-ବ୍ରଜରାଜନଗର ମୁଖ୍ୟ ରାସ୍ତାର ଗାନ୍ଧିଛକ, ଜିଏମ କମ୍ପ୍ଲେକ୍ସ, ଖାଲିଆକାନୀ ଛକ, ଇଏସଆଇ ଛକ, ଟନେଲ ରୋଡ଼ରୁ ୨ ନମ୍ବର ଠାକୁର ପଡ଼ା ରାସ୍ତା, ଗାନ୍ଧିଛକ-ରାଜପୁର ରାସ୍ତା କୁସମମୁଣ୍ଡା ଠାରେ ରାସ୍ତାରୁ ପିଚୁ ପରସ୍ତ ଛାଡି ଯାଉଥିବା ବେଳେ ଖାଲ ଖମା ଗୁଡ଼ିକ ସୃଷ୍ଟି ହୋଇଛି। ବର୍ଷା ଯୋଗୁଁ ରାସ୍ତାର ଗର୍ତ୍ତ ଗୁଡ଼ିକରେ ପାଣି ଜମି ରହୁଥିବାରୁ ଗାଡ଼ି ଚକ ଖାଲରେ ପଡ଼ି ବିପଦଜନକ ପରିସ୍ଥିତି ସୃଷ୍ଟି କରିଛି। ଏହି ସବୁ ରାସ୍ତାରେ ନିର୍ବାଚିତ ଜନ ପ୍ରତିନିଧି, ନେତା, ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ କୋଇଲା ଖଣି ଅଧିକାରୀ ଯା'ଆସ କରୁଥିବା ବେଳେ ରାସ୍ତାର ଅବସ୍ଥାରେ ସୁଧାର ନଆସିବା ସ୍ଥାନୀୟ ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ କରିଛି। ପୂର୍ବରୁ ବ୍ରଜରାଜନଗର ଅଂଚଳର ରାସ୍ତାଘାଟ ଖରାପ ହେଲେ ତୁରନ୍ତ ମରାମତି କରାଯାଉଥିଲା। ହେଲେ ବର୍ତ୍ତମାନ ତାହା ହେଉନଥିବା ଲୋକେ ଅନୁଭବ କରୁଛନ୍ତି। ଅନ୍ୟପକ୍ଷରେ ଏହିସବୁ ଖାଲ ଖମା ରାସ୍ତା ଗୁଡ଼ିକ ମରାମତି କରା ନ ଗଲେ ଦଶହରା ସମୟରେ ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିବ ବୋଲି ଲୋକେ କ୍ଷୋଭର ସହିତ କହିଛନ୍ତି।

# ଓଡିଶା କନଷ୍ଟ୍ରକସନ ୱାର୍କର୍ସ ୟୁନିଅନ୍‌ର ୩ୟ ଜିଲ୍ଲା ସମ୍ମିଳନୀ

ରାଉରକେଲା(ଭାସ୍କର ନ୍ୟୁଜ୍): ଓଡିଶା କନଷ୍ଟକସନ ୱାର୍କର୍ସ ୟୁନିୟନର ୩ୟ ଜିଲ୍ଲା ସମ୍ମିଳନୀ ସେକ୍ଟର-୧୬ ସ୍ଥିତ ଶ୍ରମିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଓଡିଶା କନଷ୍ଟ୍ରକସନ ୱାର୍କର୍ସ ୟୁନିୟନର ରାଜ୍ୟ ସାଧାରଣ ସମ୍ପାଦକ ବିମାନ ମାଇତି ଯୋଗ ଦେଇ ସମ୍ମିଳନୀକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ । ସଙ୍ଗଠନ ର ଜିଲ୍ଲା ସଭାପତି ପ୍ରଭାତ ପଣ୍ଡା ରକ୍ତ ପତାକା ଉତ୍ତୋଳନ କରି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ । ସୁନ୍ଦରଗଡ ଜିଲ୍ଲାର ସମସ୍ତ ବ୍ଲକ୍ ରୁ ପ୍ରାୟ ୧୦୦ ଜଣ ଶ୍ରମିକ ନେତା ସମ୍ମିଳନୀରେ ପ୍ରତିନିଧି ଭାବରେ ଯୋଗ ଦେଇଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ଯଯାତୀ କେଶରୀ ସାହୁ ରାଜନୈତିକ ତଥା ସାଙ୍ଗଠନିକ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ରିପୋର୍ଟ ଉପରେ ବିଭିନ୍ନ ବ୍ଲକରୁ ୧୦ ଜଣ ସାଥି ରିପୋର୍ଟ ଉପରେ ଆଲୋଚନା କରିଥିଲେ। ସଙ୍ଗଠନ ଜିଲ୍ଲା ଉପ ସଭାପତି ସୁରେନ୍ଦ୍ର ଦାଶ ଦରଦାମ ବୃଦ୍ଧି ବିରୁଦ୍ଧରେ, ଅନ୍ୟତମ ଉପସଭାପତି ଅଜୟ ଶର୍ମା ଆଦିବାସୀ, ଦଳିତ, ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ବିରୁଦ୍ଧ ରେ, ଜିଲ୍ଲା ଯୁଗ୍ମ ସମ୍ପାଦକ ଗୌରୀ ଶଙ୍କର ପାତ୍ର ମହିଳା ମାନଙ୍କ ଉପରେ ହେଉଥିବା ନିର୍ଯାତନା ବିରୁଦ୍ଧରେ ଆନ୍ଦୋଳନ କରିବା ପାଇଁ ପ୍ରସ୍ତାବ ମାନ ଦେଇଥିଲେ। ଏହି ସମ୍ମିଳନୀକୁ ସଫଳତା କାମନା କରି ଷ୍ଟିଲ ଏମ୍ପ୍ଲଇଜ ଟ୍ରେଡ ୟୁନିୟନ ର ସାଧାରଣ ସମ୍ପାଦକ ବସନ୍ତ ନାୟକ, ଆଶା ୟୁନିୟନ ଜିଲ୍ଲା ସଭାପତି ହୃଦାନନ୍ଦ ଯାଦବ, ସିଟୁ ସମ୍ପାଦକ ଅଜିତ ଏକ୍କା, ଆରସିଡବ୍ଲ୍ୟୁ ସମ୍ପାଦକ ଲକ୍ଷ୍ମୀଧର ନାୟକ, ଆଇଏଫଜିଏଲ ରିଫ୍ରାଟୋରିଜ ଓର୍କସ ୟୁନିୟନର କାର୍ଯ୍ୟକାରୀ ସଭାପତି ଅଜିତ କୁମାର ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜିଲ୍ଲାରେ ସମସ୍ତ ବ୍ଲକ ଓ ପଞ୍ଚାୟତରେ ମନରେଗାରେ କାମ କରୁଥିବା ଶ୍ରମିକମାନଙ୍କୁ ଓ ବିଭିନ୍ନ ସ୍ଥାନରେ ନିର୍ମାଣ ଶ୍ରମିକ ଭାବରେ କାମ କରୁଥିବା ଶ୍ରମିକ ମାନଙ୍କୁ ପଞ୍ଜୀକୃତ କରି କାର୍ଡ ପ୍ରଦାନ କରିବା, ପଞ୍ଜୀକୃତ ହେଇଥିବା ନିର୍ମାଣ




ଶ୍ରମିକ ମାନଙ୍କର ପ୍ରତିବର୍ଷ ନବୀକରଣ କରିବା, ଜିଲ୍ଲା ଶ୍ରମ ଦପ୍ତରରେ ପଡ଼ିରହିଥିବା ବିଭିନ୍ନ ବେନିଫିଟକୁ ତୁରନ୍ତ ପ୍ରଦାନ କରିବା ଆଦି ଦାବିନେଇ ଓଡିଶା କନଷ୍ଟ୍ରକସନ ୱାର୍କର୍ସ ୟୁନିୟନ କାମ କରିବା ପାଇଁ ଏହି ସମ୍ମିଳନୀରେ ରଣନୀତି ପ୍ରସ୍ତୁତ କରିଛି । ଶେଷରେ ଆଗାମୀ ତିନି ବର୍ଷ ପାଇଁ ୪୦ ଜଣିଆ ଜିଲ୍ଲା କମିଟି ଗଠନ କରାଯାଇଛି, ଯେଉଁଥିରେ ୧୭ ଜଣ କର୍ମକର୍ତ୍ତା ଓ ୨୩ ଜଣ କାର୍ଯ୍ୟାକାରୀ ସଭ୍ୟ ରହିଛନ୍ତି। ଯେଉଁଥିରେ ସଭାପତି ଭାବରେ ପ୍ରଭାତ ପଣ୍ଡା, ସାଧାରଣ ସମ୍ପାଦକ ଯଯାତୀ କେଶରୀ ସାହୁ, କୋଷାଧ୍ୟକ୍ଷ ଦିବାକର ମହାରଣା, ଉପ ସଭାପତି ସୁରେନ୍ଦ୍ର ଦାଶ, ଅଜୟ ଶର୍ମା, ରମିଳା ସଏ, ସମ୍ପାଦକ ପୂର୍ଣ୍ଣ କିଶାନ, ବିଶ୍ୱଜିତ ମାଝି, ମ୍ୟାରିୟମ ତିର୍କୀ, ସନ୍ତୋଷ ବାରିକ, ହିମାଂଶୁ ବାଗ, ରାଜୀବ ବସନ୍ତରାଏ, ଯୁଗ୍ମ ସମ୍ପାଦକ ଭାବରେ ବିଶ୍ୱନାଥ ଲେଙ୍କା, ବିରାଧର ସିଂ, ମାନେଶ୍ୱର ସିଂ, ଚୈତନ୍ୟ ମଲ୍ଲିକ, ମନୋଜ ମିର୍ଦ୍ଧା ପ୍ରମୁଖ ନିର୍ବାଚନ ହୋଇଛନ୍ତି। ଶେଷରେ ଦିବାକର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ସିଙ୍ଘୋରୀକଟାକୁ ଇକୋ ଟୁରିଜିମ୍ କରିବାକୁ ଦାବି

ବଲାଙ୍ଗୀର(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ଓ ସୋନପୁର ଜିଲ୍ଲାର ସୀମାନ୍ତ ବର୍ତ୍ତୀ ଘଞ୍ଚ ଜଙ୍ଗଲ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା,ବଣ ପାହାଡଘେରା କୁଆରୀ ଜଙ୍ଗଲ, ରିଜର୍ଭ ଜଙ୍ଗଲ,ରମାଇ ସଂରକ୍ଷିତ ଜଙ୍ଗଲ,ବାରପାହାଡ ଜଙ୍ଗଲ କୁ ଲାଗିରହିଛି,ପ୍ରକୃତିର ବରଦାନ ଏହି ସିଙ୍ଘୋରୀକଟା।ଏହାର ଯତ୍ନ,ସୁରକ୍ଷା ନେଉଛନ୍ତି ଏ ଅଞ୍ଚଳର ପାଖରେ ଥିବା ଗ୍ରାମବାସୀମାନେ। ବଲାଙ୍ଗୀର ଓ ସୋନପୁର ଜିଲ୍ଲାର ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ଏଠାକୁ ପରିଦର୍ଶନ କରି ରାଜ୍ୟ ସରକାରଙ୍କୁ ସଠିକ୍ ଉପସ୍ଥାପନ କଲେ ଏକ ସମ୍ଭାବନା ସୃଷ୍ଟି ହୋଇପାରନ୍ତା ବୋଲି ଅଞ୍ଚଳର ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ବିଗତ କିଛି ବର୍ଷ ହେଲା ପର୍ଯ୍ୟଟନକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ଯେମିତିକି ଭିମଦୁଙ୍ଗୁରି, ଗାଇଖାଇ ଅନେକ ସମ୍ଭାବନା ସୃଷ୍ଟି ହୋଇ ପାରିଛି। ସିଙ୍ଘୋରିକଟାରେ ଏକ ବହୁତ୍ ବଡ଼ ଜଳାଶୟ ରହିଛି, ଯାହାକି ଗ୍ରୀଷ୍ମ ଋତୁରେ ମଧ୍ୟ ପାଣି ରହେ ଓ ତଳ ମୁଣ୍ଡର ଚାଷୀ ମାନେ ଚାଷ ମଧ୍ୟ କରିଥାନ୍ତି।ଏହି ସିଙ୍ଘୋରୀକଟା କୁ ଗ୍ରୀଷ୍ମ ଋତୁରେ ଜୀବ, ଜନ୍ତୁ ,ପଶୁ, ପକ୍ଷୀ ପାଣି ପିଇବା ପାଇଁ ଆସିଥାନ୍ତି। ଶୀତ ଋତୁରେ ଏ ଅଞ୍ଚଳର ପାଖରେ ଥିବା ଗ୍ରାମମାନଙ୍କରୁ ବଣ ଭୋଜି କରିବାପାଇଁ ଓ ଜଙ୍ଗଲର ପ୍ରକୃତିକୁ ଉପଭୋଗ କରିବାକୁ ବିଭିନ୍ନ ଆଡୁ ଲୋକମାନେ ଆସିଥାନ୍ତି।ଏହି ସ୍ଥାନରେ ଏକ ନଳକୂପ ଖୋଳାଯାଇଛି, ଯାହାକି ସ୍ୱଚ୍ଛ ପାଣି ପିଇବା ପାଇଁ ଉପଯୋଗୀ। ହାତୀ ମାନଙ୍କର ପ୍ରାଦୁର୍ଭାବ ଥିବାରୁ ଏକ ହାତୀ ନିରୀକ୍ଷଣ ଟାୱାର ତିଆରି କରାଯାଇଛି। ତା ସହିତ ଏକ ମାଛ ଜଗିବା ପାଇଁ ଗୃହ ତିଆରି କରାଯାଇଛି।ଏହି ସ୍ଥାନକୁ ଯିବାକୁ ହେଲେ ସମ୍ବଲପୁର ମୁଖ୍ୟ ରାସ୍ତା ରୁ ସାଲେଭଟା ରୁ ମାତ୍ର ୧୨.୫ କିଲୋମିଟର ରାସ୍ତା, ଯାହାକି ଗାଇ ଖାଇ ଡ୍ୟାମ୍ ଦେଖିକରି ମଧ୍ୟ ପାଖରେ ଥିବା ସିଙ୍ଘୋରୀକଟାକୁ ଦେଖି ପାରିବେ। ଆହୁରି ମଧ୍ୟ ପ୍ରସିଦ୍ଧ ଶିବ ପୀଠ ଯୋଗିଶର୍ଡା ଗ୍ରାମରେ ଥିବା ଶିବ ମହାପ୍ରଭୁଙ୍କ ଯୋଗେଶ୍ୱର ବାବାଙ୍କ ମନ୍ଦିର ପରିଦର୍ଶନ କରି ସାରିବା ପରେ ମାତ୍ର ୧୦ କିଲୋମିଟର ଯାଇ ବଣ ଭୋଜି କରି ପ୍ରକୃତିର ସୌନ୍ଦର୍ଯ୍ୟଭରା ସିଙ୍ଘୋରୀକଟାକୁ ଯାଇପାରିବେ। ବହୁତ୍ ବଡ଼ ସମ୍ଭାବନାକୁ ସୋନପୁର ର ବିଧାୟକ ଓ ଲୋଇସିଂହା ବିଧାୟକ ତଥା ସାଂସଦ ଙ୍କୁ ଜଣାଇବାକୁ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଦାବି ହେଉଛି।ଏଭଳି ଏକ ପ୍ରାକୃତିକ ଜଙ୍ଗଲ, ପରିବେଶରେ ମନୋରମ ସମ୍ଭାବନା ସୃଷ୍ଟି କରି ଇକୋ ଟୁରିଜିମ୍ ରେ ପରିଣତ କରିବାକୁ ରାଜ୍ୟ ସରକାରକୁ ନିବେଦନ କରାଯାଉଛି।

# ସ୍ୱାଭିମାନ ଅଞ୍ଚଳରେ କ୍ରୀଡ଼ା ପ୍ରତିଯୋଗିତା

ଚିତ୍ରକୋଣ୍ଡା (ଭାସ୍କର ନ୍ୟୁଜ୍): ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦର୍ଲ୍ଲିବେଡା ଠାରେ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ପାଞ୍ଚଟି ପଞ୍ଚାୟତ ତଥା ତିନୋଟି କ୍ଲଷ୍ଟର ଯଥା - ଯୋଡ଼ାମ୍ବ, ପଣସପୁଟ ଓ ଅଣ୍ଡରାପଲ୍ଲୀର ବିଭିନ୍ନ ବିଦ୍ୟାଳୟରେ ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶ୍ରେଣୀରେ ପଢୁଥିବା ଶତାଧିକ ଛାତ୍ର/ଛାତ୍ରୀ ଭାଗ ନେଇ ନିଜ ନିଜର କ୍ରୀଡ଼ା ପ୍ରତିଭାର ପ୍ରଦର୍ଶନ କରିଥିଲେ ।ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରାୟ ୪୦ ରୁ ଊର୍ଦ୍ଧ୍ୱ ଛାତ୍ର/ଛାତ୍ରୀ ବ୍ଲକ



ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ଦୁଇଜଣ ଖେଳ ଶିକ୍ଷକ, ତେଜଦାସ ପଙ୍କା ଓ ରାଜକିଶୋର ତ୍ରିପାଠୀ ପରିଚାଳନା କରିଥିଲେ । ଦର୍ଲ୍ଲିବେଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବାବୁଲି ଦିଶାରୀ ,ଶିକ୍ଷକ ଅରୁଣ ସାହୁ ସମସ୍ତଙ୍କ ପାଇଁ ଖାଦ୍ୟପେୟ, ପାନୀୟ ମଞ୍ଚସଜା,ସାଉଣ୍ଡ ସିଷ୍ଟମ ଏବଂ ଅତିଥି ଅଭ୍ୟର୍ଥନାର ବ୍ୟବସ୍ଥା କରିଥିବା ବେଳେ ଯୋଡ଼ାମ୍ବ ସାଧନ କର୍ମୀ ବାଲାଜି ସେଠୀ କାର୍ଯ୍ୟକ୍ରମର ତଦାରଖ କରିଥିଲେ ।

# ହଜିଛି ଫାଇଲ୍, ହୋଇପାରୁନି ବିଲ୍

ଖଡ଼ିଆଳ (ଭାସ୍କର ନ୍ୟୁଜ୍):ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ପକ୍ଷରୁ ଅୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଗତ ୧୧ ଏପ୍ରିଲ ୨୦୨୫ ରେ ବ୍ଲକର ତୁକଲା, ଡୁଆଝର ଓ ଲାଞ୍ଜି ଠାରେ ଅନୁଷ୍ଠିତ ହୋଇଥିଲା। ଏହି ଆୟୁଷ୍ମାନ କାର୍ଡ ବଣ୍ଟନ ଗୋଟିଏ କାର୍ଯ୍ୟକ୍ରମ ପାଇଁ ବ୍ଲକରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକଙ୍କ ପାଇଁ ପାଞ୍ଚ ହଜାର ଟଙ୍କା ମଞ୍ଜୁର ହୋଇଥିବା ବେଳେ ବ୍ଲକର ତିନୋଟି ସ୍ଥାନରେ କାର୍ଯ୍ୟକ୍ରମ ହୋଇ ପନ୍ଦର ହଜାର ଟଙ୍କା ମଞ୍ଜୁର ହୋଇଥିବା ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସୂଚନା ଦେଇଥିଲେ। ବ୍ଲକ୍ ପ୍ରଶାସନର ସୂଚନା ପରେ ବିଡ଼ିଓ ନରସିଂହ ଗାଦବାଙ୍କ ସହିତ ଯୋଗାଯୋଗ କରି ବିଡ଼ିଓଙ୍କ ଆଦେଶରେ ସମସ୍ତ କାଗଜାତ ବିଭାଗୀୟ କର୍ମଚାରୀଙ୍କୁ ସାମ୍ବାଦିକ ସନ୍ତୋଷ ଦଣ୍ଡସେନା ଓ ଯୋଗେଶ୍ୱର ସଗରିଆ ପ୍ରଦାନ କରିଥିଲେ। ସେତେବେଳେ ଅମଲା ସଂଘର ଧାରଣା ଚାଲିଥିବାରୁ ଧାରଣା ଶେଷ ପରେ ବିଭାଗୀୟ କର୍ମଚାରୀ ପାର୍ଥ ସାରଥୀ ମୁଣ୍ଡାଙ୍କୁ ଯୋଗାଯୋଗ କରିବାରୁ ଆପଣଙ୍କ ଫାଇଲ ମିଳୁନାହିଁ ତେଣୁ ବିଲ ମଞ୍ଜୁର ହୋଇପାରୁନାହିଁ ବୋଲି ରୋକଠୋକ କହି ଦେଇଥିଲେ। ଏନେଇ ବିଡ଼ିଓ ଶ୍ରୀ ଗାଦବାଙ୍କୁ ଅବଗତ କରିବାରୁ ବିଡ଼ିଓ ଜିପିଓ ଯଦୁମଣି ନାୟକଙ୍କୁ ଡାକି ସାମ୍ବାଦିକମାନଙ୍କ ଫାଇଲ ଖୋଜି ତୁରନ୍ତ ସେମାନଙ୍କ ସମସ୍ୟାର ସମାଧାନ କରିବାକୁ କହିଥିଲେ। ହେଲେ ଜିପିଓ ଶ୍ରୀ ନାୟକ ବିଡ଼ିଓଙ୍କ ସମ୍ମୁଖରେ ଫାଇଲ ଅଛି ବୋଲି ସ୍ୱୀକାର କରିଥିବା ବେଳେ ପୁଣି ସାମ୍ବାଦିକ ମାନେ ଯାଇ ପଚାରିବା ପରେ ତୁମର ଫାଇଲ ଆମ ପାଖରେ ନାହିଁ ହଜି ଯାଇଛି ବୋଲି ରୋକଠୋକ କହି ଦେଇଥିଲେ। ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟକ୍ରମ ଶେଷ ହେବାର ପନ୍ଦର ଦିନ ମଧ୍ୟରେ ବିଲ କରିବାର ନିୟମ ଥିବାବେଳେ ବ୍ଲକ ପ୍ରଶାସନର ଦୁର୍ବଳତା ଯୋଗୁଁ ପାଞ୍ଚ ମାସ ହେଲା ବିଲ ହୋଇ ପାରିନାହିଁ। ପୁଣି ଫାଇଲ ହଜି ଯାଇଛି। ଏଥିରୁ ସହଜେ ଅନୁମେୟ ଯେ ଯଦି ବ୍ଲକ ଅଫିସରେ ଫାଇଲ ସୁରକ୍ଷିତ ନାହିଁ ତେବେ ବ୍ଲକର କାର୍ଯ୍ୟ ଶୈଳୀ କିପରି ଚାଲିଥିବ ବୋଲି ପ୍ରଶ୍ନ ଉଠୁଛି। ବ୍ଲକରୁ ଯଦି ଫାଇଲ ହଜୁଛି ତେବେ ବହୁ ଦୁର୍ନୀତି ମୂଳକ କାର୍ଯ୍ୟ କରି ଫାଇଲ ହଜାଇ ସବୁ ରଫା ଦଫା କରିଦେଉଥିବା ଚର୍ଚ୍ଚା ହେଉଛି। ଏନେଇ ବିଡ଼ିଓ ଶ୍ରୀ ଗାଦବାଙ୍କୁ ଅବଗତ କରିବାରୁ ଫାଇଲ ହଜିନଥିବ କେଉଁଠାରେ ରହି ଯାଇଥିବା ବୋଲି ପ୍ରକାଶ କରିଥିଲେ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବା ସହିତ ବ୍ଲକର ଦାୟିତ୍ୱ ହୀନ କର୍ମଚାରୀଙ୍କ ଯୋଗୁଁ ଫାଇଲ ହଜୁଥିବାରୁ ଅୟୁଷ୍ମାନ କାର୍ଡ ବଣ୍ଟନର ଫାଇଲ ହଜିଥିବା କୁହାଯାଉଛି। ପୂର୍ବରୁ କେତେଯେ ଏମିତି ଫାଇଲ ହଜାଇ ବହୁ ଦୁର୍ନୀତି ହୋଇଥିବ ତାହା କହିହେବ ନାହିଁ।

# ବର୍ଷାରେ ଧୋଇଗଲା ନିର୍ମାଣାଧୀନ ରାସ୍ତା

ବନ୍ଧୁଗାଁ (ଭାସ୍କର ନ୍ୟୁଜ୍): ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ ଗୋଟିପୁଟ ଗାଁ କୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣାଧିନ ଅବସ୍ଥାରେ ଥିବା ବେଳେ ବର୍ଷା ପାଣି ପାହାଡରୁ ଖସି ଆସି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଆଜକୁ ପ୍ରାୟ ଦୁଇ ବର୍ଷ ତଳୁ ଗୋଟିପୁଟ ଗାଁକୁ ଠିକାଦାରଙ୍କ ଦ୍ୱାରା ପାହାଡ କାଟି ରାସ୍ତା ନିର୍ମାଣ କାର୍ଯ୍ୟ କରିବା ଅଟକାଇ ରଖିଥିଲେ। ରାସ୍ତାଟି ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇ ନ ଥିଲେ ମଧ୍ୟ ମାଟି ରାସ୍ତା ଦେଇ ଗାଁ କୁ ଦୁଇଚକିଆ, ଚାରିଚକିଆ ଓ ଟ୍ରାକ୍ଟର



ଗୁଡିକ ଯାଉଥିଲା। ବର୍ଷା ଆରମ୍ଭରୁ ପାହାଡ଼ରୁ ବର୍ଷା ପାଣି ବହିଆସି ରାସ୍ତା ଧୋଇ ହୋଇ ବିରାଟ ଗର୍ତ୍ତ ହେବା ସହ ନଷ୍ଟ ହୋଇଯାଇଛି। ଯାହାଫଳରେ ଏହି ରାସ୍ତା ଦେଇ ଯାନବାହାନ ଚଳାଚଳ ବନ୍ଦ ରହିଛି। ରାସ୍ତା ନିର୍ମାଣ ଦୀର୍ଘ ଦିନ ଧରି ବନ୍ଦ ରଖିବା, ସହିତ ବର୍ଷା ପାଣି ଯିବା ସ୍ଥାନରେ ବ୍ରିଜ ନିର୍ମାଣ ନ କରି ବିଳମ୍ବ କରୁ ଥିବାରୁ ଗାଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅତି ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ କାଡ୍ରାକା ଓ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

# ରେଡ଼କ୍ରସ ସ୍ୱେଚ୍ଛାସେବୀ ଅଧିଗ୍ରହଣ କାର୍ଯ୍ୟକ୍ରମ

 କୋଷାଗୁମୁଡା (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ତରଫରୁ ନୂତନ ସ୍ୱେଚ୍ଛାସେବୀମାନଙ୍କ ଅଧିଗ୍ରହଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।




ଅନୁଷ୍ଠାନର ସମ୍ମିଳନୀକକ୍ଷ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଅମିତା ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ଅଧ୍ୟାପକ ବିବେକ କୁମାର ମହାଲିକ, ପଞ୍ଚାନନ ଦୁରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସର୍ବ ପ୍ରଥମେ ମୁଖ୍ୟ ଅତିଥି ଶ୍ରୀମତୀ ରାୟ ଉପସ୍ଥିତ ସମସ୍ତ ସ୍ୱେଚ୍ଛାସେବୀ , ଛାତ୍ର ଛାତ୍ରୀଙ୍କୁ ରେଡକ୍ରସର ଶପଥ ପାଠ କରାଇଥିଲେ । ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ତଥା ଯୁବ ରେଡ଼କ୍ରସ କାଉନସିଲର ଅଖିଳ କୁମାର ଭଟ୍ଟ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ମଞ୍ଚ ସଂଯୋଜନା କରି ରେଡକ୍ରସ ର ଲକ୍ଷ୍ୟ ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥଲେ। ମଞ୍ଚାସୀନ ଅତିଥିମାନେ ରେଡ଼କ୍ରସର ଉତ୍ପତ୍ତି, ଇତିହାସ, ଆଭିମୁଖ୍ୟ ଓ ବିଭିନ୍ନ ଜନହିତକର ସେବା ସମ୍ବନ୍ଧରେ ସ୍ୱେଚ୍ଛାସେବୀମାନଙ୍କୁ ମାର୍ଗଦର୍ଶନ କରିବା ସହିତ ଅନୁଷ୍ଠାନର ଯୁବ ରେଡ଼କ୍ରସ ବିଭାଗର ସମସ୍ତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଅନୁଷ୍ଠାନର ସିମାଞ୍ଚଳ ପଟ୍ଟନାୟକ , ଦେବକୀ ଦିଶାରି, ସସ୍ମିତା ପ୍ରଧାନ, ରାକେଶ କୁମାର ମଲ୍ଲିକ, ଈଶ୍ୱର ମାଝୀ, ଯାଦବ ପ୍ରସାଦ ମହାନ୍ତି , ଉଦୟ ଚନ୍ଦ୍ର ନାୟକ, ଶୈଳବାଳା ରାଉତଙ୍କ ସହ ସମସ୍ତ ଅଧ୍ୟାପକ କର୍ମଚାରୀ ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀ ଯୋଗ ଦେଇ ଥିଲେ।

# ବିଦ୍ୟାଳୟସ୍ତରୀୟ କ୍ରୀଡା ଚମ୍ପିଆନ୍‌ସିପ୍ ପ୍ରତିଯୋଗିତା ଚୟନ ଉଦ୍‌ଘାଟିତ



କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲାର ବିଦ୍ୟାଳୟ ସ୍ତରୀୟ ଦୁଇଦିନିଆ ବିଭିନ୍ନ କ୍ରୀଡା ଚମ୍ପିଆନସିପ ଚୟନ ପ୍ରତିଯୋଗିତା କନ୍ଧମାଳ ଷ୍ଟାଡିୟମରେ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଯୋଗଦେଇ ଜଗତରନାଥ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଅନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଡ଼ିଏସଓ ସମୀର କୁମାର ନାୟକ, ବିଇଓ ବିନୋଦ ବିହାରୀ ନାୟକ,ବିଇଓ ରଞ୍ଜନ କୁମାର କଂହର, ନିରୀକ୍ଷକ ଅବସରପ୍ରାପ୍ତ ଖେଳ ଶିକ୍ଷକ ଅଭିରାମ ମହାନ୍ତି, ସଂଗଠନ ସମ୍ପାଦକ ସଞ୍ଜୟ କୁମାର ପାତ୍ର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ, ଏଯେଓ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପାୟଲ ପଟ୍ଟନାୟକ, ଦେବାଶିଷ ପ୍ରିୟଦର୍ଶନ ସାହୁ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ସିମାଞ୍ଚଳ ସ୍ୱାଇଁ ଉପସ୍ଥିତ ଥିବା ବେଳେ ଏହି କାର୍ଯ୍ୟକ୍ରମର ସଭାପତି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ସମସ୍ତ ଦାୟିତ୍ୱ ତୁଲାଇଥିଲେ । ଏହି ବିଦ୍ୟାଳୟ ସ୍ତରୀୟ ଦୁଇଦିନିଆ ବିଭିନ୍ନ କ୍ରୀଡା ଚମ୍ପିଆନସିପ ଚୟନ ପ୍ରତିଯୋଗିତା ଯଥା-ଫୁଟବଲ, ଭଲିବଲ, ହ୍ୟାଣ୍ଡବଲ, ବ୍ୟାଡମିଣ୍ଟନ ଏବଂ ଯୋଗ ଚୟନ କରାଯିବା ପାଇଁ ଜିଲ୍ଲାର ୧୨ଟି ବ୍ଲକରୁ ଅନ୍ୟୁନ ଆଠଶହରୁ ଊର୍ଦ୍ଧ୍ୱ କ୍ରୀଡା ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଫୁଲବାଣୀ ବିଧାୟକ କହିଥିଲେ ଯେ କ୍ରୀଡା ଦ୍ୱାରା ଜିଲ୍ଲାର ଉନ୍ନତି ହେବା ସହିତ ଗ୍ରାମାଞ୍ଚଳରୁ ଉତ୍ତମ କ୍ରୀଡା ଛାତ୍ରଛାତ୍ରୀଙ୍କ ଖେଳ ମନୋଭାବକୁ ଉତ୍ସାହିତ କରିବାରେ ପ୍ରେରଣା ଯୋଗାଇବ ଓ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ସମସ୍ତଖେଳ ସୁବିଧା ବିଷୟରେ ଅବଗତ ହୋଇ ଆଗକୁ ବଢ଼ିବାରେ ତାଙ୍କୁ ସହାୟକ ହେବ । ଏଣୁ ସମସ୍ତେ ଖେଳାଳି ମନୋଭାବ ନେଇ ଖେଳନ୍ତୁ ବୋଲି ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକମାନେ ଯୋଗ ଦେଇ ଆଜିର କ୍ରୀଡାକୁ ଆଗେଇ ନେଇଥିଲେ । ନିଜ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଖେଳ ପ୍ରଦର୍ଶନକୁ ଗୁରୁତ୍ୱ ଦେଇଥିଲେ।

# ୮୧୦ କେଜି ଗଞ୍ଜେଇ ଜବତ, ଚାଳକ ଗିରଫ

କୋରାପୁଟ(ଭାସ୍କର ନ୍ୟୁଜ୍):କୋରାପୁଟ ଜିଲ୍ଲା ପାଡୁଆ ଥାନା ପୋଲିସ ୮୧୦ କିଲୋ ଗଞ୍ଜେଇ ଜବତ କରିଛି । ପାଡୁଆ ନିକଟସ୍ଥ ବଡ଼ଦେବତା ଛକରୁ ଏକ ଟ୍ରକ୍‌ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ପୋଲିସ ହାତରେ ଧରାପଡିଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାଯାଇଛି । ଟ୍ରକ୍ ଡ୍ରାଇଭରକୁ ଗିରଫ କରିଛି ପୋଲିସ । ସୂଚନା ଅନୁଯାୟୀ, ନନ୍ଦପୁର ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ପାଡୁଆ ଥାନା ଅଧିକାରୀ ଅଶୋକ ବିଶୋଇଙ୍କ ନେତୃତ୍ୱରେ ଏସ୍‌ଆଇ ହିମାଂଶୁ ବେନିଆ ଟିମ୍ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଆନ୍ଧ୍ରର ମୁଚିମପୁଟ ଅଞ୍ଚଳରୁ ପାଡୁଆ ଅଞ୍ଚଳ ଦେଇ ହାଇଦ୍ରାବାଦକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ପାଟ୍ରୋଲି ଟିମ୍ ଖବର ପାଇଥିଲେ । ପରେ ଗଞ୍ଜେଇ ଜବତ କରିବା ପାଇଁ ପୋଲିସ ଟିମ୍ ବଡ଼ ବଡ଼ଦେବତା ଛକରେ ଜଗି ରହିଲେ । ଅପରାହ୍ନ ପ୍ରାୟ ୨ଟାରେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ (ଏପି ୨୯ଟିଏ ୫୯୫୯)କୁ ପୋଲିସ ଟିମ୍ ଅଟକାଇଥିଲେ। କିନ୍ତୁ ପୋଲିସକୁ ଦେଖି ଡ୍ରାଇଭର ଦ୍ରୁତ ଗତିରେ ଗାଡ଼ି ଚଳାଇ ଚାଟୁଆ ପଟକୁ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲା। ପୋଲିସ କିଛି ଦୂର ପିଛା କରି ଯିବା ପରେ ଡ୍ରାଇଭର ଟ୍ରକ୍ ଛାଡ଼ି ଜଙ୍ଗଲକୁ ଆଡକୁ ଦୌଡ଼ିଥିଲା । ପୋଲିସ ଡ୍ରାଇଭରକୁ କାବୁ କରିବା ସହ ଟ୍ରକ୍ ଯାଞ୍ଚ କରିବାରୁ ସିକ୍ରେଟ ଚାମ୍ବରରେ ୪୦୫ଟି ପ୍ୟାକେଟରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା । ପରେ ପୋଲିସ ଟ୍ରକ୍ ଓ ଗଞ୍ଜେଇ ଜବତ କରିବା ସହ ଡ୍ରାଇଭର ମହାରାଷ୍ଟ୍ରର



ୱାସିମ ଜିଲ୍ଲାର ମାଲେଗାଁ ଥାନା ଅଧୀନସ୍ଥ ରିଧୋରା ଗାଁର ଗୋବର୍ଦ୍ଧନ ସମଧନ ଇଙ୍ଗଲେକୁ ଗିରଫ କରିଥିଲା । ପଚରାଉଚରା ପରେ ଏହି ଗଞ୍ଜେଇ ହାଇଦ୍ରାବାଦ ଚାଲାଣ ହେବାର ଯୋଜନା ଥିଲା ବୋଲି ଗୋବର୍ଦ୍ଧନ ପୋଲିସକୁ କହିଥିଲା। ଜବତ ଗଞ୍ଜେଇର ଓଜନ ୮୧୦ କିଲୋ ବୋଲି ପୋଲିସ କହିଛି। ଏ ନେଇ ପାଡୁଆ ପୋଲିସ ଏକ ମାମଲା ରୁଜୁ କରି ଗଞ୍ଜେଇ ଚାଲାଣରେ ଆଉ କିଏ ସଂପୃକ୍ତ ସେନେଇ ତଦନ୍ତ ଜାରି ରଖିଛି।

# ଦୁର୍ଗାପୂଜା ଓ ଦୀପାବଳି ପାଇଁ ଶାନ୍ତି ଓ ସମନ୍ୱୟ କମିଟି ବୈଠକ

ସମ୍ବଲପୁର(ଭାସ୍କର ନ୍ୟୁଜ): ଚଳିତ ବର୍ଷ ଦୁର୍ଗାପୂଜା ଓ ଦୀପାବଳି ପର୍ବ ୨୦୨୫ ପାଳନ ନିମନ୍ତେ ଶାନ୍ତିପୂର୍ଣ୍ଣ ଓ ସମନ୍ୱିତ ଉତ୍ସବ ନିଶ୍ଚିତ କରିବା ପାଇଁ ତପସ୍ୱିନୀ ପ୍ରେକ୍ଷାଳୟ ଠାରେ ଏକ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରିଙ୍କ ସମେତ ଶାନ୍ତି ଓ ସମନ୍ୱୟ କମିଟି ସଦସ୍ୟମାନେ, ଜିଲ୍ଲା ପ୍ରଶାସନ, ପୋଲିସ ବିଭାଗ, ଏବଂ ସମ୍ବଲପୁର ଅଂଚଳର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ଜିଲ୍ଲାରେ ଦୁର୍ଗାପୂଜା ଓ ଦୀପାବଳି କିପରି ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ ସେ ବିଷୟରେ ଆଲୋଚନା କରାଗଲା। ଉକ୍ତ ବୈଠକ ରେ ଆଇନ ଶୃଙ୍ଖଳା ରକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ, ଉତ୍ସବ ଦିନରେ ନିରବଚ୍ଛିନ୍ନ ଜଳ ଯୋଗାଣ ସୁନିଶ୍ଚିତ କରିବା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ବେଆଇନ ଓ ନକଲି ମଦ ବିକ୍ରି ଉପରେ ପ୍ରତିବନ୍ଧକ ଭଳି ପଦକ୍ଷେପ ନେବା, ଆଖପାଖ ଅଂଚଳରେ ଅଗ୍ନି କାଣ୍ଡ ରୋକିବା ପାଇଁ ଦ୍ରୁତାନିତ୍ୱ ପଦକ୍ଷେପ ନେବା ଆଦି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମସ୍ତ ସଂପୃକ୍ତ ଅଧିକାରୀଙ୍କୁ ନିଜ ଦାୟିତ୍ୱ ସଠିକ୍ ଭାବେ ପରିଚାଳନା କରିବାକୁ କହିଥିଲେ। ମୁଖ୍ୟତଃ ସେ, ପୂଜା ସମୟରେ ସମ୍ବଲପୁରର ଅଧିକ ଜନସମାଗମ ହେତୁ ଆଲୋକ ଓ ପରିମଳ ବ୍ୟବସ୍ଥା ସଠିକ ଭାବେ କାର୍ଯ୍ୟ କରିବା ସହିତ ସ୍ୱଚ୍ଛତା ଉପରେ ବେଶୀ ଧ୍ୟାନ ଦେବାକୁ କହିଥିଲେ। ପୂଜା ମଣ୍ଡପ ଗୁଡିକୁ ତଦାରଖ କରି କୌଣସି ଅଘଟଣର ତତ୍କାଳ ନିୟନ୍ତ୍ରଣ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ଅଗ୍ନିଶମ ବିଭାଗକୁ କହିଥିଲେ। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ଜନ ସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥାକୁ ଧ୍ୟାନ ରେ ରଖି ଅଧିକ ସାଉଣ୍ଡରେ ବାଦ୍ୟଯନ୍ତ୍ର ନ ବଜେଇବାକୁ ସମସ୍ତ ପୂଜା କମିଟିକୁ ଅନୁରୋଧ କରିଥିଲେ ଏବଂ ଏହା ସହିତ ଶାନ୍ତି ଓ ଶୃଙ୍ଖଳା ରେ ପୂଜାର ସମସ୍ତ ବିଧି ଓ ବିସର୍ଜନ କୁ ସମୟ ସୀମା ଭିତରେ ସମାପ୍ତ କରିବାକୁ କହିଥିଲେ। ଉକ୍ତ ବୈଠକରେ ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ରେହାନ ଖତ୍ରି ଶୃଙ୍ଖଳା ଏବଂ ଓଦା ଆବର୍ଜନକୁ ପାର୍ଥକ୍ୟ କରିବା ଏବଂ ପୂଜା ପେଣ୍ଡାଲରେ eco -friendly ସାମଗ୍ରୀ ବ୍ୟବହାର କରିବା ପାଇଁ ଅନୁରୋଧ କରିଥିଲେ ଏବଂ କହିଥିଲେ ଯଦି ଆମେ ସମସ୍ତେ ମିଳି ମିଶି ପୂଜା ପେଣ୍ଡାଲ ଏଂବ ସହର ଅଂଚଳ ସଫା ରଖିବା ତେବେ ଏକ ଶ୍ରଦ୍ଧାଳୁ ପରିବେଶ ସୃଷ୍ଟି ହେବ ଯାହା ଆମ ପର୍ବପର୍ବାଣିକୁ ଆହୁରି ଆଧ୍ୟାତ୍ମିକ କରିଦେବ। ଉକ୍ତ ବୈଠକରେ ରାସ୍ତା ସଫେଇ, ଷ୍ଟ୍ରିଟ୍ ଲାଇଟ୍‌ର ସ୍ଥିତି ଯାଞ୍ଚ ଓ ପୂଜା ପାଇଁ ଏହାକୁ ଠିକ୍ କରିବା, ଅସ୍ଥାୟୀ ଖାଦ୍ୟ ଷ୍ଟଲ, ହୋଟେଲ ଓ ରେଷ୍ଟୁରାଣ୍ଟରେ ଖାଦ୍ୟରେ ଅପମିଶ୍ରଣ ପାଇଁ ସତର୍କ ରହିବା, ପୂଜା ଦିନରେ ନିରବଚ୍ଛିନ୍ନ ଜଳ ଯୋଗାଣ ସୁନିଶ୍ଚିତ କରିବା ସହ ପାନୀୟ ଜଳ ନିଷ୍କାସନକୁ ସୁନିଶ୍ଚିତ କରିବା, ପର୍ବପର୍ବାଣୀ ଦିନରେ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା, ସର୍ଟ ସର୍କିଟକୁ ରୋକିବା ପାଇଁ ସର୍ବନିମ୍ନ ଅନୁମୋଦିତ ଉଚ୍ଚତା ସହିତ ବିଦ୍ୟୁତ ଯୋଗାଣ ଲାଇନ ସୁନିଶ୍ଚିତ କରିବା, ପୂଜା ମଣ୍ଡପ ନିର୍ମାଣ ସମୟରେ ରାସ୍ତାଠାରୁ ସୁରକ୍ଷା ଦୂରତା ବଜାୟ ରଖିବା ପାଇଁ ମଣ୍ଡପର ଢାଂଚା ଯାଂଚ କରିବା , ଶୋଭାଯାତ୍ରା ମାର୍ଗର ତାର ଯାଞ୍ଚ କରିବା, ବିସର୍ଜନ ସମୟରେ ଓଡ୍ରାଫ ଟିମ୍‌ର ଉପସ୍ଥିତି ଆଦି ଉପରେ ଆଲୋକପାତ କରାଗଲା ।



ଆଳି, (ଭାସ୍କର ନ୍ୟୁଜ):କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାର ସଫଳ ଆୟୋଜନ ନେଇ ଏକ ପ୍ରାକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ମୁନିସିପାଲିଟି ଟାଉନ ହଲ ଠାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡ଼ା ମାନ୍ୟବର ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ମାନ୍ୟବର ବିଧାୟକ ଦୁର୍ଗାପ୍ରସନ ନାୟକ, ମୁନିସିପାଲିଟି ଚେୟାର ମ୍ୟାନ ସରିତା ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗୀତ ସେଠୀ, ଜିଲ୍ଲାପାଳ ରଘୁରାମ ଆର ଆୟାର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କୋଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସମେତ ସମସ୍ତ ଲାଇନ ବିଭାଗୀୟ ଅଧିକାରୀ,ପୂଜା କମିଟି ଉପସ୍ଥିତ ଥିଲେ । ଆଇନ ଶୃଙ୍ଖଳା, ଅନୁମତି ପତ୍ର ପ୍ରଦାନ,ରାସ୍ତା ଘାଟ ମରାମତି,ସ୍ୱାସ୍ଥ୍ୟ ସେବା,ପରିମଳ,ଆଲୋକ ଯୋଗାଣ,ଜଳ ଯୋଗାଣ,ଅଗ୍ନିନିରାପକ ବ୍ୟବସ୍ଥା ସମେତ ଅନ୍ୟାନ୍ୟ ବିଷୟ ବସ୍ତୁ ଉପରେ ଆଲୋକପାତ ହୋଇଥିଲା । ସିଙ୍ଗଲ ଉଇଣ୍ଡ ଅନୁମତି ପତ୍ର ପ୍ରଦାନ ନିମନ୍ତେ ବ୍ୟବସ୍ଥା କରିବାକୁ ପୂଜା କମିଟି ପ୍ରସ୍ତାବ ଦେଇଛନ୍ତି । ଏହା ସହିତ ଡିଜେ ସାଉଣ୍ଡ, ଭାଇବ୍ରେଟର କୁ ସମ୍ପୂର୍ଣ ବନ୍ଦ କରାଯାଇଛି। ଭସାଣି ଦୁଇ ଦିନ ମଦ ଦୋକାନ ସମ୍ପୂର୍ଣ ବନ୍ଦ ରହିବ । ପୂଜାକୁ ସଫଳତାର ସହ ଆୟୋଜନ ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।



‘ଅପରେସନ୍ ପ୍ରହାର’

# ୭ଦିନରେ ଗଞ୍ଜେଇ ଚୋରାଚାଲାଣ ବିରୁଦ୍ଧରେ ୭୨ ମାମଲା ରୁଜୁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟକୁ ନିଶାମୁକ୍ତ କରିବା ତଥା ନିଶା କାରବାର ଉପରେ ରୋକ ଲଗାଇବା ପାଇଁ ଓଡିଶା ପୁଲିସ ତରଫରୁ ‘ଅପରେସନ୍ ପ୍ରହାର’ ଆରମ୍ଭ କରାଯାଇଛି। ଗତ ୧ ତାରିଖରୁ ୦୭ ତାରିଖ ମଧ୍ୟରେ ରାଜ୍ୟର ସମସ୍ତ ଜିଲ୍ଲା ପୋଲିସ ଏହି ଅଭିଯାନରେ ସାମିଲ ହୋଇ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛନ୍ତି। ଚଢ଼ାଉ ବେଳେ ବିପୁଳ ପରିମାଣର ଗଞ୍ଜେଇ, ବ୍ରାଉନସୁଗର, କଫ ସିରପ ଭଳି ନିଶାଦ୍ରବ୍ୟ ଚୋରା ଚାଲାଣ ଉପରେ ରୋକ ଲଗାଇବାରେ ସଫଳ ହୋଇଛି। ସମୁଦାୟ ୧୧୦ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୫୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି କ୍ରମରେ ଗତ ସପ୍ତାହକ ମଧ୍ୟରେ ଗଞ୍ଜେଇ ଚୋରା ଚାଲାଣ ବିରୁଦ୍ଧରେ ୭୨ ଟି ମାମଲା ରୁଜୁ କରାଯିବା ସହ ୪୮୦୮ କେଜି ଗଞ୍ଜେଇ ଜବତ କରାଯାଇଛି ଏବଂ ମାମଲାରେ ସମ୍ପୃକ୍ତ ଥିବା ୯୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେହିପରି ବ୍ରାଉନସୁଗର ଚୋରାଚାଲାଣ କ୍ଷେତ୍ରରେ ୨୭ ଟି ମାମଲା ରୁଜୁ କରାଯାଇ ୨୩୭୪ ଗ୍ରାମ ଜବତ ଏବଂ ୪୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ୩୦୫୨ ବୋତଲ କଫ ସିରପ ଜବତ ସହ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ୧୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହା ସହ ୧୨୯ ବିଏନଏସଏସ ଅନୁଯାୟୀ ୭୦ ଜଣ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହା ବ୍ୟତୀତ ଚୋରା ନିଶା ଦ୍ରବ୍ୟ ଚାଲାଣ ଅଭିଯୋଗରେ ସମ୍ପୃକ୍ତି ଥିବା ୩ ଟି ଦୋକାନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି।

## ମୋହନ ଭାଗବତଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱର ସବୁଠୁ ବଡ ସ୍ୱୟଂସେବକ ସଙ୍ଗଠନ ଆରଏସଏସର ପରମ ପୂଜନୀୟ ସରସଂଘଚାଳକ ଆଦରଣୀୟ ଡ.ମୋହନ ଭାଗବତଙ୍କୁ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଅର୍ପଣ କରୁଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା କରୁଛି ଯେ, ସେ ଆପଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ଦୀର୍ଘାୟୁ ଓ ଅବିରାମ ଉର୍ଜାର ଆଶୀର୍ବାଦ ପ୍ରଦାନ କରନ୍ତୁ। ଆପଣଙ୍କର ତପସ୍ୟା, ତ୍ୟାଗ ଓ ପ୍ରେରଣାଦାୟୀ ମାର୍ଗଦର୍ଶନ ଭାରତୀୟ ସମାଜରେ ଦେଶପ୍ରେମ, ସଂସ୍କାର ଓ ସଂଗଠନର ଭାବନାକୁ ଲଗାତାର ଭାବେ ପ୍ରବାହିତ କରୁ। ଆପଣଙ୍କ ଦୃଷ୍ଟିସାରଥୀ ନେତୃତ୍ୱରେ ଭାରତ ତାଙ୍କ ପ୍ରାଚୀନ ଆଦର୍ଶ, ସନାତନ ମୂଲ୍ୟବୋଧ ଓ ସାଂସ୍କୃତିକ ଗୌରବରୁ ଶକ୍ତି ସଂଗ୍ରହ କରି ପୁନଃ ସର୍ବୋଚ୍ଚ ବୈଭବର ଦିଗରେ ଅଗ୍ରସର ହେଉ।

## ବିନା ଅନୁମତିରେ ଖୋଲିଥିବା ଘରୋଇ ସ୍କୁଲ ଗୁଡ଼ିକ ଉପରେ ହେବ ଆକ୍ସନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିନା ଅନୁମତିରେ ଖୋଲିଥିବା ଘରୋଇ ସ୍କୁଲ ଗୁଡିକ ଉପରେ ହେବ ଆକ୍ସନ । ଏନେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଚିଠି କରିଛି । ଆରଟିଇ ଆକ୍ଟ ଅନୁଯାୟୀ ଯେଉଁ ଘରୋଇ ସ୍କୁଲ ବିନା ଅନୁମତିରେ ଚଳାଉଥିବା ବା ରିନ୍ୟୁଆଲ ନ କରି ଚଳାଉଥିଲେ ହେବ ବଡ କାର୍ଯ୍ୟାନୁଷ୍ଠାନ । ନିଜ ସ୍କୁଲ ବିଷୟରେ ସମସ୍ତ ତଥ୍ୟ ଜଣାଇବା ପାଇଁ ଚିଠି ହୋଇଛି । ୧୫ ତାରିଖ ସୁଦ୍ଧା ସମସ୍ତ ତଥ୍ୟ ଦେବାକୁ ନିର୍ଦ୍ଦେଶ ହୋଇଛି ।

## ଭୁବନେଶ୍ୱରରେ ନିର୍ମାଣ ହେବ ଆଦର୍ଶ ଗୋଶାଳା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରେ ନିର୍ମାଣ ହେବ ଆଦର୍ଶ ଗୋଶାଳା । ୪୦ କୋଟି ବ୍ୟୟରେ ଆଦର୍ଶ ଗୋଶାଳା ନିର୍ମାଣ କରିବେ ସରକାର । ଭୁବନେଶ୍ୱରର ବୁଲା ଗାଈ ଗୋରୁଙ୍କୁ ସେଠାରେ ରଖାଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ରାଜଧାନୀକୁ ସମ୍ପୂର୍ଣ୍ଣ ରୂପରେ ବୁଲା ଗାଈ ଗୋରୁ ମୁକ୍ତ କରାଯିବ । ଏଥିପାଇଁ ସରକାର ବଡ ଯୋଜନା କରିଛନ୍ତି । ଆଦର୍ଶ ଗୋଶାଳା ପାଇଁ ଜମି ବି ଚିହ୍ନଟ ସରିଛି । କେବଳ କ୍ଷୀର ନୁହେଁ, ଗୋମାତାଙ୍କ ଗୋବର ଏବଂ ମୁତ୍ରରୁ ବିଭିନ୍ନ ପ୍ରଡକ୍ଟ ବାହାରିବ । ସରକାର ଏ ନେଇ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ସେହିପରି ସହରାଞ୍ଚଳ ଗୁଡିକରେ ରାଜରାସ୍ତାରୁ ଗାଈଗୋରୁଙ୍କୁ ହଟାଇବା ପାଇଁ ୫ ଟି ସ୍ଥାନରେ ଗୋଶାଳା କରାଯାଉଛି ।

## ନେପାଳରୁ ଫେରିଲେ ୨୩ ଓଡ଼ିଆ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନେପାଳରେ ଉପୁଜିଥିବା ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ୨୩ଜଣ ଓଡ଼ିଆ ଯାତ୍ରୀଙ୍କୁ ନେପାଳରୁ ଉଦ୍ଧାର କରି ଭାରତକୁ ଫେରାଇ ଅଣାଯାଇଛି। ଓଡ଼ିଶାରୁ ୨୩ଜଣ ଯାତ୍ରୀ ନେପାଳ ଭ୍ରମଣରେ ଯାଇଥିଲେ ଏବଂ ସାମ୍ପ୍ରତିକ ପରିସ୍ଥିତି କାରଣରୁ ଓଡ଼ିଆ ଯାତ୍ରୀମାନେ ନେପାଳରେ ଫସି ରହିଥିଲେ। ଉକ୍ତ ଘଟଣାଟି ସାମନାକୁ ଆସିବାର ୫ ଘଣ୍ଟା ସମୟ ମଧ୍ୟରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଓଡ଼ିଶା ସରକାରଙ୍କ ନୂଆଦିଲ୍ଲୀ ସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନେପାଳ କାଠମାଣ୍ଡୁ ସ୍ଥିତ ଭାରତର ଦୂତାବାସ କାର୍ଯ୍ୟାଳୟ, ରୋମାନିଆ ପାଇଁ ରହିଥିବା ଭାରତର ରାଷ୍ଟ୍ରଦୂତ ଡ଼. ମନୋଜ କୁମାର ମହାପାତ୍ରଙ୍କ ମିଳିତ ସହଯୋଗରେ ନେପାଳରେ ଫସି ରହିଥିବା ୨୩ଜଣ ଓଡ଼ିଆ ଯାତ୍ରୀମାନଙ୍କୁ ନେପାଳରୁ ଭାରତକୁ ଫେରାଇ ଅଣାଯାଇଛି। ୨୩ଜଣ ଓଡ଼ିଆ ଯାତ୍ରୀ ହେଲେ- ଅଜୟ କୁମାର ପଣ୍ଡା, ମାମିନା ପଣ୍ଡା, ପଙ୍କଜ କୁମାର ଧଳ, ଭରତ କୁମାର ସ୍ୱାଇଁ, କାମିନୀ ସ୍ୱାଇଁ, ଶାରଦା ପ୍ରସନ୍ନ କର, ରିମା କର, ମନୋଜ କୁମାର ମିଶ୍ର, ସୁରେନ ଦଳାଇ, ବିରେନ ଦଳାଇ, ପର୍ଶୁରାମ ଦଳାଇ, ପୂର୍ଣ୍ଣଚନ୍ଦ୍ର ଦଳାଇ, ପ୍ରସନ୍ନଜିତ ଦଳାଇ, ବ୍ରଜକିଶୋର ମିଶ୍ର, ଲୋପାମୁଦ୍ରା ମିଶ୍ର, ଶ୍ରେୟାନ ସୌରଭ ମିଶ୍ର, ସନ୍ତୋଷ କୁମାର ପାଣି, ସସ୍ମିତା ପାଣି, ବାଗ୍ମୀପ୍ରିୟା ପାଣି, ପ୍ରମୋଦ କୁମାର ମିଶ୍ର, ରାଜଶ୍ରୀ ମିଶ୍ର, ବୈଷ୍ଣବ ସାହୁ ଓ ସୁରେଶ ଚନ୍ଦ୍ର ସାହୁ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 26-KUR-TRD-OT-2025-26

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ପୁରୀ ଠାରେ ଇଲେକ୍ଟ୍ରିକ୍ ଲୋକୋ ଟ୍ରିପ୍ ସେଡରେ ବୃଦ୍ଧି ସହିତ ସଂଯୁକ୍ତ OHE ପରିବର୍ତ୍ତନ କାର୍ଯ୍ୟର କାର୍ଯ୍ୟକାରିତା।

ବିଜ୍ଞାପିତ ମୂଲ୍ୟ (₹): 58,09,983.02, EMD (₹) : 1,16,200.00, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.12.09.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.09.2025 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-580/Q/25-26

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 25.08.2025, I Gajendra Mali, S/o- Kaudi Mali, Vill- Baktiguda, Po- B.M Semla, Ps- Kodinga, Dist- Nabarangpur, Odisha, declare that. I have changed my minor Daughter's name from SUSILA GOUDA to JAYALAXMI MALI. Henceforth she shall be known as JAYALAXMI MALI for all purposes.
**Sd/- Gajendra Mali**

**AFFIDAVIT**

By virtue of an affidavit sworn before the Executive Magistrate, Kodinga, dated: 11.09.2025, I Princess Nayak, Address: village- Kosagumuda, Po- Kosagumuda, Ps- Kosagumuda, Dist- Nabarangpur, Odisha, PIN-764061, declare that I have changed my name from Priti Nayak to Princess Nayak. Henceforth, I shall be known as Princess Nayak for all purposes.
**Sd/- Princess Nayak**

**AFFIDAVIT**

By virtue of an affidavit sworn before the Executive Magistrate, Gop, dated: 02.08.2025, I Kalpana Sahoo, Address: At- Banakhandi, Po- Junei, Ps- Konark, Dist- Puri, Odisha, PIN-752111, declare that I have changed my daughter's name from Tapasuni to Tapaswini Sahoo. Henceforth, She shall be known as Tapaswini Sahoo for all purposes.
**Sd/- Kalpana Sahoo**

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 10.09.2025, I Chandrasena Gouda , S/o- Chaitan Gouda , Vill- Kosagumuda, Po- Kosagumuda, Ps- Kosagumuda , Dist- Nabarangpur, Odisha, declare that. I have changed my minor SON's name from HUMESH GOUDA to UMESH GOUDA. Henceforth she shall be known as UMESH GOUDA for all purposes.
**Sd/-Chandrasena Gouda**

**NOTICE**

By virtue of an affidavit sworn before (Executive Magistrate Panposh,Rourkela ), Dated 11.09.2025 I, SHASHIKALA SETHY ,Address At- SH-68, Plot No.-129/124, Shaktinagar, Main Road Maa Tarini Temple. P.S.-sector-3, Rourkela, Dist.- Sundargarh, Odisha-769014 declare that I have changed the name of My son from ABINASH ROUT to ABINASH KUMAR SETHY. Henceforth,he shall be known as ABINASH KUMAR SETHY for all purposes.
**Sd/-SHASHIKALA SETHY**

**AFFIDAVIT**

I, Mrs Khusnaz Raheman W/o-Md.Muzammilur Rahman resident of Aradbazar, PS-sahadevkhunta, Balasore, Pin-756001,Odisha , declare by this affidavit No.7238 dtd 20/06/2025 , now onwards I shall be known as **KHOOSNAZ RAHEMAN** for all future purposes.

**AFFIDAVIT**

I, Muzammilur Rahman S/o-Mohammad Mohinuddin Ahmed resident of Aradbazar , PS - sahadevkhunta , Balasore, Pin- 756001, Odisha declare by this affidavit No.7238 dtd 20/06/2025 now onwards I shall be known as **MD. MUZAMMILUR RAHMAN** for all future purposes.

C-1054

ଓ ମ୍ୟୁନିସିପାଲ କାର୍ଯ୍ୟାଳୟ, ଜୟପୁର

**OFFICE OF THE MUNICIPAL COUNCIL: JEYPORE**

Phone No. : 06854-231098, e-Mail: ulbjeypore@gmail.com

Letter No: 4046 Date: 08.09.2025

**Quotation call notice**

Sealed quotation in plain paper / letter pad is invited from the interested registered firm/agency for Annual repair & maintenance of wealth center. The individual agency may submit the price of spare parts as including service charges. detail in Annexure-A. This will be received by the undersigned up to 11.00A.M. on dt-16 .09.2025 and will be opened at 4.00 P.M. on the same day if the last date of receipt and date of opening of quotation happens to be holiday, the next working day will be treated as last date of receipt and date of opening at the same time in presence of the quotation or their authorized agents. The authority reserves the right to accept or cancel any or all quotation without assigning any reason thereof.

Terms and Condition: -

1. The contract would normally be for a period of one year, extendable by one year at a time based upon mutual agreement.
2. The contractor will supply the original parts as per the approved rates of AMC submitted by the agency.
3. No advance payment will be made the approved contract or shall submit his bill (in triplicate) on completion of repairs.
4. Copies of valid GST registration Certificate and PAN card should also accompany the technical Bid.
5. Work should be done based on work order only.

Sd/-Executive Officer
Jeypore Municipality

OIPR 13079/11/0064/2526

**OFFICE OF THE CHIEF DISTRICT MEDICAL OFFICER & PUBLIC HEALTH OFFICER, DHENKANAL**
**ROGI KALYANI SAMITI , DHH , DHENKANAL**

Notice No. 2664 Date:10.09.2025

E-379

**(SHORT TENDER NOTICE)**

Invites Sealed tenders will be invited from firms/dealers of Odisha having valid GST registration for **Supply of Office Stationery & contingency to DHH, Dhenkanal.** The detailed terms and conditions along with list of items are available on the website www.dhenkanal.nic.in. which may be downloaded for reference. Interested parties may submit their offers in sealed covers super-scribing as "Tender for Office Stationery & Contingency to DHH Dhenkanal " through registered post/speed post/courier only, which should reach on or before 5.00 P.M. of 03/10/2025 positively. The undersigned reserves the right to reject any or all the tenders without assigning any reason thereof.

Sd/-
Chief District Medical & Public Health Officer
Dhenkanal

OIPR 10059/11/0024/2526

---

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୫ ସନ୍ଦିଗ୍ଧ...

ଆଉଜଣେ ଝାଡ଼ଖଣ୍ଡ ରାଞ୍ଚିର। ଏହି ଗୋଷ୍ଠୀର ମୁଖ୍ୟ ଆସରଫ ଦାନିସକୁ ରାଞ୍ଚିର ଏକ ଲଜ୍‌ରୁ ଗିରଫ କରାଯାଇଛି। ଦାନିସର ପ୍ରକୃତ ଘର ବୋକାରୋ ଜିଲ୍ଲା ପେଟୱାରରେ। ରାଞ୍ଚିସ୍ଥିତ ଇସଲାମନଗର ଅଞ୍ଚଳରୁ ତାକୁ ଗିରଫ କରିଥିଲେ ଦିଲ୍ଲୀର ସ୍ୱତନ୍ତ୍ର ସେଲ, ଝାଡ଼ଖଣ୍ଡ ଏଟିଏସ ଓ ରାଞ୍ଚି ପୋଲିସ। ଦାନିସ ନାମରେ ଦିଲ୍ଲୀରେ ଏକ ମାମଲା ରୁଜୁ ହୋଇଥିଲା। ଏହାକୁ ନେଇ ତାକୁ ଦୀର୍ଘଦିନ ହେବ ପୋଲିସ ଟିମ୍ ଖୋଜୁଥିଲା। ଆଇଏସଆଇଏସ ଲାଗି ସେ କାମ କରୁଥିବାର ଅଭିଯୋଗ ହୋଇଥିଲା।

### ମାଓ କମାଣ୍ଡର...

(କେକେବିଏନ୍) ପାଇଁ ମଧ୍ୟ କାମ କରୁଥିଲା। ଗରିଆବନ୍ଧ ଜିଲ୍ଲାର ମଇନପୁର ଜଙ୍ଗଲରେ ନକ୍ସଲଙ୍କ ଉପସ୍ଥିତି ନେଇ ଗୁଇନ୍ଦା ସୂଚନା ମିଳିବା ପରେ ଏସଟିଏଫ ଓ ସିଆରପିଏଫର କୋବ୍ରା କମାଣ୍ଡୋଙ୍କ ମିଳିତ ଟିମ୍ ଅପରେସନ ଆରମ୍ଭ କରିଥିଲା। ତେବେ ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିବାରୁ ସୁରକ୍ଷାକର୍ମୀ ଏହାର ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟଧରି ଏହି ଗୁଳିଚାଳନା ଚାଲୁ ରହିଥିଲା। ସୁରକ୍ଷାକର୍ମୀ ଘଟଣାସ୍ଥଳରୁ ବହୁ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ନିହତଙ୍କ ମଧ୍ୟରେ ବହୁ ବରିଷ୍ଠ ନକ୍ସଲ ନେତା ଥିବା ସୂଚନା ମିଳିଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୁରକ୍ଷାକର୍ମୀଙ୍କ ଏହି ଅପରେସନକୁ ଭୂରିଭୂରି ପ୍ରଶଂସା କରିଛନ୍ତି।

### ଅକ୍ଟୋବରରେ...

ମଧ୍ୟରେ ଉଚ୍ଚ ଆପେକ୍ଷିକ ଆର୍ଦ୍ରତା ଏବଂ ନିମ୍ନ ବାୟୁପ୍ରବାହ ତାରତମ୍ୟ ତଥା ଉଚ୍ଚ ସାମୁଦ୍ରିକ ତୁଷ୍ଟ ତାପମାତ୍ରା ସଂସ୍ପର୍ଶରେ ଆସି ଶକ୍ତିଶାଳୀ ହୋଇ ଉଠିଥାଏ। ଏହି ପରିସ୍ଥିତି ଭାରତର ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ପ୍ରବଳ ବର୍ଷା ଏବଂ ବନ୍ୟା ସହିତ ଅଧିକ ବିନାଶକାରୀ, ଶକ୍ତିଶାଳୀ, ପ୍ରଳୟଙ୍କରୀ ବାତ୍ୟା ସୃଷ୍ଟି କରିପାରେ। ଏହାର ପ୍ରଭାବ ଓଡ଼ିଶା ଉପରେ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ୧୯୯୯ର ମହାବାତ୍ୟା, ୨୦୦୯ର ଅଇଲା, ୨୦୧୮ର ତିତିଲି, ୨୦୨୧ର ଗୁଲାବ ଓ ଜବାଦ, ୨୦୨୨ର ଅସାନି, ୨୦୧୯ରେ ଫନି, ୨୦୨୦ରେ ଅମ୍ଫନ, ୨୦୨୧ରେ ୟସ ବାତ୍ୟା ଓଡ଼ିଶା ଉପରେ ଯଥେଷ୍ଟ ପ୍ରଭାବ ପକାଇଥିଲା। ଏଥିମଧ୍ୟରୁ ୧୯୯୯, ୨୦୧୮, ୨୦୨୧, ୨୦୧୯, ୨୦୨୦, ୨୦୨୨ ଏହି ସମସ୍ତ ଋତୁରେ ବଙ୍ଗୋପସାଗରେ ସୃଷ୍ଟ ବାତ୍ୟା ଓଡ଼ିଶାକୁ ପ୍ରଭାବିତ କରିଛି।

### ଟ୍ରମ୍ପଙ୍କ ଘନିଷ୍ଠ...

ମହାନ ଆମେରିକୀୟ ଦେଶଭକ୍ତ ଥିଲେ। ତାଙ୍କ ସମ୍ମାନାର୍ଥେ ଆସନ୍ତା ରବିବାର ପର୍ଯ୍ୟନ୍ତ ଆମେରିକାର ସମସ୍ତ କାର୍ଯ୍ୟାଳୟରେ ପତାକା ଅର୍ଦ୍ଧନମିତ କରି ଉଡାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ରାଜ୍ୟରେ ଅଭାବ...

ଜିଲ୍ଲା ଏବଂ ବ୍ଲକ ସ୍ତରରେ ନିୟମିତ ଭାବରେ ବେଆଇନ କାର୍ଯ୍ୟକଳାପ ଉପରେ ଯାଞ୍ଚ କରିବା, କଳାବଜାରୀ ରୋକିବା ପାଇଁ ଏନଫୋର୍ସମେଣ୍ଟକୁ ଅଧିକ କଡାକଡି କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରତ୍ୟେକ ଜିଲ୍ଲାରେ କ୍ରପ୍ ଡ୍ରାଇଭରସିଫିକେସନ ଏବଂ ଇଣ୍ଟିଗ୍ରେଟେଡ୍ ଫାର୍ମିଂ ସିଷ୍ଟମକୁ ଅଧିକ ଗୁରୁତ୍ୱ ଦେବା, ତୈଳବୀଜ ଏବଂ ଡାଲି ଜାତୀୟ ଫସଲ କରିବା ପାଇଁ ପ୍ରୋତ୍ସାହନ ଦେବାପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି । ଏଣୁ, ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ଚାଷ କାର୍ଯ୍ୟକୁ ବହୁଗୁଣିତ କରିବା ପାଇଁ ଆମର ଯେଉଁ ଲକ୍ଷ୍ୟ ଅଛି, ତାହା ସଫଳ ହୋଇ ପାରିବ । ବନ୍ୟାଞ୍ଚଳରେ କ୍ଷୟକ୍ଷତି ଆକଳନ କରି ସେଠାରେ ଚାଷୀ ମାନଙ୍କୁ ଯଥା ସୁବିଧା ଯୋଗାଇ ଦିଆ ଯାଉଛି ଏବଂ ଯେପରି ସେହି ଅଂଚଳରେ ଚାଷୀ ମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ବିଷୟରେ ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ଆଭାସୀ ମାଧ୍ୟମରେ ଯୋଡି ହୋଇଥିବା ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ସହ ମୁଖ୍ୟମନ୍ତ୍ରୀ କଥା ହୋଇ, ପ୍ରତ୍ୟେକ ଜିଲ୍ଲାରେ ସାର ବଣ୍ଟନ କାର୍ଯ୍ୟକଳାପ ବିଷୟରେ ପଚାରି ବୁଝିଥିଲେ ଏବଂ କୌଣସି ସ୍ଥାନରେ ଚାଷୀ ମାନଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ।

### ୧୨୦୦ କୋଟିର...

ପ୍ରଦାନ କରିବେ ବୋଲି ମୋଦୀ କହିଛନ୍ତି। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ଉତ୍ତରାଖଣ୍ଡରେ ସ୍ଥିତି ଗମ୍ଭୀର ରହିଛି। ଯେଉଁଥିରେ ବିଭିନ୍ନ ଅଞ୍ଚଳରେ ବାଦଲଫଟା ବର୍ଷା ସହ ଭୂସ୍ଖଳନ ହେଉଥିବା ଦେଖିବାକୁ ମିଳୁଛି। ଏହାସହ ରାଜ୍ୟର ୩ ପ୍ରମୁଖ ନଦୀ ଗଙ୍ଗା, ଅଳକାନନ୍ଦା ଓ ମନ୍ଦାକିନୀ ବିପଦସଂକେତ ଉପରେ ପ୍ରବାହିତ ହେଉଛନ୍ତି। ଏହି ପ୍ରାକୃତିକ ଦୁର୍ବିପାକରେ ୮୦ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ବହୁଲୋକ ନିଖୋଜ ରହିଛନ୍ତି। ବାଦଲଫଟା ବର୍ଷା ଯୋଗୁ ଭାରତ ଓ ଚୀନକୁ ଯୋଡୁଥିବା ମୁଖ୍ୟ ବ୍ରିଜ୍‌ଟି ଧୋଇଯାଇଛି। ଯାହାଫଳରେ ଉଭୟଦେଶ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହାସହ ଚାମୋଲି ଜିଲ୍ଲାରେ ତମକ ନିକଟରେ ଜ୍ୟୋତିର୍ମଠ ମାଲାରୀ ରାଜପଥରେ ଏକ ପୋଲ ନଦୀ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଭାସି ଯାଇଥିବା ସୂଚନା ମିଳିଛି।

### ଜନବସତି ଆଡକୁ...

ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଏହି ଅଞ୍ଚଳ ପ୍ରତି ବିପଦ ବଢୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ପୂର୍ବରୁ ହାୱାଖାନାରୁ ଜଟାଧାରୀ ମୁହାଣ ପର୍ଯ୍ୟନ୍ତ ପଥରବନ୍ଧ ନିର୍ମାଣ ପାଇଁ ଏରସମା ଅଞ୍ଚଳବାସୀ ଓ ଉପକୂଳ ସୁରକ୍ଷା ସମିତି ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହାଫଳରେ ସମୁଦ୍ର କୂଳରେ ରହିଥିବା ଝାଉଁ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। କାମତରାପୁରରେ ଥିବା ଝାଉଁ ଜଙ୍ଗଲକୁ କାଟିଦେବା ଦ୍ୱାରା କୂଳରେ ଜୁଆର ମାଡ଼ ହେଉଛି। ପୂର୍ବରୁ ସିଆଳୀ ବେଳାଭୂମିର ଭ୍ୟୁ ଟାୱାର ସମୁଦ୍ର ଜୁଆର ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିଲା। ବର୍ତ୍ତମାନ ସ୍ଥିତିରେ ହାୱାଖାନାରୁ ତାମତରା ପର୍ଯ୍ୟନ୍ତ ୩ କିମି ଅଞ୍ଚଳ ପ୍ରତି ସାଂଘାତିକ ବିପଦ ସୃଷ୍ଟି ହୋଇଛି। ସମୁଦ୍ର କୂଳେକୂଳେ ପଥରବନ୍ଧ ନିର୍ମାଣ ସହିତ ହେନ୍ତାଳ ବଣ ସୃଷ୍ଟି କରାଗଲେ ଜୁଆରକୁ ଅଟକାଯାଇ ପାରିବ। ସେହିପରି ଜଙ୍ଗଲ ବିଭାଗ ପକ୍ଷରୁ ପ୍ରଚୁର ବୃକ୍ଷରୋପଣର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି। ତୁରନ୍ତ ସମୁଦ୍ର କୂଳରେ ପଥରବନ୍ଧ ନିର୍ମାଣ ନ ହେଲେ ସ୍ଥାନୀୟ ଅଞ୍ଚଳ ଲୀନ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି।

---

କାର୍ଯ୍ୟସୂଚୀ-୧
ଫର୍ମ ଏ
**ସର୍ବସାଧାରଣ ଘୋଷଣା**
(ଇନସଲଭାନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଇନସଲଭାନ୍ସି ରିଜୋଲ୍ୟୁସନ ଫର କର୍ପୋରେଟ୍ ପର୍ସନ୍ସ) ରେଗୁଲେସନ୍ସ, ୨୦୧୬ର ରେଗୁଲେସନ ୬ ଅଧୀନରେ)

**ମେସର୍ସ ଭିରଜା ଷ୍ଟିଲ୍ ଏଣ୍ଡ ପାୱାର ପ୍ରାଇଭେଟ୍ ଲିମିଟେଡ୍ କ୍ରେଡିଟରଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ**

| ରିଲେଭାଣ୍ଟ ବିବରଣୀ | |
|---|---|
| ୧. କର୍ପୋରେଟ୍ ଋଣଗ୍ରହୀତାଙ୍କ ନାମ | ମେସର୍ସ ଭିରଜା ଷ୍ଟିଲ୍ ଏଣ୍ଡ ପାୱାର ପ୍ରାଇଭେଟ୍ ଲିମିଟେଡ୍ |
| ୨. କର୍ପୋରେଟ୍ ଋଣଗ୍ରହୀତାଙ୍କ ଇନକର୍ପୋରେସନ ତାରିଖ | ୦୩/୦୫/୨୦୦୨ |
| ୩. ଅଧିକାରୀ ଯାହା ଅଧୀନରେ କର୍ପୋରେଟ୍ ଋଣଗ୍ରହୀତା ଇନକର୍ପୋରେଟେଡ୍/ରେଜିଷ୍ଟର୍ଡ ହୋଇଛନ୍ତି | ଆର୍‌ଓସି କଟକ |
| ୪. କର୍ପୋରେଟ୍ ଋଣଗ୍ରହୀତାଙ୍କ କର୍ପୋରେଟ୍ ଆଇଡେଣ୍ଟି ନମ୍ବର/ଲିମିଟେଡ୍ ଲାଏବିଲିଟି ଆଇଡେଣ୍ଟିଫିକେସନ ନଂ | ୟୁ୨୭୧୦୪୦ଆର୍୨୦୦୨ପିଟିସି୦୦୬୭୯୮ |
| ୫. କର୍ପୋରେଟ୍ ଋଣଗ୍ରହୀତାଙ୍କ ପଞ୍ଜିକୃତ କାର୍ଯ୍ୟାଳୟ ଏବଂ ମୁଖ୍ୟ କାର୍ଯ୍ୟାଳୟ (ଯଦି ଥାଏ)ର ଠିକଣା | ସୁନିଆମୁହାଁ, ମଞ୍ଚେଶ୍ୱର, ଚମ୍ପାପଡ଼ା,କଟକ,ଓଡ଼ିଶା, ଭାରତ-୭୫୪୦୨୭ |
| ୬. କର୍ପୋରେଟ୍ ଋଣଗ୍ରହୀତାଙ୍କ କ୍ଷେତ୍ରରେ ଇନସଲଭାନ୍ସି କମେନ୍ସମେଣ୍ଟ ତାରିଖ | ୦୯-୦୯-୨୦୨୫ |
| ୭. ଇନସଲଭାନ୍ସି ରିଜୋଲ୍ୟୁସନ ପ୍ରୋସେସ୍ ବନ୍ଦ କରିବାର ଆକଳନ ତାରିଖ | ୦୭/୦୩/୨୦୨୦ (ଦେବାଳିଆ ହେବା ପରେ ୧୮୦ତମ ଦିନ, ୦୯/୦୯/୨୦୨୫) |
| ୮. ଇଣ୍ଟରିମ୍ ରିଜୋଲ୍ୟୁସନ ପ୍ରଫେସନାଲ ଭାବେ କାର୍ଯ୍ୟ କରୁଥିବା ଇନସଲଭାନ୍ସି ପ୍ରଫେସନାଲଙ୍କ ନାମ ଓ ପଞ୍ଜିକରଣ ନମ୍ବର | ଉମେଶ ଚନ୍ଦ୍ର ସାହୁ ଆଇବିବିଆଇ/ଆଇପିଏ-୦୦୨/ଆଇପିଏନ୍-୦୦୬୨୧/୨୦୧୮-୧୯/୧୧୮୫୫ |
| ୯. ବୋର୍ଡରେ ପଞ୍ଜିକୃତ ହୋଇଥିବା ଅନୁସାରେ ଇଣ୍ଟରିମ୍ ରିଜୋଲ୍ୟୁସନ ପ୍ରଫେସନାଲଙ୍କ ଠିକଣା ଓ ଇ-ମେଲ୍ | ଠିକଣା: ପ୍ଲଟ୍.ନଂ.-୪, ସ୍ନୋଡ୍ରପ୍ ଆପାର୍ଟମେଣ୍ଟ ଲକ୍ଷ୍ମୀସାଗର, କଟକ ରୋଡ଼, ଭୁବନେଶ୍ୱର-୭୫୧୦୦୬ Email: info@nayadarshan.com |
| ୧୦. ଇଣ୍ଟରିମ୍ ରିଜୋଲ୍ୟୁସନ ପ୍ରଫେସନାଲଙ୍କ ସହ ଯୋଗାଯୋଗ କରିବା ପାଇଁ ବ୍ୟବହାର ହେବାକୁ ଥିବା ଠିକଣା | ଠିକଣା : ନ୍ୟାୟଦର୍ଶନ ଆସୋସିଏଟ୍ସ୍, ପ୍ଲଟ୍.ନଂ-୨୮୨ ସପ୍.ନଂ.-୩, ଫାଷ୍ଟ ଫ୍ଲୋର୍, ଏସେନ୍ ସିଟି ସେଣ୍ଟର କଟକ ରୋଡ଼, ଭୁବନେଶ୍ୱର-୭୫୧୦୦୬ Email: info@nayadarshan.com ibc.virajaasteel@gmail.com |
| ୧୧. ଦାବି ଦାଖଲ କରିବାର ଶେଷ ତାରିଖ | ୦୯-୦୯-୨୦୨୫ (ଅର୍ଡର ପାଇବାର ୧୪ତମ ଦିନ ଅର୍ଥାତ୍ ୨୨/୦୯/୨୦୨୫) |
| ୧୨. ଋଣଗ୍ରହୀତାଙ୍କ କ୍ଲାସ, ଯଦିକିଛି ଥାଏ ତେବେ ଇଣ୍ଟରିମ୍ ରିଜୋଲ୍ୟୁସନ ପ୍ରଫେସନାଲଙ୍କ ଦ୍ୱାରା ଧାରା-୨୧ ଉପ-ଧାରା (୬କ) କ୍ଲଜ୍ ବି ଅନୁସାରେ ସ୍ଥିର ହେବ | ଏହି ପର୍ଯ୍ୟାୟରେ କୌଣସି ଋଣଦାତାଙ୍କ ଶ୍ରେଣୀ ନିର୍ଣ୍ଣୟ କରାଯାଇପାରିଲା ନାହିଁ |
| ୧୩. ଇନସଲଭାନ୍ସି ପ୍ରଫେସନାଲଙ୍କ ନାମ ଯେଉଁମାନେ ଋଣ ଗ୍ରହୀତା ବର୍ଗଙ୍କ ଅଧିକୃତ ପ୍ରତିନିଧିଭାବେ କାର୍ଯ୍ୟ କରିବେ (ପ୍ରତ୍ୟେକ ବର୍ଗରୁ ୩ଟି ଲେଖାଏଁ ନାମ) | ଉପଯୁକ୍ତ ନୁହେଁ |
| ୧୪. (କ) ରିଲେଭାଣ୍ଟ ଫର୍ମସ ଏବଂ (ଖ) ପ୍ରାଧିକୃତ ପ୍ରତିନିଧିଙ୍କ ବିବରଣୀ ଉପଲବ୍ଧ ହେବ | (କ)Web link : https://ibbi.gov.in/en/home/downloads (ଖ) ଉପଯୁକ୍ତ ନୁହେଁ |

ଏତଦ୍ୱାରା ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ ନ୍ୟାସନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ (କୋଲକାତା ବ୍ରାଞ୍ଚ) ମେସର୍ସ ବିଲ୍ ଇନ୍‌ଫ୍ରାଟେକ୍ ଲିମିଟେଡ୍‌ର କର୍ପୋରେଟ୍ ଇନସଲଭାନ୍ସି ରିଜୋଲ୍ୟୁସନ ପ୍ରୋସେସ ଆରମ୍ଭ କରିବାକୁ ୦୯.୦୯.୨୦୨୫ରେ ନିର୍ଦ୍ଦେଶ ଦେଇଛନ୍ତି । ମେସର୍ସ ଭିରଜା ଷ୍ଟିଲ୍ ଏଣ୍ଡ ପାୱାର ପ୍ରାଇଭେଟ୍ ଲିମିଟେଡ୍ କ୍ରେଡିଟରମାନଙ୍କୁ ଯୋଗାଯୋଗ କରାଯାଇ ସେମାନଙ୍କ ଦାବି ପ୍ରମାଣ ସହ ୨୨-୦୯-୨୦୨୫ରେ କିମ୍ବା ଏହା ପୂର୍ବରୁ ଇଣ୍ଟରିମ୍ ରିଜୋଲ୍ୟୁସନ ପ୍ରଫେସନାଲଙ୍କ ନିକଟରେ ଉପରେ ୧୦ନମ୍ବର ପଏଣ୍ଟରେ ଦର୍ଶାଯାଇଥିବା ଠିକଣାରେ ପହଞ୍ଚାଇବାକୁ କୁହାଯାଇଥିଲା। ଆର୍ଥିକ ଋଣଦାତାମାନେ କେବଳ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ପ୍ରମାଣ ସହିତ ସେମାନଙ୍କର ଦାବି ଦାଖଲ କରିବେ। ଅନ୍ୟ ସମସ୍ତ ଋଣଦାତାମାନେ ବ୍ୟକ୍ତିଗତ ଭାବରେ, ଡାକରେ କିମ୍ବା ଇଲେକ୍ଟ୍ରୋନିକ୍ ମାଧ୍ୟମରେ ପ୍ରମାଣ ସହିତ ଦାବି ଦାଖଲ କରନ୍ତି।
ମିଥ୍ୟା ଏବଂ ମିସ୍‌ଲିଡିଂ ପ୍ରମାଣ ଦାଖଲ କଲେ ଜରିମାନା କରାଯାଇପାରେ ।

ଏସ୍‌ଡି/
ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ସାହୁ
ଇନ୍‌ଟର୍ମ ରିଜୋଲ୍ୟୁସନ ପ୍ରୋଫେସନାଲ
ପ୍ଲଟ୍ ନମ୍ବର-୨୮୨ ଦୋକାନ ନମ୍ବର-୩ ପ୍ରଥମ ମହଲା,
ଏସେନ ସିଟି ସେଣ୍ଟର, କଟକ ରୋଡ୍, ଭୁବନେଶ୍ୱର-୭୫୧୦୦୦
ଇମେଲ୍: viralastre@gmail.com
ମେସର୍ସ ଭିରଜା ଷ୍ଟିଲ୍ ଆଣ୍ଡ ପାୱାର ପ୍ରାଇଭେଟ୍ ଲିମିଟେଡ୍
ଆଇବିବିଆଇ ରେଜିଷ୍ଟ୍ରେସନ୍ ନଂ.: ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୬୨୧/୨୦୧୮-୧୯/୧୧୮୫୫
ଏଫ୍‌ଏ.ନଂ.: ଏଏ୨/୧୧୮୫୫/୦୨/୩୧୧୨୨୫/୨୦୩୫୩୯, ତା.୩୧.୧୨.୨୦୨୫ ପର୍ଯ୍ୟନ୍ତ

ତାରିଖ : ୧୧-୦୯-୨୦୨୫
ସ୍ଥାନ : ଭୁବନେଶ୍ୱର

---

**JHARKHAND URJA SANCHARAN NIGAM LIMITED**
**(CIN No.:U40108JH2013SGC001704)**
**Regd. Office: 2nd Floor, JUSNL (SLDC) Building Kusai Colony, Doranda,Ranchi - 834002**
**Fax No.:0651-2400123 (E-mail:cetjusnl@gmail.com)**

**e-TENDER NOTICE**

**NIT No. – 398/PR/ JUSNL/ 2025-26**

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works : -

| | |
|---|---|
| Name of work | Design, Engineering, Supply of Materials/ Equipments, Erection, Testing and Commissioning of 220/132/33 kV, 2 x 200 + 2 x 80 MVA GIS Sub -Station including construction of Control Room Building & approach road as well as other civil works at Maithon (near Sanjay Chowk) on turnkey basis |
| Estimated cost (Rs.) | Rs. 1,67,86,18,815.00 (including GST) |
| Earnest Money Deposit | Rs. 3,35,72,380.00 On line mode |
| Completion Period | 18 Months |
| e-Tender fee | Rs. 25,000.00 + 18% GST On line mode. |
| Start Date & Time of Download the Tender Documents | 16.09.2025 at 11:00 AM |
| Start Date and time of upload of BID | 16.09.2025 at 11:00 AM |
| End date and time of upload of BID | 09.10.2025 upto 04:00 PM |
| BID Opening date for technical part | 10.10.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनीशिकयतों को 18003456570(कॉल सेन्टर) पर दर्ज करायें।

Sd/-
General Manager C&M (NWBP)

PR 361618 Jharkhand Urja Sancharan Nigam Ltd(25-26).D

---

**Information & Public Relation Department.**
**Government of Jharkhand, Suchana Bhawan, Ranchi.**

**Annexure – I**
**Request For Proposal (RFP)**

RFP are invited through online from eligible reputed qualified firms/companies with sound Technical and Financial capabilities for Re-Designing, Development, Implementation and Maintenance of existing web portal, e-Advertisement & e-Pass Application (with GIGW Compliance) for Information & Public Relation Department. (I & PR Department).

1. The following table provides a quick overview of the key activities and some important information about this RFP:

| Sl. No. | Particulars | Details |
|---|---|---|
| 1.1 | RFP Reference No. | 1320/10.09.2025 |
| 1.2 | RFP issuing Authority | Information & Public Relation Department (I&PRD). Government of Jharkhand, Suchana Bhawan, Ranchi. |
| 1.3 | Name of the Project | **Re-Designing, Development, Implementation and Maintenance of existing web portal, e-Advertisement & e-Pass Application (with GIGW Compliance) for Information & Public Relation Department. (I & PR Department)** |
| 1.4 | Date of issue of tender document | 10.09.2025 |
| 1.5 | RFP Document download start date and time | 11.09.2025 at 12 noon |
| 1.6 | RFP Document downloading end date and time | 25.09.2025 at 12 noon |
| 1.7 | Date of Pre-bid meeting | 15.09.2025 at 12 noon |
| 1.8 | Bid submission start date and time | 11.09.2025 at 12 noon |
| 1.9 | Bid submission end date and time | 25.09.2025 at 12 noon |
| 1.10 | Date of opening of Bids / RFP | 26.09.2025 at 12 noon |
| 1.11 | Date of Presentation | Will be intimated later to the eligible bidders. |
| 1.12 | Validation of RFP | Proposal must remain valid for 90 days after the submission Date. |
| 1.13 | EMD | INR 8,00,000/- (Eight Lakhs Only). To be paid online as per instructions on https://jharkhandtenders.gov.in/nicgep/app. EMD fee will be received through online mode only. Bidders can use internet banking facility. Refund will only be issued to the originated bank account used for the online payment of EMD Fee for the bidders which are not selected. Relaxation will be granted as per the Jharkhand Govt. norms. |
| 1.14 | Address of communication | Assistant Director Information and Public Relations Department, Government of Jharkhand,Suchana Bhawan, Ranchi. Tel: 0651-2281522, 0651-2282458 Email ID : iprd123@gmail.com |
| 1.15 | Details of Appellate Authority | Director, Information and Public Relations Department, Government of Jharkhand, Suchana Bhawan, Ranchi. Tel: 0651-2281522, 0651-2282458 Email ID : iprd123@gmail.com |

The Terms & Conditions and detailed copy of the RFP document should be downloaded from our website http://prdjharkhand.in/iprd/ and https://jharkhandtenders.gov.in

Sd/-
Director
I & PR Department, GoJ

PR 361578 IPRD(25-26).D

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ: କେନ୍ଦ୍ରୀୟ ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ସମ୍ପ୍ରତି ସୋସିଆଲ ମିଡିଆରେ ଇ୨୦ ଇନ୍ଧନର ସମାଲୋଚନା ଉପରେ ଏକ ବଡ଼ ବୟାନ ଦେଇଛନ୍ତି। ଗଡକରୀ କହିଛନ୍ତି, ଏହି ସମାଲୋଚନା କୌଣସି ଯାନ୍ତ୍ରିକ ସମସ୍ୟା ଯୋଗୁ ନୁହେଁ, ବରଂ ଧନୀ ଏବଂ ଶକ୍ତିଶାଳୀ ପେଟ୍ରୋଲ ଲବି ଦ୍ୱାରା ପ୍ରଚାରିତ ଏକ ପ୍ରଚାର। ମୋ ବିରୋଧରେ ଏକ ପେୟେଡ୍ ଅଭିଯାନ ମଧ୍ୟ ଚାଲିଛି। ଇ୨୦ ଇନ୍ଧନ ପେଟ୍ରୋଲ ଏବଂ ଇଥାନଲର ମିଶ୍ରଣ। ଏଥିରେ ୮୦ ପ୍ରତିଶତ ପେଟ୍ରୋଲ ଏବଂ ୨୦ ପ୍ରତିଶତ ଇଥାନଲ ଥାଏ। ସରକାର ଏହାକୁ ସବୁଜ ଶକ୍ତି ପରିବର୍ତ୍ତନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରନ୍ତି। କିନ୍ତୁ ସୋସିଆଲ ମିଡିଆରେ କିଛି ୟୁଜର୍ସ କହିଛନ୍ତି, ଏହା ଯାନର ମାଇଲେଜ ହ୍ରାସ କରିପାରେ ଏବଂ ଇଞ୍ଜିନକୁ ପ୍ରଭାବିତ କରିପାରେ। ଫେଡେରେସନ ଅଫ ଅଟୋମୋବାଇଲ ଡିଲର୍ସ ଆସୋସିଏସନ ଦ୍ୱାରା ଆୟୋଜିତ ଅଟୋ ରିଟେଲ କନକ୍ଲେଭରେ ଭାଷଣ ଦେଇ ଗଡକରୀ କହିଛନ୍ତି,ସବୁଠି ଲବି ଅଛି।

## ‘ଫାଷ୍ଟ ଟ୍ରାକ୍ ଇମିଗ୍ରେସନ୍-ଟ୍ରଷ୍ଟେଡ୍ ଟ୍ରାଭେଲର୍ ପ୍ରୋଗ୍ରାମ୍’ ଉଦ୍‌ଘାଟନ କଲେ ଶାହ



ନୂଆଦିଲ୍ଲୀ: କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଭିଡିଓ କନଫରେନ୍ସିଂ ଜରିଆରେ ଲକ୍ଷ୍ନୌ, ଥିରୁଅନନ୍ତପୁରମ, ତ୍ରିଚି, କୋଝିକୋଡ ଏବଂ ଅମୃତସର ବିମାନ ବନ୍ଦରରେ ଫାଷ୍ଟ ଟ୍ରାକ୍ ଇମିଗ୍ରେସନ୍-ଟ୍ରଷ୍ଟେଡ୍ ଟ୍ରାଭେଲର୍ ପ୍ରୋଗ୍ରାମ୍ (ଏଫଟିଆଇ-ଟିଟିପି)କୁ ଉଦଘାଟନ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଗୃହ ସଚିବ ଏବଂ ଗୁଇନ୍ଦା ବ୍ୟୁରୋର ନିର୍ଦ୍ଦେଶକଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ, ଏହି ବ୍ୟବସ୍ଥା କେବଳ ଯାତ୍ରୀମାନଙ୍କ ସୁବିଧା ବୃଦ୍ଧି କରିବ ନାହିଁ, ବରଂ ଦେଶରେ ଘଟୁଥିବା ପରିବର୍ତ୍ତନ ସହିତ ସେମାନଙ୍କୁ ପରିଚିତ କରାଇବାର ସୁଯୋଗ ମଧ୍ୟ ପ୍ରଦାନ କରିବ। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଗତି, ଉଚ୍ଚତା ଏବଂ ପରିସର ଦୃଷ୍ଟିକୋଣ ସହିତ ତାଳ ଦେଇ ଯାତ୍ରୀମାନଙ୍କ ସୁବିଧା ବୃଦ୍ଧି କରିବାର ପରବର୍ତ୍ତୀ ପର୍ଯ୍ୟାୟ ଆଜି ଏହି କାର୍ଯ୍ୟକ୍ରମ ସହିତ ଆରମ୍ଭ ହୋଇଛି। ଶ୍ରୀ ଅମିତ ଶାହ କହିଥିଲେ ଯେ ଫାଷ୍ଟ ଟ୍ରାକ୍ ଇମିଗ୍ରେସନ୍-ଟ୍ରଷ୍ଟେଡ୍ ଟ୍ରାଭେଲର୍ ପ୍ରୋଗ୍ରାମ୍ (ଏଫଟିଆଇ-ଟିଟିପି) ଜରିଆରେ ଆଜି ଠାରୁ ବିମାନବନ୍ଦରଗୁଡ଼ିକରେ ନିରବଚ୍ଛିନ୍ନ ଇମିଗ୍ରେସନ ସୁବିଧା ଉପଲବ୍ଧ ହେବ। କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ଦ୍ୱାରା ସର୍ବାଧିକ ସଂଖ୍ୟକ ଲୋକ ଯେପରି ଉପକୃତ ହୋଇପାରିବେ ତାହା ସୁନିଶ୍ଚିତ କରିବା ଲାଗି ସମସ୍ତ ବୈଷୟିକ ସମ୍ଭାବନାର ଅନ୍ୱେଷଣ କରାଯିବା ଉଚିତ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତୀୟ ନାଗରିକମାନେ ନିଶ୍ଚିତ ଭାବରେ ଉପକୃତ ହେବେ, ଓସିଆଇ କାର୍ଡଧାରୀମାନେ ସବୁଠାରୁ ଅଧିକ ଉପକୃତ ହେବେ। କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ ଯେ, ଫାଷ୍ଟ ଟ୍ରାକ୍ ଇମିଗ୍ରେସନ୍-ଟ୍ରଷ୍ଟେଡ୍ ଟ୍ରାଭେଲର୍ ପ୍ରୋଗ୍ରାମ୍ (ଏଫଟିଆଇ-ଟିଟିପି) ହେଉଛି ଏପରି ଏକ କାର୍ଯ୍ୟକ୍ରମ ଯାହା ଉଭୟ ସୁବିଧା ଏବଂ ଜାତୀୟ ସୁରକ୍ଷାକୁ ବୃଦ୍ଧି କରିଥାଏ। ସେ କହିଥିଲେ ଏହି କାର୍ଯ୍ୟକ୍ରମ ୨୦୨୪ରେ ଦିଲ୍ଲୀରୁ ଆରମ୍ଭ କରାଯାଇଥିଲା, ତା ’ପରେ ମୁମ୍ବାଇ, ଚେନ୍ନାଇ, କୋଲକାତା, ବେଙ୍ଗାଲୁରୁ, କୋଚି ଏବଂ ଅହମ୍ମଦାବାଦ ବିମାନ ବନ୍ଦରରେ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା ଏବଂ ଆଜି ଆଉ ପାଞ୍ଚଟି ନୂତନ ବିମାନ ବନ୍ଦର ଯୋଡ଼ା ଯାଇଛି।

## ସ୍ୱିଜରଲ୍ୟାଣ୍ଡକୁ ଦୃଢ଼ ଜବାବ ଦେଲା ଭାରତ

ନୂଆଦିଲ୍ଲୀ: ଜାତିସଂଘ ମାନବାଧିକାର ପରିଷଦ ବୈଠକରେ ଭାରତରେ ସଂଖ୍ୟାଲଘୁଙ୍କ ପ୍ରତି ହେଉଥିବା ବ୍ୟବହାର ସମ୍ପର୍କରେ ସ୍ୱିଜରଲ୍ୟାଣ୍ଡର ପ୍ରତିନିଧି ମନ୍ତବ୍ୟ ଦେବା ପରେ ଭାରତ କଡ଼ା ଜବାବ ଦେଇଛି। ‘ସଂଖ୍ୟାଲଘୁଙ୍କ ସୁରକ୍ଷା’ ପାଇଁ ସ୍ୱିଜରଲ୍ୟାଣ୍ଡ ଭାରତକୁ ପରାମର୍ଶ ଦେବା ପରେ ଭାରତ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ଦିଆଯାଇଛି। ଭାରତ ଏହି ସୁଯୋଗରେ ଦେଶକୁ ନିଜ ମାଟିରେ ଥିବା ବ୍ୟାପକ ଜାତିଗତ ଭେଦଭାବ ସମସ୍ୟା ସମ୍ପର୍କରେ ସ୍ମରଣ କରାଇ ଦେଇଛି। ଜେନେଭାସ୍ଥିତ ଜାତିସଂଘ ମାନବାଧିକାର ପରିଷଦଠାରେ ଅବସ୍ଥାପିତ ଭାରତର ସ୍ଥାୟୀ ପ୍ରତିନିଧି ଏ ସମ୍ପର୍କରେ ପ୍ରତିକ୍ରିୟା ରଖି କହିଛନ୍ତି, ଆମେ ଏକ ଘନିଷ୍ଠ ବନ୍ଧୁ ଏବଂ ସହଯୋଗୀ ରାଷ୍ଟ୍ର ସ୍ୱିଜରଲ୍ୟାଣ୍ଡ ଦ୍ୱାରା ଦିଆଯାଇଥିବା ଆଶ୍ଚର୍ଯ୍ୟଜନକ, ତୁଚ୍ଛ ଏବଂ ଭୁଲ ସୂଚନାପୂର୍ଣ୍ଣ ମନ୍ତବ୍ୟର ମଧ୍ୟ ଜବାବ ଦେବାକୁ ଚାହୁଁଛୁ। ଯେହେତୁ ସ୍ୱିଜରଲ୍ୟାଣ୍ଡ ଜାତିସଂଘ ମାନବାଧିକାର ପରିଷଦର ଅଧ୍ୟକ୍ଷତା କରୁଛି, ସେଥିପାଇଁ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭାରତର ବାସ୍ତବତା ସହ ନ୍ୟାୟ କରୁନଥିବା ଏଭଳି ମନଗଢ଼ା କାହାଣୀ କହି ପରିଷଦର ସମୟ ନଷ୍ଟ କରିବା ଉଚିତ? ନୁହେଁ। ଏହା ଅଧ୍ୟକ୍ଷତା କରୁଥିବା ଦେଶ ପାଇଁ ଅତ୍ୟନ୍ତ ଜରୁରୀ। ଏଭଳି କରିବା ପରିବର୍ତ୍ତେ ସ୍ୱିଜରଲ୍ୟାଣ୍ଡ ବର୍ଣ୍ଣବୈଷମ୍ୟ, ବ୍ୟବସ୍ଥିତ ଭେଦଭାବ ଏବଂ ବିଦେଶୀ ଦ୍ୱେଷ ଭଳି ନିଜ ଦେଶର ସମସ୍ୟା ଉପରେ ବିଶେଷ ଧ୍ୟାନ ଦେବା ଉଚିତ। ବିଶ୍ୱର ସବୁଠୁ ବଡ଼, ସର୍ବାଧିକ ବିବିଧ ଏବଂ ସକ୍ରିୟ ଗଣତନ୍ତ୍ର ରୂପରେ ଭାରତରେ ସହାବସ୍ଥାନ ଭାବେ ବହୁଳତାବାଦ ସମାବିଷ୍ଟ ହୋଇ ରହିଛି। ତେଣୁ ସ୍ୱିଜରଲ୍ୟାଣ୍ଡର ନିଜସ୍ୱ ସମସ୍ୟା ସମାଧାନ କରିବାରେ ସହଯୋଗ କରିବା ଲାଗି ଭାରତ ପ୍ରସ୍ତୁତ ରହିଛି ବୋଲି ଭାରତର ପ୍ରତିନିଧି କହିଛନ୍ତି। ସୂଚନାଯୋଗ୍ୟ, ଜାତିସଂଘରେ ସ୍ୱିଜରଲ୍ୟାଣ୍ଡ ପ୍ରତିନିଧି ଭାରତକୁ ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବା, ଅଭିବ୍ୟକ୍ତିର ସ୍ୱାଧୀନତା ଏବଂ ଗଣମାଧ୍ୟମର ସ୍ୱାଧୀନତାକୁ ବଜାୟ ରଖିବା ଭଳି ଅହେତୁକ ପରାମର୍ଶ ଦେବା ପରେ ଭାରତ ଏହାର ଦୃଢ଼ ପ୍ରତିକ୍ରିୟା ରଖିଛି।

### ଆଇଆଇଏମ, ଅହମ୍ମଦାବାଦ ଦୁବାଇ କ୍ୟାମ୍ପସ ଉଦ୍‌ଘାଟିତ

## ଭାରତ-ୟୁଏଇ ଶିକ୍ଷା ସମ୍ପର୍କରେ ଗୌରବମୟ ଅଧ୍ୟାୟ ଯୋଡିହେଲା: ଧର୍ମେନ୍ଦ୍ର



ଦୁବାଇ : ଦୁଇଦିନିଆ ୟୁଏଇ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ୟୁଏଇର ଉଚ୍ଚଶିକ୍ଷା ମନ୍ତ୍ରୀ ଡକ୍ଟର ଅବଦୁଲ ରେହମାନ ଅଲ ଆୱାରଙ୍କ ଉପସ୍ଥିତିରେ ଦୁବାଇର ୟୁବରାଜ ଶେଖ ହମଦାନ ବିନ୍ ମହମ୍ମଦ ବିନ୍ ରସିଦ୍ ଅଲ୍ ମକତୁମ୍‌ଙ୍କ କରକମଳରେ ଆଇଆଇଏମ, ଅହମ୍ମଦାବାଦର ଦୁବାଇ କ୍ୟାମ୍ପସ ଉଦଘାଟନ ହୋଇଯାଇଛି। ଏହି ପ୍ରସଙ୍ଗରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ ଭାରତର ଶିକ୍ଷାର ଅନ୍ତର୍ଜାତୀୟକରଣ ଦିଗରେ ଏହା ଆଉ ଏକ ବଡ଼ ପଦକ୍ଷେପ। ଏହି ନୂଆ କ୍ୟାମ୍ପସ ବିଶ୍ୱକୁ ଭାରତର ନୂଆ ପରିଚୟ ପ୍ରଦାନ କରିବ। ଏହି ଅନ୍ତର୍ଜାତୀୟ କ୍ୟାମ୍ପସ ଜାତୀୟ ଶିକ୍ଷା ନୀତିରେ କଳ୍ପନା କରାଯାଇଥିବା ‘ଆତ୍ମାରେ ଭାରତୀୟ, ଆଉଟଲୁକରେ ବିଶ୍ୱ’ ନୀତିକୁ ଏକ ସର୍ବୋତ୍ତମ ଲଞ୍ଚପ୍ୟାଡ୍ ପ୍ରଦାନ କରିଛି। ଏହି କ୍ୟାମ୍ପସ ଭାରତ-ୟୁଏଇ ଶିକ୍ଷା ସମ୍ପର୍କରେ ଏକ ଗୌରବମୟ ଅଧ୍ୟାୟ ଯୋଡିହୋଇଛି। ଏହି ଅବସରରେ କ୍ୟାମ୍ପସରେ ପ୍ରଥମ ଏମବିଏ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ଅବସରରେ ମଧ୍ୟ ଶ୍ରୀ ପ୍ରଧାନ ଶୁଭେଚ୍ଛା ଜଣାଇଥିଲେ। ଏହା ପୂର୍ବରୁ ଶ୍ରୀ ପ୍ରଧାନ ୟୁଏଇର ଉଚ୍ଚଶିକ୍ଷା ଏବଂ ବୈଜ୍ଞାନିକ ଗବେଷଣା ମନ୍ତ୍ରୀ ଡକ୍ଟର ଅବଦୁଲ ରେହମାନ ଅଲ ଆୱାରଙ୍କ ସହିତ ଏକ ସାକ୍ଷାତ ଆଲୋଚନା କରିଥିଲେ। ୟୁଏଇରେ ଭାରତୀୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ଏକ ଗୋଲଟେବୁଲ ସମ୍ମିଳନୀରେ ମଧ୍ୟ ଯୋଗ ଦେଇଥିଲେ ଶ୍ରୀ ପ୍ରଧାନ। ଉଚ୍ଚ ଶିକ୍ଷାନୁଷ୍ଠାନର ଲିଡରମାନଙ୍କ ସହ ଶ୍ରୀ ପ୍ରଧାନ ଭବିଷ୍ୟତ ପାଇଁ ଥିବା ସେମାନଙ୍କର ଆଭିମୁଖ୍ୟ ଏବଂ ଯୋଜନା ବିଷୟରେ ଆଲୋଚନା କରିଥିଲେ। ବିଶ୍ୱ ଶିକ୍ଷା, ନବସୃଜନ ଏବଂ ଉଦ୍ୟମିତା ମାନଚିତ୍ରରେ ‘ବ୍ରାଣ୍ଡ ଇଣ୍ଡିଆ’କୁ ସୁଦୃଢ଼ କରିବା ଉପରେ ମଧ୍ୟ ଶ୍ରୀ ପ୍ରଧାନ ବୈଠକରେ ମତପ୍ରକାଶ କରିଥିଲେ। ଏହାବ୍ୟତୀତ ଶ୍ରୀ ପ୍ରଧାନ ଗସ୍ତର ଅନ୍ତିମ ଦିନରେ ଦୁବାଇର ଭାରତୀୟ କନସୁଲେଟ୍‌ରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେବା ସହ ‘ଏକ ପେଡ୍ ମା’ କେ ନାମ’ ଅଭିଯାନ ଅଧୀନରେ ବୃକ୍ଷରୋପଣ କରିଥିଲେ । ସେଠାରେ ଶିକ୍ଷକ ଦିବସ ପାଳନ ଅବସରରେ ଶ୍ରୀ ପ୍ରଧାନ ସିବିଏସଇ ସ୍କୁଲର ପ୍ରିନ୍ସିପାଲଙ୍କ ସହିତ ଆଲୋଚନା କରିବା ସହ ୟୁଏଇରେ ଥିବା ଭାରତୀୟ ସ୍କୁଲଗୁଡ଼ିକରେ ଅଟଳ ଟିଙ୍କରିଂ ଲ୍ୟାବର ମଧ୍ୟ ଶୁଭାରମ୍ଭ କରିଛନ୍ତି।

## ରାଜ୍ୟପାଳ ପଦରୁ ଇସ୍ତଫା ଦେଲେ ସିପି ରାଧାକୃଷ୍ଣନ



ନୂଆଦିଲ୍ଲୀ: ଭାରତର ଉପରାଷ୍ଟ୍ରପତି ନିର୍ବାଚିତ ହେବାପରେ ସିପି ରାଧାକୃଷ୍ଣନ ମହାରାଷ୍ଟ୍ରର ରାଜ୍ୟପାଳ ପଦରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି ଗୁଜରାଟ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତଙ୍କୁ ମହାରାଷ୍ଟ୍ରର ରାଜ୍ୟପାଳର ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ଆଚାର୍ଯ୍ୟ ଦେବବ୍ରତ ଗୁଜରାଟର ଦାୟିତ୍ୱ ସହିତ ମହାରାଷ୍ଟ୍ରର ରାଜ୍ୟପାଳ ଦାୟିତ୍ୱ ଗ୍ରହଣ କରିବେ। ସିପି ରାଧାକୃଷ୍ଣନ ସେପ୍ଟେମ୍ବର ୧୨ରେ ଶପଥ ଗ୍ରହଣ କରିବେ। ରାଷ୍ଟ୍ରପତି ଭବନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଉପରାଷ୍ଟ୍ରପତି ନିର୍ବାଚନରେ ଘଡଇ ପ୍ରାର୍ଥୀ ସିପି ରାଧାକୃଷ୍ଣନ ୪୫୨ ଭୋଟ ପାଇଛନ୍ତି। ଏହି ବିଜୟ ସହିତ, ରାଧାକୃଷ୍ଣନ ଦେଶର ଉପରାଷ୍ଟ୍ରପତି ଭାବରେ ଦାୟିତ୍ୱ ଗ୍ରହଣ କରିବେ। ନୂଆ ଦିଲ୍ଲୀର ନୂତନ ସଂସଦ ଭବନରେ ମଙ୍ଗଳବାର ସକାଳ ୧୦ରୁ ସା ୫ଟା ପର୍ଯ୍ୟନ୍ତ ନୂତନ ଉପରାଷ୍ଟ୍ରପତି ପାଇଁ ଭୋଟିଂ କରାଯାଇଥିଲା। ଏହା ପରେ, ଭୋଟ ଗଣନା କରାଯାଇଥିଲା, ଯେଉଁଥିରେ ସିପି ରାଧାକୃଷ୍ଣନ ବିଜୟୀ ହୋଇଥିଲେ। ଭାରତର ଉପରାଷ୍ଟ୍ରପତି ପଦ ପାଇଁ ଘଡଇ ପ୍ରାର୍ଥୀ ସିପି ରାଧାକୃଷ୍ଣନ ଏବଂ ଇଣ୍ଡିଆ ବ୍ଲକ ପ୍ରାର୍ଥୀ ବି ସୁଦର୍ଶନ ରେଡ୍ଡୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସୁଦର୍ଶନ ରେଡ୍ଡୀ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି। ସିପି ରାଧାକୃଷ୍ଣନ ୩୧ ଜୁଲାଇ ୨୦୨୪ ରେ ମହାରାଷ୍ଟ୍ରର ରାଜ୍ୟପାଳ ଭାବରେ ଶପଥ ଗ୍ରହଣ କରିଥିଲେ।

## ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାରେ ଲାଭବାନ ହେବେ ୫ଲକ୍ଷ ହିତାଧିକାରୀ : ବିଷ୍ଣୁଦେବ



ରାୟପୁର: ଛତିଶଗଡ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଦେଶରେ ଏକ ଅଗ୍ରଣୀ ରାଜ୍ୟ। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାରେ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ଛତିଶଗଡରେ ୧ଲକ୍ଷ ୩୦ହଜାର ଘରର ଛାତ ଉପରେ ସୋଲାର ପ୍ୟାନେଲ ଲଗାଯିବାର ଲକ୍ଷ୍ୟ ରଖାଯାଇଛି। ତେବେ ବିଷ୍ଣୁଦେବ କହିଛନ୍ତି ଯେ, ମୋର ପ୍ରୟାସ ହେଉଛି ଏହି ଯୋଜନାକୁ ୫ଲକ୍ଷରେ ପହଞ୍ଚାଇବା। ଏହି ଯୋଜନାରେ ଉପଭୋକ୍ତାଙ୍କୁ ଏକ ବଡ ସବ୍‌ସିଡ୍ ଦିଆଯିବାର ବ୍ୟବସ୍ଥା ରଖାଯାଇଛି। ୧କିଲୋୱାଟରୁ ଆରମ୍ଭ କରି ୩କିଲୋୱାଟ ପର୍ଯ୍ୟନ୍ତ ସୋଲାର ଯନ୍ତ୍ର ସ୍ଥାପନ ପାଇଁ ୩୦ହଜାରରୁ ଆରମ୍ଭ କରି ୭୮ ହଜାର ଟଙ୍କା ପର୍ଯ୍ୟନ୍ତ କେନ୍ଦ୍ରୀୟ ସହାୟତା ବ୍ୟାଙ୍କ ଖାତାରେ ଜମା କରାଯିବ। ଏହା ବ୍ୟତୀତ ଛତିଶଗଡ ସରକାର ଅତିରିକ୍ତ ସବ୍‌ସିଡ୍ ବାବଦରେଅର୍ଥ ପ୍ରଦାନ କରିବେ। ଫଳରେ ଉପଭୋକ୍ତାମାନଙ୍କୁ ୭୫% ପର୍ଯ୍ୟନ୍ତ ସବ୍‌ସିଡ ଯୋଗାଇବାର ବ୍ୟବସ୍ଥା ରଖାଯାଇଛି। ଗୁରୁବାର ନୂଆ ରାୟପୁରରେ ଆୟୋଜିତ ୯୭ତମ ଜାତୀୟ ସମ୍ମିଳନୀ ଫୋରମ୍ ଅଫ୍ ରେଗୁଲେଟର୍ସ କାର୍ଯ୍ୟକ୍ରମରେ ଶ୍ରୀ ସାଏ ଏହା କହିଛନ୍ତି। ସେ ଆହୁରି କହିଥିଲେ ଯେ, ଚଳିତ ବର୍ଷ ରାଜ୍ୟ ସ୍ଥାପନର ରଜତ ଜୟନ୍ତୀ ପାଳନ କରାଯାଉଛି। ଏହି ୨୫ବର୍ଷରେଆମର ଉତ୍ପାଦନ କ୍ଷମତା ୩୦ହଜାର ମେଗାୱାଟରେ ପହଞ୍ଚିଛି। ଷ୍ଟେସ ସେକ୍ଟର ଏବଂ କେନ୍ଦ୍ରୀୟ ସେକ୍ଟର ଭାଗୀଦାରିରେ ଛତିଶଗଡରେ ୩୦ହଜାର ମେଗାୱାଟରୁ ଅଧିକ ବିଜୁଳି ଉତ୍ପାଦନ କରାଯାଉଛି। ସେ ଆହୁରି କହିଥିଲେ ଯେ, ପ୍ରତ୍ୟେକ ବ୍ୟକ୍ତି ବିଜୁଳି କ୍ଷେତ୍ରରେ ନିଜର ଅର୍ଥ ବ୍ୟୟ ନକରି ସୌରଶକ୍ତି ମାଧ୍ୟମରେ ପରିଚାଳିତ ସୋଲାର ସିଷ୍ଟମ ସ୍ଥାପନ କଲେ ଲାଭାନ୍ୱିତ ହୋଇପାରିବେ। ଗତ କିଛିଦିନ ପୂର୍ବେ କ୍ୟାବିନେଟ ବୈଠକରେ ସୌର ଚାଳିତ ବିଜୁଳି ଶକ୍ତି ବୃଦ୍ଧି ପାଇଁ ଏକ ପ୍ରସ୍ତାବ ଅନୁମୋଦନ ହୋଇଥିଲା। ତେଣୁ ଏହି ଯୋଜନାରେ ଯେଉଁମାନେ ଆଗ୍ରହୀ ହେବେ ସେମାନେ ଯୋଜନାର ଲାଭ ପାଇପାରିବେ ବୋଲି ଶ୍ରୀ ସାଏ କହିଥିଲେ।

## ବିଦେଶରେ ସୁରକ୍ଷା ପ୍ରୋଟୋକଲ ମାନିନଥିଲେ ରାହୁଲ : ସିଆରପିଏଫ



ନୂଆଦିଲ୍ଲୀ: କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୁରକ୍ଷା ପ୍ରୋଟୋକଲ ଉଲଂଘନ କରିବା ସହ ସୁରକ୍ଷାରେ ଅବହେଳା କରିବା ଅଭିଯୋଗରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ ଏବଂ ରାହୁଲ ଗାନ୍ଧୀଙ୍କୁ ସିଆରପିଏଫ ଡିଜି ସିକ୍ୟୁରିଟି ଏକ ଚିଠି ଲେଖିଛନ୍ତି। ରାହୁଲ ଗାନ୍ଧୀ ତାଙ୍କର ଜେଡ୍+ ସହିତ ଏଏସ୍‌ଏଲ୍ (ଆଡଭାନ୍ସଡ୍ ସିକ୍ୟୁରିଟି ଲିଆଜନ୍) ବର୍ଗ ସୁରକ୍ଷା ପାଳନ କରୁନଥିବା ନେଇ ସିଆର୍‌ପିଏଫ୍ ଭିଭିଆଇପି ସୁରକ୍ଷା ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିଦେଶ ଗସ୍ତରେ ଯିବା ପୂର୍ବରୁ ରାହୁଲ ଗାନ୍ଧୀ ସିଆରପିଏଫକୁ ଆବଶ୍ୟକ ସୂଚନା ଦିଅନ୍ତି ନାହିଁ ବୋଲି ମଧ୍ୟ ଅଭିଯୋଗ ହୋଇଛି। ପ୍ରୋଟୋକଲ ଅନୁଯାୟୀ ଜେଡ୍+ ବର୍ଗର ସୁରକ୍ଷିତ ବ୍ୟକ୍ତିମାନଙ୍କୁ ବିଦେଶ ଯାତ୍ରା କରିବାକୁ ଥିଲେ ଅତି କମରେ ୧୫ ଦିନ ପୂର୍ବରୁ ସୁରକ୍ଷା ଏଜେନ୍ସିଗୁଡ଼ିକୁ ଜଣାଇବାକୁ ପଡିଥାଏ। ଯାହା ଦ୍ୱାରା ସେମାନଙ୍କର ସୁରକ୍ଷା ବ୍ୟବସ୍ଥା ପାଇଁ ସ୍ଥାନୀୟ ଏଜେନ୍ସି ମାନଙ୍କ ସହ ଯୋଗାଯୋଗ କରାଯାଇ ସମସ୍ତ ବ୍ୟବସ୍ଥା କରାଯାଇଥାଏ। ତେବେ ଗତ ୯ ମାସ ମଧ୍ୟରେ ରାହୁଲ ଏହି ପ୍ରୋଟୋକଲକୁ ଅଣଦେଖା କରି ୬ ଥର ବିଦେଶ ଗସ୍ତ କରିଥିବା ସତ୍ତ୍ୱେ ଏଜେନ୍ସିଗୁଡ଼ିକୁ ପୂର୍ବରୁ କୌଣସି ସୂଚନା ଦେଇନଥିଲେ। ଫଳରେ ପରବର୍ତ୍ତୀ ସମୟରେ ସେମାନଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା ବୋଲି କୁହାଯାଇଛି।

# ବାଣିଜ୍ୟ



ରାଉରକେଲା : ସେଲ୍ ଆରଏସପିର ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚଏସଏମ -୨) ବିଭାଗ ସେପ୍ଟେମ୍ବର ୧୦ ତାରିଖରେ ୯୬୭୧ ଟନ୍ ସ୍ଲାବ୍ ରୋଲିଂ କରି ମୋଟ ୯୪୫୦ ଟନ୍ ଓଜନର ୪୩୯ଟି କଏଲ୍ ଉତ୍ପାଦନ ପୂର୍ବକ ନୂତନ ରେକର୍ଡ ସୃଷ୍ଟି କରିଛି। ଏହା ରୋଲିଂ ହୋଇଥିବା ମୋଟ ସ୍ଲାବ୍ ସଂଖ୍ୟା, ମୋଟ ସ୍ଲାବ୍ ଓଜନ ଏବଂ କଏଲ୍ ଓଜନ ଦୃଷ୍ଟିରୁ ସର୍ବକାଳୀନ ଶ୍ରେଷ୍ଠ ଉତ୍ପାଦନ ଅଟେ । ଏଥିସହିତ ମିଲ ଗତ ସେପ୍ଟେମ୍ବର ୭ ତାରିଖ ରେ ମୋଟ ୯୬୩୮ ଟନ୍ ସ୍ଲାବ୍ ଓଜନ ରୋଲିଂ କରି ୪୩୮ କଏଲ୍ ଉତ୍ପାଦନର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏହି ସଫଳତା ନିମନ୍ତେ ସାମୁଦାୟିକଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ସେପ୍ଟେମ୍ବର ୧୧ ତାରିଖରେ ଏଚ ଏସ ଏମ -୨ ବିଭାଗ ଗସ୍ତ କରିଥିଲେ। ତାଙ୍କ ସହ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ମାଇନ୍ସ ଓଜି ଓ ଏମ, ସି ଏମ ଏଲ ଓ ର ନିର୍ବାହୀ ନିର୍ଦ୍ଦେଶକ ଏମ ପି ସିଂହ ଉପସ୍ଥିତ ଥିଲେ। ଏହି ଅବସରରେ କାରଖାନାର ବହୁ ସିଜିଏମ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଲକ୍ଷ୍ମୀ ମୁର୍ମୁଙ୍କୁ ଆଇଏସ୍‌ଏ ଜେଣ୍ଡର ଡାଇଭର୍ସିଟି ପୁରସ୍କାର



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନ୍ (ଆଇଏସଏ) ପକ୍ଷରୁ ଜିନ୍ଦଲ୍ ଷ୍ଟେନଲେସର ଯାଜପୁର ପ୍ଲାଣ୍ଟର ଲକ୍ଷ୍ମୀ ମୁର୍ମୁଙ୍କୁ ପ୍ରତିଷ୍ଠିତ ଜେଣ୍ଡର ଡାଇଭର୍ସିଟି ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି । ଚଳିତ ସପ୍ତାହରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଆଇଏସଏ ଷ୍ଟିଲ୍ କନକ୍ଲେଭର ଷଷ୍ଠ ସଂସ୍କରଣର ଉଦଘାଟନୀ ଅଧିବେଶନରେ ମାନ୍ୟବର କେନ୍ଦ୍ର ଭାରୀ ଶିଳ୍ପ ଏବଂ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଭୂପତି ରାଜୁ ଶ୍ରୀନିବାସ ବର୍ମା ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀମତୀ ମୁର୍ମୁଙ୍କୁ ତାଙ୍କର ନେତୃତ୍ୱ, ସମାବେଶୀ ଭାବଧାରା ଏବଂ ମାନୁଫ୍ୟାକ୍ଚରିଂ ପ୍ଲାଂଟରେ ସମାନ କାର୍ଯ୍ୟସ୍ଥଳ ଗଢ଼ିବାରେ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ଲକ୍ଷ୍ମୀ ମୁର୍ମୁ ଗତ ସାତ ବର୍ଷ ଧରି ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ୍ ଷ୍ଟେନଲେସ୍ ସହିତ କାମ କରୁଛନ୍ତି। ତାଙ୍କର ଦୃଢ଼ ମନୋବଳ ଏବଂ ଶିଖିବା ଦିଗରେ ପ୍ରତିବଦ୍ଧତା ଯୋଗୁଁ ସେ ଏକ୍ସକାଭେଟର, ଜେସିବି, କ୍ରେନ୍ ଏବଂ ଫୋର୍କଲିଫ୍ଟ ଭଳି ଭାରୀ ଯନ୍ତ୍ରପାତି ପରିଚାଳନା କରିପାରୁଛନ୍ତି, ଯେଉଁଥିରେ ଉତ୍ପାଦନ ଶିଳ୍ପରେ ମହିଳାମାନଙ୍କୁ ଏଭଳି ସୁଯୋଗ ବହୁତ କମ୍ ମିଳେ । ଏହି ସମୟ ମଧ୍ୟରେ ଜିନ୍ଦଲ୍ ଷ୍ଟେନଲେସର ଯାଜପୁର ପ୍ଲାଂଟରେ ସେ ସୁରକ୍ଷା ଏବଂ ପରିଚାଳନାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅନେକ ପୁରସ୍କାର ହାସଲ କରିଛନ୍ତି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି,ଲକ୍ଷ୍ମୀ ମୁର୍ମୁ ଆଇଏସଏ ଦ୍ୱାରା ସମ୍ମାନିତ ହୋଇଥିବାରୁ ମୁଁ ଅତ୍ୟନ୍ତ ଗର୍ବିତ। ପୁରସ୍କାର ଗ୍ରହଣ କରିବା ପରେ ଶ୍ରୀମତୀ ମୁର୍ମୁ କହିଥିଲେ,ଏହା ମୋ ପାଇଁ ଏକ ଗର୍ବର ମୁହୂର୍ତ୍ତ। ମୁଁ ଏହାକୁ ସବୁ ମହିଳାଙ୍କ ଏକ ବିଜୟ ଭାବରେ ଦେଖୁଛି, ଯେଉଁମାନେ ସାମାଜିକ ପ୍ରତିବନ୍ଧକ ସତ୍ତ୍ୱେ ସାହସର ସହିତ ନେତୃତ୍ୱ ନେଇଛନ୍ତି। ମୁଁ ଜିନ୍ଦଲ ଷ୍ଟେନଲେସରେ ମୋର ସହକର୍ମୀ ଏବଂ ମେଂଟରଙ୍କ ପ୍ରତି ସେମାନଙ୍କର ସମର୍ଥନ ପାଇଁ କୃତଜ୍ଞ, ଯାହା ମୋତେ ଆତ୍ମବିଶ୍ୱାସ ଦେବା ସହିତ ଏହି ଯାତ୍ରାରେ ଆଗକୁ ବଢ଼ିବାରେ ସକ୍ଷମ କରିଛି। ୨୦୨୩ ଏବଂ ୨୦୨୪ରେ ଯଥାକ୍ରମେ ମିନୁ ମହନ୍ତ ଏବଂ ସାଗରିକା ସୋରେନଙ୍କ ସଫଳତା ପରେ ଲକ୍ଷ୍ମୀ ମୁର୍ମୁ ହେଉଛନ୍ତି ଜିନ୍ଦଲ ଷ୍ଟେନଲେସର ତୃତୀୟ ମହିଳା ଯିଏକି ଆଇଏସଏ କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଛନ୍ତି।

## ଗ୍ରେସିର ନୂତନ ସଂସ୍କରଣର ଶୁଭାରମ୍ଭ



ନୂଆଦିଲ୍ଲୀ: ଭାରତର ଇଲେକଟ୍ରିକ ଦୁଇ ଚକିଆ ନିର୍ମାତା କମ୍ପାନୀ, ଜେଲିଓ ଇ ମୋବିଲିଟି ପକ୍ଷରୁ ଏହା ବହୁ ଚର୍ଚ୍ଚିତ ଲୋ-ସ୍ପିଡ ଇଲେକଟ୍ରିକ ସ୍କୁଟର ଗ୍ରେସିର ଫେସଲିଫ୍ଟ ସଂସ୍କରଣର ଶୁଭାରମ୍ଭ କରାଯାଇଛି । ବିଭିନ୍ନ ଯାତାୟତ ଆବଶ୍ୟକତାକୁ ଧ୍ୟାନରେ ରଖି, ଏହି ନୂଆ ଗ୍ରେସି ତିନି ପ୍ରକାରର ଭିନ୍ନ ଭିନ୍ନ ବ୍ୟାଟେରି ବିକଳ୍ପରେ ଉପଲବ୍ଧ । ଏହାର ଲିଥିୟମ-ଲୋନ ବ୍ୟାଟେରୀ ଭ୍ୟାରିଏଂଟ ୬୦ଭି / ୩୦ ଏଏଚର ମୂଲ୍ୟ ୬୬୦୦୦ (ଏକ୍ସ-ସୋରୁମ) ରହିଥିବାବେଳେ ଏହାର ରେଂଜ ୯୦-୧୦୦ କିମି ରହିଛି। ସେହିଭଳି ଜେଲ ବ୍ୟାଟେରୀ ଭ୍ୟାରିଏଂଟ ୬୦ଭି / ୩୨ ଏଏଚର ମୂଲ୍ୟ ୫୪୦୦୦ (ଏକ୍ସ-ସୋରୁମ) ରହିଥିବାବେଳେ ଏହାର ରେଂଜ ୮୦-୯୦ କିମି ରହିଛି ଅନ୍ୟପଟେ ୭୨ଭି / ୪୨ ଏଏଚର ମୂଲ୍ୟ ୫୮୫୦୦ (ଏକ୍ସ ସୋରୁମ) ରହିଥିବାବେଳେ ଏହାର ରେଂଜ ୧୩୦-୧୪୦ କିମି ରହିଛି। ଏ ଶୁଭାରମ୍ଭ ସଂପର୍କରେ ମତ ଦେଇ ଜେଲିଓ ଇ ମୋବିଲିଟି ପକ୍ଷରୁ ଏହାର ଏମଡି ତଥା ସହ ପ୍ରତିଷ୍ଠାତା, କୁନାଲ ଆର୍ଯ୍ୟା କହିଛନ୍ତି ଯେ, ‘ନୂତନ ରୂପରେ ଆସିଥିବା ଗ୍ରେସି ମାଧ୍ୟମରେ ଆମେ ଡିଜାଇନ , କାର୍ଯ୍ୟକ୍ଷମତା ଓ ନବୀନତାକୁ ଏକତ୍ର କରିଛୁ, ଯାହା ଭାରତୀୟ ଯାତ୍ରୀଙ୍କ ବଦଳୁଥିବା ଆବଶ୍ୟକତାକୁ ପୂରଣ କରିବ । ଆମ ଲକ୍ଷ ସ୍ପଷ୍ଟ ରହିଛି - ଇଲେକଟ୍ରିକ ମୋବିଲିଟିକୁ ଆକାଶ ଛୁଆଁ ନୁହେଁ ବରଂ ବ୍ୟବହାରିକ ଓ ସବୁଙ୍କ ପାଇଁ ସୁଲଭ କରିବା ।’ ଏହି ନୂଆ ସଂସ୍କରଣ ଖାସ କରି ବର୍ତ୍ତମାନର ସିଟି ରାଇଡର୍ସଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ଯାହାକି ଦୈନନ୍ଦିନ ଜୀବନରେ ଆରାମ ଦାୟକ ଚାଳନାର ଅନୁଭୂତି ପ୍ରଦାନ କରିବ। ଏହି ନୂତନ ଗ୍ରେସି, ପୂର୍ବ ସଂସ୍କରଣ ଅପେକ୍ଷା ଅତ୍ୟାଧୁନିକ ଦକ୍ଷତା ସଂପନ୍ନ ଅଟେ। ଏଥିରେ ଅଧିକାଂଶ କର୍ଟ ଏବଂ ଏଭଳି ଫିଚର ଦିଆଯାଇଛି ଯାହା ଛାତ୍ର, ବୃତିଗତ ବ୍ୟକ୍ତି ବିଶେଷ ଏବଂ ଡେଲିଭରି କର୍ମଚାରୀଙ୍କ ଦୈନନ୍ଦିନ ଆବଶ୍ୟକତାକୁ ପୂରଣ କରିପାରିବା ନିରପତା ଓ ସୁବିଧାଜନକ ଯାତ୍ରା ଅନୁଭୂତି ପାଇଁ ଗ୍ରେସିର ସାମ୍ନାରେ ଡିସ୍କ ବ୍ରେକ ଓ ପଛରେ ଡ୍ରମ ବ୍ରେକ ଦିଆଯାଇଛି ।

## ‘ଶିଳ୍ପ ବିକାଶକୁ ଶକ୍ତି ପ୍ରଦାନ କରିବାରେ ଟିପିଡବ୍ଲୁଓଡିଏଲ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା’

ବୁର୍ଲା (ଭାସ୍କର ନ୍ୟୁଜ୍) : ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲୁଓଡିଏଲ୍) ପଶ୍ଚିମ ଓଡ଼ିଶାର ଶିଳ୍ପ ବିକାଶକୁ ଶକ୍ତି ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ବିଗତ ୪ ବର୍ଷ ଧରି କମ୍ପାନୀ ପଶ୍ଚିମ ଓଡ଼ିଶାର ନଅ ଗୋଟି ଜିଲ୍ଲାର ୪୮ ହଜାର ବର୍ଗ କିଲୋମିଟର କ୍ଷେତ୍ରରେ ପ୍ରାୟ ୨୧ ଲକ୍ଷରୁ ଉର୍ଦ୍ଧ୍ୱ ଘରୋଇ, ଶିଳ୍ପ ତଥା କୃଷି ଭଳି ବିଭିନ୍ନ ବର୍ଗର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦେଇ ଆସୁଅଛି । ଶିଳ୍ପ ପ୍ରାଧାନ୍ୟ ଅଞ୍ଚଳ ଭାବେ ପରିଗଣିତ ପଶ୍ଚିମ ଓଡ଼ିଶା ଏବଂ ଏହି ଅଞ୍ଚଳଗୁଡ଼ିକରେ ଶିଳ୍ପର ଅଭିବୃଦ୍ଧିକୁ ଟିପିଡବ୍ଲୁଓଡିଏଲର ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ଯଥେଷ୍ଟ ସମର୍ଥନ କରୁଅଛି। କମ୍ପାନୀ ପକ୍ଷରୁ ବର୍ତ୍ତମାନ ୬,୦୪୫ ଶିଳ୍ପ ଉପଭୋକ୍ତାଙ୍କୁବିଦ୍ୟୁତ୍ ସେବା ପ୍ରଦାନ କରାଯାଉଅଛି ।

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

ଯେଉଁଥିରେ ପ୍ରାୟ ୧,୦୦୦ବୃହତ ଶିଳ୍ପ ଏବଂ ୫,୦୦୦ ରୁ ଅଧିକ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଅନ୍ତର୍ଭୁକ୍ତ ରହିଛି । ଏଥିମଧ୍ୟରୁ ୩୪ ଜଣ ଉପଭୋକ୍ତାଙ୍କୁ ଏକ୍ସଟ୍ରା ହାଇ ଟେନସନ୍ (ଇଏଚଟି) ବିଦ୍ୟୁତ୍ ଯୋଗାଣ ଏବଂ ୧୮୭୫ ଜଣ ଉପଭୋକ୍ତାଙ୍କୁ ହାଇ ଟେନସନ୍ (ଏଚଟି) ବିଦ୍ୟୁତ୍ ଯୋଗାଣ କରାଯାଉଅଛି । ତେବେ ସମଗ୍ର ପଶ୍ଚିମ ଓଡ଼ିଶାର ଶିଳ୍ପ ଉପଭୋକ୍ତାଙ୍କ ପାଇଁ ଚୁକ୍ତିବଦ୍ଧ ବିଦ୍ୟୁତ୍ ଚାହିଦା ୧୦୬.୨ ମେଗାୱାଟ୍ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏମାନଙ୍କ ସର୍ବାଧିକ ବିଦ୍ୟୁତ୍ ଚାହିଦା ୮୮.୯ ମେଗାୱାଟ୍ ରହିଛି। ପ୍ରକାଶଥାଉ କି,ବୃହତ ଶିଳ୍ପ ଠାରୁ ଆରମ୍ଭ କରି କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଶିଳ୍ପଗୁଡ଼ିକର ବିବିଧ ଆବଶ୍ୟକତା ପୂରଣ କରିବା ପାଇଁ କମ୍ପାନୀ ପକ୍ଷରୁ ନିରନ୍ତର ଭାବରେ ଏହାର ବିଦ୍ୟୁତ ଭିତ୍ତିଭୂମିକୁ ଉନ୍ନତ କରାଯାଉଛି। ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହୋଇସାରିଛି, ଯେତେବେଳେ ନେଟୱାର୍କକୁ ଅଧିକ ସୁଦୃଢ଼ କରିବା ଏବଂ ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଅନେକ ନୂତନ ପ୍ରକଳ୍ପ କାର୍ଯ୍ୟାଧିନ ରହିଛି। ସୂଚନାଥାଉ କି, ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଶିଳ୍ପାଞ୍ଚଳ ପାଇଁ କମ୍ପାନୀ ପକ୍ଷରୁ ମୋଟ୍ ୩୫.୭୦ ସର୍କିଟ୍ କିଲୋମିଟର (ସିକେଏମ୍)ର ସ୍ୱତନ୍ତ୍ର ୩୩ କେ.ଭି ଫିଡର୍ ଲାଇନ୍ ବିଛାଯାଇଅଛି। ଏହି ବିକାଶ ବିଷୟରେ ସୂଚନା ଦେଇ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ପ୍ରକାଶ କରିଛନ୍ତି ଯେ, ଶିଳ୍ପକ୍ଷେତ୍ର ହେଉଛି ପଶ୍ଚିମ ଓଡ଼ିଶାର ଅର୍ଥନୀତିର ମେରୁଦଣ୍ଡ। ଆମ କମ୍ପାନୀ ନିରାପଦ, ନିର୍ଭରଯୋଗ୍ୟ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ସହ ଏହି ଶିଳ୍ପ ଅଭିବୃଦ୍ଧିକୁ ଅଧିକ ଶକ୍ତିଶାଳୀ କରୁଅଛି।

## ‘ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଉପରୁ ଜିଏସ୍‌ଟି ଉଚ୍ଛେଦ ଗ୍ରାହକ ଓ ଶିଳ୍ପ ପାଇଁ ଲାଭଦାୟକ’

ନୂଆଦିଲ୍ଲୀ: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣଙ୍କ ଅଧ୍ୟକ୍ଷତାରେ ଅୟୋଜିତ ଜିଏସଟି ପରିଷଦ ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଘୋଷଣା କରିଛନ୍ତି ଯାହା ଫଳରେ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଉପରୁ ସାମଗ୍ରୀ ଏବଂ ସେବା କର (ଜିଏସଟି) ଉଚ୍ଛେଦ କରାଯାଇଥିବା ବେଳେ ବୀମା କମ୍ପାନିମାନଙ୍କୁ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ବ୍ୟବହାର କରିବାର ଅନୁମତି ଦିଆଯାଇଛି। ଏହି ପଦକ୍ଷେପକୁ ଏକ ଦ୍ୱିମୁଖୀ ଉପକାରୀ ପଦକ୍ଷେପ ଭାବେ ଦେଖାଯାଉଛି ଯାହା ଗ୍ରାହକଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଅଧିକ ସମ୍ଭବ କରିବ ଏବଂ ବୀମା କ୍ଷେତ୍ରର ବୃଦ୍ଧିକୁ ସମର୍ଥନ କରିବ। ଶ୍ରୀମତୀ ସୀତାରାମଣ କହିଛନ୍ତି ଯେ ଜିଏସଟି ପରିଷଦର ଏହି ନିଷ୍ପତି ସରକାରଙ୍କ ପ୍ରତିଶ୍ରୁତିକୁ ପ୍ରତିଫଳିତ କରୁଛି ଯେ ସ୍ୱାସ୍ଥ୍ୟସେବା ଏବଂ ଆର୍ଥିକ ସୁରକ୍ଷା ଅଧିକ ଲୋକଙ୍କ ପାଖରେ ପହଂଚିବା ଦରକାର। ଜିଏସଟି ପରିଷଦ ବୈଠକ ପରେ ସେ କହିଥିଲେ ଯେ ସ୍ୱାସ୍ଥ୍ୟ ବୀମା ପରିବାର ପାଇଁ ଏକ ଅତ୍ୟାବଶ୍ୟକ ସୁରକ୍ଷା କବଚ ଏବଂ ପ୍ରିମିୟମ୍ ଉପରେ ଟିକସ ଭାର ହ୍ରାସ କରିବା ମଧ୍ୟବିତ ଶ୍ରେଣୀ ଏବଂ ବରିଷ୍ଠ ନାଗରିକ ଭିତରେ ବିଶେଷ ଭାବରେ ଅଧିକ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବ। ରିଲାଏନ୍ସ ଜେନେରାଲ ଇନସ୍ୟୁରାନ୍ସର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ରାକେଶ ଜୈନ ଏହି ଘୋଷଣାକୁ ସ୍ୱାଗତ କରି ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି। ସେ କହିଛନ୍ତି ଯେ,‘ଗ୍ରାହକଙ୍କ ଉପକାର ସହିତ ଉଦ୍ୟୋଗକୁ ଆଗକୁ ବଢ଼ାଇବାକୁ ଥିବା ଏକ ଐତିହାସିକ ପଦକ୍ଷେପ ହେଉଛି ଜିଏସଟି ପରିଷଦର ସ୍ୱାସ୍ଥ୍ୟ ବୀମା ପ୍ରିମିୟମକୁ ଟିକସ ମୁକ୍ତ କରିବା ଏବଂ ବୀମା କମ୍ପାନିମାନଙ୍କୁ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ବ୍ୟବହାର କରିବାର ଅନୁମତି ଦେବାର ନିଷ୍ପତି। ଏହି ସଂସ୍କାର ଲକ୍ଷାଧିକ ପରିବାର, ବରିଷ୍ଠ ନାଗରିକ ଏବଂ ଛୋଟ ବ୍ୟବସାୟଗୁଡ଼ିକ ପାଇଁ ସ୍ୱାସ୍ଥ୍ୟ ସୁରକ୍ଷା ଅଧିକ ସମ୍ଭବ କରିବ। ସେମାନେ ପ୍ରାୟତଃ ପ୍ରିମିୟମକୁ ଏକ ଅତିରିକ୍ତ ଅର୍ଥନୈତିକ ଭାର ଭାବେ ଦେଖୁଥିଲେ। ପ୍ରବେଶ ଖର୍ଚ୍ଚ କମ୍ କରିବା ଦ୍ୱାରା ଏହା ଅଧିକ ଲୋକଙ୍କୁ ବୀମା ସୁରକ୍ଷା ନେବାକୁ ଉତ୍ସାହିତ କରିବ ଯାହାଦ୍ୱାରା ବିପଦ ସୁରକ୍ଷା ଦୃଢ଼ ହେବ ଏବଂ ବୀମା କ୍ଷେତ୍ରର ଦୀର୍ଘମିଆଦୀ ସ୍ଥିରତା ଉନ୍ନତ ହୋଇପାରିବ। ବୀମା କେବଳ ଏକ ଆର୍ଥିକ ଉତ୍ପାଦ ନୁହେଁ ବରଂ ବଢୁଥିବା ସ୍ୱାସ୍ଥ୍ୟସେବା ଖର୍ଚ୍ଚ ଏବଂ ଅପ୍ରତ୍ୟାଶିତ ଜରୁରୀ ପରିସ୍ଥିତିରେ ପରିବାରବର୍ଗମାନଙ୍କ ପାଇଁ ଏକ ସୁରକ୍ଷା କବଚ। ଏହି ପଦକ୍ଷେପ ଏହାକୁ ଆର୍ଥିକ ଯୋଜନା ଭିତରେ ଅଧିକ ଗଭୀର ଭାବେ ସ୍ଥାପିତ କରିବାରେ ସାହାଯ୍ୟ କରିବ। ଆମେ ଏହାକୁ ଏକ ଦୂରଦର୍ଶୀ ସଂସ୍କାର ଭାବେ ଦେଖୁଛୁ ଯାହା ଗ୍ରାହକ ଏବଂ ବୀମା କମ୍ପାନି ଉଭୟଙ୍କ ପାଇଁ ଲାଭଦାୟକ ପରିସ୍ଥିତି ସୃଷ୍ଟି କରିବ ଏବଂ ଏକ ସୁସ୍ଥ ଏବଂ ଅଧିକ ଆର୍ଥିକ ଭାବରେ ସୁରକ୍ଷିତ ଭାରତ ଗଠନର ଯାତ୍ରାକୁ ଅର୍ଥପୂର୍ଣ୍ଣ ଯୋଗଦାନ ପ୍ରଦାନ କରିବ।’ ଉଦ୍ୟୋଗ ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି ଯେ, ଯେତେବେଳେ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ବଢ଼ିବାରେ ଲାଗିଛି ସେତେବେଳେ ଏହି ସଂସ୍କାର କେବଳ ଭାରତରେ ବୀମା ସାତନ୍ତ୍ରତାକୁ ବଢ଼ାଇବ ନାହିଁ ବରଂ ପରିବାରଗୁଡ଼ିକ ମଧ୍ୟରେ ଶକ୍ତିଶାଳୀ ଆର୍ଥିକ ସ୍ଥିରତା ସୃଷ୍ଟି କରିବ।

## ଆର୍ଥିକ ସହାୟତା ଦେଉଛି ଆଇଆଇଏଫ୍‌ଏଲ୍ ଗୋଲ୍ଡ ଲୋନ୍




ନୂଆଦିଲ୍ଲୀ: ଆଇଆଇଏଫ୍‌ଏଲ୍ ଫାଇନାନ୍ସ ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ଏକ ବିଶ୍ୱସ୍ତ ଆର୍ଥିକ ବୃଦ୍ଧି ସାଥୀ ଭାବରେ ନିଜର ସ୍ଥିତି ସୁଦୃଢ଼ କରୁଛି। କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ମହତ୍ୱକାଂକ୍ଷାକୁ ଚିହ୍ନଟ କରି ଆଇଆଇଏଫ୍‌ଏଲ୍ ଫାଇନାନ୍ସ ସୁଲଭ ଆର୍ଥିକ ସମାଧାନ ପ୍ରଦାନକରି ଏହି ଗତିକୁ ଶକ୍ତି ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଆଇଆଇଏଫ୍‌ଏଲ୍ ଫାଇନାନ୍ସ ସ୍ୱର୍ଣ୍ଣ ଋଣ ଏକ ସରଳ ଏବଂ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ଦ୍ରୁତ ଆର୍ଥିକ ସହାୟତା ପ୍ରଦାନ କରୁଛି। ଋଣଟି ଆକର୍ଷଣୀୟ ଏବଂ ପ୍ରତିଯୋଗିତାପୂର୍ଣ୍ଣ ସୁଧ ହାର ପ୍ରଦାନ କରୁଛି, ଯେଉଁଥିରେ ବ୍ୟକ୍ତିଗତ ଆର୍ଥିକ ଆବଶ୍ୟକତା ଅନୁଯାୟୀ ନିର୍ଦ୍ଧାରିତ ଫେରସ୍ତ ବିକଳ୍ପ ମଧ୍ୟ ରହିଛି। ଗ୍ରାହକମାନେ ଶିକ୍ଷା ଏବଂ ଡାକ୍ତରୀ ଚିକିତ୍ସା ଆବଶ୍ୟକତାକୁ ପୂରଣ କରିବା ଏବଂ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ବିସ୍ତାର କରିବା ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ସେମାନଙ୍କର ବୃଦ୍ଧି ଯାତ୍ରାରେ ସମର୍ଥନ ଦେବା ପାଇଁ ବ୍ୟକ୍ତିଗତ, ବୃତିଗତ କିମ୍ବା ବ୍ୟବସାୟିକ ଆବଶ୍ୟକତାକୁ ନିରବଚ୍ଛିନ୍ନ ଭାବେ ପୂରଣ କରିପାରିବେ । ଏହି ଅବସରରେ ଆଇଆଇଏଫ୍‌ଏଲ୍ ଫାଇନାନ୍ସ ସ୍ୱର୍ଣ୍ଣ ଋଣର ବ୍ୟବସାୟ ମୁଖ୍ୟ, ମନୀଷ ମୟଙ୍କ କହିଛନ୍ତି ଯେ ଆଇଆଇଏଫ୍‌ଏଲ୍ ଫାଇନାନ୍ସ ନିଜର ‘ସିଧା କଥା’ (ସିଧାସଳଖ କାରବାର) ନୀତି ଅନୁସାରେ ପ୍ରତ୍ୟେକ କାର୍ଯ୍ୟକଳାପରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖେ, ଯେଉଁଥିରେ ପ୍ରକ୍ରିୟାଗୁଡ଼ିକ ସମ୍ପୂର୍ଣ୍ଣଭାବେ ଗ୍ରାହକଙ୍କ ଶ୍ରେୟରେ ରଖି ପରିକଳ୍ପନା କରାଯାଇଛି।’ ଭାରତର ୧,୫୦୦ଟି ସହରରେ ୨,୮୦୦ରୁ ଅଧିକ ଶାଖା ସହିତ ଆଇଆଇଏଫ୍‌ଏଲ୍ ଫାଇନାନ୍ସ ସହରାଚଂଳ ଏବଂ ଗ୍ରାମୀଣ ଅଂଚଳର ଗ୍ରାହକଙ୍କ ପାଇଁ ସୁଲଭତା ନିଶ୍ଚିତ କରୁଛି। ଏହି କମ୍ପାନୀ ୮୦ ଲକ୍ଷରୁ ଅଧିକ ଗ୍ରାହକଙ୍କ ବିଶ୍ୱାସ ଅର୍ଜନ କରିଛି ଯାହା ଏହାର ସ୍ୱଚ୍ଛ ଅଭ୍ୟାସ ଏବଂ ଗ୍ରାହକ-କେନ୍ଦ୍ରିତ ଦୃଷ୍ଟିଭଙ୍ଗୀର ପ୍ରମାଣ। ଏହାର ବିସ୍ତୃତ ଶାଖା ନେଟୱର୍କ ବ୍ୟତୀତ ଆଇଆଇଏଫ୍‌ଏଲ୍ ଫାଇନାନ୍ସ ଏକ ମଜଭୁତ ଡିଜିଟାଲ୍ ଉପସ୍ଥିତି ଗଠନ କରିଛି ଯାହା ଗ୍ରାହକମାନଙ୍କୁ ଙ୍ଗଙ୍ଗଙ୍ଗ.ସସଲକ୍ଷ.ମକ୍ଟଙ୍କ ମାଧ୍ୟମରେ ସୁବିଧାଜନକ ଭାବରେ ସ୍ୱର୍ଣ୍ଣ ଋଣ ଅନ୍ୱେଷଣ, ଆବେଦନ ଏବଂ ପରିଚାଳନା କରିବାରେ ସକ୍ଷମ କରୁଛି।



ନୂଆଦିଲ୍ଲୀ: ଇତି ମଧ୍ୟରେ ଏସିଆ କପ୍ ଆରମ୍ଭ ହୋଇଯାଇଛି। ଭାରତ ପ୍ରଥମ ମ୍ୟାଚ୍ ୟୁଏଇ ସହିତ ଖେଳି ଥିବା ବେଳେ ୧୪ ତାରିଖରେ ପାକିସ୍ତାନ ସହିତ ଖେଳିବ। କିନ୍ତୁ ଏହା ପୂର୍ବରୁ ଆଜି ପାରମ୍ପରିକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏସିଆ କପରେ ଭାଗ ନେବାକୁ ଥିବା ସମସ୍ତ ୮ ଦଳର ଅଧିନାୟକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସମସ୍ତେ ଟ୍ରଫି ସହ ମିଳିତ ଭାବେ ଫଟୋ ଉଠାଇଛନ୍ତି। ଭାରତ ଓ ପାକିସ୍ତାନର ଅଧିନାୟକ ଏଥିରେ ଯୋଗ ଦେଇଥିଲେ ହେଁ ପରସ୍ପର ମଧ୍ୟରେ ଦୂରତା ଦେଖିବାକୁ ମିଳିଛି। ପହଲଗାମ ନରସଂହାର ଓ ଅପରେସନ ସିନ୍ଦୂର ପରେ ଭାରତ ଓ ପାକିସ୍ତାନ ସମ୍ପର୍କ ଉତ୍ତେଜନାମୂଳକ ରହିଛି। କିଛି ଲୋକ ଏସିଆ କପରେ ଭାରତ ଚୀରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ମ୍ୟାଚ୍ ନ ଖେଳୁ ବୋଲି ଦାବି କରିଥିଲେ। କିନ୍ତୁ ଭାରତ ଓ ପାକିସ୍ତାନ ପରସ୍ପର ବିରୋଧରେ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। କିନ୍ତୁ ଆଜିର ସାମ୍ବାଦିକ ସମ୍ମିଳନୀ ଓ ଫଟୋ ସେସନ୍‌ରେ ପାକିସ୍ତାନର ଅଧିନାୟକ ସଲମନ ଆଘାଙ୍କ ସହ ଭାରତର ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ଆଦୌ ମିଶି ନାହାନ୍ତି। ଏପରି କି ସେ କାର୍ଯ୍ୟକ୍ରମ ଆରମ୍ଭ ଓ ଶେଷରେ ସବୁ ଦଳର ଅଧିନାୟକମାନଙ୍କ ସହ ହାତ ମିଳାଇଥିଲେ। ସବୁଠାରୁ ଶେଷରେ ଆଫଗାନିସ୍ତାନ ଅଧିନାୟକ ରାଶିଦ ଖାନଙ୍କୁ ଆଲିଙ୍ଗନ କରିଥିଲେ। ହେଲେ ସଲମାନଙ୍କ ସହ ହାତ ମିଳାଇ ନଥିଲେ କିମ୍ବା ତାଙ୍କୁ ଆଲିଙ୍ଗନ କରି ନଥିବା ଭିଡିଓ ସାମ୍ନାକୁ ଆସିଛି।

# ଏସିଆ କପ୍ : ବାଂଲାଦେଶ ୭ୱିକେଟ୍‌ରେ ବିଜୟୀ



ଆବୁ ଧାବି : ଆବୁଧାବିଠାରେ ଖେଳାଯାଉଥିବା ଏସିଆ କପର ୩ୟ ଲିଗ୍ ମ୍ୟାଚ ବାଂଲାଦେଶ ଓ ହଂକଂ ମଧ୍ୟରେ ଖେଳାଯାଉଛି। ଏହି ମ୍ୟାଚ୍‌କୁ ବାଂଲାଦେଶ ୭ୱିକେଟରେ ଜିତି ନେଇଛି। ବାଂଲାଦେଶ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ହଂକଂ ନିର୍ଦ୍ଧାରିତ ୨-ଓଭରରେ ୭ ୱିକେଟ ହରାଇ ୧୪୩ ରନ କରିଥିଲା । ଦଳ ପକ୍ଷରୁ ଜିସାନ ଅଲ୍ଲି ୩୦ ରନ କରିଥିବାବେଳେ ନିଜାକତ୍ ଖାଁ ୪୨ ରନ ଓ ୟାସିମ ମୁର୍ତ୍ତାଜା ୨୮ ରନ କରିଥିଲେ । ତେବେ ଦଳର ଅନ୍ୟ ବ୍ୟାଟ୍ସମ୍ୟାନମାନେ ବିଫଳ ହୋଇଥିଲେ । ବାଂଲାଦେଶ ପକ୍ଷରୁ ରିଷଦ ହୋସେନ, ଟାଞ୍ଜିମ ହାସନ ସାକିବ ଓ ତାସକିନ ଅହମ୍ମଦ ୨ଟି ଲେଖାଏଁ ୱିକେଟ ନେଇଥିଲେ। ୧୪୪ରନ୍ ଟାର୍ଗେଟ ନେଇ ପଡିଆକୁ ଓହ୍ଲାଇଥିଲା ବାଂଲାଦେଶ। ବାଂଲାଦେଶ ଦୃଢ଼ତାର ସହିତ ବ୍ୟାଟିଂ ଜାରି ରଖିଛି। ବାଂଲାଦେଶ ପକ୍ଷରୁ ପରଭେଜ୍ ହୋସେନ୍ ଏମନ୍ ୧୯, ତାନଜିଦ୍ ହସେନ୍ ତାମିମ୍ ୧୪ ରନ୍ କରି ଆଉଟ ହୋଇଥିବା ବେଳେ ଅଧିନାୟକ ଓ ୱିକେଟକିପର ଲିଟନ ଦାସ ୫୯, ତୋହୁଇଟ୍ ହ୍ରିଡୋ ୩୫ରନ୍ ବଳରେ ବାଂଲାଦେଶ ୧୭.୪ ଓଭରରେ ୧୪୪ରନ୍ କରି ମ୍ୟାଚ୍ ଜିତି ନେଇଛି। ହଂକଂ ପକ୍ଷରୁ ଆୟୁଷ ଶୁକ୍ଳା ଓ ଆତିକ୍ୱି ଇକ୍‌ବାଲ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି।

## ସୁପ୍ରିମକୋର୍ଟଙ୍କ ବଡ ଶୁଣାଣି

# ଭାରତ-ପାକିସ୍ତାନ ମ୍ୟାଚ ହେବାକୁ ଦିଅ



ନୂଆଦିଲ୍ଲୀ: ଏସିଆ କପ ୨୦୨୫ର ମ୍ୟାଚ୍ ସୂଚୀ ଜାରି ହେବା ଦିନକୁ ଠାରୁ ଭାରତୀୟ କ୍ରିକେଟ ଟିମ ପାକିସ୍ତାନ ସହ ଖେଳିବା ନେଇ ବିତର୍କ ଜାରି ରହିଛି। ଏସବୁ ଭିତରେ ଆସନ୍ତା ୧୪ରେ ଭାରତ ଓ ପାକିସ୍ତାନ ପରସ୍ପରକୁ ସାମ୍ନା କରିବେ। ଏପ୍ରିଲ ୨୨ ପହଲଗାମ ନରସଂହାର ଓ ଅପରେସନ ସିନ୍ଦୂର ପରେ ଦୁଇ ଦେଶ ମଧ୍ୟରେ ତିକ୍ତତା ଚରମସୀମାରେ ରହିଛି। ଏପରି ସ୍ଥିତିରେ ଆସନ୍ତା ୧୪ରେ ଦୁଇ ଦେଶ ମଧ୍ୟରେ କ୍ରିକେଟ ମ୍ୟାଚ୍ ଖେଳାଯିବ। ମ୍ୟାଚ୍‌କୁ ମାତ୍ର କିଛି ଦିନ ବାକି ରହିଥିବା ବେଳେ ଏହାକୁ ବାତିଲ କରିବା ପାଇଁ ଜଣେ ଓକିଲ ପିଆଇଏଲ ସୁପ୍ରିମକୋର୍ଟ ଦାଖଲ କରିଥିଲେ। ସେ ଏହି ମହାମୁକାବିଲାକୁ ବାତିଲ କରିବା ପାଇଁ ଦାବି କରିଛନ୍ତି। କିନ୍ତୁ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଜେଏକେ ମାହେଶ୍ୱରୀ ଓ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ ଏହାର ଶୁଣାଣି କରିବାକୁ ମନା କରିଦେଇଛନ୍ତି। ମ୍ୟାଚ ହେବାକୁ ଦିଅ । ଆମେ ଏହାକୁ ବନ୍ଦ କରିବୁ ନାହିଁ। ଭାରତୀୟ ସମ୍ବିଧାନର ଧାରା ୩୨ ଅନୁଯାୟୀ ୪ ଜଣ ଆଇନ ବିଭାଗ ଛାତ୍ରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଉର୍ବଶୀ ଜୈନ ସୁପ୍ରିମକୋର୍ଟରେ ଏହି ପିଆଇଏଲ ଦାଏର କରିଥିଲେ। ସେପ୍ଟେମ୍ବର ୧୪ରେ ଦୁବାଇରେ ଖେଳା ଯିବାକୁ ଥିବା ଭାରତ-ପାକିସ୍ତାନ ମ୍ୟାଚ୍‌କୁ ତତ୍କାଳ ଭାବେ ବାତିଲ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ସେ ଅନୁରୋଧ କରିଥିଲେ। ବିଚାରପତି ଜେକେ ମାହେଶ୍ୱରୀ ଏବଂ ବିଜୟ ବିଷ୍ଣୋଇ ଏହାର ଶୁଣାଣୀ କରି ଉପରୋକ୍ତ ଶୁଣାଣୀ କରିଥିଲେ। ଏବେ ଏହି ମ୍ୟାଚକୁ ନେଇ ଭାରତରେ ରାଜନୀତି ତୀବ୍ର ହେବାରେ ଲାଗିଛି। ଶିବସେନା ନେତା ତଥା ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ ଆଗକୁ ଏହି ମ୍ୟାଚ ନେଇ ତୀବ୍ର ବିରୋଧ କରାଯିବ ବୋଲି କହିଛନ୍ତି । ଏହା ଏକ ବହୁରାଷ୍ଟ୍ରୀୟ ମୁକାବିଲା ଏବଂ ନିରପେକ୍ଷ ସ୍ଥାନରେ ଖେଳାଯାଉଛି। ଅନ୍ୟପକ୍ଷରେ ବୁଧବାର ମ୍ୟାଚରେ ଭାରତ ୟୁଏଇ ବିପକ୍ଷରେ ଦମ୍‌ଦାର ବିଜୟୀ ହୋଇ ପାକିସ୍ତାନକୁ କଡା ଚେତାବନୀ ଦେଇଛି।

# କୋଟି କୋଟି ଟଙ୍କା ହେର୍‌ଫେର୍: ବିସିସିଆଇକୁ ହାଇକୋର୍ଟଙ୍କ ନୋଟିସ୍



ନୂଆଦିଲ୍ଲୀ : ବର୍ତ୍ତମାନ ସମସ୍ତଙ୍କ ନଜର ରହିଛି ଏସିଆ କପ୍ ୨୦୨୫ ଉପରେ। ଏହି ଟୁର୍ଣ୍ଣାମେଣ୍ଟ ୯ ସେପ୍ଟେମ୍ବରରୁ ୮ଟି ଦଳ ମଧ୍ୟରେ ଆରମ୍ଭ ହୋଇଛି। ବୁଧବାର ଟିମ୍ ଇଣ୍ଡିଆ ଏହାର ପ୍ରଥମ ମ୍ୟାଚ୍ ଖେଳିଛି। ଏହି ସମୟରେ, କୋଟି କୋଟି ଟଙ୍କାର ଏକ ହେରଫେର ସାମ୍ନାକୁ ଆସିଛି। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ଅର୍ଥାତ୍ ବିସିସିଆଇ ମଧ୍ୟ ଏହି ସମ୍ପୂର୍ଣ୍ଣ ମାମଲାରେ ଏକ ନୋଟିସ ପାଇଛି। ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଏହି ହେରଫେରରେ କଦଳୀ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ଘଟଣାଟି ଉତ୍ତରାଖଣ୍ଡ କ୍ରିକେଟ୍ ଆସୋସିଏସନର। ସଂଘରେ ୧୨ କୋଟି ଟଙ୍କାର ହେରଫେର ମାମଲା ହାଇକୋର୍ଟରେ ପହଞ୍ଚିଛି। ଡେରାଡୁନର ବାସିନ୍ଦା ସଞ୍ଜୟ ରାଓ୍ୱତ ଏକ ଆବେଦନ ଦାଖଲ କରିଛନ୍ତି, ଯାହାର ଶୁଣାଣି ହୋଇଥିଲା। ନୈନିତାଲ ହାଇକୋର୍ଟ କୋଟି କୋଟି ଟଙ୍କାର ଏହି କଥିତ ହେରଫେର ଉପରେ କଠୋର ମତ ରଖିଛନ୍ତି ଏବଂ ବିସିସିଆଇକୁ ନୋଟିସ ପଠାଇଛନ୍ତି। ଏବେ ଏହି ମାମଲାର ଶୁଣାଣି ଆସନ୍ତା ଶୁକ୍ରବାର ହେବ। ସଞ୍ଜୟ ରାଓ୍ୱତ ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଦାୟର ଆବେଦନରେ ଅଭିଯୋଗ କରାଯାଇଛି ଯେ ଉତ୍ତରାଖଣ୍ଡ କ୍ରିକେଟ ଆସୋସିଏସନ ନିୟମ ଅନୁଯାୟୀ କାମ କରୁନାହିଁ। ପାଣ୍ଠିର ଅପବ୍ୟବହାର କରାଯାଉଛି। ରାଓ୍ୱତ କହିଛନ୍ତି ଯେ ସଂଘ ଖେଳାଳିଙ୍କ ବିକାଶ ଏବଂ କ୍ରିକେଟ ଆୟୋଜନ ପାଇଁ ପାଇଥିବା ୧୨ କୋଟି ଟଙ୍କାର ସରକାରୀ ପାଣ୍ଠିର ଅପବ୍ୟବହାର କରିଛି। ଖେଳାଳିମାନେ କୌଣସି ସୁବିଧା ପାଉନାହାଁନ୍ତି। ଦାୟର ଆବେଦନରେ ସଞ୍ଜୟ ରାଓ୍ୱତ ଦାବି କରିଛନ୍ତି ଯେ ସଂଘ ଏହାର ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ନୁହେଁ ବରଂ ଜଣେ ବାହାର ସିଏଙ୍କ ଦ୍ୱାରା ପାଣ୍ଠିର ଅଡିଟ୍ କରାଇଛି, ଯାହା ଦ୍ୱାରା ଅନିୟମିତତାକୁ ଏଡାଯାଇପାରିବ। ବର୍ତ୍ତମାନ ଏହି ମାମଲାରେ, ରାଓ୍ୱତ ସତ୍ୟକୁ ସାମ୍ନାକୁ ଆଣିବା ପାଇଁ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ବିଚାରପତି ମନୋଜ କୁମାର ତିୱାରୀଙ୍କ ଏକକ ଖଣ୍ଡପୀଠ ମଙ୍ଗଳବାର ସମ୍ପୂର୍ଣ୍ଣ ମାମଲାର ଶୁଣାଣି କରି ବିସିସିଆଇଠାରୁ ଏହି ସମ୍ପୂର୍ଣ୍ଣ ମାମଲାରେ ଉତ୍ତର ମାଗିଛନ୍ତି। ଏହି ସମ୍ପୂର୍ଣ୍ଣ ମାମଲାରେ ଏକ ଆଶ୍ଚର୍ଯ୍ୟଜନକ କଥା ସାମ୍ନାକୁ ଆସିଛି, ଯେଉଁଥିରେ ଆବେଦନକାରୀ ସିଏଯୁର ଅଡିଟ୍ ରିପୋର୍ଟକୁ ଉଦ୍ଧୃତ କରି କହିଛନ୍ତି ଯେ ଖେଳାଳିମାନଙ୍କୁ ୩୫ ଲକ୍ଷ ଟଙ୍କାର କଦଳୀ ଖାଇବାକୁ ଦିଆଯାଇଛି। ଖାଦ୍ୟ ଏବଂ ଶିବିର ନାମରେ ଅନେକ କୋଟି ଟଙ୍କାର ଖର୍ଚ୍ଚ ଦର୍ଶାଯାଇଛି। ଏବେ ଯଦି ଏହି ସମ୍ପୂର୍ଣ୍ଣ ମାମଲାରେ ଅଭିଯୋଗ ସତ୍ୟ ହୁଏ, ତେବେ ଉତ୍ତରାଖଣ୍ଡ କ୍ରିକେଟ୍ ଆସୋସିଏସନ୍ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ।

# ଭାରତ ଓ ପାକିସ୍ତାନ ମ୍ୟାଚକୁ ନେଇ କପିଳଙ୍କ ଭବିଷ୍ୟତବାଣୀ



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ କପିଲ ଦେବ ଭାରତ ଓ ପାକିସ୍ତାନ ମ୍ୟାଚକୁ ନେଇ ଭବିଷ୍ୟବାଣୀ କରିଛନ୍ତି। ରବିବାର ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ସମ୍ପର୍କିତ ପ୍ରଶ୍ନରେ ପୂର୍ବତନ ଅଧିନାୟକ କପିଲ ଦେବ କହିଛନ୍ତି, 'ଖେଳାଳିମାନଙ୍କର କାମ କେବଳ ଖେଳିବା। ସେମାନଙ୍କୁ କିଛି କହିବାର ଆବଶ୍ୟକତା ନାହିଁ। ସେମାନେ ଖେଳିବାକୁ ଯାଇଛନ୍ତି। ଜିତିକି ଫେରି ଆସନ୍ତୁ, ଯାହା କିଛି କହିବାକୁ କିମ୍ବା କରିବାକୁ ପଡିବ, ସରକାର ନିଜ ସ୍ତରରେ କରୁଛନ୍ତି।' ଭାରତ ଏବଂ ପାକିସ୍ତାନ ମଧ୍ୟରେ ରବିବାର ଏସିଆ କପ୍ ୨୦୨୫ର ଲିଗ୍ ମ୍ୟାଚ୍ ଖେଳାଯିବ। ବର୍ତ୍ତମାନ ଭାରତ-ପାକିସ୍ତାନ ମ୍ୟାଚକୁ ନେଇ ଦେଶରେ ପ୍ରତିବାଦର ସ୍ୱର ଉଠିବାରେ ଲାଗିଛି। ମନୋଜ ତିୱାରୀଙ୍କ ପରି ଅନେକ ପୂର୍ବତନ କ୍ରିକେଟର ମଧ୍ୟ ଭାରତ-ପାକିସ୍ତାନ ମ୍ୟାଚ୍ ଉପରେ ପ୍ରଶ୍ନ ଉଠାଇଛନ୍ତି। ବିଶ୍ୱ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡସ୍ ୨୦୨୫ ସମୟରେ, ପୂର୍ବତନ ଭାରତୀୟ କିମ୍ବଦନ୍ତୀମାନେ ପାକିସ୍ତାନ ସହିତ ଖେଳିବାକୁ ମନା କରିଥିଲେ। ଏସିଆ କପ୍ ଆରମ୍ଭ ହେବା ପୂର୍ବରୁ, ଭାରତ ସରକାର ସ୍ପଷ୍ଟ କରିଥିଲେ ଯେ ପାକିସ୍ତାନ ସହିତ କୌଣସି ଦ୍ୱିପାକ୍ଷିକ ସିରିଜ୍ ଖେଳାଯିବ ନାହିଁ, ଉଭୟ ଦଳ କେବଳ ଆଇସିସି ଏବଂ ଏସିସି ଟୁର୍ଣ୍ଣାମେଣ୍ଟରେ ଏକାଠି ଖେଳିବେ।

# ବ୍ଲକ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା: ଯୋଗଦେଲେ ୨୯୫ ଖେଳାଳି




ଟାଙ୍ଗୀ (ଭାସ୍କର ନ୍ୟୁଜ୍) : ଟାଙ୍ଗୀ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ବଳରାମ ଦେବ ବିଦ୍ୟାପୀଠ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡା ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରା ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଳରାମ ଦେବ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ ଯୋଗ ଦେଇଥିଲେ। ବ୍ଲକ ଅନ୍ତର୍ଗତ ୨୨ଟି ବିଦ୍ୟାଳୟର ୨୯୫ ଜଣ ଖେଳାଳି କବାଡି, ଖୋ ଖୋ, ରଗବି, ଫୁଟବଲ ଓ ହକି ପ୍ରତିଯୋଗିତାରେ ଭାଗ ନେଇଥିଲେ। ବ୍ଲକ ତରଫରୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଖେଳାଳୀ ମନୋନୀତ କରାଯାଇଥିଲା। ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡା ପ୍ରଶିକ୍ଷକ ବିଜୟ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ଯୋଗଦେଇ ଖେଳରେ ହାରଜିତ ବଡ଼କଥା ନୁହେଁ ପ୍ରତିଯୋଗିତାରେ ଭାଗନେବା ଖେଳାଳି ମାନଙ୍କ ଲକ୍ଷ୍ୟ ହେବା ଉଚିତ ବୋଲି ମନ୍ତବ୍ୟ ରଖିଥିଲେ। ବ୍ଲକ କ୍ରୀଡ଼ା ସଂପାଦକ ଗୀତାଶୁ ଶେଖର ମହାନ୍ତି କ୍ରୀଡ଼ା ପ୍ରତିଯୋଗିତାର ବିବରଣୀ ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ନିରଂଜନ ସାହୁ, ମନୋଜ କୁମାର ଭଞ୍ଜଦେଓ, ପୂର୍ଣ୍ଣ୍ୟ ବ୍ରତ ମହାପାତ୍ର, ଲକ୍ଷ୍ମୀଧର ପାତ୍ର, କ୍ରୀଡ଼ା ଶିକ୍ଷୟିତ୍ରୀ ତିଳୋତ୍ତମା ଜେନା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ସର୍ବଭାରତୀୟ ଆଜାଦ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍

# ସନ୍ ରାଇଜ ଏଫ୍‌ସି କଟକ ବିଜୟୀ



କରଞ୍ଜିଆ(ଭାସ୍କର ନ୍ୟୁଜ୍) : ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ଚଢେଇଭୋଳ ଆଜାଦ ସ୍ପୋର୍ଟ ଏବଂ କଲଚରାଲ କ୍ଲବ ଆନୁକୂଲ୍ୟରେ ସର୍ବଭାରତୀୟ ଆଜାଦ କପ ଫୁଟବଲ ଟୁର୍ନାମେଣ୍ଟ ପଞ୍ଚାୟତ ହାଇସ୍କୁଲ ଚଢେଇଭୋଳ ଷ୍ଟାଡିଅମ ଠାରେ ଅନୁଷ୍ଠିତ ହେଉଛି। ଏହି ସର୍ବ ଭାରତୀୟ ଟୁର୍ନାମେଣ୍ଟରେ ଓଡ଼ିଶା ରାଜ୍ୟ, ଝାଡ଼ଖଣ୍ଡ, ନେପାଳ ଏବଂ ପଶ୍ଚିମବଙ୍ଗର ୮ ଟି ଟିମ ଅଂଶ ଗ୍ରହଣ କରିଛନ୍ତି। ଆଜିର ଟୁର୍ନାମେଣ୍ଟରେ ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର କୁମାର ବାରିକ, ରୁହୁଲ୍ ଅମିନ, ସୁରେନ୍ଦ୍ର କୁମାର ବେହେରା ଓ କ୍ଲବ ସଭାପତି ଇନ୍ଦ୍ରମଣି ମହାକୁଡ଼ ଅତିଥି ରୂପେ ଯୋଗଦେଇ ଖେଳାଳୀଙ୍କ ସହିତ କର ମର୍ଦ୍ଦନ କରି ଖେଳକୁ ଉଦଘାଟନ କରିଥିଲେ। ସମ୍ପାଦକ ଏମ୍‌ଡି କାୟମ, ଖାଲିଲୁର ରେହେମାନଙ୍କ ସହିତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଆଜିର ମ୍ୟାଚ ସନରାଇଜ ଏଫ୍‌ସି କଟକ ବନାମ ବିଜୟ ଏଫ୍‌ସି ଖଣ୍ଡବନ୍ଧ, ଚାଇବାସା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚକୁ କଟକ ୬/୧ ଗୋଲ ଦେଇ ଚାଇବାସାକୁ ପରାସ୍ତ କରି ବିଜୟୀ ହୋଇଥିଲା। ଆଜି ମ୍ୟାଚକୁ ରେଫରି ଭାବେ ସଳିଲ ବେହେରା, ଲକ୍ଷ୍ମଣ ସେଠ୍, ରାସନ୍ ଖାଁ, ନିତ୍ୟାନନ୍ଦ ମେହେର ପରିଚାଳନା କରିଥିଲେ। ମ୍ୟାଚ୍ ଦେଖିବାକୁ ଚଢେଇଭୋଳ ଷ୍ଟାଡିଅମ ଠାରେ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ୨୧ ତାରିଖରେ ଫାଇନାଲ ମ୍ୟାଚ ସହିତ ଉଦଯାପନ ହେବ ବୋଲି ସଂପାଦକ ଏମଡି କାୟମ ସୂଚନା ଦେଇଛନ୍ତି।

# ଜାତୀୟ ଭୋଭିନାମ ମାର୍ସଲ ଆର୍ଟ ଚାମ୍ପିଅନ୍‌ସିପ: ଓଡ଼ିଶା ପୋଲିସକୁ ୫ ପଦକ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଥିବା ୧୪ ତମ ଜାତୀୟ ଭୋଭିନାମ ମାର୍ସଲ ଆର୍ଟ ଚମ୍ପିୟାନସିପ ୨୦୨୫ରେ ଓଡ଼ିଶା ପୋଲିସର ୩ ଜଣ ଯୁବ କ୍ରୀଡ଼ାବିତ (୨ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ) ବିଜୟୀ ହୋଇ ରାଜ୍ୟ ପୋଲିସକୁ ଗୌରବାନ୍ୱିତ କରିଛନ୍ତି। ଓଆଇଏସଏଫ୍, ଭୁବନେଶ୍ୱରରେ କାର୍ଯ୍ୟରତ କନଷ୍ଟେବଳ ବର୍ଷା ନାଥ ଭୋଭିନାମ ମାର୍ସଲ ଆର୍ଟ ବିଭାଗରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିପରି କନଷ୍ଟେବଳ ବିଶ୍ୱଜିତ ରାଉତ ୮୧ କେଜି ବର୍ଗରୁ ଅଧିକ ଜାତୀୟ ଭୋଭିନାମ ମାର୍ସଲ ଆର୍ଟ ବରିଷ୍ଠ ବିଭାଗରେ ୧ଟି ସ୍ୱର୍ଣ୍ଣ ଏବଂ ଅସି ଚାଳନା ବିଭାଗରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। କନ୍‌ଷ୍ଟେବଳ ଦିବ୍ୟରଞ୍ଜନ ଦଳାଇ ୯୫ କେଜିରୁ ଅଧିକ ବର୍ଗ ଭୋଭିନାମ ମାର୍ସଲ ଆର୍ଟ ସିନିଅର ବିଭାଗରେ ୧ଟି ରୌପ୍ୟ ଏବଂ କାଟା ( କରାଟେ)ରେ ୧ଟି ରୌପ୍ୟ ପଦକ ହାସଲ କରି ଏକ ନୂତନ ମାଇଲ ଖୁଂଟ ସ୍ଥାପନ କରିଛନ୍ତି। କ୍ରୀଡ଼ାବିତଙ୍କ ଏହି ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ାବିତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଗମ୍ଭୀରଙ୍କ ନାମରେ ଗୁରୁତର ଅଭିଯୋଗ ଆଣିଲେ ଅଶ୍ୱିନ

ନୂଆଦିଲ୍ଲୀ: ଭାରତୀୟ ଦଳର ଏସିଆ କପ୍ ୨୦୨୫ ଯାତ୍ରା ଆରମ୍ଭ ହୋଇଛି। ୧୦ରେ ଖେଳାଯାଇଥିବା ମ୍ୟାଚ୍‌ରେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)କୁ ପରାସ୍ତ କରି ଟିମ୍ ଇଣ୍ଡିଆ ଏସିଆ କପ୍‌ରେ ପ୍ରଥମ ବିଜୟ ହାସଲ କରିଛି। କିନ୍ତୁ ଏହି ବିଜୟ ପରେ, ଟିମ୍ ଇଣ୍ଡିଆର ସମୀକ୍ଷା କରିବା ସମୟରେ, ପୂର୍ବତନ କ୍ରିକେଟର ରବିଚନ୍ଦ୍ରନ ଅଶ୍ୱିନ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଗୌତମ ଗମ୍ଭୀରଙ୍କ ପ୍ରଶିକ୍ଷଣ ଉପରେ ପ୍ରଶ୍ନ ଉଠାଇଛନ୍ତି। ଅଶ୍ୱିନ ଗମ୍ଭୀରଙ୍କ ବିଷୟରେ କହିଛନ୍ତି ଯେ ଯେବେଠାରୁ ସେ ମୁଖ୍ୟ ପ୍ରଶିକ୍ଷକ ହୋଇଛନ୍ତି, ସେବେଠାରୁ ଅର୍ଶଦୀପ ସିଂହଙ୍କୁ ଦଳ ପାଇଁ ଖେଳିବାର ସୁଯୋଗ ଦିଆଯାଉନାହିଁ। ପୂର୍ବତନ ଭାରତୀୟ କ୍ରିକେଟର ରବିଚନ୍ଦ୍ରନ ଅଶ୍ୱିନ ତାଙ୍କ



ୟୁଟ୍ୟୁବ୍ ଚ୍ୟାନେଲ୍‌ରେ କହିଛନ୍ତି ଯେ 'ଏହା ବହୁତ ଆଶ୍ଚର୍ଯ୍ୟଜନକ ଯେ ଅର୍ଶଦୀପ ସିଂହଙ୍କୁ ବାଦ ଦିଆଯାଇଛି, କିନ୍ତୁ ଏହା କିଛି ନୂଆ ନୁହେଁ। ଗୌତମ ଗମ୍ଭୀର କୋଚିଂ ଆରମ୍ଭ କରିବା ଦିନଠାରୁ ଏହା ଚାଲିଛି। ଅର୍ଶଦୀପ ସିଂହ ସମଗ୍ର ଚାମ୍ପିଅନ୍ସ ଟ୍ରଫିରେ ଗୋଟିଏ ବି ମ୍ୟାଚ୍ ଖେଳି ନାହାଁନ୍ତି। ଏହା ମଧ୍ୟ ହୋଇପାରେ ଯେ ଦୁବାଇର ପରିସ୍ଥିତିକୁ ବିଚାର କରି ସେ ସ୍ପିନରମାନଙ୍କୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଗମ୍ଭୀର କେକେଆର (କୋଲକାତା ନାଇଟ୍ ରାଇଡର୍ସ) ପାଇଁ ଟାଇଟଲ୍ ଜିତିବା ପରେ ମଧ୍ୟ, ସେ ସମ୍ପୂର୍ଣ୍ଣ ଭାବରେ ସ୍ପିନରମାନଙ୍କ ସହିତ ଥିଲେ। ରବିଚନ୍ଦ୍ରନ ଅଶ୍ୱିନ ଆହୁରି କହିଛନ୍ତି ଯେ ଏଭଳି ନିଷ୍ପତ୍ତି ଏକ ଭଲ ଦଳ ବିପକ୍ଷରେ କାମ କରିବ। ଏହା ବିପଦପୂର୍ଣ୍ଣ ମଧ୍ୟ ହୋଇପାରେ। ଅର୍ଶଦୀପ ଜଣେ ଭଲ ଖେଳାଳି, ସେ ବିଶ୍ୱକପରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ। ଏପରି ଖେଳାଳିଙ୍କୁ ଦୀର୍ଘ ସମୟ ପାଇଁ ଦଳରୁ ବାହାରେ ରଖିବା ବହୁତ କଷ୍ଟକର ହୋଇପାରେ। ଅଶ୍ୱିନ ଆହୁରି କହିଛନ୍ତି ଯେ ମୁଁ ଜାଣିଛି ଯେ ଶିବମ୍ ଦୁବେ କିଛି ୱିକେଟ୍ ନେଇଛନ୍ତି, କିନ୍ତୁ ଏହା ଏପରି ବୋଲିଂ ନୁହେଁ ଯାହା ଉପରେ ମୁଁ ସନ୍ତୁଷ୍ଟ ହୋଇଯିବି।

## ରାଜ୍ୟ ପୋଲିସ ହ୍ୟାଣ୍ଡବଲ ଏବଂ କବାଡି ପ୍ରତିଯୋଗିତାର ପଞ୍ଚମ ଦିନ

# ହ୍ୟାଣ୍ଡବଲ୍‌ରେ କେନ୍ଦୁଝର, ଓଏସ୍‌ଏପି ଢେଙ୍କାନାଳ ସେମିରେ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଗୁରୁବାର କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମ ଠାରେ ଫ୍ଲଡ଼ ଲାଇଟ ଏବଂ ସିନ୍ଥେଟିକ ଗ୍ରାଉଣ୍ଡରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ କେନ୍ଦୁଝର ପୋଲିସ ଆନୁକୂଲ୍ୟରେ ଅନୁଷ୍ଠିତ ୭୮ତମ ରାଜ୍ୟ ପୋଲିସ କବାଡି ଓ ଦଶମ ହ୍ୟାଣ୍ଡବଲ ପ୍ରତିଯୋଗିତାର ପଞ୍ଚମ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ହ୍ୟାଣ୍ଡବଲ ଷ୍ଟାଡିୟମର ୨ ନମ୍ବର କୋର୍ଟରେ ସିନ୍ଥେଟିକ ମ୍ୟାଚରେ ଲିଗ କମ ନକ୍ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ପ୍ରଥମ କବାଡି ଖେଳରେ ଗ୍ରୁପ ସିରେ ଓଏସଏପି ତୃତୀୟ ବାଟାଲିୟନ କୋରାପୁଟ ୨୬ ପଏଣ୍ଟ ହାସଲ କରିଥିବା ବେଳେ ଓଏସଏପି ପଞ୍ଚମ ବାଟାଲିୟନ ବାରିପଦା ୨୦ ପଏଣ୍ଟ ହାସଲ କରିଛି। କାରାପୁଟ ୬ ପଏଣ୍ଟରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି। ଦ୍ୱିତୀୟ ମ୍ୟାଚରେ ଗ୍ରୁପ ଡି ରେ ଓଏସଏପି ଚତୁର୍ଥ ବାଟାଲିୟନ, ରାଉରକେଲା ୧୮ ପଏଣ୍ଟ ହାସଲ କରିଥିବା ବେଳେ ଢେଙ୍କାନାଳ ଜିଲ୍ଲା ୬ ପଏଣ୍ଟ ହାସଲ କରିଛି। ଚତୁର୍ଥ ବାଟାଲିୟନ ରାଉରକେଲା ୬ ପଏଣ୍ଟରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି। ତୃତୀୟ ମ୍ୟାଚରେ ଗ୍ରୁପ ସିରେ ପୁରୀ ଜିଲ୍ଲା ୫୯ ପଏଣ୍ଟ ହାସଲ କରିଥିବା ବେଳେ କେନ୍ଦୁଝର ୩୯ ପଏଣ୍ଟ ହାସଲ କରିଛି। ପୁରୀ ୧୧ ପଏଣ୍ଟରେ ବିଜୟୀ ହେବା ସହ ପୁରା ପଏଣ୍ଟ ହାସଲ କରିଛି। ଲିଗ ପର୍ଯ୍ୟାୟର ଅନ୍ତିମ ମ୍ୟାଚରେ ଗ୍ରୁପ ଡିରେ ମୟୁରଭଞ୍ଜ ଜିଲ୍ଲା ୯ ପଏଣ୍ଟ ହାସଲ କରିଥିବା ବେଳେ ଅଷ୍ଟମ ଏସଆଇଆର ବାଟାଲିୟନ ଭଞ୍ଜନଗର ୧୮ ପଏଣ୍ଟ ହାସଲ କରିଛି। ଏଥିସହ ଓଏସଏପି ଷଷ୍ଠ ବାଟାଲିୟନ କଟକ, ରାଉରକେଲା, ଓଏସଏପି ଚତୁର୍ଥ ବାଟାଲିୟନ, ରାଉରକେଲା, ଦ୍ୱିତୀୟ ଆଇଆର ବାଟାଲିୟନ, ରାଏଗଡା, ସୁନ୍ଦରଗଡ଼, ତୃତୀୟ ଆଇଆର ବାଟାଲିୟନ, କଳିଙ୍ଗ ନଗର, ଗଜପତି ଏବଂ ଓଏସଏପି ତୃତୀୟ ବାଟାଲିୟନ, କୋରାପୁଟ କ୍ୱାଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ହ୍ୟାଣ୍ଡବଲ ଷ୍ଟାଡିୟମର ୧ ନମ୍ବର କୋର୍ଟରେ ଫ୍ଲଡ଼ ଲାଇଟ ଓ ସିନ୍ଥେଟିକ ଗ୍ରାଉଣ୍ଡରେ ଅନୁଷ୍ଠିତ ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଗ୍ରୁପ ଏର ପ୍ରଥମ ଖେଳରେ ଗତବର୍ଷର ଚମ୍ପିୟାନ ଓଏସଏପି ପ୍ରଥମ ବାଟାଲିୟନ ଢେଙ୍କାନାଳ ବିପକ୍ଷରେ ହ୍ୟାଣ୍ଡବଲର ଏନ୍ତୁଡ଼ିଶାଳା କୁହାଯାଉଥିବା କେନ୍ଦୁଝର ୨୧-୧୫ ଗୋଲରେ ବିଜୟୀ ହୋଇ ଗ୍ରୁପର ଶୀର୍ଷ ସ୍ଥାନ ହାସଲ କରି ସେମି ଫାଇନାଲରେ ପ୍ରବେଶ କରିଥିବା ବେଳେ ପ୍ରଥମ ବାଟାଲିୟନ ଢେଙ୍କାନାଳ ମଧ୍ୟ ଦ୍ୱିତୀୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଆଜି ଅନୁଷ୍ଠିତ ଏ ଗ୍ରୁପର ଦ୍ୱିତୀୟ ଖେଳରେ ଷଷ୍ଠ ଆଇଆର ବାଟାଲିୟନ, ଖୋର୍ଦ୍ଧା ଭଦ୍ରକ ବିପକ୍ଷରେ ୧୪-୬ ଗୋଲରେ ବିଜୟୀ ହୋଇଛି। ଆଜିର ଏହି ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ଖେଳାଳି ମାନଙ୍କ ସହ ଆଜିର ଅତିଥି ଓଏସଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡାର ଡେପୁଟି କାମାଣ୍ଡାଣ୍ଟ ଭବାନୀ ଶଙ୍କର ସେଠ, କେନ୍ଦୁଝର ଜିଲ୍ଲା ହ୍ୟାଣ୍ଡବଲ ଆସୋସିଏସନ ସମ୍ପାଦକ ରିତ୍ୱିକ ଅଧିକାରୀଙ୍କ ସହ ପରିଚିତ କରାଇ ଦିଆଯାଇଥିଲା। ଏହି ଚମ୍ପିୟାନସିପରେ କବାଡିରେ ଶୁଭେନ୍ଦୁ ପ୍ରସାଦ ଧୀର ଓ ହ୍ୟାଣ୍ଡବଲରରେ ଶ୍ରୀକାନ୍ତ ନାୟକ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।

# ଓଡ଼ିଶା ରାଜ୍ୟ ମୁକ୍ତ ତୀରନ୍ଦାଜ ପ୍ରତିଯୋଗିତା ପାଇଁ ୨୧ଜଣ ମନୋନୀତ




ଲାଞ୍ଜିଗଡ଼ (ଭାସ୍କର ନ୍ୟୁଜ୍) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ରେ ଏହାର ପ୍ରମୁଖ କ୍ରୀଡା ତାଲିମ ପଦକ୍ଷେପ ମାଧ୍ୟମରେ କଳାହାଣ୍ଡି ଜିଲ୍ଲାର ଯୁବ ତୀରନ୍ଦାଜମାନଙ୍କୁ ସମର୍ଥନ କରୁଛି। ସମ୍ପ୍ରତି, ଏହି କ୍ରୀଡାବିତମାନଙ୍କ ମଧ୍ୟରୁ ୨୧ଜଣ ଯୁବ ତୀରନ୍ଦାଜ ଆଗାମୀ ୨୬ତମ ଓଡ଼ିଶା ରାଜ୍ୟ ମୁକ୍ତ ତୀରନ୍ଦାଜ ପ୍ରତିଯୋଗିତା ୨୦୨୫ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ବେଦାନ୍ତରସହାୟତାରେ କଳାହାଣ୍ଡି ଆଥଲେଟିକ୍ ଆସୋସିଏସନ ଦ୍ୱାରା ଆୟୋଜିତ ଲାଞ୍ଜିଗଡ଼ର ଏସ୍‌ଏସ୍‌ଡି ସ୍କୁଲରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପରୀକ୍ଷଣରୁ ଏହି ଯୋଗ୍ୟତା ହାସଲ କରିଛନ୍ତି। ଯେଉଁଠାରେ ମୋଟ ୪୦ଜଣ ତୀରନ୍ଦାଜ ଭାରତୀୟ ରାଉଣ୍ଡ, କମ୍ପାଉଣ୍ଡ ଏବଂ ରିକର୍ଭ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୨୦୧୮ରେ ଆରମ୍ଭ ହୋଇଥିବା ବେଦାନ୍ତ ଲାଞ୍ଜିଗଡ଼ର କ୍ରୀଡା ପଦକ୍ଷେପକଳାହାଣ୍ଡିର ଯୁବ ପ୍ରତିଭାକୁ ବୃତ୍ତିଗତ ତାଲିମ, ଜାତୀୟସ୍ତରୀୟ ପ୍ରଶିକ୍ଷଣ, ଆଧୁନିକ ଉପକରଣ ଏବଂ କିଟ୍, ଲଜିଷ୍ଟିକ ସହାୟତା ଏବଂ ପୁଷ୍ଟିକର ଖାଦ୍ୟ ପ୍ରଦାନ କରି ସେମାନଙ୍କୁ ପ୍ରୋତ୍ସାହିତ କରୁଛି। ବର୍ତ୍ତମାନ, ୪୦ଜଣ ଛାତ୍ର ତୀରନ୍ଦାଜୀରେ ଏବଂ ଅନ୍ୟ ୪୦ଜଣ ଆଥଲେଟିକ୍ସରେ ତାଲିମ ନେଉଛନ୍ତି, ଏହି କାର୍ଯ୍ୟକ୍ରମ ଅଧୀନରେ ଏପର୍ଯ୍ୟନ୍ତ ୩୦୦ରୁ ଅଧିକ ଯୁବା ତାଲିମ ପାଇଛନ୍ତି। ଏହି ପଦକ୍ଷେପ ଲଗାତାର ପ୍ରଭାବଶାଳୀ ଫଳାଫଳ ପ୍ରଦାନ କରିଆସୁଛି, ପ୍ରଶିକ୍ଷାର୍ଥୀମାନେ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟସ୍ତରୀୟ ଇଭେଣ୍ଟରେ ୩୭ପଦକ ଜିତିଛନ୍ତି, ଜାତୀୟ ପ୍ରତିଯୋଗିତାରେ ୨୦ରୁ ଅଧିକ ପ୍ରତିନିଧିତ୍ୱ କରିଛନ୍ତି ଏବଂ ଦ୍ୱିତୀୟ ଜନଜାତୀୟ ଖେଳ ମହୋତ୍ସବ ୨୦୨୪ରେ ଗୋଟିଏ ଜାତୀୟ ପଦକ ଜିତିଛନ୍ତି। ଏହି ଗୌରବର ମୁହୂର୍ତ୍ତରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଆନନ୍ଦ ପ୍ରକାଶ କରି କହିଛନ୍ତି, ଏହି ସଫଳତା କେବଳ ଯୁବ ତୀରନ୍ଦାଜଙ୍କ ପାଇଁ ନୁହେଁ ବରଂ କଳାହାଣ୍ଡିର ସମଗ୍ର ସମ୍ପ୍ରଦାୟ ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏହିପରି ପଦକ୍ଷେପ ମାଧ୍ୟମରେ, ବେଦାନ୍ତ ଆଲୁମିନିୟମ ସମଗ୍ର ଓଡ଼ିଶାରେ ତୃଣମୂଳ କ୍ରୀଡାପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମାଞ୍ଚଳର ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ। କମ୍ପାନୀ ୫୦୦ରୁ ଅଧିକ ଯୁବକଙ୍କୁ ତୀରନ୍ଦାଜୀ, ହକି, କରାଟେ ଏବଂ ଫୁଟବଲ୍ ତାଲିମ ଦେଇଛି, ଯେତେବେଳେ ଏହାର ବୃହତ ସାମାଜିକ ପ୍ରଭାବ କାର୍ଯ୍ୟକ୍ରମ ୫୦୦ଟି ଗାଁର ୪.୫ଲକ୍ଷ ଲୋକଙ୍କ ଜୀବନକୁ ଛୁଇଁଛି, ଯାହା ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ତୃଣମୂଳସ୍ତରର କ୍ରୀଡା ଏବଂ ସଂସ୍କୃତିକୁ ବ୍ୟାପିଛି। ଏହାର ପ୍ରମୁଖ 'ନନ୍ଦଘର' ପ୍ରକଳ୍ପର ଅଂଶ ଭାବରେ, ବେଦାନ୍ତ ଓଡ଼ିଶାରେ ୫୩୧ଟି ଆଧୁନିକ ଅଙ୍ଗନୱାଡି ପ୍ରତିଷ୍ଠା କରିଛି, ଯାହା ରାଜ୍ୟରେ ମହିଳା ଏବଂ ଶିଶୁବିକାଶକୁ ପ୍ରୋତ୍ସାହିତ କରୁଛି।



ଆପଣ ମୋଟାପଣକୁ ନେଇ ଚିନ୍ତାରେ ଅଛନ୍ତି କି । ଅଁଳା ଜୁସ୍ ଆପଣଙ୍କୁ ମୋଟାପଣରୁ ଦୂରେଇ ରଖିବ । ଅଁଳା ଫଳରୁ ଜୁସ୍ ପ୍ରସ୍ତୁତ କରି ପିଅନ୍ତୁ । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ସି ରହିଥାଏ । ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଆୟୁର୍ବେଦରେ ଅଁଳା ଜୁସ୍ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ । ଅଁଳା ଜୁସ୍ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି, ହଜମ ପ୍ରକ୍ରିୟା ଏବଂ କେଶ ଓ ଚର୍ମକୁ ମଜବୁତ କରିବା ପାଇଁ ଲାଭଦାୟକ ଅଟେ । ଏହାସହିତ ଅଁଳା ରସ ରକ୍ତଚାପ ଓ ମଧୁମେହକୁ ନିୟନ୍ତ୍ରଣ କରିବାରେ ମଧ ସାହାଯ୍ୟ କରିଥାଏ । ଯଦି ଆପଣଙ୍କର କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଅଛି ତେବେ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେବେ ଅଁଳା ଜୁସ୍ ଘରେ ପ୍ରସ୍ତୁତ କରି ପିଇବାକୁ ଚେଷ୍ଟା କରନ୍ତୁ ।

## ଗୁଜବ ଠୁ ଦୂରେଇ ରହିବାକୁ ପ୍ରଶଂସକଙ୍କୁ କହିଲେ 'ସିଂଘମ' ଅଭିନେତ୍ରୀ



ନିକଟରେ 'ସିଂଘମ' ଅଭିନେତ୍ରୀଙ୍କ ଦେହାନ୍ତ ଖବର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ନିଜ ଦେହାନ୍ତ ଖବର ଶୁଣି ଚକିତ ହୋଇଥିଲେ 'ସିଂଘମ୍' ଅଭିନେତ୍ରୀ କାଜଲ ଅଗ୍ରୱାଲ । ଅନେକ ସୋସିଆଲ ମିଡିଆ ରିପୋର୍ଟରେ ଦାବି ହେଲା, ଏକ ଦୁର୍ଘଟଣାରେ କାଜଲଙ୍କର ମୃତ୍ୟୁ ହୋଇଛି । ଏହାର ପ୍ରତିକ୍ରିୟା ଦେଇ କାଜଲ ସୁରକ୍ଷିତ ଓ ସୁସ୍ଥ ଥିବା ସ୍ପଷ୍ଟ କରିଥିଲେ । ପ୍ରଶଂସକଙ୍କୁ ଏ ପ୍ରକାର ଗୁଜବଠୁ ଦୂରେଇ ରହିବାକୁ ମଧ ପରାମର୍ଶ ଦେଇଥିଲେ । କାଜଲ ନିଜ ଔପଚାରିକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟର ଷ୍ଟୋରୀ ବିଭାଗରେ ଲେଖିଛନ୍ତି 'ମୁଁ କିଛି ନିରାଧାର ଖବର ଦେଖିଲି, ଯେଉଁଥିରେ ଦାବି ହେଉଛି ଯେ ମୋର ଏକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ସତ କହିବାକୁ ଗଲେ ଏହା ଖୁବ୍ ମଜାଦାର । କାରଣ ଏହା ଆଦୌ ସତ ନୁହେଁ । ଈଶ୍ୱରଙ୍କ କୃପାରୁ ମୁଁ ସମ୍ପୂର୍ଣ୍ଣ ଠିକ୍ ଓ ସୁରକ୍ଷିତ ଅଛି । ଆପଣଙ୍କୁ ବିନମ୍ର ଅନୁରୋଧ କରୁଛି, ଏଭଳି ମିଛ ଖବର ଉପରେ ବିଶ୍ୱାସ କରନ୍ତୁ ନାହିଁ କିମ୍ବା ଏହାର ପ୍ରସାର ମଧ କରନ୍ତୁ ନାହିଁ । ଆସନ୍ତୁ, ଆମେ ଆପଣଙ୍କ ଧ୍ୟାନ ସକାରାତ୍ମକତା ଓ ସତ୍ୟ ଉପରେ ରଖିବା ।' କାଜଲ ଏବେ ମାଲଦ୍ୱୀପରେ ଛୁଟିର ମଜା ନେଉଛନ୍ତି । ସେ ଗତ ୧ ମାସ ହେଲା ସେଠାରେ ଅଛନ୍ତି । ଶେଷଥର 'ସିକନ୍ଦର' ଓ 'କନପ୍ପା'ରେ ସେ ବଡ଼ ପରଦାକୁ ଆସିଥିଲେ । ଆଗକୁ ସେ 'ଦ ଇଣ୍ଡିଆ ଷ୍ଟୋରୀ', 'ଇଣ୍ଡିଆନ୍-୩', 'ରାମାୟଣ: ଭାଗ-୧' ଓ ଭାଗ-୨ରେ ଆସିବେ । ରଣବୀର କପୁର ଓ ସାଇ ପଲ୍ଲବୀ ଷ୍ଟାରର ଏହି 'ରାମାୟଣ' ସିରିଜ୍‌ରେ ସେ ମନ୍ଦୋଦରୀ ଭୂମିକା ନିର୍ବାହ କରିବେ ।

## ଶ୍ରେଷ୍ଠ ୧୦ଟି ଆୟକାରୀ ତାଲିକାରେ ସ୍ଥାନ ପାଇଛି ଟାଇଗରଙ୍କ ଫିଲ୍ମ 'ବାଗି ୪'





ଟାଇଗର ଶ୍ରଫଙ୍କ ଫିଲ୍ମ 'ବାଗି ୪' ଏବେ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ୧୦ଟି ଆୟକାରୀ ତାଲିକାରେ ସ୍ଥାନ ପାଇଛି । ତାଙ୍କ କ୍ୟାରିୟରର ୮ମ ସର୍ବାଧିକ ଆୟକାରୀ ଫିଲ୍ମ 'ଏ ଫ୍ଲାଇଂ ଜାଟ୍'କୁ ହଟାଇ ଦେଇଛି, ଯାହା ୩୮.୫୭ କୋଟି ଟଙ୍କା ଆୟ କରିଥିଲା । ବଲିଉଡ୍ ଜଗତରେ ଏବେ ସିନେମା ଘରେ ରାଜ୍ କରୁଛି ଫିଲ୍ମ ବାଗି । ହର୍ଷଙ୍କ ନିଦର୍ଶନରେ ଟାଇଗର ଶ୍ରଫ,ସଞ୍ଜୟ ଦତ୍ତ,ସୋନମ ବାଜଵା, ଏବଂ ହରନାଜ ସନ୍ଧୁ ଷ୍ଟାର ବାଗି ୪ ବକ୍ସ ଅଫିସରେ ଏହାର ଗତି ଧୀର ହେଉଛି । ଧୀର ଗତିରେ ଏହି ଫିଲ୍ମ କାମ କରୁଛି । ତେବେ ଏହି ଫିଲ୍ମ ଟି ୬ ଦିନରେ କେତେ ରୋଜଗାର କରିଛି ଆସନ୍ତୁ ଜାଣିବା.. ଲୋକପ୍ରିୟ ବାଗି ୪ ବକ୍ସ ଅଫିସରେ ଚମତ୍କାର ପ୍ରଦର୍ଶନ କରିଛି । ଏକ ରିପୋର୍ଟ ଅନୁସାରେ ବାଗି ୪ ଘରୋଇ ବକ୍ସ ଅଫିସରେ ୬ଷ୍ଠ ଦିନରେ ୦.୫୪ କୋଟି ଆୟ କରିଛି । ଏହାପରେ ଏହାର ସର୍ବମୋଟ ଆୟ ୪୦.୨୯ କୋଟି ହୋଇଛି । ଏହି ଫିଲ୍ମ ରିଲିଜ ଦିନ ୧୨ କୋଟି ଟଙ୍କା ଆୟ କରିଥିଲା । ସବୁଦିନ ଫିଲ୍ମର ଆୟ ଧୀମା ହୋଇ ଯାଉଛି । ଯାହାକି ଫିଲ୍ମ ନିର୍ମାଣକାରୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି । ବାଗି ୪ ବକ୍ସ ଅଫିସ୍‌ରେ ପ୍ରଥମ ଦିନରେ ଆୟ କରିଛି ୧୨ କୋଟି । ଦ୍ୱିତୀୟ ଦିନରେ ୯.୨୫ କୋଟି ଆୟ କରିଛି ।ତୃତୀୟ ଦିନରେ ୧୦ କୋଟି ଆୟ କରିଛି । ଚତୁର୍ଥ ଦିନରେ ୦.୦୩ କୋଟି ଓ ପଞ୍ଚମ ଦିନରେ ୪ କୋଟି,ଷଷ୍ଠ ଦିନରେ ୦.୫୪ କୋଟି ଟଙ୍କା ଆୟ କରିବାରେ ସଫଳ ହୋଇଛି । ବାଗି ୪ ( ଟାଇଗର ) ନାମକ ଏକ ବକ୍ତିର କାହାଣୀ ଅଟେ । ଯିଏକି ଏକ ଟ୍ରେନ ଦୁର୍ଘଟଣାରୁ ରକ୍ଷା ପାଇଯାଇଛନ୍ତି । ଏହି ସମୟରେ ସେ ଭ୍ରମର ଶିକାର ହୋଇଯାଇଛନ୍ତି । ତାଙ୍କୁ ସବୁବେଳେ ସବୁ ସମୟରେ ହରନାଜ୍ ଦେଖା ଯାଇଛନ୍ତି । ସେ ସମସ୍ତଙ୍କୁ କହୁଛନ୍ତି ସେ ତାଙ୍କୁ ଖୁବ ଭଲ ପାଉଛନ୍ତି । ଏହାପରେ ସେ ସଞ୍ଜୟଙ୍କୁ ଭେଟନ୍ତି । ଏହି କାହାଣୀ ଟି ୨୦୨୩ ରେ ହୋଇଥିବା ତାମିଲ୍ ଫିଲ୍ମ ଅୟୁଥ ଅୟୁଥ ଅୟୁଥ ଫିଲ୍ମ ସହ ମିଶି ଯାଉଛି । ସପ୍ତାହର କାମଗୁଡ଼ିକ ଫିଲ୍ମ ପାଇଁ ଦୁର୍ଭାଗ୍ୟଜନକ ହୋଇଗଲା କାରଣ ଏହା ସୋମବାର ଏବଂ ମଙ୍ଗଳବାର ଦିନ ୪.୫ କୋଟି ଏବଂ ୪ କୋଟି ଟଙ୍କା ଆୟ କରିଥିଲା । ବୁଧବାରର ପ୍ରାରମ୍ଭିକ ଆକଳନ ଅନୁଯାୟୀ ଫିଲ୍ମଟି ୨.୨୫ କୋଟି ଟଙ୍କା ଆୟ କରିଛି, ଯାହା ମୋଟ ସ୍କୋର ୪୨ କୋଟି ଟଙ୍କାକୁ ନେଇଛି ।

## ବାପା ହେଲେ ବରୁଣ ତେଜ



ଟଲିଉଡର ପାୱାର କପଲ୍ ବରୁଣ ତେଜ ଏବଂ ଲାବଣ୍ୟ ତ୍ରିପାଠୀଙ୍କ ଘରକୁ ଏକ କୁନି ଅତିଥି ଆସିଛନ୍ତି । ବରୁଣଙ୍କ ପତ୍ନୀ ଲାବଣ୍ୟ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି । ଏହି ଦମ୍ପତି ଇନଷ୍ଟାଗ୍ରାମରେ ପୋଷ୍ଟ କରି ଏହି ଖୁସି ଖବର ଦେଇଛନ୍ତି । ଏବେ ପ୍ରଶଂସକଙ୍କ ସହିତ ଫିଲ୍ମ ଇଣ୍ଡଷ୍ଟ୍ରିର ଅନେକ ଷ୍ଟାର ମଧ ବରୁଣ ଏବଂ ଲାବଣ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବରୁଣଙ୍କର ଦକ୍ଷିଣ ସୁପରଷ୍ଟାର ରାମ ଚରଣଙ୍କ ସହିତ ମଧ ଏକ ବିଶେଷ ସମ୍ପର୍କ ଅଛି । ବରୁଣ ତେଜ ହେଉଛନ୍ତି ଦକ୍ଷିଣ ସୁପରଷ୍ଟାର ରାମ ଚରଣଙ୍କ ସମ୍ପର୍କୀୟ ଭାଇ । ରାମ ଚରଣଙ୍କ ବାପା ଚିରଞ୍ଜିବୀ ହେଉଛନ୍ତି ବରୁଣଙ୍କ ଅଙ୍କଲ ବରୁଣ ତେଜ ସୁପରଷ୍ଟାର ଚିରଞ୍ଜିବୀଙ୍କ ପରିବାରର । ବରୁଣଙ୍କ ବାପା ନାଗେନ୍ଦ୍ର ବାବୁ ଚିରଞ୍ଜିବୀଙ୍କ ସାନ ଭାଇ ବରୁଣ ସୋସିଆଲ ମିଡିଆରେ ଏହି ଖୁସି ଖବର ସେୟାର କରିବା ପରଠାରୁ, ସୋସିଆଲ ମିଡିଆ ୟୁଜର୍ସମାନେ ବରୁଣ ଏବଂ ଚିରଞ୍ଜିବୀଙ୍କୁ ଦାଦା ହେବା ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଚିରଞ୍ଜିବୀ ତାଙ୍କ ପୁଅ ବରୁଣ ଏବଂ ବରୁଣଙ୍କ ପୁଅ ସହିତ ଏକ ଫଟୋ ମଧ ସେୟାର କରିଛନ୍ତି । ବରୁ ରୁଣ ୨୦୧୪ ମସିହାରେ 'ମୁକୁନ୍ଦ' ଚଳଚ୍ଚିତ୍ରରୁ କ୍ୟାରିଅର ଆରମ୍ଭ କରିଥିଲେ । ତାଙ୍କର ପ୍ରଥମ ଚଳଚ୍ଚିତ୍ର ଏକ ପାରିବାରିକ ଡ୍ରାମା ଚଳଚ୍ଚିତ୍ର ଥିଲା । ବରୁଣ ଦକ୍ଷିଣର ପ୍ରସିଦ୍ଧ ଅଭିନେତ୍ରୀ ସାଇ ପଲ୍ଲବୀଙ୍କ ସହିତ 'ଫିଦା' ଚଳଚ୍ଚିତ୍ରରେ କାମ କରିଥିଲେ । ଏହି ସିନେମା ବକ୍ସ ଅଫିସରେ ସୁପରହିଟ୍ ପ୍ରମାଣିତ ହୋଇଥିଲା । ଏହା ସହିତ, ବରୁଣ ଅନେକ ବଡ଼ ଫିଲ୍ମରେ ନଜର ଆସିଛନ୍ତି । ବରୁଣ ଏବଂ ଲାବଣ୍ୟ ୧ ନଭେମ୍ବର ୨୦୨୩ ରେ ବିବାହ କରିଥିଲେ । ଏବେ ଦୁଇ ବର୍ଷ ପରେ ଏହି ଦମ୍ପତି ପିତାମାତା ହୋଇଛନ୍ତି । ସୋସିଆଲ ମିଡିଆରେ ଦମ୍ପତି କଳା ଏବଂ ଧଳା ଫିଲ୍ମରରେ ତାଙ୍କ ପୁଅ ସହିତ ଏକ ଫଟୋ ସେୟାର କରିଛନ୍ତି । କ୍ୟାପସନରେ ମଧ ଲେଖିଛନ୍ତି, 'ଆମର ଛୋଟ ରାଜକୁମାର ।' ବରୁଣ ଏବଂ ଲାବଣ୍ୟାଙ୍କ ଏହି ପୋଷ୍ଟକୁ ସୋସିଆଲ ମିଡିଆ ୟୁଜର୍ସମାନେ ବହୁତ ପସନ୍ଦ କରୁଛନ୍ତି ।

## ବିନା ଫାଉଣ୍ଡେସନରେ ଚମକିବ ଚେହେରା

*ମହିଳାମାନେ ସୁନ୍ଦର ଦେଖାଯିବା ପାଇଁ ଚାହାନ୍ତି । ଏଥପାଇଁ ଫାଉଣ୍ଡେସନ,ସିରମ, ଆଦି ମେକ୍‌ଅପ୍ ପ୍ରସାଧନ ଲଗାଇଥାନ୍ତି । କିନ୍ତୁ ଅନେକ ସମୟରେ ବାହାରକୁ ଯିବାବେଳେ ଫାଉଣ୍ଡେସନ୍ ସରିଯାଏ । ଏପରିସ୍ଥଳେ, ଘରେ ଥିବା ଜିନିଷକୁ ଲଗାଇ ଏକ ଚମକଯୁକ୍ତ ଚେହେରା ପାଇପାରିବେ ...*



- ◆ ମେକ୍‌ଅପ୍ ପୂର୍ବରୁ ତ୍ୱଚାକୁ ପରିଷ୍କାର କରି ଧୁଅନ୍ତୁ ।
- ◆ ପରେ ଏକ ଟୋନର୍ କିମ୍ବା ଗୋଲାପଜଳ ଲଗାଇ ତ୍ୱଚାର ପିଏଚ୍ ସେଟ୍ କରନ୍ତୁ ।
- ◆ ଏହାପରେ ଏକ ହାଲୁକା ମଏଶ୍ଚରାଇଜର୍ ଲଗାଇ ମୁହଁକୁ କୋମଳ କରନ୍ତୁ ।
- ◆ ଫାଉଣ୍ଡେସନ ଆବଶ୍ୟକତା ପୂରା କରିବା ପାଇଁ ତ୍ୱଚା ଅନୁଯାୟୀ, ଅଳ୍ପ କନସିଲର, ବିବି, ସିସି କ୍ରିମ୍ ଲଗାଇପାରିବେ । ଏହା ନଥିଲେ ଏକ କମ୍ପାକ୍ଟ ପାଉଡରରେ ଅଳ୍ପ ମଏଶ୍ଚରାଇଜର୍ ମିଶାଇ ଏକ କ୍ରିମ୍ ପ୍ରସ୍ତୁତ କରନ୍ତୁ । ଏହାକୁ ତ୍ୱଚାରେ ଫାଉଣ୍ଡେସନ୍ ଭଳି ଲଗାନ୍ତୁ । ଏହି ଉପାୟ ମୁହଁରେ ଏକ ଉଜ୍ଜ୍ୱଳତା ଆଣିଥାଏ ।
- ◆ ଏଥିସହ ଚାହିଁଲେ, ଲିକୁଇଡ୍ ହାଇଲାଇଟର୍ କିମ୍ବା ଆଲୋଭେରା ଜେଲ୍‌ରେ ସାମାନ୍ୟ ହଳଦୀ ପକାଇ ଏହାକୁ ତ୍ୱଚାରେ ଲଗାଇପାରିବେ, ଏହାଦ୍ୱାରା ତ୍ୱଚାରେ ଏକ ପ୍ରାକୃତିକ ଚମକ ଆସିଥାଏ ।
- ◆ ସେହିପରି ଉଜ୍ଜ୍ୱଳ ତ୍ୱଚା ପାଇଁ ବ୍ଲଶ୍ ବ୍ୟବହାର କରିପାରିବେ ।
- ◆ ବ୍ଲଶ୍ ନଥିଲେ, ଲିପ୍‌ଷ୍ଟିକ୍‌କୁ ହାଲୁକା ଗାଲରେ ଲଗାଇ ଏହାକୁ ବ୍ଲେଣ୍ଡ କରନ୍ତୁ । ଏହା ତ୍ୱଚାକୁ ଏକ ଫ୍ରେଶ୍ ଲୁକ୍ ଦେଇଥାଏ ।

## ବଢୁଛି କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗର ଚାହିଦା



ପୂର୍ବରୁ ଯଦି ଜଣେ ବ୍ୟକ୍ତିର ଶରୀରରେ କୌଣସି ଅଙ୍ଗ କ୍ଷତିଗ୍ରସ୍ତ ହେଉଥିଲା, ସେତେବେଳେ ଏହାକୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ଉପଯୁକ୍ତ ଅଙ୍ଗ ଦ୍ୱାରା ବଦଳା ଯାଉଥିଲା । ଯାହାକୁ ଅଙ୍ଗ ପ୍ରତିରୋପଣ କୁହାଯାଏ ।

ଜନ୍ମଗତ ହେଉ ଅବା ଦୁର୍ଘଟଣା ଜନିତ କାରଣରୁ ମଣିଷ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ହରାଇଥାଏ । ଜନ୍ମରୁ କାହାର ହାତ, ଗୋଡ଼ ନଥାଏ ତ ଆଉ କାହାର ଦୁର୍ଘଟଣାରେ ଅଙ୍ଗ ନଷ୍ଟ ହୋଇଯାଏ । ପୂର୍ବରୁ ଯଦି ଜଣେ ବ୍ୟକ୍ତିର ଶରୀରରେ କୌଣସି ଅଙ୍ଗ କ୍ଷତିଗ୍ରସ୍ତ ହେଉଥିଲା, ସେତେବେଳେ ଏହାକୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ଉପଯୁକ୍ତ ଅଙ୍ଗ ଦ୍ୱାରା ବଦଳା ଯାଉଥିଲା । ଯାହାକୁ ଅଙ୍ଗ ପ୍ରତିରୋପଣ କୁହାଯାଏ । କେତେକ କ୍ଷେତ୍ରରେ ସ୍ୱେଚ୍ଛାକୃତ ଭାବେ ଅଙ୍ଗଦାନ କରାଯାଇଥାଏ । ଆଉ କେତେବେଳେ ଏଥିପାଇଁ ଅପରପକ୍ଷଙ୍କୁ ରାଜି କରାଇବାକୁ ପଡ଼େ । ତେବେ ଏସବୁ ସମସ୍ୟାର ସମାଧାନ ଦିଗରେ କୃତ୍ରିମ ଅଙ୍ଗ ନୂତନ ଆଶା ସୃଷ୍ଟି କରିଛି । ଏଗୁଡ଼ିକୁ ଜଣେ ବ୍ୟକ୍ତିଙ୍କ ଶରୀରରେ କ୍ଷତିଗ୍ରସ୍ତ ଅଙ୍ଗ ସ୍ଥାନରେ ଲଗାଯାଇଥାଏ । ଏହା ବ୍ୟକ୍ତିଙ୍କ ଜୀବନକୁ ଉନ୍ନତ କରିବା ସହ ଜୀବନ ପ୍ରତି ବିପଦକୁ ମଧ ହ୍ରାସ କରିଥାଏ ।

ଏକ କୃତ୍ରିମ ଅଙ୍ଗ କିପରି କାର୍ଯ୍ୟ କରେ ତାହା କେଉଁ ଅଙ୍ଗ ସ୍ଥାନରେ ଲଗାଯାଉଛି ତାହା ଉପରେ ନିର୍ଭର କରେ । ଏହାର ମୁଖ୍ୟ କାର୍ଯ୍ୟ ହେଉଛି ଏକ ପ୍ରକୃତ ଅଙ୍ଗ ପରି କାମ କରିବା । ଉଦାହରଣ ସ୍ୱରୂପ, ଯଦି କେହି ଏକ କୃତ୍ରିମ ହୃଦୟ ଲଗାଇଥା'ନ୍ତି ,ତେବେ ଏହାର କାର୍ଯ୍ୟ ହେଉଛି ରକ୍ତ ପମ୍ପ୍ କରିବା । ଏଥିପାଇଁ ଏକ ପମ୍ପିଂ ସିଷ୍ଟମ୍ ଏବଂ ବ୍ୟାଟେରୀ ଅଛି ଯାହା ସମଗ୍ର ଶରୀରକୁ ରକ୍ତ ପଠାଇଥାଏ । ଏହାକୁ ଛାତିରେ ପ୍ରତିରୋପଣ କରାଯାଏ ଯେଉଁଠାରେ ହୃଦୟ ଥାଏ । ସେହିପରି କୃତ୍ରିମ କିଡନିରେ ରକ୍ତକୁ ବିଶୋଧିତ କରିବାକୁ ବ୍ୟବସ୍ଥା ରହିଥିବା ବେଳେ ଆଖି ପାଇଁ କୃତ୍ରିମ କର୍ଣ୍ଣିଆ ରହିଥାଏ । ତେବେ ପ୍ରତ୍ୟେକ ଆବଶ୍ୟକତା ଥିବା ବ୍ୟକ୍ତିଙ୍କଠାରେ ସହଜରେ ପ୍ରତିରୋପଣ ହୋଇପାରିନଥାଏ, ଜାଣନ୍ତୁ ଏହାର କାରଣ ।

### କୃତ୍ରିମ ଅଙ୍ଗ ପ୍ରତିରୋପଣ ନୁହେଁ ସହଜ

- ■ ପ୍ରତିରୋପଣ କରିବା ପୂର୍ବରୁ ଅନେକ ପ୍ରକାରର ପରୀକ୍ଷା ହୁଏ
- ■ ରିପୋର୍ଟ ସ୍ୱାଭାବିକ ହେଲେ ହିଁ ଏଗୁଡ଼ିକୁ ପ୍ରତିରୋପଣ କରାଯାଏ
- ■ ପ୍ରତିରୋପଣ ପରେ ଅଙ୍ଗଗୁଡ଼ିକର ପ୍ରତିକ୍ରିୟା ଉପରେ ନଜର ରଖାଯାଏ
- ■ ବ୍ୟକ୍ତି ସେଗୁଡ଼ିକୁ କିପରି ପରିଚାଳନା କରେ ତାହା ମଧ ଦେଖାଯାଏ

୨୦୨୪ ଗ୍ଲୋବାଲ ଡାଟା ରିପୋର୍ଟ ଅନୁଯାୟୀ, ୨୧ଟି କୃତ୍ରିମ ଫୁସଫୁସ୍ ବିଶ୍ୱରେ ବିଭିନ୍ନ ବିକାଶ ପର୍ଯ୍ୟାୟରେ ରହିଛି । ଏଥିମଧ୍ୟରୁ ୭ଟି ସକ୍ରିୟ ବିକାଶ ପର୍ଯ୍ୟାୟରେ ଅଛି । ଯଦି ଏହା ସଫଳ ହୁଏ, ତେବେ ଲୋକଙ୍କଠାରେ କୃତ୍ରିମ ଫୁସଫୁସ୍ ମଧ ପ୍ରତିରୋପଣ କରାଯାଇପାରିବ । ତଥାପି ବିପଜ୍ଜନକ ପରିସ୍ଥିତିରେ ଲୋକଙ୍କୁ ଇସିଏମ୍‌ଓ ଅର୍ଥାତ୍ କୃତ୍ରିମ ଫୁସଫୁସ୍ ସହାୟତା ପ୍ରଦାନ କରାଯାଏ । କିନ୍ତୁ ଏପର୍ଯ୍ୟନ୍ତ ଶରୀରରେ ଏହାର ସ୍ଥାୟୀ ପ୍ରତିରୋପଣ କରାଯିବା ସମ୍ଭବ ହୋଇପାରିନାହିଁ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଆଳି(ଭାସ୍କର ନ୍ୟୁଜ): ଆଳି ତଥା ନମୌଜା ଅଞ୍ଚଳର ସମସ୍ତଙ୍କ ପ୍ରିୟ ତଥା ପୂର୍ବତନ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିରେନ୍ଦ୍ର ପଣ୍ଡା (ବିର ସାର)ଙ୍କ ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗରେ ସମଗ୍ର ଅଞ୍ଚଳ ସ୍ତବ୍ଧ ହୋଇପଡିଛି । ଶ୍ରୀ ପଣ୍ଡାଙ୍କ ବିଦେହୀ ଆତ୍ମାର ସଦଗତି ନିମନ୍ତେ ତାଙ୍କର ଅନ୍ତରଙ୍ଗ ସାଥି ମାନେ ଦୁଇ ମିନିଟ ନିରବ ପାର୍ଥନା କରିବା ସହ ଶୋକସଭା କରିଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟଯେ ଗତକାଲି ଶ୍ରୀ ପଣ୍ଡା ତାଙ୍କ ଶାଶୂଙ୍କୁ ଚିକିତ୍ସା ପାଇଁ ସେ କଟକ ନେଇଯାଇଥିଲେ । କଟକ ତେଲେଙ୍ଗାପେଣ୍ଠରେ ଗାଡ଼ି ଖରାପ ହେବାରୁ ମେକାନିକ୍ ଡାକିବା ପାଇଁ ଯାଉଥିଲାବେଳେ ଏକ ଦ୍ରୁତଗାମୀ ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପ୍ରଚାରିତ ହେବା ପରେ ସମଗ୍ର ଆଳି ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ଗତକାଲି ଶ୍ରୀ ପଣ୍ଡାଙ୍କ ମରଶରୀର ତାଙ୍କ ଜନ୍ମମାଟି ନମୌଜା ବାଲିଅଡାରେ ପହଞ୍ଚିବା ସହ ସନ୍ଧ୍ୟାରେ ଶ୍ରୀ ପଣ୍ଡାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଶ୍ରୀ ପଣ୍ଡା ତାଙ୍କ ସାଥିମାନଙ୍କ ସହ ବସୁଥିବା ସ୍ଥାନରେ ହିଁ ତାଙ୍କ ସାଥି ମାନେ ତାଙ୍କ ପାଇଁ ନିରବ ପ୍ରାର୍ଥନା କରିଥିଲେ । ସେହିପରି ଆଜି ବାଲିଅଡାର ଶ୍ରୀ ବାଲୁଙ୍କେଶ୍ୱରଙ୍କ ପୀଠ ରେ ସହଦେବ ଦାସ ସେବା ସଂସ୍ଥା ସଂଗଠନ ତରଫରୁ ସଂଗଠନର ସଭାପତି ଗୋବିନ୍ଦଚନ୍ଦ୍ର ନନ୍ଦଙ୍କ ଅଧ୍ୟକ୍ଷତାରେ ସ୍ୱର୍ଗତ ଶ୍ରୀ ପଣ୍ଡାଙ୍କ ଦେହାନ୍ତରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନିରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରବୀନ୍ଦ୍ର ସୁତାର, ବିନୋଦ ବିହାରୀ ଦାଶ, ବିଦ୍ୟାଧର ପଣ୍ଡା, ମଧୁସୂଦନ ଦାସ, ଲକ୍ଷ୍ମୀଧର ଦୀକ୍ଷିତ, ନିତ୍ୟାନନ୍ଦ କର, ଅମୂଲ୍ୟ ରାଉତ, ଭାରତ ସେଠି ପ୍ରମୁଖ ଉପସ୍ଥିତ ଥିଲେ ।



## ପ୍ରସିଦ୍ଧ ବଳଦଯାତ୍ରା ପାଇଁ ଶାନ୍ତି କମିଟି ବୈଠକ ||||||||||||||

# ସନ୍ଧ୍ୟା ୭ଟା ସୁଦ୍ଧା ରାବଣପୋଡ଼ି, ଡିଜେ ବନ୍ଦ ନିଷ୍ପତ୍ତି



ଭୁବନ(ଭାସ୍କର ନ୍ୟୁଜ): ଭୁବନର ଐତିହାସିକ, ପାରମ୍ପରିକ ତଥା ଗଣ ପର୍ବ ଭାବେ ପ୍ରସିଦ୍ଧି ଲାଭ କରିଥିବା ଦଶହରା ବଳଦ ଯାତ୍ରା ଉପଲକ୍ଷେ ଏନ୍ଏସି ସଭାଗୃହରେ ବୁଧବାର ଅପରାହ୍ନରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଶାନ୍ତି କମିଟି ମୁଖ୍ୟ କାମାକ୍ଷା ନଗର ଉପଜିଲ୍ଲାପାଳ ଦିନମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, କାମାକ୍ଷା ନଗର ଏସଡିପିଓ ରଜନୀକାନ୍ତ ସାମଲ ଏନ୍ ଏ ସି ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ , ଥାନାଧିକାରୀ ଜିତେନ୍ଦ୍ର ମଲ୍ଲିକ, ବିଦ୍ୟୁତ୍ ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ନଳିନୀ ଶଙ୍କର ରଥ, ଦଶହରା ବଳଦ କମିଟି ସଭାପତି ଦିଲ୍ଲୀପ କୁମାର ଦାସ, ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ବଳଦ ଯାତ୍ରା ସ୍ରଷ୍ଟା 'ଥୋରିଆ ସମାଜ' ମୁଖ୍ୟ ବିଶ୍ୱନାଥ ସାହୁ,ନୂଆ ବଜାର ବଣିକ ସଂଘ ସଂପାଦକ ବସନ୍ତ କୁମାର ପୋଥାଳ, ନିରଞ୍ଜନ ପୃଷ୍ଟି, କୁଞ୍ଜ ବିହାରୀ ଚିନରା, ସନ୍ତୋଷ ବିହାରୀ,ନିରଞ୍ଜନ ଗୁରୁ,ଅଜୟ କୁମାର ସେଠୀ,କାଉନସିଲର ଗିରିଧାରୀ ସାହୁ,ପପୁ କୁମାର ସାହୁ ,ସୁଶାନ୍ତ ନାୟକ,ମନ ମୋହନ ସାହୁ ଙ୍କ ସମେତ ସମସ୍ତ ବଳଦିଆ କମିଟି ଓ ଦୁର୍ଗାପୂଜା କମିଟି ସଦସ୍ୟ ଯୋଗଦେଇ ବଳଦ ଯାତ୍ରା, ରାବଣ ପୋଡ଼ି ଓ ଦୁର୍ଗା ମେଢ଼ ଭସାଣି ଯାତ୍ରା କୁ ଅତ୍ୟନ୍ତ ସରସ ସୁନ୍ଦର ଓ ଶୃଙ୍ଖଳିତ ଭାବେ ଶେଷ କରିବା ସହିତ ଡିଜେ ସାଉଣ୍ଡ ବନ୍ଦ କରିବାକୁ ଆଲୋଚନା କରିଥିଲେ । ଦଶହରା ପୂର୍ବରୁ ସହରର ସମସ୍ତ ରାସ୍ତା ପ୍ରଶସ୍ତ କରାଯିବା, ଡ୍ରେନ ମରାମତି ଓ ସ୍ଲାବ ପକାଯିବା,ପ୍ରତ୍ୟେକ ବିଦ୍ୟୁତ ଖୁଣ୍ଟ ରେ ଲାଇଟ୍ ଲଗାଯିବା, ଯାତ୍ରାରେ ଲକ୍ଷାଧିକ ଯାତ୍ରୀଙ୍କ ସମାଗମକୁ ଦୃଷ୍ଟିରେ ରଖି ସମସ୍ତ ଶୌଚାଳୟ ଖୋଲାଯିବା ସହିତ ଅସ୍ଥାୟୀ ଶୌଚାଳୟ ମଧ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଚଳିତ ବର୍ଷ ୨୮ ତାରିଖ ଷଷ୍ଠୀ ପୂଜା ଠାରୁ ଅକ୍ଟୋବର ୩ ତାରିଖ ଭସାଣି ଯାତ୍ରା କୁ ଅତ୍ୟନ୍ତ ସରସ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳିତ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ୩ ତାରିଖ ସନ୍ଧ୍ୟା ୭ ଘଟିକା ସୁଦ୍ଧା ରାବଣ ପୋଡ଼ି ଶେଷ କରିବାକୁ ଜୋର୍ ଦିଆଯାଇଥିଲା । ୪ ତାରିଖ ସକାଳ ୭ ଘଟିକା ସୁଦ୍ଧା ବଳଦ ଯାତ୍ରା ଓ ଦୁର୍ଗା ଭସାଣୀ ଶେଷ କରିବାକୁ ନିଷ୍ପତି ହୋଇଥିଲା ।

## ଥାନା ଘେରାଉ ପାଇଁ ବିଜେଡିର ପ୍ରସ୍ତୁତି ବୈଠକ



ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ): ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହିତ ଚୋରା ମଦ କାରବାର, ଲଘୁ ଖଣିଜ ପଦାର୍ଥ ହରିଲୁଟ ଓ ଚୋରି ରାହାଜାନୀ ହେଉଥିବାବେଳେ ପୋଲିସ ପକ୍ଷରୁ ଏହାକୁ ରୋକିବାରେ ବିଫଳ ହେଉଥିବା ନେଇ ଅଭିଯୋଗ ଉଠାଇ ଏହାର ପ୍ରତିବାଦରେ ବ୍ଲକ ବିଜେଡି ପକ୍ଷରୁ ଆସନ୍ତା ୧୮ ତାରିଖ ଦିନ ବାଲିଚନ୍ଦ୍ରପୁର ଥାନା ଘେରାଉ ପୂର୍ବକ ଆନ୍ଦୋଳନ କରିବ ବୋଲି ଆଜି ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନେଇଛି । ଏଥିପାଇଁ ବାଲିଚନ୍ଦ୍ରପୁର ସ୍ଥିତ ରବିନ୍ଦ୍ର ମଣ୍ଡପ ଠାରେ ପୂର୍ବତନ ସରପଞ୍ଚ ଜ୍ଞାନ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବ୍ଲକ ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି ବୋଲି କହିବା ସହିତ ଚଣ୍ଡିଆ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ପୋଲିସ ଜୋର ଜବରଦସ୍ତ ଉଠାଇ ଆଣି ଥାନାରେ ଅଟକ ରଖି ଛାଡିବା ପରେ ପୁଣି ତାଙ୍କୁ ଘରୁ ଉଠାଇ ଆଣିବା ପୋଲିସର କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଶ୍ରୀ ମହାପାତ୍ର କହିଥିଲେ । ପୋଲିସର ଏତାଦୃଶ କାର୍ଯ୍ୟକ୍ରମର ପ୍ରତିବାଦରେ ଆସନ୍ତା ୧୮ ତାରିଖରେ ହେବାକୁ ଥିବା ଥାନା ଘେରାଉରେ ବହୁ ସଂଖ୍ୟକ ବିଜେଡି କର୍ମୀ ସାମିଲ ହେବାକୁ ଆହ୍ୱାନ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଇତିଶ୍ରୀ ସାମଲ, ପୂର୍ବତନ ବ୍ଲକ ମହିଳା ବିଜେଡି ସଭାପତି ସରସ୍ୱତୀ ବେହେରା, ସମିତି ସଭ୍ୟ କୁଳମଣି ବାରିକ, ପୂର୍ବତନ ସରପଞ୍ଚ ମନ୍ମଥ କେଶରୀ ସାହେବରାୟ, ଦିବାକର ସେଠୀ, ପୂର୍ବତନ ସମିତି ସଭ୍ୟ ଦିଲ୍ଲିପ କୁମାର ସାମଲ, ନିରଞ୍ଜନ ବିଶ୍ୱାଳ,ବାଲିଚନ୍ଦ୍ରପୁର ପଞ୍ଚାୟତ ବିଜେଡି ସଭାପତି ଅନନ୍ତ ଚରଣ ମହାରଣା,ବାଲିପଡିଆ ବିଜେଡି ସଭାପତି ପ୍ରବାସ କୁମାର ଦାଶ, ପ୍ରାକ୍ତନ ସମିତି ସଭ୍ୟ ସୁମନ୍ତ କୁମାର ଜେନା, ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ଯୁବ ସଭାପତି ଧନଞ୍ଜୟ ବାରିକ, ଛାତ୍ର ସଭାପତି ଜଗବନ୍ଧୁ ମହାନ୍ତି, ପୂର୍ବତନ ସମିତି ସଭ୍ୟ କିଶୋର ରାଉତ, ପୂର୍ବତନ ଜିଲ୍ଲା ବିଜେଡି ଉପସଭାପତି ପ୍ରବୀର ସାମଲ, ଧନେଶ୍ୱର ବେହେରା, ବରଦା ପ୍ରସାଦ ରାୟ, ଧୃଲେଶ୍ୱର ଦାସ, ନାରାୟଣ ମଲ୍ଲିକ, ଯଶୋବନ୍ତ ସାମଲ, କୁଞ୍ଜ ବିହାରୀ ଜେନା, ରତିକାନ୍ତ ସେଠୀ, ତ୍ରିଲୋକନାଥ ଜେନା,ପ୍ରତାପ ସେନାପତି,ତପନ ରାଉତରାୟ, ଲକ୍ଷ୍ମୀଧର ବାନା, ସେକ୍ ନାସିରଉଦ୍ଦିନ, ଗୋଲାମ କିବିରିଆ ଖାଁ,ମଥୁରି ନାୟକ ଓ ତନ୍ମୟ ସିଂହଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇ ୧୮ ତାରିଖ ଥାନା ଘେରାଉକୁ ସଫଳ କରିବା ପାଇଁ ବିଭିନ୍ନ ଆଲୋଚନା କରିଥିଲେ । ସେକ ନାସିରଉଦ୍ଦିନ ଧନ୍ୟବାଦ ଦେଇଥିଲେ ।

## ରକ୍ତହୀନତା ପରିଚାଳନା ପାଇଁ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର

ନିଆଳି (ଭାସ୍କର ନ୍ୟୁଜ): ଓଡିଶା ସରକାରଙ୍କ ଗ୍ରାମ୍ୟ ବିକାଶ ଓ ପଞ୍ଚାୟତି ରାଜ ବିଭାଗ ତଥା କଟକ ଜିଲ୍ଲା ପରିଷଦ ମିଳିତ ଆନୁକୂଲ୍ୟରେ ନିଆଳି ପଞ୍ଚାୟତ ସମିତି ସଭାଗୃହ ପ୍ରକୋଷ୍ଠରେ ସୁସ୍ଥ ସମାଜ ଗଠନ ପ୍ରୟାସରେ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ପଂଚାୟତ ସମିତିର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା ଉଦଘାଟନ କରି ସମ୍ମିଳିତ ସକାରାତ୍ମକ ବାସ୍ତବ ବାଦୀ ପ୍ରଚେଷ୍ଟାରେ ନିଆଳି ବ୍ଲକର ସମସ୍ତ ଜଣ ସାଧାରଣଙ୍କ ସୁସ୍ଥତା ବଜାୟ ନିମିତ୍ତ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ । ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀ



ରାଉତଙ୍କ ସଂଯୋଜନା କ୍ରମେ ଏସ୍ଆଇଆରଡି ପକ୍ଷରୁ ପ୍ରଶିକ୍ଷକ ଭାବେ ପରିବେଶବିତ୍ ପ୍ରମୋଦ କୁମାର ଦାଶ ଓ ନିର୍ମଳା ବେହେରା ଯୋଗ ଦେଇ ରକ୍ତହୀନତାକୁ ପୋଷଣକୁ ପ୍ରତିହତ ନିମିତ୍ତ ଅମ୍ଳାନ, ପିଏମ ପୋଷଣ ଆଦି ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ବର୍ଣ୍ଣନା କରିବା ସହ ପଂଚାୟତ ନିମିତ୍ତ ଭୂମିକାଗୁଡିକୁ ସବିଶେଷ ଅବଗତ କରାଇଥିଲେ । କାର୍ଯ୍ୟକ୍ରମ ସଂଚାଳନରେ ବ୍ଲକସ୍ତରୀୟ ସଂଯୋଜିକା ଶୁଭେଷ୍ମା ମହାରଣା, ସି ପି ରଶ୍ମିରଂଜନ ମିଶ୍ର ସହଯୋଗ କରିଥିବା ସ୍ଥଳେ ଜିଡିପିଓ ସରିତା ବେହୁରା ପ୍ରଶିକ୍ଷଣ ତତ୍ତ୍ୱାବଧାନ କରିଥିଲେ । ପ୍ରଶିକ୍ଷଣରେ ବ୍ଲକର ବିଭିନ୍ନ ପଂଚାୟତର ସରପଞ୍ଚ, ସମିତି ସଦସ୍ୟ, ୱାର୍ଡ ସଭ୍ୟ, ପିଇଓ, ଏଏନଏମ, ଆଶା, ଅଙ୍ଗନବାଡି କର୍ମୀ, ସୁପରଭାଇଜର ଗ୍ରାମପଞ୍ଚାୟତ ସ୍ତରୀୟ ମହିଳା ସଂଘ ସଭାନେତ୍ରୀ ଓ ସମ୍ପାଦିକା ସକ୍ରିୟ ଯୋଗଦାନ କରିଥିଲେ ।

## ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପର୍ଯ୍ୟସ୍ତ
## ୧୭ ଡାକ୍ତର ପଦବୀ ଖାଲି

କଣାସ (ଭାସ୍କର ନ୍ୟୁଜ): କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ବିଭିନ୍ନ ଯୋଜନାମାନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଥିବାବେଳେ ପୁରୀ ଜିଲ୍ଲାର ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକରେ ସ୍ୱାସ୍ଥ୍ୟସେବା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବାରୁ ରୋଗୀମାନଙ୍କୁ ଗାଁଗହଳିର କ୍ୱାକ୍ ଓ ଭଗବାନ୍ ଭରସା । କଣାସ ବ୍ଲକଟି ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷ ସାରା ଜଳଜନିତ ରୋଗ ଝାଡାବାନ୍ତି, ଚର୍ମରୋଗ ଓ ପେଟରୋଗ ଲାଗିରହୁଛି । କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ଓ ୧୦୮ଟି ପଡାଗ୍ରାମର ୧ଲକ୍ଷ ୬୦ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ପାଇଁ କଣାସ ଠାରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଥିବା ବେଳେ ମନ୍ଦାରବସ୍ତ, ବିରକେଶରପୁର, ସାହୁପଡା, ଗଡିଶାଗୋଡା ଓ ନନ୍ଦିଗୋଡା ଠାରେ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯାଇଛି । କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୧ଜଣ ଡାକ୍ତର ରହିବାର ବ୍ୟବସ୍ଥା ଥିବାବେଳେ ମାତ୍ର ୪ଜଣ ଡାକ୍ତର କାମ ଚଳାଉଛନ୍ତି । ୧୭ଟି ଡାକ୍ତର ପଦବୀ ଖାଲିପଡିଛି । କଣାସ ବ୍ଲକର ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ୬ଟି ମୋ ବସ୍ ଦୈନନ୍ଦିନ ଚାଲୁଥିବାରୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବିଭିନ୍ନ ଗ୍ରାମ ପଞ୍ଚାୟତର ୪ଶହରୁ ଉର୍ଦ୍ଧ୍ୱ ରୋଗୀ ଦୈନନ୍ଦିନ ଆସୁଥିବାରୁ ଜଣେ ଜଣେ ରୋଗୀ ଧାଡିବାନ୍ଧି ଦୀର୍ଘ ୬ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି । ଅନେକ ରୋଗୀ ଧାଡିରେ ଦୀର୍ଘ ସମୟ ଠିଆ ହେବାପରେ ନିରାଶ ହୋଇ ଗ୍ରାମକୁ ଫେରିବା ପରେ ଭଗବାନ୍‌କୁ ଭରଷା କରି ଗ୍ରାମ୍ୟରେ ଥିବା କୋକ ମାନଙ୍କ ଆଶ୍ରୟ ନେଉଛନ୍ତି । ବାରମ୍ବାର ରୋଗୀ କଲ୍ୟାଣ ସମିତି ବୈଠକରେ ସ୍ଥାନୀୟ ବିଧାୟକଙ୍କୁ ଖାଲିପଡିଥିବା ଡାକ୍ତରୀ ପଦବୀ ପୂରଣ କରିବାକୁ ରୋଗୀ କଲ୍ୟାଣ ସମିତିର ସଭ୍ୟ ଏବଂ ଜନସାଧାରଣ ଦାବିକରି ଆସୁଥିଲେ ମଧ ଜଣେ ହେଲେ ଡାକ୍ତର ଆଜି ସୁଧା ନିଯୁକ୍ତି ହୋଇନାହାନ୍ତି । ଏ ସଂପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର କ୍ଷମାନିଧି ସେଠୀଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ବାରମ୍ବାର ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଡାକ୍ତର ନିଯୁକ୍ତି ପାଇଁ ଦାବିକରି ଆସୁଛି । ଯେଉଁ ୪ଜଣ ଡାକ୍ତର ଅଛନ୍ତି ସେମାନେ ନିୟମିତ ଆସୁନଥିବାରୁ ଭିଡ ଜମି ରହୁଛି ଓ ବିଳମ୍ବରେ ଆସୁଛନ୍ତି । ଏ ସଂପର୍କରେ ବାରମ୍ବାର ରୋଗୀ କଲ୍ୟାଣ ସମିତି ବୈଠକରେ ଅଭିଯୋଗ ହୋଇଥିଲେ ମଧ କୌଣସି ଫଳପ୍ରଦ ହୋଇନାହିଁ ।

## ବିଜେଡିର ଜୋନ୍‌ସ୍ତରୀୟ ଯୁବଛାତ୍ର ସମ୍ମିଳନୀ



ନିଆଳି (ଭାସ୍କର ନ୍ୟୁଜ୍): ଗତ ୨୦୨୪ ବିଧାନସଭା ନିର୍ବାଚନ ପରେ ନିଆଳି ନିର୍ବାଚନ ମଣ୍ଡଳୀ ରେ ପ୍ରଥମ ଥର ଯୁବ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଛି । ନିଆଳି ବ୍ଲକ ମାଧବ ପଂଚାୟତ ନାଗରଷି ମଠ ତୋଟାରେ ୨୩ ନମ୍ବର ଜୋନସ୍ତରୀୟ ଯୁବଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ସଭାପତିତ୍ୱ କରିଥିଲେ ଯୁବ ସଂଗଠକ ମାନସ ରଂଜନ ପାଢ଼ୀ । ସଭା ପରିଚାଳନା କରୁଥିଲେ ନିଆଳି ବ୍ଲକ କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବଡୁ । ମୁଖ୍ୟ ଅତିଥିଭାବେ ନିଆଳି ର ପୂର୍ବତନ ବିଧାୟକ ଡ଼. ପ୍ରମୋଦ କୁମାର ମଲିକ ଯୋଗ ଦେଇ ସଂଗଠନକୁ କିଭଳି ଭାବରେ ଆଗକୁ ସୁଦୃଢ କରାଯିବ ସେଥିପ୍ରତି ଯୁବକମାନେ ସଂଗଠନ କରିବା ସହ ଆଗାମୀ ପଂଚାୟତ ନିର୍ବାଚନରେ ବିରୋଧୀଙ୍କୁ କିଭଳି ଭାବରେ ପରାସ୍ତ କରାଯାଇ ପାରିବ ସେଥିନେଇ ଆହ୍ୱାନ ଦେଇଥିଲେ । ଆଗକୁ ନିଆଳି ନିର୍ବାଚନ ମଣ୍ଡଳୀ ରେ ସମସ୍ତ ଜୋନସ୍ତରୀୟ ଯୁବ ଛାତ୍ର ସମ୍ମିଳନୀ କରାଯିବ ବୋଲି ଆହ୍ୱାନ ଦେଇଥିଲେ । ଏହି ବୈଠକରେ ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା ଜିଲ୍ଲା ପରିଷଦ ଦେବାଶିଷ ଷଡଙ୍ଗୀ,ସୂର୍ଯ୍ୟ କାନ୍ତି ମହାନ୍ତି,ସୌଦାମିନୀ ମହାପାତ୍ର, ବ୍ଲକ ସଭାପତି ଅତୁଲ୍ୟ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ, ଦୀପ୍ତି ପରିହାରି ଅବିନାଶ ପ୍ରଧାନ,ସରପଞ୍ଚ ବିଜୟରାମ ପଣ୍ଡା, ତ୍ରିନାଥ ମହାନ୍ତି, ସୁରେଶ ପଟନାୟକ, ନିରଞ୍ଜନ ବେହେରା, ଯୁବ ବିଜେଡି ସଭାପତି ବିଷ୍ଣୁ ଚରଣ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ପ୍ରମୋଦ ବେହେରାଙ୍କ ସମେତ ଅନେକ ସରପଞ୍ଚ, ସମିତି ସଭ୍ୟସଭ୍ୟା ଓ ଜିଲ୍ଲା ପରିଷଦ ଉପସ୍ଥିତ ରହିଥିବା ବେଳେ ଏହି ସମ୍ମିଳନୀରେ ୫ ଶହ ରୁ ଉର୍ଦ୍ଧ୍ୱ ମହିଳା ଓ ଯୁବକ ଉପସ୍ଥିତ ରହିଥିଲେ ।

## ଶିମିଳିପାଳରେ ଅସ୍ତ୍ରସଜ୍ଜିତ ୨ ଶିକାରୀ ଗିରଫ, ୫ ଫେରାର



ବାରିପଦା(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜର ଶିମିଳିପାଳ ବନ୍ୟଜୀବ ସଂରକ୍ଷିତାଳୟରେ ପୁଣିଥରେ ଶିକାରୀ ଦଳର ଗତିବିଧି ସଚେତନତା ଉଦ୍ଭବ କରିଛି । AI Trailguard କ୍ୟାମେରାରେ ସଶସ୍ତ୍ର ଶିକାରୀମାନଙ୍କ ଉପସ୍ଥିତି ଧରାପଡ଼ିବା ପରେ, ପୋଡାଡିହା ବନ୍ୟଜୀବ ରେଞ୍ଜ, ଭଞ୍ଜବାସା ବନ୍ୟଜୀବ ରେଞ୍ଜ ଓ ବିଶେଷ ବାଘ ସୁରକ୍ଷା ବଳ (STPF) ଯୁକ୍ତ ସନ୍ଧାନ ଅଭିଯାନରେ ନିୟୋଜିତ ହୋଇଥିଲେ । ଗତ ରାତିରେ ଅଭିଯାନ ସମୟରେ କର୍ମଚାରୀମାନେ ମାରା ସିଂହ ଓ ଗୋବିନ୍ଦ ସୋରେନ ନାମକ ଦୁଇ ଶିକାରୀକୁ ଧରିବାରେ ସଫଳ ହୋଇଥିଲେ । ତେବେ ଅନ୍ୟ ୫ ଜଣ ସଦସ୍ୟ ଅନ୍ଧାରର ଆଡରେ ଘଟଣାସ୍ଥଳରୁ ପଳାଇଯାଇଥିଲେ । ଧରାପଡ଼ିଥିବା ଶିକାରୀମାନଙ୍କୁ ପଚରାପଚରି କରାଯାଇଥିବା ବେଳେ ତାଙ୍କରୁ ୨ଟି ଲୋଡେଡ୍ ବନ୍ଧୁକ, ୧ଟି ଧନୁଷ ଓ ୭ଟି କାଣ୍ଡ ଜବତ କରାଯାଇଛି । ଏହା ଦର୍ଶାଇଥାଏ ଯେ ସେମାନେ ବନ୍ୟଜନ୍ତୁ ଶିକାର ପାଇଁ ପୂର୍ଣ୍ଣ ପ୍ରସ୍ତୁତି କରିଥିଲେ । ଗିରଫ ହୋଇଥିବା ଦୁଇଜଣଙ୍କୁ ବାରିପଦା ମୁଖ୍ୟ ନ୍ୟାୟିକ ମଜିଷ୍ଟ୍ରେଟ୍ (CJM) କୋର୍ଟ ଆଗରେ ପ୍ରସ୍ତୁତ କରାଯାଇଛି । ଘଟଣାସ୍ଥଳରୁ ପଳାଇଥିବା ୫ଜଣ ଶିକାରୀଙ୍କୁ ଧରିବା ପାଇଁ ତଦନ୍ତ ଓ ବିଶେଷ ଅଭିଯାନ ଜାରି ରହିଛି । ବନ୍ୟଜୀବ ବିଭାଗ ସୂଚନା ଦେଇଛି ଯେ,ଶିମିଳିପାଳରେ ଶିକାରୀ କାର୍ଯ୍ୟକଳାପରେ ସଂପୃକ୍ତ କାହାକୁ ବି କ୍ଷମା କରାଯିବ ନାହିଁ । ଶିମିଳିପାଳ ବାଘ, ହାତୀ, ଗୌର, ପାଙ୍ଗୋଲିନ ଓ ଅନେକ ବିରଳ ପ୍ରଜାତିର ବନ୍ୟପ୍ରାଣୀଙ୍କ ଆଶ୍ରୟସ୍ଥଳ । ଏପରି ଶିକାରୀ ଦଳର ପ୍ରବେଶ ସୁରକ୍ଷା ବ୍ୟବସ୍ଥାରେ ଗୁରୁତର ଚ୍ୟାଲେଞ୍ଜ ସୃଷ୍ଟି କରୁଛି । AI Trailguard ଯନ୍ତ୍ରଣା ସହାୟତାରେ ବିଭାଗ ଏପରି ବିପଦକୁ ପ୍ରଥମ ସ୍ତରରେ ଚିହ୍ନଟ କରିପାରୁଥିବାରୁ ବହୁତ ସକାରାତ୍ମକ ପରିଣାମ ମିଳୁଛି ।

## ସାରସ୍ୱତ ସାଧକ ରାମଚନ୍ଦ୍ର ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ପାରାଦୀପ(ଭାସ୍କର ନ୍ୟୁଜ୍): ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଖ୍ୟାତ ସାରସ୍ୱତ ସାଧକ ରାମଚନ୍ଦ୍ର ମହାନ୍ତି ଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ପାରାଦୀପର ପୋର୍ଟ କ୍ଲବ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି । ଏହି ଅବସରରେ ସାହିତ୍ୟିକ ଡ଼ଃ.ରଘୁନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସ୍ତମ୍ଭକାର ସୁଧାଂଶୁ ମୋହନ ଶତପଥୀ,ସାହିତ୍ୟିକ ଓ ସ୍ତମ୍ଭକାର ସରୋଜକାନ୍ତ ଚୌଧୁରୀ, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପିତାମ୍ବର ତରାଇ,ସାହିତ୍ୟିକ ଡ଼ଃ.କେଶବ ଚନ୍ଦ୍ର ଦଳାଇ ଏବଂ ଲେଖକ ରାମଚନ୍ଦ୍ର ମହାନ୍ତିଙ୍କ ସୁପୁତ୍ର ରାଜେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ସାରସ୍ୱତ ସାଧକ ରାମଚନ୍ଦ୍ର ମହାନ୍ତିଙ୍କ ଜୀବନୀ ଉପରେ ଆଲୋଚନା କରି ଓଡିଶା ସାହିତ୍ୟ ଜଗତରେ ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ । ଏଥିରେ ପ୍ରାକ୍ତନ ଶିକ୍ଷାବିତ ନଗେନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କବି ତଥା କାର୍ଯ୍ୟକ୍ରମର ଆୟୋଜକ କବି ପିତାମ୍ବର ତରାଇ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପିଇବାକୁ ପାଣି ନାହିଁ, ଜେଇଙ୍କ ବିନା କ୍ଲିୟରାନ୍ସରେ ହୋଟେଲକୁ ଚାଲିଛି ପାଣି ବିକ୍ରି



**ସରପଞ୍ଚଙ୍କ ସ୍ୱାମୀଙ୍କୁ ହାତଗୁଞ୍ଜା ଦେଇ ପାଣି ଯୋଗାଣ ଅଭିଯୋଗ**

ରାଜନଗର(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ସଦରମହକୁମା ପଞ୍ଚାୟତବାସୀ ପାନୀୟ ଜଳ ଷ୍ଟାଣ୍ଡପୋଷ୍ଟକୁ ଆସୁନଥିବା ବେଳେ ସରପଞ୍ଚ ସ୍ୱାମୀଙ୍କ ମାମଲତିରେ ହୋଟେଲମାନଙ୍କୁ ପାଇପ୍ କନେକ୍ସନ କରି ପାଣି ବିକ୍ରି ଚାଲିଥିବା ଅଭିଯୋଗ ଆଣିଛନ୍ତି । ଜନସାଧାରଣ ଜଳ ସଙ୍କଟରୁ ମୁକ୍ତି ପାଇବାକୁ ପଞ୍ଚାୟତ ବାସୀଙ୍କୁ ପାନୀୟ ଜଳ ଯୋଗାଣ ନିମନ୍ତେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ସାହି ଗଳିକନ୍ଦିରେ ମୁଖ୍ୟ ପାଇପ୍ ଛଡ଼ାଯିବା ସହ ପମ୍ପହାଉସରୁ ଜଳ ଯୋଗାଣ ହୋଇ ସାହିମାନଙ୍କରେ ବସିଥିବା ଷ୍ଟାଣ୍ଡପୋଷ୍ଟକୁ ଛଡା ଯାଇଥାଏ । ସେହି ଷ୍ଟାଣ୍ଡପୋଷ୍ଟରେ ଜନସାଧାରଣ ବ୍ୟବହାର ନିମନ୍ତେ ପାଣି ନେଇଥାନ୍ତି ।ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ ଗ୍ରାମପଞ୍ଚାୟତକୁ ନ୍ୟସ୍ତ ହୋଇଛି । ହେଲେ ଅଧିକାଂଶ ଷ୍ଟାଣ୍ଡ ପୋଷ୍ଟକୁ ପାଣି ଆସୁନଥିବା ବେଳେ ପରିବା ବାଡ,ଘର ନିର୍ମାଣ ଏବଂ ହୋଟେଲ ଓ ଦୋକାନ ମାନଙ୍କରେ ପାଣି ଯୋଗାଣ ହେଉଥିବା ଅଭିଯୋଗ ହେଉଛି । ଅଭିଯୋଗ ପ୍ରକାରେ ସୂଚନା ମିଳିଛି ସରପଞ୍ଚଙ୍କ ସ୍ୱାମି ଓ ତତ୍କାଳୀନ ଏବଂ ଏବେକାର ପିଇଓଙ୍କ ମଧୁଚନ୍ଦ୍ରିକାରେ ଯିଏ ଦେଲା ସିଏ ଘରକୁ ମୁଖ୍ୟ ପାଇପରୁ ଲୁକ୍କାୟିତ ଭାବେ କନେକ୍ସନ କରି ମଟରପମ୍ପ ପକାଇ ପାଣି ଉଠାଇଲେ । ଯାହାଫଳରେ ଶତାଧିକ ମଟର ପମ୍ପ ଯୋଗେ ଘର ପାଇଁ, ବାଡକୁ, ଘର ନିର୍ମାଣ କାର୍ଯ୍ୟ ତଥା । ହୋଟେଲ ଓ ଦୋକାନମାନଙ୍କୁ ପାଣି ଉଠାଯାଉଛି ।ଏପଟେ ଷ୍ଟାଣ୍ଡ ପୋଷ୍ଟକୁ ପାଣି ଆସିବା ବନ୍ଦ ହୋଇଯିବାରୁ ଲୋକ ମାନେ ନାହଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ମୁଖ୍ୟ ପାଇପ୍‌ରୁ କନେକ୍ସନ କରିବା ଦ୍ୱାରା ବହୁ ସମୟ ପାଇପ୍ ଫାଟି ରାସ୍ତାରେ ପାଣି ଭାସୁଥିବା ଦେଖିବାକୁ ମିଳିଛି । ନିକଟରେ ଜନୈକ ହୋଟେଲ ମାଲିକ ଓ ଫଳଦୋକାନୀ ତଥା ଅନ୍ୟାନ୍ୟ ଦୋକାନକୁ ଦର୍ପ ଲେଙ୍କାଙ୍କ ପରିବା ଦୋକାନ ନିକଟରେ ଥିବା ମୁଖ୍ୟ ପାଇପରୁ କନେକ୍ସନ କରି ଦୁଇ ଇଞ୍ଚର ରବର ପାଇପ୍‌ରେ ପ୍ରାୟ ଦୁଇ ଶହ ମିଟର ଦୂରତା ମାଟିରେ ଖୋଳି ହୋଟେଲକୁ ନେଉଥିବା ଅଭିଯୋଗ ହେଉଥିଲା । ଏନେଇ ସରପଞ୍ଚ ଓ ପିଇଓଙ୍କୁ ଫୋନ୍ କରିଥିଲେ ମଧ ଫୋନ୍ ଉଠାଇନଥିବା ବେଳେ ସରପଞ୍ଚଙ୍କ ସ୍ୱାମୀ କହିଥିଲେ ଏମାନେ ପଞ୍ଚାୟତକୁ ଆସିଥିଲେ ଟଙ୍କା ଦାଖଲ କରିବାକୁ ମୁଁ କଟକ ଯାଉଛି ଆସିବା ପରେ ଦାଖଲ ହେବ । ସରପଞ୍ଚଙ୍କ ଏପରି କଥାରେ ସାଧାରଣରେ ପ୍ରଶ୍ନ ଉଠୁଛି ସରପଞ୍ଚଙ୍କ କ୍ଷମତା ନିରବ ଥିବା ବେଳେ ତାଙ୍କ ସ୍ୱାମୀ ପ୍ରକ୍ସି ସରପଞ୍ଚ ହୋଇ ପଞ୍ଚାୟତ ଚଳାଉଥିବା ନେଇ ନାନା ଦୁର୍ନୀତିର ପେଡି ଖୋଲୁଛି । ପାଣି ଯୋଗାଣରେ ଶତାଧିକ ଲୋକ ଅନୀୟମିତ କନେକ୍ସନ ନେଇଥିବାବେଳେ ଜେଇଙ୍କ କ୍ଲିୟରାନ୍ସ ନଥିଲେ ମଧ ସରପଞ୍ଚଙ୍କ ସ୍ୱାମୀଙ୍କ କ୍ଲିୟରାନ୍ସ ମିଳିଛି । ଘର କିମ୍ବା ଦୋକାନ,ମିଲ ଆଦିକୁ ପାଣି ନେବାକୁ ହେଲେ ମୁଖ୍ୟ ପାଇପରୁ କନେକ୍ସନ ଯିବାକୁ ପଡେ । ସେଥିପାଇଁ କେତେ ଇଞ୍ଚର ପାଇପ୍ ଘର କନେକ୍ସନ ଦିଆଯିବ ତାର କ୍ଷମତା କେତେ ଏହାର ତମାମ ଏଷ୍ଟିମେଟ ପରେ ଜେଇ କ୍ଲିୟରାନ୍ସ ଦେବା ଜରୁରୀ । ଏହାପରେ ପଞ୍ଚାୟତ ନୋଟିସ୍ କରି ହିତାଧିକାରୀଙ୍କ ଦରଖାସ୍ତ ଗ୍ରହଣ ପରେ ଡିପୋଜିଟ କରିବା ସହ ମାସକୁ ମାସ ପଞ୍ଚାୟତରେ ଟଙ୍କା ଦାଖଲ କରିବା ନିୟମ ରହିଛି ।ଏହା ନହେଲେ ପଞ୍ଚାୟତର କ୍ଷମତା ନାହିଁ ମନ ଇଚ୍ଛା ପାଣି କନେକ୍ସନ ଦେବାକୁ, କିନ୍ତୁ ସରପଞ୍ଚଙ୍କ ସ୍ୱାମୀଙ୍କର କ୍ଷମତା ଅଛି ହାତଗୁଞ୍ଜା ନେଇ ପାଣି ବିକିବା ଅଭିଯୋଗ ହେଉଛି । ଏଠାରେ ସରପଞ୍ଚଙ୍କ ସ୍ୱାମୀ ଭୁଲିଯାଇଛନ୍ତି ମାନ୍ୟବର ସୁପ୍ରିମକୋର୍ଟଙ୍କ ଆଦେଶକୁ । ସରପଞ୍ଚ ଯଦି ସ୍ତ୍ରୀ ହୋଇଥିବେ ସ୍ୱାମୀ ପଞ୍ଚାୟତରେ ମାମଲତି କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବା ସହ ସରପଞ୍ଚଙ୍କ ପଦବୀ ଚାଲିଯିବା ସମ୍ଭାବନା ରହିଛି । ପଞ୍ଚାୟତର ସବୁ କାର୍ଯ୍ୟରେ ସରପଞ୍ଚଙ୍କ ସ୍ୱାମୀଙ୍କ ତତ୍ତ୍ୱାବଧାନରେ ଡ୍ରେନ ସଫା, ପଞ୍ଚାୟତ ଆଗ ବାଲି ଘସି ଫ୍ଲୋରିଂ କାର୍ଯ୍ୟ, ଶୌଚାଳୟ ବ୍ୟବହାର ନ ହୋଇ ତିନିଥର ରିପାରିଂ କରି ଅର୍ଥ ଲୁଟିବା ଭଳି ବହୁ ଅଭିଯୋଗ ହୋଇଆସୁଛି । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବେନିୟମ ପାଣି କନେକ୍ସନ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି ।

# ହୋ ହଲ୍ଲାରେ ଅଧାରୁ ବନ୍ଦ ହେଲା ଅଷ୍ଟମ ପଞ୍ଚାୟତ ସମିତି ବୈଠକ

## ଅଧ୍ୟକ୍ଷାଙ୍କ ଟେବୁଲ୍ ବାଡେଇବାକୁ ନେଇ ତାତିଲେ ସଭ୍ୟସଭ୍ୟା, ଉଠିଲା ଭତ୍ତା ଦୁର୍ନୀତି ପ୍ରସଙ୍ଗ



ଗୋପ(ଭାସ୍କର ନ୍ୟୁଜ୍):ସଂଖ୍ୟାଧିକ ସାଂସଦ ପ୍ରତିନିଧିଙ୍କୁ ନେଇ ପ୍ରଶ୍ନ ଉଠାଇବା ସହିତ ବୈଠକ କୁ ୩୦ମିନିଟ୍ ପର୍ଯ୍ୟନ୍ତ ବନ୍ଦ କଲେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା । ଏଥିସହିତ ଜିଲ୍ଲାପାଳଙ୍କ ଠାରୁ ବୁଝିବାକୁ ବିଡିଓଙ୍କୁ ତାଗିଦ କରିଥିଲେ । ବିଡିଓ ଛବିରାଣୀ ସାହୁ ତତକ୍ଷଣାତ୍ ଜିଲ୍ଲାପାଳଙ୍କ ଠାରୁ ବୁଝିବା ପରେ ଆଗକୁ ଏପରି ହେବ ନାହିଁ ବୋଲି କହିବା ପରେ ବୈଠକ ପୁନଃ ଆରମ୍ଭ ହୋଇଥିଲା । ସୂଚନାଯୋଗ୍ୟ ଯେ, ପ୍ରତି ବ୍ଲକରେ ପ୍ରତ୍ୟେକ ସାଂସଦ ଙ୍କ ଜଣେ ଲେଖାଏଁ ପ୍ରତିନିଧି ରହିପାରିବେ, ମାତ୍ର ଗୋପ ବ୍ଲକରେ ସାଂସଦଙ୍କ ତରଫରୁ ସଂଖ୍ୟାଧିକ ପ୍ରତିନିଧି ଦିଆଯିବାକୁ ନେଇ ବୈଠକ ରେ ପ୍ରବଳ ହଟଗୋଳ ହୋଇଥିଲା । ବୈଠକ ଆରମ୍ଭରୁ ଅଧ୍ୟକ୍ଷା ଝୁନୁ ମଲ୍ଲିକ ନିଜର ସ୍ୱାଗତ ଭାଷଣ ଦେବା ସହିତ ବୈଠକ ଆରମ୍ଭ କରିଥିଲେ । ଷ୍ଟାଣ୍ଡିଂ କମିଟି ଗଠନକୁ ନେଇ ନାଗପୁର ପଂଚାୟତ ସମିତି ସଭ୍ୟ ପଂଚାନନ ପରିଡା ଉପସ୍ଥାପନ କରିବା ପରେ ଏହାକୁ ସମର୍ଥନ କରିଥିଲେ ନୂଆଖୋଲମରା ପଂଚାୟତର ସରପଂଚ ଉପେନ୍ଦ୍ର କାନୁନଗୋ ଏବଂ ଖୁବ୍ ଶୀଘ୍ର ଷ୍ଟାଣ୍ଡି କମିଟି ଗଠନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ବାରମ୍ବାର ଯୋଗାଣ ବିଭାଗ ନୀରିକ୍ଷିକା ରଚିତା ପଣ୍ଡା ଅସୁସ୍ଥତା ଦର୍ଶାଇ ଛୁଟିରେ ରହୁଛନ୍ତି କୌଣସି ଜନ ପ୍ରତିନିଧି ତାଙ୍କର ଦେଖା ପାଉନାହାନ୍ତି, କିନ୍ତୁ ମାସକର ଦରମା ନେବା ନେଇ ଅଭିଯୋଗ ଉଠିଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ଗୋପ ବ୍ଲକର ଭତା ଦୁର୍ନୀତି କୁ ନେଇ କାକଟପୁର ବିଧାୟକ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହିତ ୨୦୨୦ ମସିହା ଠାରୁ ସାନି ଭୋଟର ଲିଷ୍ଟ ଯାଂଚ କରିବା ସହିତ ଆଧାର କାର୍ଡ କୁ ମଧ ଯାଂଚ କରି ଭତ୍ତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକ ଶେଷ ବେଳକୁ ଅଧ୍ୟକ୍ଷା ଟେବୁଲ୍ ବାଡେଇ ଚିତ୍କାର କରିବା ପରି ସଭ୍ୟ ମାନଙ୍କୁ କହିବାରେ ଏହାକୁ ନେଇ ସମସ୍ତ ସଭ୍ୟମାନେ ଏହାର ଜୋରଦାର ବିରୋଧ କରିଥିଲେ । ପରେ କାକଟପୁର ବିଧାୟକ ଏଥିରେ ହସ୍ତକ୍ଷେପ କରିବା ପରେ ସଭ୍ୟ ମାନେ ଶାନ୍ତ ପଡିଥିଲେ। ପରେ ଏକ ଅଭାବନୀୟ ଘଟଣାକ୍ରମେ ପଂଚାୟତ ସମିତିର ଅଧ୍ୟକ୍ଷ ସଭା ବନ୍ଦ କରିବାକୁ ଥିବାବେଳେ ଗୋପ ବିଡିଓ ସଭା ସାଙ୍ଗ କରିବାକୁ ଅନୁରୋଧ କରିବା ପରେ ସଭ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ଅଧ୍ୟକ୍ଷାଙ୍କ ଉପସ୍ଥିତିରେ ବିଡିଓ କିପରି ଜନପ୍ରତିନିଧିଙ୍କୁ ଉପେକ୍ଷା କରି ନିଜେ ସଭା ବନ୍ଦ କଲେ ତାହା ବିଡିଓ ଙ୍କ ବିଶୃଙ୍ଖଳାକୁ ସୂଚାଉଛି ବୋଲି ସଭ୍ୟ ମାନେ ମତପ୍ରକାଶ କରିଥିଲେ । ସରପଂଚମାନଙ୍କୁ କାର୍ଯ୍ୟ କରିବାକୁ ବାରଣ କରିବାକୁ ଏକ ଷଡଯନ୍ତ୍ର ଚାଲିଛି ବୋଲି ବନ୍ତଳିଗ୍ରାମ ପଂଚାୟତର ସରପଂଚ ମହେଶ୍ୱର ସ୍ୱାଇଁ କହିବାରୁ ଗୋପ ବିଡିଓ ଙ୍କ ସହିତ ଯୁକ୍ତିତର୍କ ସୀମା ଟପିଥିଲା । ବରିଷ୍ଠ ସଭ୍ୟ ମାନଙ୍କ ହସ୍ତକ୍ଷେପ ପରେ ସମସ୍ତେ ଶାନ୍ତ ପଡିଥିଲେ । ତରକୋର ସରପଂଚ ସୁଶାନ୍ତ ପରିଡା ପିଇବା ପାଣିକୁ ନେଇ ପ୍ରଶ୍ନ ଉଠାଇବା ସହିତ ତାଙ୍କ ନିଜ ପଂଚାୟତ ର ସମସ୍ତ ଅର୍ଥ କେବଳ ପିଇବା ପାଣିରେ ଚାଲିଯାଉଛି କୌଣସି ଉନ୍ନତିକର କାର୍ଯ୍ୟ ହୋଇ ପାରୁନାହିଁ ଏବଂ ଯଦି ଆଗାମୀ ଦିନରେ ଏହାର ସମାଧାନ ନହୁଏ ସେଥିପାଇଁ ଗୋପ ବିଡିଓ ଦାୟୀ ରହିବେ ବୋଲି କହିଥିଲେ । ମୋଟାମୋଟି ଭାବେ ଆଜିର ବୈଠକ ହୋ ହଲ୍ଲାରେ ଶେଷ ହୋଇଥିଲା । ଆଜିର ବୈଠକରେ ମଂଚାସୀନ ଥିଲେ ଉପାଧ୍ୟକ୍ଷ ବନରନ ପଟ୍ଟନାୟକ, ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ରାୟ, ପୁଷ୍ପାଳି ସ୍ୱାଇଁ,ସାଗରିକା ନାୟକ ଥିବା ବେଳେ ବୈଠକରେ ସରପଂଚ ଶୀର୍ଷ ନାୟକ,ବିଶ୍ୱଜିତ ସ୍ୱାଇଁ,ସୁମନ୍ତ ନାୟକ, ମିନା କୁମାରୀ ମହାର୍ନ୍ତି,ସୁଶାନ୍ତ ପରିଡାଙ୍କ ସମେତ ୩୧ ପଂଚାୟତର ସରପଂଚ ଓ ସମିତି ସଭ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

## ପାଞ୍ଚପୀଢ଼ ମହିଳା ଡିଗ୍ରୀ ମହାବିଦ୍ୟାଳୟ ପ୍ରଥମ ବର୍ଷ ଛାତ୍ରୀଙ୍କ ପ୍ରବେଶ ଉତ୍ସବ




କରଞ୍ଜିଆ(ଭାସ୍କର ନ୍ୟୁଜ୍): ପାଞ୍ଚପୀଢ଼ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ନୂତନ ଶିକ୍ଷାବର୍ଷର ପ୍ରଥମ ବାର୍ଷିକ ଛାତ୍ରୀମାନଙ୍କ ନିମନ୍ତେ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷା ପ୍ରଣତୀ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟାପିକା ସେବତୀ ପୃଷ୍ଟି ନବଗତ ଛାତ୍ରୀ ମାନଙ୍କୁ ସ୍ୱାଗତ କରିବା ସହିତ ମହାବିଦ୍ୟାଳୟ ନୀତି ଓ ନିୟମ, ବିକାଶ ଓ ଇତିହାସ ସମ୍ପର୍କରେ ଅବଗତ କରିଥିଲେ। ଏହାପରେ ବରିଷ୍ଠ ଅଧ୍ୟାପକ ଅନିଲ ଚାରୁଦର୍ଶୀ ଛାତ୍ରୀମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ଅଧ୍ୟାପିକା ଏନ୍ ଏସ ପାୟଲ ନୂତନ ଛାତ୍ରୀ ମାନଙ୍କୁ ମହାବିଦ୍ୟାଳୟ ନିୟମ ମାନି ଶୃଙ୍ଖଳିତ ହେବକୁ ପରାମର୍ଶ ଦେଉଥିଲେ ।ଅନୁଷ୍ଠାନର ଅନ୍ୟ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଆବଶ୍ୟକୀୟ ସହଯୋଗ ପ୍ରଦାନ କରିଥିଲେ । ପରିଶେଷରେଅଧ୍ୟାପକ ଘଣା ବାବୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡ୍ରେନେଜ୍ ବିଭାଗ ଅଧିକାରୀଙ୍କ ନଦୀ, ନାଳ ପରିଦର୍ଶନ

କଣାସ(ଭାସ୍କର ନ୍ୟୁଜ୍): ଡ୍ରେନେଜ୍ ବିଭାଗର ବରିଷ୍ଠ ଅଧିକାରୀମାନେ ମକରା ନଦୀ, ଦୋଛିଆଁ ନାଳ, ଆଡିନଦୀ, ବଡଗୋଠାରେ ମିଶ୍ରଣ ହୋଇଥିବା ଦୟା, ଲୁଣା, ଭାର୍ଗବୀ ଓ ନଦୀ ମୁହାଁଣ ପରିଦର୍ଶନ କରି ନିଷ୍କାସନରେ ବାଧା ଉପୁଜୁଥିବାରୁ କିପରି ତାହାର ସମାଧାନ କରାଯିବ ବୁଲି ପରିଦର୍ଶନ କରି ଫେରିଯାଇଛନ୍ତି । ଡ୍ରେନେଜ୍ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ସାହୁ ଅଧିକାରୀ ମାନଙ୍କୁ ସମସ୍ତ ନାଳ ଓ ନଦୀ ବୁଲାଇବା ସହିତ ଜଳ ଅବରୋଧ ସଂପର୍କରେ ଟିକିନିଖି ତଥ୍ୟ ପ୍ରଦାନ କରିଥିଲେ ।

## ୧୬ ନମ୍ବର୍ ଜାତୀୟ ରାଜପଥରେ ଅବହେଳିତ ଅବସ୍ଥାରେ ପୋଲ କାର୍ଯ୍ୟ

ବସ୍ତା (ଭାସ୍କର ନ୍ୟୁଜ): ବାଲେଶ୍ୱର ଜିଲ୍ଲାର ବସ୍ତା ନିକଟ ଦେଇ ଯାଇଥିବା ୧୬ ନମ୍ବର୍ ଜାତୀୟ ରାଜପଥରେ ହେବାକୁଥିବା ପୋଲ ନିର୍ମାଣ କାର୍ଯ୍ୟ ଭେଲୋରା ନିକଟୋରେ ଆଜକୁ ପ୍ରାୟ ୧୨ ବର୍ଷଧରି ଏହି ପୋଲର ନିର୍ମାଣ ଚାଲୁଥିବାବେଳେ ଏହା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ । ଯାହାଦ୍ୱାରା କଲିକତାରୁ ଚେନ୍ନାଇକୁ ଯାଇଥିବା ଅନେକ ଯାନବାହାନ ସହିତ ବସ ଟ୍ରକ୍ ଏବଂ କାର ପ୍ରତିଦିନ ଏହି ଠାରେ କିଛି ନା କିଛି ଦୁର୍ଘଟଣା ଗ୍ରସ୍ତ ହେଉଛି । ଏଠାକାର ପାଖାପାଖି ସ୍ଥାନୀୟଅଧିବାସୀମାନେ ମଧ ଏଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥାନ୍ତି । ଏଥିପ୍ରତି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ ଆଜି ଏହି ଦୁର୍ଦ୍ଦଶା ଦେଖିବାକୁ ମିଳିଛି । ବାରମ୍ବାର ପ୍ରଶାସନ ଅଧିକାରୀଙ୍କୁ ଅବଗତ କରାଇବା ସତ୍ତ୍ୱେ ମଧ ଏହାକୁ ଅଣଦେଖା କରୁଛନ୍ତି ସରକାର ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଦଳେଇସାହି ପଂଚାୟତର ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ଭୋଟ ହୋଇ ଉଚ୍ଚ ନ୍ୟାଳୟୟଙ୍କ ନିର୍ଦ୍ଦେଶରେ ଫଳାଫଳ ଘୋଷଣା ହୋଇନଥିବା ବେଳେ ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ବନ୍ଦ ରଖିବା ପାଇଁ ବୁଧବାର ଉକ୍ତ ପଞ୍ଚାୟତର ସମିତି ସଭ୍ୟାଙ୍କ ସମେତ ୧୩ ଜଣ ୱାର୍ଡ ମେମ୍ବର ଓ ଗ୍ରାମବାସୀ ମାନେ ବୋଲଗଡ଼ ବିଡ଼ିଓଙ୍କୁ ଭେଟି ଦାବି କରିଛନ୍ତି। ୧୮ୱାର୍ଡ ବିଶିଷ୍ଟ ଗ୍ରାମପଞ୍ଚାୟତ ୧୨ଜଣ ୱାର୍ଡମେମ୍ବର ମାନେ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କୁ ଭେଟି ସରପଞ୍ଚ ସତ୍ୟଭାମା ଦେଇଙ୍କ ମନୋମୁଖୀ କାର୍ଯ୍ୟ ପ୍ରତିବାଦରେ ଅନାସ୍ଥା ପ୍ରକଟ କରିଥିଲେ। ଏଥିନେଇ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ପ୍ରଶାସନ ମାଧ୍ୟମରେ ସେପଟ୍ମେର ମାସ ୩ ତାରିଖରେ ଏହି ପଞ୍ଚାୟତର ସ୍ୱତନ୍ତ୍ର ଅଧିବେଶନ ଡାକି ୱାର୍ଡ ମେମ୍ବର ଓ ସରପଞ୍ଚଙ୍କ ଉପସ୍ଥିତିରେ ଆଲୋଚନା ପରେ ଅନାସ୍ଥା ଭୋଟ ଅନୁଷ୍ଠିତ ହୋଇ ଥିଲା। ତେବେ ପୂର୍ବରୁ ସରପଞ୍ଚଙ୍କ ପକ୍ଷରୁ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ଏକ ରିଟ ପିଟିସନ ଦାଖଲ ହୋଇ ଥିବାବେଳେ ଏହାର ବିଚାର କରି ମାନ୍ୟବର କୋର୍ଟ ପରବର୍ତ୍ତୀ ଶୁଣାଣିପର୍ଯ୍ୟନ୍ତ ଭୋଟ ଫଳାଫଳ ପ୍ରକାଶ ନକରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବାଲଟ ବାକ୍ସକୁ ଜଉମୁଦ ଅବସ୍ଥାରେ ଜିଲ୍ଲା ସ୍ୱତନ୍ତ୍ରକୋଷଗର ରେ ସଂରକ୍ଷିତ ରଖାଯାଇଛି। ଏ ସଂକ୍ରାନ୍ତରେ ବିଡ଼ିଓ ସୁମନ ସୁଧା କୁଣ୍ଡୁ କହିଛନ୍ତି ଯେ ପୂର୍ବରୁ ଚାଲିଥିବା ଉନ୍ନୟନ କାର୍ଯ୍ୟ ଅନିୟମିତତା ନେଇ ୱାର୍ଡ ମେମ୍ବର ମାନେ ଅଭିଯୋଗ କରିଥିବା କାରଣରୁ କାର୍ଯ୍ୟ ସ୍ଥଗିତ ରହିଛି ଏବଂ ପ୍ରଶାସନର ତଦନ୍ତପରେ ଏହି ସବୁ କାର୍ଯ୍ୟ କରାଯିବ। ତେବେ ଫଳାଫଳ ଘୋଷିତ ନହେବା ପର୍ଯ୍ୟନ୍ତ କୌଣସି ନୂତନ କାର୍ଯ୍ୟ ଆରମ୍ଭ କରାଯିବ ନାହିଁ।

# ବିପଦସଙ୍କୁଳ ଅବସ୍ଥାରେ ଦୁଇଟି ଅଙ୍ଗନୱାଡ଼ି କେନ୍ଦ୍ର





ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): ବନ୍ଧୁଗାଁ ବ୍ଲକ ପେଦାୱାଲଡ଼ା ପଞ୍ଚାୟତ ଯାଗୁଗୁଡା ରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ୧ବିପଦ ସଙ୍କୁଳ ଅବସ୍ଥାରେ ଥିବା ବେଳେ ଅଙ୍ଗନୱାଡ଼ି କେନ୍ଦ୍ର ୨ ଛାତରୁ ପାଣି ଗୋଲୁଥିବା ବେଳେ ପାଇଖାନା ସମ୍ପୂର୍ଣ୍ଣ ହୋଇ ନ ପାରି ପଡ଼ି ରହିଛି। ଯାଗୁଗୁଡ଼ା ଗ୍ରାମରେ ପ୍ରାୟ ୧୬୦ ରୁ ଉର୍ଦ୍ଧ ପରିବାର ବସବାସ କରନ୍ତି। ୨୦୧୦-୧୧ ମସିହାରେ ସରକାରଙ୍କ ତରଫରୁ ଅଙ୍ଗନୱାଡ଼ି କେନ୍ଦ୍ର ୧ ନିର୍ମାଣ ହୋଇଥିଲା। ୨୦୧୭-୧୮ ମସିହାରେ ଅଙ୍ଗନୱାଡ଼ି କେନ୍ଦ୍ର କାନ୍ଥ ଫାଟି ଦବିବା ସହିତ ଛାତ ଭାଙ୍ଗି ବିପଦପୂର୍ଣ୍ଣ ଅବସ୍ଥାରେ ରହିଆସୁଛି। ଅଙ୍ଗନୱାଡ଼ି କେନ୍ଦ୍ରରେ ୯୩ ଜଣ ପରିବାରରୁ ୩୦ରୁ ଉର୍ଦ୍ଧ୍ୱ ପ୍ରି ସ୍କୁଲ ଶିଶୁ ପୁଣି ପ୍ରସୂତି, ଗର୍ଭବତୀ ଓ ୬ ମାସରୁ ୩ ବର୍ଷର ୩୭ ଜଣ ଶିଶୁ ନିର୍ଭର କରିଥାନ୍ତି। ପ୍ରି ସ୍କୁଲ ଶିଶୁଙ୍କୁ ହେଲପର ନିଜ ଘରେ ରନ୍ଧେଇ କରି ଅଙ୍ଗନୱାଡ଼ି କେନ୍ଦ୍ର ୨କୁ ଆଣି ଗରମ ରନ୍ଧା ଖାଦ୍ୟ ଦିଆଯାଇଛି। ଏପଟେ ଅଙ୍ଗନୱାଡ଼ି କେନ୍ଦ୍ରରେ ଅଙ୍ଗନୱାଡ଼ି କର୍ମୀ ଶିଶୁଙ୍କୁ ଖେଳ, ନାଚ, ଗୀତ ଓ ଚିତ୍ର ଦେଖାଇ ଶିକ୍ଷା ଦେବା, ପୁଣି ଶିଶୁଙ୍କୁ ୫+ ବୟସ ହେଲେ ଶିଶୁ ବାଟିକା କୁ ପାଠ ପଢିବା ପାଇଁ ପଠାଇବା ବ୍ୟବସ୍ଥା ରହିଛି। ଏପଟେ ଅଙ୍ଗନୱାଡ଼ି କେନ୍ଦ୍ର ୨ରେ ଥିବା ଗୋଟିଏ କୋଠରୀର ଦୁଇକଣରେ ୨ଜଣ ଅଙ୍ଗନୱାଡ଼ି କର୍ମୀ ପିଲାଙ୍କ ଖେଳନା ସାମଗ୍ରୀ, ଖାତା ରଖି ଥିବା ବେଳେ ୫୦ଜଣ ପ୍ରି ସ୍କୁଲ ଶିଶୁ ବସିବାକୁ ଜାଗା ନିଅଣ୍ଟ ହେଉଛି। ସେହି ଅଙ୍ଗନୱାଡ଼ି କେନ୍ଦ୍ର ୨ପୁଣି ଛାତରୁ ପାଣି ଗଳୁଛି। ଏହିପ୍ରକାର ଭାବରେ ଦୁଇ ଅଙ୍ଗନୱାଡ଼ି କର୍ମୀ ରହୁଥିବା ବେଳେ ଅନେକଥର ସିଡିପିଓ, ବିଡ଼ିଓ ଏବଂ ଜିଲ୍ଲାପାଳଙ୍କୁ ସ୍ଥାନୀୟ ସରପଞ୍ଚଙ୍କ ଜରିଆରେ ଲିଖିତ ଅଭିଯୋଗ କରିଛନ୍ତି। ଭଙ୍ଗା ପୁଣି ବିପଦ ସଙ୍କୁଳ ଅବସ୍ଥାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରଟି ଆଜି ପର୍ଯ୍ୟନ୍ତ ସ୍ଥାନୀୟ ବ୍ଲକ ପ୍ରଶାସନ ଅବଗତ ଥାଇ ମଧ୍ୟ ନୂତନ ଭାବେ ତିଆରି କରୁ ନାହାନ୍ତି। ଏହା ନିରୀହ ଆଦିବାସୀ ଶିଶୁଙ୍କ ଭବିଷ୍ୟତ ପ୍ରତି ସ୍ଥାନୀୟ ପ୍ରଶାସନଙ୍କ ସମ୍ପୂର୍ଣ୍ଣ ଭାବେ ଅବହେଳା ଯୋଗୁଁ ଆଗାମୀ ଦିନରେ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ଯାଇ ଗୁହାରି କରିବାକୁ ଗ୍ରାମର ବୁଦ୍ଧିଜୀବି ଦାଲାନା କାଡ୍ରାକା, ନାରାୟଣ ଜାନି କାଡ୍ରାକା, ମିନା କାଡ୍ରାକା, ନାଗେଶ ପୁସିକା, ଦାମଦର କାଡ୍ରାକା ଗଣମାଧ୍ୟମଙ୍କୁ ଜଣାଇଛନ୍ତି।

# ୫ ବର୍ଷର ଶିଶୁକନ୍ୟାକୁ ନିର୍ଦ୍ଦୟ ଭାବରେ ପିଟିଲେ ଅଙ୍ଗନବାଡି ୱାର୍କର



ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଜଲାର ପୂର ପଂଚାୟତ ଜଲାରପୁର ଅଙ୍ଗନବାଡି କେନ୍ଦ୍ରରେ ପାଠ ପଢିବାକୁ ଯାଇଥିବା ଶ୍ରାବଣୀ ସ୍ୱାଇଁଙ୍କ ଶିଶୁ କନ୍ୟା (୫) ବର୍ଷ ସବୁଦିନ ଭଳି ଗୁରୁବାର ଅଙ୍ଗନବାଡି କେନ୍ଦ୍ର କୁ ପାଠ ପଢିବାକୁ ଯାଇଥିଲା। ଉକ୍ତ କେନ୍ଦ୍ରର ସହାୟିକା କରିସ୍ମା ରାଉତ ୨୫ ସକାଳ ୯.୩୦ମିନିଟ ସମୟରେ ଅଙ୍ଗନ ବାଡ଼ି କେନ୍ଦ୍ର କୁ ଯାଇଥିବା ବେଳେ ୧୨.୩୦ ମିନିଟ ସମୟରେ କାନ୍ଦି କାନ୍ଦି ଘରକୁ ଫେରିଥିଲା। ଏହି ଶିଶୁ କନ୍ୟା ଦେହରେ ବେତରେ ଛାଟ ଏଭଳି ଲାଗିଥିଲା ଜେ ପିଠି ଫାଟିଯିବା ସହ ରକ୍ତ ବାହାରିଥିଲା। ଏ ନେଇ ସହାୟିକା କରିସ୍ମା ଙ୍କ ଉତ୍ତର ପାଠ ନ ପଢ଼ିବାରୁ ଏଭଳି ମାଡ଼ ମାରିଛୁ। ଏ ନେଇ ନିଆଳି ଥାନାରେ ଶିଶୁ କନ୍ୟାର ମା ଶ୍ରାବଣୀ ସ୍ୱାଇଁ ଲିଖିତ ଅଭିଯୋଗ କରିଛନ୍ତି। ନିଆଳି ଥାନା ପୋଲିସ ୪୩୪/୨୫ରେ ମାମଲା ରୁଜୁ କରି ଖବର ଲେଖା ହେଲା ବେଳକୁ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଖବର ଚାପି ଦେବାକୁ ବିଭିନ୍ନ ରାଜନୀତିକ ଦଳର କର୍ମୀ ଓ ପଞ୍ଚାୟତ ସ୍ତରୀୟ ନେତାଙ୍କ ଭିଡ଼ ଜମିଥିଲା। ଏହି ଅଙ୍ଗନବାଡି କେନ୍ଦ୍ରରେ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ଅଙ୍ଗନବାଡି ୱାର୍କର ପଦବୀ ଖାଲିପଡିଛି। ଟୋଲା (୧) ପନିମାଳ ସେଣ୍ଟରର ଅଙ୍ଗନବାଡି ଦିଦି ଉଷା ରାଣୀ ବେହେରାଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ ସେ ଦୁଇଦୁଇଟି ସେଣ୍ଟର ଦାୟିତ୍ୱରେ ରହିଥିବାରୁ ଏଠାକୁ ଆସନ୍ତି ନାହିଁ। ଏଠାରେ ସୂଚନା ଥାଉ କି ଏହି ସେଣ୍ଟରରେ ପୂର୍ବରୁ ଅବସର ନେଇଥିବା ସତ୍ୟଭାମା ମିଶ୍ରଙ୍କ ଖାତା ଓ ୩୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଛଡାଇ ରଖିଥିବା ଯୋଗୁ ମହିଳା ଏସଓଜି ମା'ମାନେ ଟଙ୍କା ପାଇପାରି ନାହାନ୍ତି। ଏହି ସେଣ୍ଟର ବିଭିନ୍ନ ସମୟରେ ବିବାଦରେ ରହିଆସିଛି।

# ଏନ୍‌ଆଇଆର୍‌ଏଫ୍‌ରେ ୨୬ତମ ସ୍ଥାନ ହାସଲ କଲା କେଏଲ୍ ୟୁନିଭର୍ସିଟି

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): କେଏଲ ଡିମ୍‌ଡ ଟୁ ବି ୟୁନିଭର୍ସିଟି, ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟନାଲ ର୍‍ୟାଙ୍କିଂ ଫ୍ରେମ୍‌ୱର୍କ (ଏନ୍‌ଆଇଆର୍‌ଏଫ୍) ୨୦୨୫ରେ ଦେଶର ସମସ୍ତ ବିଶ୍ୱ ବିଦ୍ୟାଳୟଗୁଡିକ ମଧ୍ୟରେ ୨୬ ତମ ର୍‍ୟାଙ୍କ ହାସଲ କରି ଭାରତୀୟ ଉଚ୍ଚଶିକ୍ଷା କ୍ଷେତ୍ରରେ ନିଜର ନେତୃତ୍ୱକୁ ସୁଦୃଢ଼ କରିଛି। ଏହି ଫ୍ରେମ୍‌ୱର୍କ ଏକ ବିସ୍ତୃତ ଓ ସ୍ୱଚ୍ଛ ପଦ୍ଧତିର ବ୍ୟବହାର କରି ଭାରତର ଶିକ୍ଷାନୁଷ୍ଠାନଗୁଡ଼ିକୁ ମୂଲ୍ୟାୟନ କରିବା ସହ ର୍‍ୟାଙ୍କ ପ୍ରଦାନ କରିଥାଏ। ଏହାର ଶୀର୍ଷ ଜାତୀୟ ସ୍ଥିତି ବ୍ୟବୀତ ଏହି ୟୁନିଭର୍ସିଟିକୁ ଇଞ୍ଜିନିୟରିଂ କ୍ଷେତ୍ରରେ ୩୫ତମ, ମୋଟ କାଟାଗୋରିରେ ୪୬ତମ ଓ ମ୍ୟାନେଜମେଣ୍ଟ କ୍ଷେତ୍ରରେ ୭୦ତମ ସ୍ଥାନରେ ରଖାଯାଇଛି, ଯାହା ବିବିଧ କ୍ଷେତ୍ରରେ ଉତ୍କର୍ଷତା ପ୍ରଦାନ କରୁଥିବା ଏକ ମଲ୍ଟି-ଡିସିପ୍ଲିନାରୀ ଇନ୍‌ଷ୍ଟିଚ୍ୟୁଶନ ଭାବେ ଏହାର କ୍ଷମତାକୁ ପ୍ରତିଫଳନ କରୁଛି। ଏହି ୟୁନିଭର୍ସିଟି ତେଲୁଗୁ-ଭାଷୀ ରାଜ୍ୟଗୁଡ଼ିକରେ ଶୀର୍ଷ ଘରୋଇ ଇଞ୍ଜିନିୟରିଂ ଇନ୍‌ଷ୍ଟିଚ୍ୟୁଶନ ହେବାର ସ୍ୱତନ୍ତ୍ରତା ବଜାୟ ରଖିଛି, ଯାହା ବୈଷୟିକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏହାର ନେତୃତ୍ୱକୁ ପ୍ରଦର୍ଶିତ କରୁଛି। ଏହି ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗଗୁଡିକ ଶିକ୍ଷାଦାନ ଗୁଣବତ୍ତା, ଅନୁସନ୍ଧାନ ଫଳାଫଳ, ଶିକ୍ଷାବିତଙ୍କ କ୍ଷମତା, ଭିତିଭୂମି, ନିଯୁକ୍ତି, ଦକ୍ଷତା ବିକାଶ ଓ ଛାତ୍ରଛାତ୍ରୀଙ୍କ ଫଳାଫଳ ସମେତ ବିଭିନ୍ନ ପରିମାପ ଉପରେ ଆଧାରିତ ଅଟେ। ଏହି ପରିମାପଗୁଡିକରେ କେଏଲ ୟୁନିଭର୍ସିଟିର ନିରନ୍ତର ପ୍ରଦର୍ଶନ ଏହାର ଶିକ୍ଷାଗତ ଦକ୍ଷତା, ଅନୁସନ୍ଧାନ-ଚାଳିତ ଇକୋସିଷ୍ଟମ ଓ ଶିଳ୍ପ-ସମ୍ପୃଥିତ ଆଭିମୁଖ୍ୟକୁ ପ୍ରଦର୍ଶିତ କରିଛୁ। ଏହି ସଫଳତା ସମ୍ପର୍କରେ କେଏଲ ଡିମ୍‌ଡ ଟୁ ବି ୟୁନିଭର୍ସିଟିର ଉପାଧ୍ୟକ୍ଷ ଇଞ୍ଜିନିୟର କୋନେରୁ ଲକ୍ଷବଢ଼ ହାବିଶ କହିଛନ୍ତି, 'ଏହି ସ୍ୱୀକୃତି ଶିକ୍ଷା, ଗବେଷଣା ଓ ଉଦ୍ଭାବନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବାରେ ଆମର ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ନିରନ୍ତର ପ୍ରୟାସର ଏକ ପ୍ରମାଣ ଅଟେ। ଜାତୀୟ ସ୍ତରରେ ଏଭଳି ଏକ ସମ୍ମାନିତ ର୍‍ୟାଙ୍କ ହାସଲ କରିବା କେବଳ ଏକ ସଂଖ୍ୟା ନୁହେଁ ବରଂ ଏହା ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ଏକ ଶିକ୍ଷାନୁଷ୍ଠାନରେ ପରିଣତ ହେବାର ଆମର ଲକ୍ଷ୍ୟକୁ ପ୍ରତିଫଳିତ କରୁଛି ଯାହା ପରବର୍ତ୍ତୀ ପିଢ଼ିର ଲିଡର, ଉଦ୍ଭାବନ ଓ ପରିବର୍ତ୍ତନକାରୀଙ୍କୁ ସଶକ୍ତ କରିବ।' ଶିକ୍ଷାଗତ ସଫଳତା ବ୍ୟତୀତ ଏହି ୟୁନିଭର୍ସିଟି ବିଶ୍ୱବ୍ୟାପୀ ସହଭାଗିତା, ଗବେଷଣା, ଉଦ୍ଭାବନ ଓ ଆନ୍ତର୍ଜାତୀୟ ସହଯୋଗିତା କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ଜାରି ରଖିଛି। ପ୍ରାୟ ଦୁଇ ଦଶନ୍ଧିର ଦୃଢ଼ ନିଯୁକ୍ତିର ଏକ ପ୍ରମାଣିତ ଟ୍ରାକ ରେକର୍ଡ ଏବଂ ଶିଳ୍ପ ପ୍ରସ୍ତୁତ ଗ୍ରାଜୁଏଟ ସୃଷ୍ଟି କରିବାର ଏକ ପ୍ରତିବଦ୍ଧତା ସହିତ କେଏଲ ଡିମ୍‌ଡ ଟୁ ବି ୟୁନିଭର୍ସିଟି ସାମାଜିକ ଭାବେ ଦାୟିତ୍ୱପୂର୍ଣ୍ଣ ଓ ଆନ୍ତର୍ଜାତୀୟ ସ୍ତରରେ ଦକ୍ଷ ପ୍ରଫେସନାଲ ମାନଙ୍କୁ ପ୍ରସ୍ତୁତ କରିବା ପାଇଁ ଉତ୍ସର୍ଗୀକୃତ ରହିବା ସହ ଭାରତୀୟ ଉଚ୍ଚଶିକ୍ଷା କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରୁଛି।

# ପ୍ରଧାନଶିକ୍ଷକ ନିଲମ୍ବିତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଖଡିସିଙ୍ଗା ହାଇସ୍କୁଲ ପ୍ରଧାନଶିକ୍ଷକ ଜୟସିଂ ସର୍ଦ୍ଦାର ନିଲମ୍ବିତ ହୋଇଥିବା ଜଣାଯାଇଛି। ଗତ ବୁଧବାର ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରକାଶିତ ଆଦେଶ ସଂଖ୍ୟା ୨୩୮୧୪ ଅନୁଯାୟୀ ନିଲମ୍ବିତ ହୋଇଛନ୍ତି। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ଅନଧିକୃତ ଛୁଟିରେ ରହିବା, ଆର୍ଥୀ ତୋଷରପାତ ଭଳି ଅଭିଯୋଗ ହୋଇ ଆସୁଥିଲା। ଜିଲ୍ଲା ଶିକ୍ଷାଧିକାରୀ ଏହାର ତଦନ୍ତ କରି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସନ୍ତୋଷ ଦାସଙ୍କୁ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜଣାଯାଇଛି।

# ବିଦ୍ୟାଳୟରେ ଚାଲିଛି ପ୍ରଧାନ ଶିକ୍ଷକଙ୍କ ମନମୁଖୀ ଶାସନ

କାଳିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଳିମେଳା ସମିତି ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ମାନ୍ୟୁମକୋଣ୍ଡା ଉନ୍ନତି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ମନମୁଖୀ ଶାସନ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ହୋଇଛି। ତେବେ ଏ ଅଭିଯୋଗରୁ ଜଣାପଡିଛି ଯେ ସମ୍ପୃକ୍ତ ବିଦ୍ୟାଳୟରେ ୬ ବର୍ଷରୁ ଉର୍ଦ୍ଧ୍ୱ ଶିକ୍ଷକତା କରୁଥିବା ଦୁଲା ଭେଙ୍କେଟଶ୍ୱର ରାଓ ଉପରସ୍ଥ ଅଧିକାରୀଙ୍କୁ ଧରାଧରି କରି ଏବେ ଗତ ୬ ମାସ ହେବ ପ୍ରଧାନ ଶିକ୍ଷକ ବନିଛନ୍ତି। ଗୋଟିଏ ବିଦ୍ୟାଳୟରେ ରାଓ ୬ ବର୍ଷରୁ ଉର୍ଦ୍ଧ୍ୱ ଏବଂ ଅନ୍ୟ ଜଣେ ଶିକ୍ଷକ ଜ୍ୟୋତି ରଞ୍ଜନ ସାମଲ ୧୬ ବର୍ଷରୁ ଉର୍ଦ୍ଧ୍ୱ ବେନିୟମ ଭାବେ ରଖା ଯାଇଅଛି। କେତେକ ଶିକ୍ଷକ ଶିକ୍ଷୟିତ୍ରୀ ଠିକ୍ ସମୟରେ ବିଦ୍ୟାଳୟକୁ ପହଞ୍ଚୁ ନଥିବା ଏବଂ ବିନା ଛୁଟି ଦରଖାସ୍ତରେ ୧୫ ରୁ ୨୦ ଦିନ ଅନୁପସ୍ଥିତ ରହିବା ସାଙ୍ଗକୁ ଜଣେ ଶିକ୍ଷୟିତ୍ରୀ ପ୍ରସବ ନାଁରେ ୯ ମାସ ହେବ ବିଦ୍ୟାଳୟରେ ଅନୁପସ୍ଥିତ ରହିଛନ୍ତି। ସାମଲ ଏଠାରେ ଶିକ୍ଷକତା କରିବା ସହିତ ଧାନ, ସାର, ମୁଗ ଆଦି କିଣାବିକା କାମ କରୁଥିବା ଜଣାପଡିଛି। ଯୋଜନାବଦ୍ଧ ଭାବେ ଆବଶ୍ୟକତା ଠାରୁ ଅଧିକ ଛାତ୍ରଙ୍କୁ ଛାତ୍ରାବାସରେ ରଖି ଗୋଟିଏ ଖଟରେ ଦୁଇ ଜଣକୁ ଶୁଆଇବା ଏବଂ ନିତ୍ୟ ଆବଶ୍ୟକ ସାମଗ୍ରୀ ଠିକ୍ ସମୟରେ ଦିଆ ନଯିବା ଜଣାପଡିଛି। ଅଣ୍ଡା ଖାଉନଥିବା ଛାତ୍ର ଛାତ୍ରୀଙ୍କୁ ଅଣ୍ଡା ବଦଳରେ ଫଳ ଦିଆଯାଉନି ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟକୁ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ତାଙ୍କ ପରିବାର ଲୋକେ ସେ ଖାଦ୍ୟକୁ ନିତ୍ୟ ଖାଉଛନ୍ତି। ପାଠ ପଢା ସମୟରେ ଛାତ୍ରଙ୍କୁ ଘର କାମରେ ନିୟୋଜିତ କରିବା ଏବଂ ରାତ୍ର ସମୟରେ ପାଇଖାନା ଗାତ ଖନନ କରାଯାଉଛି। ବିଦ୍ୟାଳୟ ପରିସରେ ଶୋଭା ପାଉଥିବା ଫୁଲ ଗଛକୁ କାଟି ଫୋପାଡି ଦିଆଯାଇଛି ଏବଂ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ଦାୟିତ୍ୱରେ ଥିବା କୁସୁମପୁଟ ଓ ମାନ୍ୟୁମକୋଣ୍ଡା ଗାଁର ମହିଳା ଗୋଷ୍ଠୀଙ୍କ ରୋଷେଇ ସମୟରେ ପ୍ରଧାନ ଶିକ୍ଷକ ତାଙ୍କ ସ୍ତ୍ରୀଙ୍କୁ ପଠାଇ ନଜର ରଖୁଥିବା ଜଣାପଡିଛି। ଠିକ୍ ରୂପେ ବିଦ୍ୟାଳୟ ପରିଚାଳନା କମିଟିର ସଭା ନକରି ଶିକ୍ଷକଙ୍କୁ ସୁହାଇଲା ଭୋଳି ପ୍ରସ୍ତୁତ ରେଜୁଲେସନକୁ ଘର ଘର ବୁଲି ସଭ୍ୟ-ସଭ୍ୟାଙ୍କ ସ୍ୱାକ୍ଷର ନିଆଯାଉ ଥିବା ଭୋଳି ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି ଏବଂ ପ୍ରଧାନ ଶିକ୍ଷକ ରାଓ ଏବଂ ସାମଲଙ୍କୁ ମାନ୍ୟୁମକୋଣ୍ଡା ପଞ୍ଚାୟତ ବାସି ବଦଳି ଦାବି କରିଛନ୍ତି।

## ରୋଗୀ କଲ୍ୟାଣ ସମିତି ବୈଠକ ବାତିଲ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମ୍ମିଳନୀ ପ୍ରକୋଷ୍ଠରେ ଗୁରୁବାର ରୋଗୀ କଲ୍ୟାଣ ସମିତି ବୈଠକ ବାତିଲ ହୋଇଛି। ଖବର ମୁତାବକ ପୂର୍ବବର୍ଷ ଅକ୍ଟୋବର ୨୦୨୪ରେ ରୋଗୀ କଲ୍ୟାଣ ସମିତି ବୈଠକ ହୋଇଥିଲା। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡକ୍ଟର ସଞ୍ଜୟ ପ୍ରଧାନ କହିବା ମୁତାବକ ଚଳିତ ବର୍ଷର ରୋଗୀ କଲ୍ୟାଣ ସମିତି ବୈଠକ ଗୁରୁବାର ଅପରାହ୍ନ ରେ କାକଟପୁର ନିର୍ବାଚନ ମଣ୍ଡଳୀ ବିଧାୟକ ତୁଷାରକାନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବେଳେ ବୈଠକର କାର୍ଯ୍ୟସୂଚୀ ସମ୍ପର୍କରେ ଦେଖିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ସହ ଆଲୋଚନା କରି ବିଧାୟକ ତୁଷାରକାନ୍ତି ବେହେରା ଫେରିଯାଇଥିଲେ। ଏହାର କିଛି ସମୟ ପରେ ବ୍ଲକ ଅଧକ୍ଷା ପହଂଚି ଥିଲେ। ଯାହାକି ଗୁରୁବାର ଅନୁଷ୍ଠିତ ହେବାକୁ ଥିବା ରୋଗୀ କଲ୍ୟାଣ ସମିତି ବୈଠକ ବାତିଲ ହୋଇଛି।

# ବାରସର ଓ ଗୋବିନ୍ଦପୁର ପଞ୍ଚାୟତରେ ଚାଷଜମି ଜଳମଗ୍ନ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧିନ ବାରସର ଓ ଗୋବିନ୍ଦପୁର ପଞ୍ଚାୟତର ୭୭୦ହେକ୍ଟର ଚାଷଜମି ଜଳମଗ୍ନ ହୋଇ ରହିଛି। ଉପରମୁଣ୍ଡରୁ ବନ୍ୟାଜଳ ବଢ଼ି ଚାଷଜମି ବୁଡ଼ିଯାଇଥିବା ଜଣାପଡ଼ିଛି। ଯାହାଫଳରେ ଜମିରେ ହୋଇଥିବା ଧାନଚାଷ ନଷ୍ଟ ହେବାର ଆଶଙ୍କା ରହିଛି। ତୁରନ୍ତ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତି ପୂରଣ ଦେବାକୁ ଦାବି କରାଯାଇଛି। ବିଶେଷ ଭାବେ ଏହି ୨ଟି ପଞ୍ଚାୟତ ବନ୍ୟାପ୍ଲାବିତ ପଞ୍ଚାୟତ ଭାବେ ପରିଗଣିତ। ଏହି ପଞ୍ଚାୟତର ଲୋକମାନେ ଧାନଚାଷ ଉପରେ ନିର୍ଭର କରି ଚଳିଥାନ୍ତି। ଚାଷୀମାନେ ଧାନଚାଷରୁ ସେମାନଙ୍କର ଗୁଜୁରାଣ ମେଣ୍ଟାଇବା ସହିତ ଅନ୍ୟାନ୍ୟ ଆବଶ୍ୟକୀୟ କାର୍ଯ୍ୟ ମଧ୍ୟ ତୁଲାଇଥାନ୍ତି। ବନ୍ୟାଜଳ ଚାଷଜମିରେ ମାଡ଼ିଯିବା ଫଳରେ ଧାନଗଛ ବୁଡ଼ିରହିଛି। ଅଧିକ ଦିନ ଧାନଗଛ ବୁଡ଼ିରହିଲେ ଧାନ ନିଶ୍ଚିତ ଭାବରେ ନଷ୍ଟ ହେବ ବୋଲି ଜଣାଯାଇଛି। ଚଳିତ ବର୍ଷ ଅତ୍ୟଧିକ ଅନିୟମିତତା ବର୍ଷା ହେବା ଫଳରେ ଚାଷୀମାନେ ବତୁରି ତଳା ପକାଇପାରି ନଥିଲେ। ସେମାନେ ବହୁ କଷ୍ଟରେ ଆତରା ତଳା ପକାଇ ଚାଷ କରିଥିଲେ। ଉପର ମୁଣ୍ଡରୁ ବନ୍ୟାଜଳ ଆସି ସାଳନ୍ଦୀ ଓ ଗେଙ୍ଗୁଟି ନଦୀରେ ପ୍ରବେଶ କରିବା ଯୋଗୁଁ ଚାଷଜମି ବୁଡ଼ି ଯାଇଥିବା ଜଣାପଡ଼ିଛି। ତେବେ କ୍ଷୟକ୍ଷତିର ଆକଳନ କରାଯାଇ ଚାଷୀମାନଙ୍କୁ କ୍ଷତିପୂରଣ ଦେବା ସହିତ କୃଷିଋଣ ଛାଡ଼ କରିବାକୁ ବାରସର ସମବାୟ ସମିତି ସଭାପତି ମାନସ ରଞ୍ଜନ ନାୟକ, ସରପଞ୍ଚ ଚକ୍ରଧର ଦାସ, ପୂର୍ବତନ ସରପଞ୍ଚ ମାନସ ରଞ୍ଜନ ସାହୁ, କୃଷକନେତା ନୃସିଂହ ମହାକୁଡ଼ ଓ ବିପିନ ରାଉତ ପ୍ରମୁଖ ଦାବୀ କରିଛନ୍ତି।

# ମହିଳା ସରପଞ୍ଚ ଏବଂ ନାଏବ ସରପଞ୍ଚଙ୍କୁ ନେଇ ଦକ୍ଷତା ବୃଦ୍ଧି ତାଲିମ୍ ପ୍ରଶିକ୍ଷଣ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ସରକାରଙ୍କ ଉଦ୍ୟମ ରେ ସ୍ଥାନୀୟ ତିନୋଟି ବ୍ଲକ୍ ଯଥା କାଲିମେଳା, କୋରୁକୋଣ୍ଡା ଏବଂ ମାଥିଲି ବ୍ଲକ୍ ଆଦି ବିଭିନ୍ନ ପଞ୍ଚାୟତର ମହିଳା ସରପଞ୍ଚ ଏବଂ ନାୟବ ସରପଞ୍ଚଙ୍କୁ ନେଇ ଏକ ଦକ୍ଷତା ବୃଦ୍ଧି ନେତୃତ୍ୱର ଗଠନ ତାଲିମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଗ୍ରାମ ପଞ୍ଚାୟତର ବିକାଶ ଉଦ୍ଦେଶ୍ୟରେ ମହିଳା ଲୋକ ପ୍ରତିନିଧିଙ୍କୁ ନେଇ ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ଏକ ଦୀର୍ଘ ତିନି ଦିନିଆ ତାଲିମ୍ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଜିଲ୍ଲା ପରିଷଦ ତତ୍ତ୍ୱାବଧାନରେ ଚଳିତ ମାସ ୯ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ପ୍ରଶିକ୍ଷଣ ର ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲ୍ଲା ପାରିଷଦ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବରଙ୍କ ସମେତ ସମ୍ମାନୀତ ଅତିଥି ଭାବରେ ଏପିଡି ଆଡମିନ ରାମଚନ୍ଦ୍ର ଖଡ଼ିଆ, ଏପିଡି ଅର୍ଥ ମାନସ ମିଶ୍ର ଅତିଥି ଭାବରେ ଆରଜିଏସଏ ଡିପିମ୍ ଅଶୋକ ସାହୁ ଉପସ୍ଥିତ ରହି ସମସ୍ତ ଙ୍କୁ କାର୍ଯ୍ୟକ୍ରମର ଜରୁରୀ ଦିଗ ପ୍ରତୀ ଧ୍ୟାନ ଆକର୍ଷଣ କରିଥିଲେ, ଏଥିରେ ପୋର୍ଗ୍ରାମ୍ ମ୍ୟାନେଜର ହିମାଂଶୁ ଭୁଷଣ ମହାରଣା ଶିବିରର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ବିସ୍ତୃତ ଭାବେ ଉପସ୍ଥିତ ପ୍ରଶିକ୍ଷାର୍ଥିଙ୍କୁ ଅବଗତ କରାଇଥିଲେ। ଏହି ତାଲିମ୍ ଶିବିରରେ ଆସିଥିବା ସମସ୍ତ ମହିଳା ସରପଞ୍ଚ ଏବଂ ନାଇବ ସରପଞ୍ଚଙ୍କ ନେତୃତ୍ୱ ମାଧ୍ୟମରେ ଗ୍ରାମ ପଞ୍ଚାୟତର ବିକାଶ ସମ୍ଭବ ଏହି ଉଦ୍ଦେଶ୍ୟରେ ବିଶେଷ ତାଲିମ୍ ଦିଆଯାଇଥିଲା। ଏହି ଶିବିରରେ ତାଲିମ୍ ଦାତା ଭାବରେ ସମସ୍ତ ମହିଳା ତାଲିମ୍ ଦାତାଙ୍କ ମଧ୍ୟରେ ଏନ ସ୍ୱାତୀ , ସଞ୍ଜନା ମହାରଣା, ଭଗବତୀ ମଣ୍ଡଳ, ସୁନୀତା ସାମଲ, ତପସ୍ୱିନୀ ଜେନା ଆଦି ପ୍ରେରଣାଦାୟୀ ଏବଂ ତଥ୍ୟ ମୂଳକ ତାଲିମ୍ ଦେଇଥିଲେ। ତାଲିମ୍ ଶିବିର ପରେ ଏହି ପ୍ରଶିକ୍ଷଣ ପାଇଥିବା ସମସ୍ତ ମହିଳା ସରପଞ୍ଚ ଏବଂ ନାଇବ ସରପଞ୍ଚ ମାନେ ନିଜ ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନ କରି ନିଜ ଜ୍ଞାନ ଓ ଅନୁଭବକୁ ବ୍ୟବହାର କରି ଗ୍ରାମ ପଞ୍ଚାୟତର ବିକାଶର ଦାୟିତ୍ୱ ନେବେ। ଏହି କାର୍ଯ୍ୟକ୍ରମକୁ ସଫଳ ଓ ସୁ ସଙ୍ଗଠିତ ଭାବେ ପରିଚାଳନା କରିବାରେ ବିନାଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଏନ. ଅହଲ୍ୟା, ବିଶ୍ୱନାଥ ମଣ୍ଡଳ, ରାଜକୁମାର ଦୁରୁଆ, ନିପିନ୍ଦ୍ର ଦୂରୁଆ ଓ ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସାଧନ କେନ୍ଦ୍ରର ସମସ୍ତ ସଦସ୍ୟ ମାନେ ସହଯୋଗ ଦେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ।

## ପ୍ରସାଦ ସେବନକୁ ନେଇ ଗୋଷ୍ଠୀ ସଂଘର୍ଷ

# ୩ରୁ ଉର୍ଦ୍ଧ୍ୱ ଆହତ, ପୋଲିସ ମୁତୟନ

ରଙ୍ଗେଇଲୁଣ୍ଡା, (ଭାସ୍କର ନ୍ୟୁଜ୍): ଗୋଳନ୍ଥରା ଥାନା ଅନ୍ତର୍ଗତ ମନ୍ତ୍ରୀଡି ଠାରେ ଗୁରୁବାର ଅପରାହ୍ନରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୩ରୁ ଉର୍ଦ୍ଧ୍ୱ ଆହାତ ହୋଇଥିବା ବେଳେ ଗାଁ'ରେ ପୁଲିସ ମୁତୟନ କରାଯାଇଛି। ଅଭିଯୋଗ ଅନୁଯାୟୀ ଗାଁ'ରେ ଥିବା ହନୁମାନ ମନ୍ଦିରକୁ ଗାଁ'ରେ ଜଣେ ଯୁବକ ଆଜି ସକାଳେ ୮ଟା ବେଳେ ଯାଇ ଭୋଗ ଖାଇବାକୁ ମାଗିଥିଲେ। ମନ୍ଦିରର ପୂଜକ ଜଣକ ତାଙ୍କୁ ପ୍ରସାଦ ପ୍ରସ୍ତୁତ ହେବା ପରେ ମଧ୍ୟାହ୍ନରେ ଆସିବାକୁ କହିଥିଲେ। କିନ୍ତୁ ଯୁବକ ଜଣକ ଏବେ ହିଁ ତାଙ୍କୁ ପ୍ରସାଦ ଦେବାକୁ କହିବା ସହ ପୂଜକଙ୍କୁ ଗାଳିଗୁଲଜ କରିଥିଲେ। ଘଟଣା ନେଇ ପୂଜକ ଜଣକ ମନ୍ଦିର ପରିଚାଳନା କମିଟିକୁ ଅବଗତ କରାଇଥିଲେ। ଏହାକୁ ନେଇ ଯୁବକ ଜଣକ ପୂଜକ କୁ ଆକ୍ରମଣ କରିଥିଲେ। ଖବର ପାଇ ମନ୍ଦିର ରେ କମିଟି ସଦସ୍ୟ ପହଞ୍ଚି ଯୁବକକୁ ବୁଝାସୁଝା କରିଥିଲେ। କିନ୍ତୁ ଯୁବ ଜଣଙ୍କ ଉତ୍ୟକ୍ତ ହେବା ସହ କମିଟି ସଦସ୍ୟଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ମନ୍ଦିର ପରିସରରେ କମିଟି ସଦସ୍ୟ ଓ ଉକ୍ତ ଯୁବକ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହା ପରେ ଯୁବକ ଜଣକ ସେଠାରୁ ଯାଇ ସାହିରେ ଅନ୍ୟ ମାନଙ୍କୁ ଘଟଣା ନେଇ ଅବଗତ କରାଇଥିଲେ। ହଠାତ ଉକ୍ତ ସାହିର କିଛି ଯୁବକ ଠେଙ୍ଗା ପଥର ଧରି ସାହିର ଶେଷ ମୁଣ୍ଡରେ ରହୁଥିବା କମିଟି ସଦସ୍ୟ କାଳିଆ କରଙ୍କ ଘର ଉପରକୁ ଆକ୍ରମଣ କରିଥିଲେ। ଏହି ଘଟଣା ଜଣାପଡିବା ପରେ କାଳିଆର ସମର୍ଥନ କରି କମିଟିର ଅନ୍ୟ ସଦସ୍ୟ ମାନେ ସେଠାରେ ପହଞ୍ଚି ବାରୁ ସେଠାରେ ଉପସ୍ଥିତ ଥିବା ଯୁବକ ମାନେ ସେଠାକୁ ଆସିଥିବା ଲୋକଙ୍କୁ ଠେଙ୍ଗା ଓ ପଥରେ ରେ ଆକ୍ରମଣ କରିଥିଲେ। ଯାହାଫଳରେ କାଳିଆ ଆହାତ ହେବା ସହ ଉକ୍ତ ଗୋଷ୍ଠୀର ମଧ କିଛି ଯୁବକ ଆହାତ ହୋଇଥିଲେ। ଖବର ପାଇ ଗୋଳନ୍ଥରା ଥାନା ପକ୍ଷରୁ ଗାଁ ରେ ପହଞ୍ଚି ପରିସ୍ଥିତି ଶାନ୍ତ କରିବା ସହ ପୁଲିସ ମୁତୟନ କରାଯାଇଛି। ଘଟଣା ନେଇ ଥାନାରେ ୩ ଟି ପୃଥକ ପୃଥକ ମାମଲା ରୁଜୁ କରାଯାଇଛି। ପୁଲିସ ପକ୍ଷରୁ ଘଟଣା ନେଇ ତଦନ୍ତ ଜାରି ରହିଥିବା ଜଣାପଡିଛି।

## ମେଡିକାଲ ଅଧିକ୍ଷକଙ୍କ ବିରୋଧରେ ସିଏଚଓଙ୍କ ଅଭିଯୋଗ ଘଟଣା

# ହେବନି ପୁନଃ ତଦନ୍ତ, ସି.ଡି.ଏମ.ଓ. ବଦଳିଲେ ନିଷ୍ପତ୍ତି ବଦଳୁଛି

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ କମଳାକାନ୍ତ ସ୍ୱାଇଁଙ୍କ ବିରୋଧରେ ମାନସିକ ନିର୍ଯ୍ୟାତନା, ବ୍ୟକ୍ତିଗତ ମର୍ଯ୍ୟାଦାହାନୀ ଟୀକା ଟିପ୍ପଣୀ ପ୍ରଦାନ, କାର୍ଯ୍ୟାଳୟରେ ମନ୍ଦ ଉଦ୍ଦେଶ୍ୟ ସୂଚକ ଆକ୍ରୋଶମୂଳକ ପଦକ୍ଷେପ ଗ୍ରହଣ, ଧାର୍ମିକ ଆକ୍ଷେପ, ଲିଙ୍ଗଗତ ଭେଦଭାବପୂର୍ଣ୍ଣ ପ୍ରଶ୍ନ ପଚାରିବା ଭଳି ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀମାନଙ୍କ ଗୁରୁତର ଅଭିଯୋଗର ସାନି ତଦନ୍ତ ପାଇଁ ଗଠନ ହୋଇଥିବା କମିଟି ପୁନଃ ତଦନ୍ତ କରିବ ନାହିଁ ବୋଲି ଭାରପ୍ରାପ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା.ସୁଧିରଞ୍ଜନ ନାୟକ ସୂଚନା ଦେଇଛନ୍ତି। ଗତ ୩୦ ତାରିଖରେ ଅବସର ପୂର୍ବଦିନ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୨୫୫୫ ଅନୁଯାୟୀ ୬ ଜଣିଆ ନୂତନ କମିଟି ଗଠନ କରାଯାଇ ୭ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ ପାଇଁ ଆଦେଶ ଦେଇଥିଲେ। ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀଙ୍କ ମୂଳ ଅଭିଯୋଗ ପତ୍ରକୁ ତଦନ୍ତ ପାଇଁ ବିଚାରକୁ ନେବା ସହ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା.ସ୍ୱାଇଁଙ୍କ ବିରୋଧରେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପୂର୍ବ ଅଭିଯୋଗ ଓ ଆୟୁଷ ଡାକ୍ତରମାନଙ୍କ ପୂର୍ବ ଅଭିଯୋଗକୁ ତଦନ୍ତ ପରିସରଭୁକ୍ତ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହା ଦ୍ୱାରା ଗତ ଅଗଷ୍ଟ ମାସରେ ୩ ଜଣିଆ ତଦନ୍ତ କମିଟିର ରିପୋର୍ଟକୁ ଗ୍ରହଣ କରାଯାଇନଥିଲା। ପୂର୍ବ ତଦନ୍ତ ଆଦେଶ ଦେଇଥିବା ସି.ଡି.ଏମ.ଓ. ଏବେ ପୁନର୍ବାର ସେହି ଦାଇତ୍ୱ ଗ୍ରହଣ କରିଥିବାରୁ ବିଦାୟୀ ସି.ଡି.ଏମ.ଓ.ଙ୍କ ସାନି ତଦନ୍ତ ଆଦେଶ ଓ ପରିବର୍ଦ୍ଧିତ କମିଟି ଗଠନ ଏବେ ଅକାମୀ ହୋଇଯାଇଛି। ଫଳରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଭିଯୋଗ ଓ ପ୍ରତ୍ୟାଭିଯୋଗ ଘଟଣା ଏବେ ଜଟିଳ ରୂପ ନେଇଛି। ପୁନଃ ତଦନ୍ତ ନହେଲେ ବି କାର୍ଯ୍ୟାନୁଷ୍ଠାନ ହେବ ବୋଲି ସି.ଡି.ଏମ.ଓ. ଡା.ନାୟକ ପ୍ରକାଶ କରିଛନ୍ତି। ଡାକ୍ତର ଅଭାବକୁ ଢାଲ କରି ଭରପୁର ସୁଯୋଗ ଉଠାଉଥିବା ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ଆଦି କର୍ମଯୋଗୀ ଅଭିଯାନ ଉପରେ ତାଲିମ କାର୍ଯ୍ୟକ୍ରମ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଆଦିବାସୀ କଲ୍ୟାଣ ଏବଂ ବିକାଶ ପଦକ୍ଷେପରେ ନିୟୋଜିତ ଆଗଧାଡ଼ିର କର୍ମଚାରୀ ଏବଂ ଅଧିକାରୀଙ୍କ କ୍ଷମତାକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇ କେନ୍ଦୁଝର ଜିଲ୍ଲାରେ ଆଦି କର୍ମଯୋଗୀ ଅଭିଯାନର ସଫଳ କାର୍ଯ୍ୟାନ୍ୱୟନ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ କେନ୍ଦୁଝର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶିବଶଙ୍କର ମିଶ୍ର ପରିଚାଳନା କରିଥିଲା ବେଳେ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୁଭଦର୍ଶୀ ଯୋଶୀ ଓ ଏସିଏଫ ଅଶୋକ ଦାସଙ୍କ ସମେତ ଅନ୍ୟ ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଭାବଶାଳୀ ସେବା ପ୍ରଦାନ ଏବଂ ଅଂଶଗ୍ରହଣ ମୂଳକ ଶାସନ ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଏହି ଅଭିଯାନକୁ କେନ୍ଦୁଝରରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ତାଲିମ ସମୟରେ, ତାଲିମଦାତାମାନେ ଅଭିଯାନର ଉଦ୍ଦେଶ୍ୟ, ପ୍ରସାର ପାଇଁ ରଣନୀତି ଏବଂ କାର୍ଯ୍ୟାନ୍ୱୟନରେ ସ୍ୱଚ୍ଛତା ଏବଂ ଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ସର୍ବୋତ୍ତମ ଅଭ୍ୟାସ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ କାର୍ଯ୍ୟକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ଦକ୍ଷତା ବୃଦ୍ଧି, ସମ୍ପ୍ରଦାୟ ସମ୍ପୃକ୍ତି ଏବଂ ପ୍ରଗତି ତଦାରଖ ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର ଉପରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଜିଲ୍ଲାର ୮୦୭ ଗୋଟି ଜନଜାତି ବହୁଳ ଗ୍ରାମରେ ତୃଣମୂଳ ସ୍ତରରେ କିଭଳି ଲୋକମାନଙ୍କ ଦକ୍ଷତା ବୃଦ୍ଧି, ନେତୃତ୍ୱ ନେବାର ଦକ୍ଷତା, ସହଭାଗିତାରେ ଉନ୍ନତିମୂଳକ କାର୍ଯ୍ୟ ସମ୍ପାଦନ ଓ ବିଭିନ୍ନ ବିଭାଗ, ସଂସ୍ଥାଗୁଡିକ ସହିତ ସମନ୍ୱୟ ରକ୍ଷାକରି ବିକାଶ ମୂଳକ କାର୍ଯ୍ୟ କରି ଗ୍ରାମଗୁଡ଼ିକୁ ଆଦର୍ଶ ଗ୍ରାମରେ ପରିଗଣିତ କରାଯିବ ସେ ନେଇ ଲକ୍ଷ୍ୟ ରଖାଯାଇଛି। ସୂଚନାଯୋଗ୍ୟ ଆଦି କର୍ମ ଯୋଗୀ ଅଭିଯାନ କାର୍ଯ୍ୟକ୍ରମକୁ କେନ୍ଦ୍ର ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ, ଓଡିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ସଂଖ୍ୟାଲଘୁ ସମ୍ପ୍ରଦାୟ, ପଛୁଆବର୍ଗ ବିଭାଗ ଆନୁକୂଲ୍ୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝରଙ୍କ ଦ୍ୱାରା ଏହା ଆୟୋଜିତ ହେଉଛି।



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଯେତେଚେଷ୍ଟା କଲେ ମଧ ସୁବର୍ଣ୍ଣରେଖା ନଦୀରୁ ବେଆଇନ୍ ବାଲି ଉତ୍ତୋଳନ ଓ ପରିବହନ କମିବାର ନାଁ ଧରୁନାହିଁ। ବିଭିନ୍ନ ସମୟରେ ଚଢ଼ାଉ କରାଯାଉଥିଲେ ମଧ ବାଲି ମାଫିଆମାନେ ବିଭିନ୍ନ ଉପାୟରେ ପଶ୍ଚିମବଙ୍ଗକୁ ବାଲି ପରିବହନ କରି ମଲେମାଲ୍ ହେଉଛନ୍ତି । ମୁଖ୍ୟ ରାସ୍ତାରେ ବେଆଇନ୍ ବାଲି ପରିବହନ ନହୋଇ ଏବ ଗ୍ରାମ୍ୟ ରାସ୍ତାରେ ଟ୍ରାକ୍ଟର ଦ୍ୱାରା ପରିବହନ ହେଉଛି । ଏବେ ବର୍ଷାଦିନ ହୋଇଥିବାରୁ ସମସ୍ତ ବାଲିଖାଦାନ ସରକାରୀ ଭାବେ ବନ୍ଦ ରହିଛି । ମାତ୍ର ନଦୀଶଯ୍ୟାରୁ ଡଙ୍ଗା ଦ୍ୱାରା ମୂଷା ବୋହିଲା ପରି ବାଲି ଉତ୍ତୋଳନ କରି ସେଗୁଡିକୁ ଗୋଟିଏ ସ୍ଥାନରେ ଗଦା କରାଯିବା ପରେ ଟ୍ରାକ୍ଟର ଦ୍ୱାରା ପଶ୍ଚିମବଙ୍ଗକୁ ପରିବହନ କରାଯାଉଛି। ମାଇନିଂ ବିଭାଗ ଦ୍ୱାରା ଗୋଟିଏ ଦୁଇଟି ଡଙ୍ଗା ଓ ଯାନକୁ ଜବତ୍ କରାଯାଉଥିବା ବେଳ ଶହ ଶହ ଡଙ୍ଗା ଖୁଲମଖୁଲା ରାତି-ଦିନ ବାଲି ଉତ୍ତୋଳନରେ ଲାଗିଛନ୍ତି । ଖବର ପାଇ ଜୁନିୟର ମାଇନିଂ ଅଧିକାରୀ ତାପସ କୁମାର ବେହେରା, ଭୋଗରାଇ କନିଷ୍ଠ ଖଣି ଅଧିକାରୀ ସତ୍ୟଚିନ୍ମୟ ଜେନା, ଆର୍‌ଆଇ ବିମଳ ସୋରେନ, ସୁପରଭାଇଜର ଶରତ ବେହେରା, ପୁଲିସ୍ ଏଏସ୍‌ଆଇ ଦୀପକ ଗିରି ଓ ତହସିଲଦାର ସତ୍ୟଜିତ୍ ମହାନ୍ତି ମଥୁରାନାଥ ଠାରେ ନଦୀ ଗର୍ଭରେ ନିର୍ମାଣ ହୋଇଥିବା ବେଆଇନ ରାସ୍ତାକୁ କାଟିବା ଲାଗି ଯିବାବେଳେ ଶିଖରପୁର ଠାରେ ବେଆଇନ୍ ଭାବେ ଗଚ୍ଛିତ ହୋଇଥିବା ବାଲିକୁ ଦେଖିଥିଲେ। ଗଚ୍ଛିତ ଥିବା ବାଲିକୁ ୯ ୯ହଜାର ଟଙ୍କାରେ ନିଲାମ ଦିଆଯାଇଥିବା ଜଣାଯାଇଛି।

### କୃଷିଭିତ୍ତିକ କାର୍ଯ୍ୟକ୍ରମର ସମୀକ୍ଷା କଲେ କୃଷି ନିର୍ଦ୍ଦେଶକ

# ଚାଷୀଙ୍କ ସହାୟତା ରାଶି ଶୀଘ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଦୁଇ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି କୃଷି ନିର୍ଦ୍ଦେଶକ, ଓଡିଶା ଶୁଭମ ସକସେନା ଆଜି ପୂର୍ବାହ୍ନରେ ସ୍ଥାନୀୟ ଦରବାର ହଲ ଠାରେ ବିଭିନ୍ନ କୃଷି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକର ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, କେନ୍ଦୁଝର ସତ୍ୟବାନ ସୋରେନ ସ୍ୱାଗତ ଭାଷଣ ଦେବା ସହିତ କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କୃଷି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ । ଉପ ଉଦ୍ୟାନକୃଷି ନିର୍ଦ୍ଦେଶକ ସୌମେନ୍ଦ୍ର ପାଣିଗ୍ରାହୀ ତାଙ୍କ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାର ଅଗ୍ରଗତି ସମ୍ବଧରେ ତଥ୍ୟ ଉପସ୍ଥାପନ କରିଥିଲେ। ତତ୍ପରେ ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା, କେନ୍ଦୁଝର ଅଶୋକ କୁମାର ପାଣିଗ୍ରାହୀ ବିଭାଗୀୟ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବଧରେ ସୂଚନା ଦେଇଥିଲେ। କୃଷି ନିର୍ଦ୍ଦେଶକ କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଡିଜିଟାଲ ଫସଲ ସର୍ଭେକ୍ଷଣ, କୃଷକ ରେଜିଷ୍ଟ୍ରୀ, ପିଏସଏସ, ଏକ ପେଡମାକେ ନାମ ପ୍ରଭୃତି ଯୋଜନା ଗୁଡିକୁ ସଠିକ ଢଙ୍ଗରେ ପରିଚାଳନା କରିବାକୁ ଗୁରୁତ୍ୱାରୋପ କରିଥିଲେ। ଚାଷୀଙ୍କ ପାଇଁ ଉଦିଷ୍ଟ ସହାୟତା ରାଶିକୁ ଅତି ଶୀଘ୍ର ଡ଼ିବିଟି ମୋଡରେ ପ୍ରଦାନ କରିବାକୁ ଉପଦେଶ ଦେଇଥିଲେ। ଉକ୍ତ ସମୀକ୍ଷାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଶାଲ ସିଂହ, ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ କୃଷି ନିର୍ଦ୍ଦେଶକ ଯାମି ସୂର୍ଯ୍ୟ ନାରାୟଣ ରାଓ, ଯୁଗ୍ମ କୃଷି ନିର୍ଦ୍ଦେଶକ ପର୍ଶୁରାମ ବେହେରା, ଯୋଜନା ଅଧିକାରୀ ହରେକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସମୀକ୍ଷା ବୈଠକରେ କୃଷି, ଉଦ୍ୟାନ କୃଷି , ଜଳବିଭାଜିକା, ସମବାୟ, ଓଡିଶା ଜୀବିକା ମିଶନ, ଜଳସେଚନ, ଓଡିଶା କୃଷି ଶିଳ୍ପ ନିଗମ, କୃଷି ବିଜ୍ଞାନ କେନ୍ଦ୍ର, ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର, ମାର୍କଫେଡ ପ୍ରଭୃତି ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ ଯୋଜନା ସହଯୋଗୀ ଅନୁଷ୍ଠାନର କର୍ମକର୍ତ୍ତାଗଣ ଯୋଗ ଦେଇଥିଲେ। ସଭା ଶେଷରେ କେନ୍ଦୁଝର କୃଷି ଜିଲ୍ଲା ଅଧିକାରୀ ବିଶ୍ୱଜୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କଣିହାଁରେ ପ୍ରଜାମଣ୍ଡଳର ଜୟନ୍ତୀ ଉତ୍ସବ

କଣିହାଁ, (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲା କଣିହାଁସ୍ଥ ପ୍ରଜାମଣ୍ଡଳ ଭବନ ପରିସରରେ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ, କଣିହାଁ ଆନୁକୂଲ୍ୟରେ ପ୍ରଜାମଣ୍ଡଳର ୮୮ ତମ ଜନ୍ମ ଜୟନ୍ତୀ ଶନିବାର ଦିନ ମହା ସମାରୋହରେ ପାଳିତ ହୋଇଯାଇଛି। ବିଧାୟକ ଆଶୋକ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଦିବସରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ପଞ୍ଚାୟତିରାଜ, ଗ୍ରାମ୍ୟଉନ୍ନୟନ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ମାନୀତ ଅତିଥି ଭାବରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବଂଶୀଧର ପ୍ରଧାନ, ଅନୁଗୋଳ ଜିଲାପାଳ ଅବ୍ଦାଲ ଏମ ଅଖତର, ତାଳଚେର ଉପ ଜିଲାପାଳ ସମୀର କୁମାର ଜେନା, ମୁଖ୍ୟ ବକ୍ତା ଭାବରେ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରାକ୍ତନ ସଭାପତି ଡଃ ଧରଣୀଧର ନାଥ, ଏନଟିପିସି କଣିହାଁର ପ୍ରକଳ୍ପ ମୁଖ୍ୟ କେ ଏନ ରେଡି, ଏମସିଏଲ କଣିହାଁ କ୍ଷେତ୍ର ଜିଏମ ଦିନେଶ କୁମାର ମାଳି ପ୍ରମୁଖ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିବା ପରିପ୍ରେକ୍ଷୀରେ ତାଙ୍କର ଆଦର୍ଶରେ ଯୁବ ସମାଜ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ନାଏକ ଏ ଲଢୁଆ ମାଟିର ପରିଚୟ ହେଉଛି ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନ। ବିକଶିତ ଓଡ଼ିଶା ପାଇଁ ଆଜିର ଯୁବ ସମାଜ ସେମାନଙ୍କ ପଥ ଅନୁସରଣ କରିବା ଉଚିତ୍ ବୋଲି କହିଥିଲେ। ଦିବସରେ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦିବଂଗତ ସ୍ୱାଧୀନତା ସଂଗ୍ରାମୀ ଓ ଟ୍ରଷ୍ଟର କର୍ମକର୍ତ୍ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମିତ୍ତ ୧ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଅତିଥି ମାନଙ୍କଦ୍ୱାରା ସ୍ମରଣୀକା 'ଆମେ ସଂଗ୍ରାମୀ' ଉନ୍ମୋଚନ କରାଯିବା ସହ ଦିନେଶ ମାଳିଙ୍କ ଦ୍ୱାରା ସହିଦ ବିକା ନାଏକ ଉପରେ ହିନ୍ଦୀରେ ଲିଖିତ ଏକ ପୁସ୍ତକ ଉନ୍ମୋଚନ କରଯାଇଥିଲା। ପରେ ଅତିଥିମାନଙ୍କ ଦ୍ୱାରା ଉପସ୍ଥିତ ଥିବା ସଂଗ୍ରାମୀ, ସଂଗ୍ରାମୀଙ୍କ ପରିବାର, ସହିଦଙ୍କ ପରିବାରକୁ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପୂର୍ବରୁ କରାଯାଇଥିବା ବକ୍ତୃତା, ରଚନା ଓ ଦେଶାତ୍ମକ ବୋଧକ ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, କଣିହାଁ ବ୍ଲକରେ ମେଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି କୃତ କାର୍ଯ୍ୟ ହୋଇଥିବା ଛାତ୍ର ଶୁଭେନ୍ଦୁ ସାହୁ, ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି, ମାନପତ୍ର ପ୍ରଦାନକରି ପୁରସ୍କୃତ କରାଯାଇଥିଲା। ସଭା ପୂର୍ବରୁ ସମସ୍ତ ଅତିଥି ଏନଟିପିସି ବାଇପାସ ଛକଠାରେ ଥିବା ସହିଦ୍ ସ୍ମୃତିସ୍ତମ୍ଭ, କଣିହାଁ ବ୍ଲକ କାର୍ଯ୍ୟାଳୟରେ ଥିବା ସ୍ମୃତିସ୍ତମ୍ଭ, ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତି, ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣପରେ ଟ୍ରଷ୍ଟ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ଆବାହକ ଦେବଦତ୍ତ ପ୍ରସାଦ ପ୍ରଧାନ, ତ୍ରିପୁରାରି ପ୍ରଧାନ, ବରିଷ୍ଠ ସଦସ୍ୟ ସଦସ୍ୟ ମହେଶ୍ୱର ପ୍ରଧାନ, ସୁଧାକର ପ୍ରଧାନ, ନୃସିଂହ ବରାଳ, କାଳନ୍ଦୀ ପ୍ରଧାନ, ଭୁପେନ ଗଡନାୟକ, ଉକାଳୁ ସାହୁ, ରଞ୍ଜନ ମିଶ୍ର, ନୀଳକଣ୍ଠ ବେହେରା, ଆଲୋକ ସାହୁ, ସୁନୀଲ ପ୍ରଧାନ, ନିର୍ମଳ ସାହୁ, ବିନାୟକ ପ୍ରଧାନ ,ସମର ବଲ୍ଲଭ ପ୍ରଧାନ, ଅବନୀ ସାହୁ, ଦାସରଥି ସାହୁ, କଳାକାର ସାହୁ, ଦୟାନିଧି ନାଏକ, ଶୁଶାନ୍ତ ସାମଲ, ଟିଟୁ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଜରଡା ଖଣି ବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ

କଣିହାଁ, (ଭାସ୍କର ନ୍ୟୁଜ୍) : ପ୍ରସ୍ତାବିତ ପଥରମୁଣ୍ଡା ପୂନଃର୍ବସତି ସ୍ଥାନରେ ଥଇଥାନ। କରିବା ଦାବିରେ ଜରଡା ଗ୍ରାମର ମହିଳାଗଣ କରିଥିବା ଖଣିବନ୍ଦ ଆନ୍ଦୋଳନ ୩ୟ ଦିନରେ ପ୍ରତ୍ୟାହୃତ ହୋଇଛି। ପୁନଃର୍ବସତି ସ୍ଥାନରେ ବାକି ଥିବା ଜରଡା ଲୋକଙ୍କୁ ପ୍ଲଟ ବଣ୍ଟନ, ସେଠାର କାଲି ଠାରୁ ଉନ୍ନତି ମୂଳକ କାମ କରାଯିବା ସହ ପ୍ଲଟ ପାଇଥିବା ଲୋକ ଘରକରି ପାରିବେ ବୋଲି ଏମସିଏଲ୍ ପ୍ରତିଶ୍ରୁତି ଦେବା ପରେ ବୁଧବାର ସଂଧ୍ୟା ସାଢ଼େ ୬ଘଟିକା ସମୟରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ସୂଚନା ଯୋଗ୍ୟଯେ , ପଥରମୁଣ୍ଡା ଗ୍ରାମର ଚାକିରି ପାଇବାକୁ ଥିବା ୩୩ ପରିବାର ଚାକିରି ଦାବିରେ ଦୀର୍ଘମାସ ଧାରି ପ୍ରସ୍ତାବିତ ପଥରମୁଣ୍ଡା ଥଇଥାନ କରିବାକୁ ଥିବା ଜମି ସମ୍ମୁଖରେ ଧାରଣା ଦେଇଥିଲେ। ଫଳରେ ଏମସିଏଲ୍ ସେଠାରେ କୌଣସି ଉନ୍ନୟନ କାମ କିମ୍ବା ଗ୍ରାମବାସୀଙ୍କୁ ପ୍ଲଟ ବଣ୍ଟନ କରି ପାରୁନଥିଲେ। ବୁଧବାର ଅପରାହ୍ନରେ ତାଳଚେର ଉପ ଜିଲ୍ଲାପାଳ ସମିର କୁମାର ଜେନାଙ୍କ ଅଧକ୍ଷତାରେ ଏମସିଏଲ୍ ଜିଏମ ଓ ଅନ୍ୟାନ୍ୟ ଅଧିକାରୀ, ପଥରମୁଣ୍ଡାର ଚାକିରି ଆଶାୟୀ ୩୩ ପରିବାରଙ୍କୁ ନେଇ ଏକ ବୈଠକ ବସିଥିଲା। ବୈଠକରେ ସେମାନଙ୍କୁ ସାଢ଼େ ୪ମାସ ମଧ୍ୟରେ ଚାକିରି ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ମିଳିବା ପରେ ୩୩ପରିବାର ଚଳାଇଥିବା ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ଫଳରେ ପ୍ରସ୍ତାବିତ ପଥାରମୁଣ୍ଡା ପୁନର୍ବସତି ସ୍ଥାନରେ ବିସ୍ଥାପିତ ଜରଡା ଗ୍ରାମବାସୀଙ୍କୁ ତାଙ୍କ ପ୍ଲଟ ବଣ୍ଟନ କରାଯିବା ସହ ଯେଉଁମାନେ ପ୍ଲଟ ପାଇଛନ୍ତି ସେମାନେ ଘର କରିପାରିବେ ବୋଲି ଏମସିଏଲ୍ ଆନ୍ଦୋଳନରତ ଜରଡା ଗ୍ରାମର ମହିଳାଙ୍କୁ ବୁଝାଇବା ପରେ ବୁଧବାର ସଂଧ୍ୟା ସାଢ଼େ ୬ଘଟିକା ସମୟର ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାଯାଇଛି।

### ମହୁଲ ପୋଚ, ଦେଶୀ ମଦ ଜବତ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ମନମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ମହୁଲ ପୋଚ ସହ ଦେଶୀ ମଦ ଜବତ କରିଛି। ମନମୁଣ୍ଡା ଥାନା ଘଣ୍ଟପାଲି ଗ୍ରାମ ନିକଟସ୍ଥ ଜଙ୍ଗଲରେ ବେଆଇନ ଭାବରେ ମଦ ପ୍ରସ୍ତୁତି ହେଉଥିବା ଖବର ପାଇ ମନମୁଣ୍ଡା ଅବକାରୀ ଅଧିକାରୀ ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଟିମ ଚଢ଼ାଉ କରି ୩୫୦ କେଜି ମହୁଲ ପୋଚସହ ୧୫ ଲିଟର ଦେଶୀ ମଦ ଜବତ କରିଥିଲେ। ସେହିପରି ବୌଦ୍ଧ ଅବକାରୀ ଇନ୍‌ସପେକ୍ଟର ଗଦାଧର ମହାରଣାଙ୍କ ନେତୃତ୍ୱରେ ଏକ ଟିମ ମନମୁଣ୍ଡା ଥାନା ରକ୍ସା ଗ୍ରାମ ନିକଟସ୍ଥ ନାଳରେ ଚଢ଼ାଉ କରି ୪ଶହ କେଜି ମହୁଲ ପୋଚ ସହ ୧୦ ଲିଟର ଦେଶୀ ମଦ ନଷ୍ଟ କରିଛି। ସେହିପରି ବୌଦ୍ଧ ଅବକାରୀ ମୋବାଇଲ୍ ସ୍କ୍ୱାର୍ଡ ଅଧିକାରୀ ଏସଆଇ ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ମନମୁଣ୍ଡା ଥାନା ବାଗଡ଼ିଆ ଗ୍ରାମ ଜଙ୍ଗଲରେ ଚଢ଼ାଉ କରି ୯ଶହ କେଜି ମହୁଲ ପୋଚ ସହ ୮୦ ଲିଟର ଦେଶୀମଦ ଜବତ କରି ଘଟଣା ସ୍ଥଳରେ ନଷ୍ଟକରିଛି। ସମସ୍ତ ଘଟଣାରେ ଅବକାରୀ ଟିମକୁ ଦେଖି ମାଫିଆମାନେ ଘଟଣା ସ୍ଥଳରୁ ଫେରାର ମାରିଥିବାବେଳେ ୩ଗୋଟି ପୃଥକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ଥିବା ସୂଚନା ମିଳିଛି।

### ପତ୍ରପୁର ସେତୁ ନିର୍ମାଣରେ ଜମିଜମା ବିବାଦ

# ହିତାଧିକାରୀଙ୍କ ସହ ଆଲୋଚନା କଲେ ଅତିରିକ୍ତ ଜିଲ୍ଲାପାଳ



ଆଳି, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା କଟକ ଚାନ୍ଦବାଲି ରାସ୍ତାର ଆଳି ଓ ପଟ୍ଟାମୁଣ୍ଡାଇକୁ ସଂଯୋଗ କରୁଥିବା ବ୍ରାହ୍ମଣୀ ନଦୀ ଉପରେ ପତ୍ରପୁର ସେତୁ ପାଖରେ ଓଡିଶା ସରକାରଙ୍କ ପକ୍ଷରୁ ଦ୍ୱିତୀୟ ପୋଲ ନିର୍ମାଣ ହେବାକୁ ଯାଉଅଛ। ଏହି ସେତୁର ନିର୍ମାଣ କାର୍ଯ୍ୟ ଏକ ଘରୋଇ ନିର୍ମାଣକାରୀ ସଂସ୍ଥା ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ଜମି ହିତାଧିକାରୀମାନଙ୍କୁ ଜମି ବିକିବା ପାଇଁ ନୋଟିସ ଦିଆଯାଇଛ। ହେଲେ ଏହି ପୋଲ ନିର୍ମାଣ ପୂର୍ବରୁ ଚାଷୀଙ୍କ ସହ କିମ୍ବା ସାଧାରଣ ଲୋକଙ୍କ ସହ ଆଲୋଚନା କରାଗଲା ନାହିଁ। ଫଳରେ ଚାଷୀମାନେ ସେମାନଙ୍କ ମୂଲ୍ୟବାନ ଚାଷ ଜମି ଓ ଘର ବାଡି ଜମି ହରାଇବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ଚାଷୀ ଅଭିଯୋଗ କରିଛନ୍ତି, ସେମାନଙ୍କ ସହ କୌଣସି ଆଲୋଚନା କରା ନଯାଇ ଠିକାଦାର ସେମାନଙ୍କ ଜମିରେ ଗାତ ଖୋଳିବା ଆରମ୍ଭ କରିଛନ୍ତି। ଏହାକୁ ଜମି ମାଲିକମାନେ ବିରୋଧ କରିଛନ୍ତି। ଏହାସହ ଏହାର ପ୍ରତିକାର ପାଇଁ ପୂର୍ବରୁ ମଧ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଯାହାକୁ ଆଖି ଆଗରେ ରଖି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲିକ, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମା ସାଗର ପଣ୍ଡା, ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଆଳି ଥାନା ଭାରପ୍ରାପ୍ତ ଅଧିକାରୀ ଧୀରାଜ କୁମାର ଲେଙ୍କା ଓ ଅନ୍ୟ ସରକାରୀ ଅଧିକାରୀଙ୍କୁ ନେଇ ପତ୍ରପୁର ନିକଟରେ ଥିବା ସୀତାରାମ ମଣ୍ଡପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସମସ୍ତ ଅଧିକାରୀମାନେ ଜମି ହରାଉଥିବା ହିତାଧିକାରୀମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ହିତାଧିକାରୀମାନଙ୍କ କହିବା କଥା ଯେ ଏହି ଅଞ୍ଚଳର ଥିବା ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ପୋଲ ହେଲେ ଅଞ୍ଚଳର ବିକାଶ ହେବ। କିନ୍ତୁ ଯେଉଁ ଚାଷୀମାନେ ବାସହରା ହେବେ ସେମାନଙ୍କୁ ମଧ କ୍ଷତିପୂରଣ ମିଳିବା ଉଚିତ। ବିକାଶ କାର୍ଯ୍ୟକୁ କେହି ରୋକିବେ ନାହ। ଆଇନ୍ ଅନୁଯାୟୀ ଯେଉଁମାନେ କ୍ଷତିଗ୍ରସ୍ତ ହେବେ ସେମାନଙ୍କ କଥା ମଧ ବିଚାରକୁ ନିଆଯିବା ଉଚିତ। ଏହି ପୋଲ ନିର୍ମାଣ ହେଲେ ଆଳି ତହସିଲ ଅନ୍ତର୍ଗତ ଗୋପାଳପୁର ଓ ବିଲିକଣା ରାଜସ୍ୱ ମୌଜାର ବହୁ ଚାଷୀ ଓ ସାଧାରଣ ଲୋକେ କ୍ଷତିଗ୍ରସ୍ତ ହେବେ । ସେହିପରି ଏଠାରେ ଥିବା ରାସ୍ତା, କୃଷ୍ଣ ମନ୍ଦିର ମାଟିରେ ମିଶିଯିବ। କେତେକ ଗ୍ରାମବାସୀଙ୍କୁ ନିଜ ଭିଟାମାଟି ଛାଡିବାକୁ ପଡ଼ିବ। ଏହି ପୋଲର ଆପ୍ରୋଚରାସ୍ତା ନିର୍ମାଣହେଲେ ଉଭୟ ରାଜସ୍ୱ ମୌଜାର ବହୁ ଲୋକ ବାସହରା ହେବେ। ସେମାନଙ୍କ ଚାଷଜମି ନଷ୍ଟ ହେବ। ଏହାସହ ରାଧା କୃଷ୍ଣଙ୍କ ମନ୍ଦିର ମଧ ଧ୍ୱଂସ ହେବ। ତେଣୁ ଏହାକୁ ବିଚାରକୁ ନିଆଯାଉ। ନିକଟରେ ଏକ ଠିକା ସଂସ୍ଥାର କେତେକ କର୍ମଚାରୀ ଘଟଣା ସ୍ଥଳକୁ ଆସି ଚାଷୀଙ୍କ ବିନା ଅନୁମତିରେ ସେମାନଙ୍କ ଚାଷଜମି ଓ ଘରବାଡି ଜମିକୁ ମେସିନ ସାହାଯ୍ୟରେ ଖୋଳିଥିଲେ ଓ ପୋଲ ନିର୍ମାଣ ହେବ ବୋଲି କହିଥିଲେ। ହେଲେ ଏ ନେଇ ଚାଷୀଙ୍କ ସହ ପ୍ରଶାସନ କୌଣସି ଆଲୋଚନା କରି ନଥିବା ଚାଷୀମାନେ ଠିକା ସଂସ୍ଥାକୁ କହିଥିଲେ। ହେଲେ ଠିକା ସଂସ୍ଥା ଚାଷୀମାନଙ୍କ କଥାକୁ ହେୟ ଜ୍ଞାନ କରି ଜମିଖୋଳି କାର୍ଯ୍ୟ କରିଥିଲା। ଏହାକୁ ନେଇ ଆଇନ୍, ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ତେଣୁ କୌଣସି ଅଘଟଣ ପୂର୍ବରୁ ଏହି ସମସ୍ୟାର ସମାଧାନ କରାଯିବା ଉଚିତ ବୋଲି ଚାଷୀମାନେ କହିଛନ୍ତି। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ମଲିକ ପଚାରିବାରୁ କହିଲେ ଲୋକଙ୍କୁ ସ୍ୱାର୍ଥକୁ ସବୁବେଳେ ଅଗ୍ରାଧିକାର ଦିଆଯିବ। ଆଜିର ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଯେଉଁ ଚାଷୀ ଓ ହିତାଧିକାରୀ ବାସହୀନ ହେବେ ବା କ୍ଷତିଗ୍ରସ୍ତ ହେବେ ସେମାନଙ୍କୁ ନିଶ୍ଚିତ ଭାବେ କ୍ଷତିପୂରଣ ମିଳିବ।

### ସାହିତ୍ୟିକ ତଥା ସାମ୍ବାଦିକ ନିରଞ୍ଜନଙ୍କୁ ଶ୍ରଦ୍ଧାଞ୍ଜଳି




କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଟାଇମ୍ସର ପ୍ରତିଷ୍ଠାତା ତଥା ସାଳନ୍ଦୀ ପତ୍ରିକାର ସମ୍ପାଦକ ସାମ୍ବାଦିକ ସ୍ୱର୍ଗତଃ ନିରଞ୍ଜନ ନାୟକଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କେନ୍ଦୁଝର କାଳୀତୀର୍ଥଠାରେ ଆୟୋଜିତ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଜିଲ୍ଲା ପ୍ରେସକ୍ଲବର ଭାରପ୍ରାପ୍ତ ସଭାପତି ଜୟକୃଷ୍ଣ ପଣ୍ଡା, ସମ୍ପାଦକ ଶରତ କୁମାର ଦାସ, ବରିଷ୍ଠ ନାଗରିକ ସୁରେଶ ଚନ୍ଦ୍ର ପଟ୍ଟନାୟକ, ରାମନାରାୟଣ ଦ୍ୱିବେଦୀ, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ଜଗନ୍ନାଥ ନାୟକ,ଆଇନଜୀବୀ ଆଶିଷ ଚକ୍ରବର୍ତ୍ତୀ, ସଙ୍ଗୀତା ସିଂହ ସାହିତ୍ୟିକ ପିନାକୀ ମିଶ୍ର, ସୁଧା ଦାସ, ଅନିଲ ଦାସ ସିଟିଜି ଶିକ୍ଷାନୁଷ୍ଠାନର ଅଧକ୍ଷ ତଥା ସମାଜସେବୀ ରାଜେନ୍ଦ୍ର ପଲେଇ, ଦେବବ୍ରତ ସ୍ୱାଇଁ, ସନ୍ଦୀପ କୁମାର ବେହେରା, ଲେଖିକା ମମତାରାଣୀ ଦାସ, ସମାଜସେବୀ ସଂଗ୍ରାମ ଦା, ଆଇନଜୀବୀ ସାହିତ୍ୟିକ ସାରଦା ପ୍ରସନ୍ନ ଆଚାର୍ଯ୍ୟ ସାମ୍ବାଦିକ ପ୍ରକାଶ ମହାନ୍ତି, ଦେବାଶିଷ ମିଶ୍ର, ଦୀପକ ମିଶ୍ର ସାହିତ୍ୟିକ ଉମ୍ବୁରୁଧର ଧର ମହାନ୍ତ, ବଡବିଲ ପୌର ପରିଷଦର ପୂର୍ବତନ ଅଧକ୍ଷ ଦିଲ୍ଲୀପ କୁମାର ମିଶଳ, ପାଟନା ବିଧାୟକ ଅଖିଳ ଚନ୍ଦ୍ର ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତଃ ନିରଞ୍ଜନ ନାୟକଙ୍କ ସାମାଜିକ ତ୍ୟାଗ ଓ ବହୁମୁଖି ପ୍ରତିଭା ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତଃ ନାୟକଙ୍କ ଉଦ୍ଦେଶ୍ୟରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏଥିରେ କେନ୍ଦୁଝର ପୌରପାଳିକାର ଅଧକ୍ଷା ନୀକୁ ସାହୁ ଯୋଗଦେଇ ସ୍ୱର୍ଗତ ନିରଞ୍ଜନ ନାୟକଙ୍କ ଆଦର୍ଶଗତ ଜୀବନଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ୱର୍ଗତଃ ନାୟକଙ୍କ ପତ୍ନୀ ପଦ୍ମାବତୀ ଏବଂ ପୁତ୍ର ଇସାନ ନାୟକ, ପରିବାର ବର୍ଗଙ୍କ ସମେତ ସାମ୍ବାଦିକ ସଂଗ୍ରାମ ପଟ୍ଟନାୟକ, ପବିତ୍ର ବେହେରା, ମଗନ କରିଥିଲେ।

### ବ୍ୟାସ ବକ୍ତୃତା ମାଳା



ବ୍ୟାସନଗର, (ଭାସ୍କର ନ୍ୟୁଜ): ଗୁରୁବାର ବ୍ୟାସନଗର ସ୍ୱୟଂ ଶାସିତ ମହା ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମହା ସମାରୋହରେ ବ୍ୟାସ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା ସମିତିର ଅଧକ୍ଷ ତଥା କଳିଙ୍ଗ ନଗରର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

# କନ୍ଧମାଳ ଗସ୍ତରେ ଜିଲ୍ଲାପାଳ



କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ ଆଜି କନ୍ଧମାଳ ଗସ୍ତରେ ଆସି ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରିଥିଲେ । ବ୍ଲକ୍‌ର ଗୁଡଭେଲିପଦର, ବିଳାସପୁର, ବରଗୋଛା ଆଦି ପଞ୍ଚାୟତ ପରିଦର୍ଶନ କରିବାସହ ଏକ ପେଡ୍ ମା' କି ନାମ ଯୋଜନାରେ ହେବାକୁ ଥିବା ବୃକ୍ଷରୋପଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଯୋଜନାରେ ବୃକ୍ଷରୋପଣ ହେବାକୁ ଥିବା ସ୍ଥାନ ବୁଲି ଦେଖିବା ସହ ଗାତ ଖୋଳା ହୋଇଥିବା ଦେଖିଥିଲେ। ଯୋଜନାର ସଫଳ ରୂପାୟନ କରିବା ସହ କିଭଳି ଅଧିକରୁ ଅଧିକ ବୃକ୍ଷରୋପଣ ହୋଇ ପାରିବ ସେ ଉପରେ ଗୁରୁତ୍ୱ ଦେବାକୁ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଉକ୍ତ ପଞ୍ଚାୟତ ପରିଦର୍ଶନ ପରେ ବୌଦ୍ଧ ବ୍ଲକ ଶଗଡା, ଗୁନ୍ଦୁଳିଆ ଆଦି ପଞ୍ଚାୟତ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ଶ୍ରୀ ନାଏକଙ୍କ ସହିତ ବୌଦ୍ଧ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାସଚନ୍ଦ୍ର ଦଣ୍ଡସେନା, କନ୍ଧମାଳ ବିଡ଼ିଓ ସାମି ଜୟଶ୍ରୀ ରେଡ୍ଡୀ, ସହକାରୀ ଯନ୍ତ୍ରୀ ଜୟ ମହନ୍ତ, ବିଭାଗୀୟ ଅଧିକାରୀ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ଭାରତୀୟ ସଂସ୍କୃତ ଜ୍ଞାନ ପରୀକ୍ଷାରେ ଛାତ୍ରୀଙ୍କ କୃତିତ୍ୱ



କନ୍ଧମାଳ, (ଭାସ୍କର ନ୍ୟୁଜ୍): ରାଜ୍ୟସ୍ତରୀୟ ଭାରତୀୟ ସଂସ୍କୃତ ଜ୍ଞାନ ପରୀକ୍ଷାରେ ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକର ଘଣ୍ଟାପଡ଼ା ଟିକେଏସ୍‌ଏମ୍-ଆରଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ ସୋନାଲୀ ହାତୀ ଦ୍ୱିତୀୟସ୍ଥାନ ହାସଲ କରି ଘଣ୍ଟାପଡ଼ା କଲେଜ ତଥା ଜିଲ୍ଲାକୁ ଗୌରବାନିତ୍ୱ କରିଛନ୍ତି। ଗୁରୁବାର ଏନେଇ ଘଣ୍ଟାପଡ଼ା କଲେଜ ପରିସରରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଉତ୍କୃଷ୍ଟ ସେବା ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସଂସ୍କୃତ ଅଧ୍ୟାପିକା ସସ୍ମିତା ଖ୍ୱାସଙ୍କ ଦ୍ୱାରା ଛାତ୍ରୀ ସୁନେଲୀ ହାତୀଙ୍କୁ ପ୍ରମାଣ ପତ୍ର ସହ ଟ୍ରଫି ଓ ଅନେକ ପୁସ୍ତିକା ପ୍ରଦାନ କରିଥିଲେ। ସୂଚନାନୁସାରେ ଚଳିତ ମାସ ୭ ତାରିଖରେ ଭୁବନେଶ୍ୱରଠାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଯେଉଁ ସଭାରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷାବିଭାଗର ନିର୍ଦ୍ଦେଶକ କାଳି ପ୍ରସନ୍ନ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ଅଧ୍ୟାପକ ଝସକେଦନ ଡାଙ୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଅଧ୍ୟାପକ ପରେଶ କୁମାର ସାହୁ, ନୀଳକଣ୍ଠ ସା, ସତ୍ୟନାରାୟଣ ପଣ୍ଡା, ରାଜକିଶୋର ଭୋଇ, କ୍ଷୀରୋଦ୍ର ସାହୁ, ଅଶୋକ ଦେହୁରୀ , ଦେବରାଜ ବିଶି, ବିନୟ ପ୍ରଧାନ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।ଏବେ ଛାତ୍ରୀ ସୁନେଲୀଙ୍କୁ ଚାରିଆଡୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।

### ବାଇକ ଧକ୍କାରେ ବୃଦ୍ଧ ଗୁରୁତର



ଉମରକୋଟ, (ଭାସ୍କର ନ୍ୟୁଜ୍): ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ଗୁରୁତର ବୃଦ୍ଧ ଜଣକହେଲେ ଉମରକୋଟ ବ୍ଲକ ଅଧିକାରୀ ଗୁଡା ଗ୍ରାମର ଧବୁଲୁ ହରିଜନ (୬୫)। ମିଳିଥିବା ସୂଚନା ଅନୁସାରେ ଧବୁଲୁ ଦୋକାନକୁ ସଉଦା ଆଣିବାକୁ ଯାଉଥିଲେ। ଏହି ସମୟରେ ଏକ ବାଇକ୍ ଚାଳକ ବେପରୁଆ ଗାଡି ଚଳାଇ ଆସି ଧବୁଲୁକୁ ଧକ୍କା ଦେଇଥିଲା ଫଳରେ ଧବୁଲୁ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଧବୁଲୁକୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସାପରେ ଧବୁଲୁଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ବାଇକ ଧକ୍କାରେ ଧବୁଲୁଙ୍କ ବାମ ଗୋଡ଼ ଭାଙ୍ଗି ଯାଇଛି। ସ୍ଥାନୀୟ ଲୋକେ ଉକ୍ତ ବାଇକ ଚାଳକକୁ ଅଟକ ରଖିଥିଲେ।

# ଆମ ପୋଲିସ ବୈଠକ ଦୁର୍ଗାପୂଜା ଶାନ୍ତି ଶୃଙ୍ଖଳା ସହ ପାଳନ ଉପରେ ଆଲୋଚନା



ରାଉରକେଲା, (ଭାସ୍କର ନ୍ୟୁଜ୍) ଆଜି ସେକ୍ଟର ୩ ଥାନା ପୋଲିସରେ ଆମ ପୋଲିସ ବୈଠକ ସହ ଆଗାମୀ ଦୁର୍ଗାପୂଜା ଦୃଷ୍ଟିରେ ରଖି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସେକ୍ଟର ୩ ଥାନା ଅଧୀନରେ ଆୟୋଜିତ ହେଉଥିବା ୧୨ଟି ପୂଜା ପେଣ୍ଡାଲର କମିଟି ସଦସ୍ୟ ଭାଗନେଇ ଆଗାମୀ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାସହ ପାଳନକରିବା ପାଇଁ ଆଲୋଚନା କରିଥିଲେ। ସେକ୍ଟର ୩ ଥାନାର ଥାନା ଅଧିକାରୀ ପିଙ୍କି ମୁର୍ମୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜୋନାଲ ଡିଏସ୍‌ପି ଜଗେଶ୍ୱର ପଣ୍ଡା ଯୋଗଦେଇ ସମସ୍ତ ପୂଜା କମିଟିର ଅସୁବିଧା ଓ ସେମାନଙ୍କ ପୂଜା ସମ୍ବନ୍ଧୀୟ ବିଭିନ୍ନ ପ୍ରସ୍ତାବ ଶୁଣିଥିଲେ। ପ୍ରାରମ୍ଭରେ ଥାନା ଅଧିକାରୀ ପୂଜାର ସମସ୍ତ ନିୟମାବଳୀ ଉପରେ ସବିଶେଷ ସୂଚନା ଦେଇ କହିଥିଲେ ଯେ ସମସ୍ତ ପୂଜା କମିଟି ପିଡବ୍ଲୁଡି ବିଭାଗରୁ ପେଣ୍ଡାଲ ନେଇ ଫିଟନେସ୍ ଆଣିବା, ଫାୟାର ସେଫ୍‌ଟି ସାର୍ଟିଫିକେଟ, ବିଦ୍ୟୁତ ବିଭାଗରୁ ସାର୍ଟିଫିକେଟ, ପେଣ୍ଡାଲର ପ୍ରବେଶ ଓ ପ୍ରସ୍ଥାନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଇବା, ଡ଼ାକବାଜି ଯନ୍ତ୍ର ରାତି ଦଶଟା ପରେ ବନ୍ଦ ରଖିବା। ପୂଜା ସମୟରେ ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ସ୍ୱେଚ୍ଛାସେବୀ ମୁତୟନ କରିବା, ପୂଜା ଭସାଣୀ ଶୋଭାଯାତ୍ରା ନିମନ୍ତେ ଥାନାରୁ ଆବଶ୍ୟକୀୟ ଅନୁମତି ନେବା। ପୂଜା କାର୍ଯ୍ୟକ୍ରମ ରାତ୍ରି ୧୦ଟା ଓ ମେଳା , ମିନା ବଜାର ରାତି ୧୦ଟା ୩୦ ମିନିଟ୍‌ରେ ବନ୍ଦ କରିବା। ଏଥିସହ ସମସ୍ତ କମିଟି ଆବଶ୍ୟକ ସ୍ଥଳେ କଣ୍ଟ୍ରୋଲ ରୁମ୍ ନମ୍ବର ୮୯୧୭୬୮୪୧୦୦/ ୯୪୩୮୯୧୬୬୪୦ରେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଡିଏସ୍‌ପି ସମସ୍ତ ବିଷୟ ପୂଜା କମିଟିଠାରୁ ଶୁଣି ପୂଜା ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ସମସ୍ତଙ୍କ ସହଯୋଗରେ ଏହି ପୂଜାକୁ ସଫଳ ଓ ଶାନ୍ତି ଶୃଙ୍ଖଳା ସହ ପାଳନଉପରେ ଆଲୋକପାତ କରିଥିଲେ। ଯଥାସମ୍ଭବ ସମୟ ବୃଦ୍ଧି ପ୍ରସ୍ତାବନେଇ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ସହ ଟ୍ରାଫିକ ନିୟନ୍ତ୍ରଣ ନେଇ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କ ସମେତ ପୂଜା କମିଟି ସଦସ୍ୟଙ୍କୁ ନେଇ ଆଲୋଚନା କରି ସ୍ଥିରୀକୃତ ହେବ। ଶେଷରେ ସବ୍‌ଇନ୍‌ସପେକ୍ଟର ଦୁର୍ଯ୍ୟୋଧନ ପ୍ରଧାନ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ। ଆମ ପୋଲିସ କମିଟିର ଇନ୍‌ଚାର୍ଜ ଅଫିସର ଏଏସ୍‌ଆଇ ମଙ୍ଗୁଳି ଜେନା ବୈଠକ ଆୟୋଜନ କରାଇଥିଲେ।

# ଦୁର୍ଗାପୂଜା ପ୍ରସ୍ତୁତି ବୈଠକ



ଭଦ୍ରକ, (ଭାସ୍କର ନ୍ୟୁଜ): ଚଳିତ ବର୍ଷ ଦୁର୍ଗାପୂଜାକୁ ସରସ ସୁନ୍ଦର କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଓ ଭଦ୍ରକ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଭଦ୍ରକ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲା ପ୍ରଶାସନର ସମସ୍ତ ବିଭାଗୀୟ ଅଧିକାରୀ, ଶାନ୍ତି କମିଟି ସଦସ୍ୟ ଏବଂ ସ୍ଥାନୀୟ ସମସ୍ତ ଦୁର୍ଗାପୂଜା କମିଟିର କର୍ମକର୍ତ୍ତାମାନଙ୍କ ସହ ପୂଜା ପୂର୍ବରୁ ସମସ୍ତ ସମସ୍ୟା ଏବଂ ଆବଶ୍ୟକୀୟ ପ୍ରତିକାର ବିଷୟରେ ଆଲୋଚନା କରାଯାଇଥିଲା ଓ ପୂଜା ସମୟରେ ରାସ୍ତାଘାଟ, ବିଦ୍ୟୁତ ସରବରାହ, ପାନୀୟ ଜଳ, ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ସମସ୍ତ ଆଲୋଚନା କରାଯାଇଥିଲା ଓ ଅନ୍ୟପଟେ ଚଳିତ ବର୍ଷ ଦୁର୍ଗାପୂଜାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଡିଜେକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ବିଭିନ୍ନ କମିଟି ପକ୍ଷରୁ ପ୍ରସ୍ତାବ ଦିଆ ଯାଇଥିବା ବେଳେ ଜିଲ୍ଲା ପ୍ରଶାସନ ଏହାକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ମୂର୍ତ୍ତି ବିସର୍ଜନ କୃତ୍ରିମ ଜଳାଶୟ କରାଯାଇ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପୂଜା କମିଟିକୁ ନିର୍ଦ୍ଦେଶ ଦିଆଯାଇ ଥିବାବେଳେ ପୂଜା ସମୟରେ ମଦ୍ୟପମାନଙ୍କୁ କୌଣସି ବିଶୃଙ୍ଖଳା କଲେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ପୋଲିସ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସୋସିଆଲ ମେଡିଆରେ କୌଣସି ଅପପ୍ରଚାର ନ କରିବାକୁ ଅନୁରୋଧ କରାଯାଇଛି ଓ ବୈଠକରେ ହିନ୍ଦୁ ସଂଗଠନ, ମୁସଲିମ ଜମାତ କାର୍ଯ୍ୟକର୍ତ୍ତାଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପୂଜା କମିଟିକୁ ସିସି କ୍ୟାମେରା ଲଗାଇବାକୁ କୁହାଯାଇଥିଲା ଓ ଜିଲ୍ଲା ପୋଲିସ ପକ୍ଷରୁ ସମସ୍ତ ସୁରକ୍ଷା ବନ୍ଦୋବସ୍ତ କରାଯିବା ନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଥିଲେ।



# ଆମ କଳାହାଣ୍ଡି







## ଜାତୀୟ ସେବା ଯୋଜନା ଅଭିମୁଖୀକରଣ କାର୍ଯ୍ୟକ୍ରମ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଭବାନୀପାଟଣାସ୍ଥିତ ସରକାରୀ ମହିଳା ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ 'ଜାତୀୟ ସେବା ଯୋଜନା' ଦ୍ୱାରା ଆୟୋଜିତ ଏବଂ ସ୍ୱେଚ୍ଛାସେବୀମାନଙ୍କ ପାଇଁ ଉଦ୍ଦିଷ୍ଟ ଅଭିମୁଖୀକାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ +୩ ଶ୍ରେଣୀ ଏନ ଏସ ଏସ ପ୍ରୋଗାମ ଅଫିସର ଡକ୍ଟର ରାଧାରାଣୀ ନାୟକ ସ୍ୱାଗତ ଭାଷଣ ମାଧ୍ୟମରେ ଜାତୀୟ ସେବା ଯୋଜନାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ବିଶେଷ ଆଲୋଚନା କରିଥିବାବେଳେ ଇଂରାଜୀ ବିଭାଗର ମୁଖ୍ୟ ପ୍ର. ଧୀରେସ ନନ୍ଦ ବ୍ୟକ୍ତିତ୍ୱର ବିକାଶ ଓ ନେତୃତ୍ୱ ନେବାର ଦକ୍ଷତା କିପରି ଏହି ଯୋଜନା ଦ୍ୱାରା ଲାଭ କରାଯାଇପାରେ, ସେ ସମ୍ପର୍କରେ ମତ ପୋଷଣ କରିଥିଲେ। ଭୂଗୋଳ ବିଭାଗର ବିଭାଗ ମୁଖ୍ୟ ପ୍ର. ହେମନ୍ତ ମାଝୀ ତାଙ୍କ ବକ୍ତବ୍ୟରେ ଦର୍ଶାଇଥିଲେ ସେବା କିପରି ମନୁଷ୍ୟକୁ ସର୍ବୋଚ୍ଚ ଆସନରେ ପହଞ୍ଚାଇବାକୁ ସକ୍ଷମ ହୁଏ। ଏହା ପରେ +୨ ଶ୍ରେଣୀର ପ୍ରୋଗ୍ରାମ ଅଫିସର ଡକ୍ଟର ପ୍ରତାପ କୁମାର ସେନାପତି ' ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ - ୨୦୧୨' ସମ୍ପର୍କରେ ଆଲୋଚନା କରି ସ୍ୱେଚ୍ଛାସେବୀମାନଙ୍କୁ ସଚେତନ କରାଇଥିଲେ। ଉଭୟ ଅନୁଷ୍ଠାନର ଅଧକ୍ଷ ତଥା ଏହି ସଭାର ସଭାପତି ଡକ୍ଟର ତ୍ରିଲୋଚନ ଜେନା ତାଙ୍କ ଅଭିଭାଷଣରେ ନିଜ ଅଭିଜ୍ଞତାରୁ ଅନେକ ଉପାଦେୟ ତଥ୍ୟ ଛାତ୍ରୀମାନଙ୍କ ନିକଟରେ ଉପସ୍ଥାପିତ କରିବା ସହିତ ଆମେ କିପରି ସାରା ଜୀବନ ଅନେକ ସେବା ପାଇ ଆସୁଛେ କିନ୍ତୁ ତା' ବଦଳରେ ଆମେ ଯଦି ଏହି ଜନ୍ମରେ ସେବା ମନୋବୃତ୍ତି ନେଇ କାର୍ଯ୍ୟ ନ କରୁ, ତେବେ ମଣିଷ ଜନ୍ମ ନିରର୍ଥକ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଶେଷରେ + ୩ ଶ୍ରେଣୀ ଇଂରାଜୀ ବିଭାଗ ଶେଷବର୍ଷର ଛାତ୍ରୀ ସିପ୍ରା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ): ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ବ୍ଲକ ସମ୍ମିଳନୀ କକ୍ଷରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ନାୟକ, ବିଡିଓ ଶଶାଙ୍କ ପାତ୍ର ପ୍ରମୁଖ ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ବ୍ଲକ ସାମାଜିକ ସମ୍ପ୍ରସାରଣ ଅଧିକାରୀ ଅରବିନ୍ଦ ମହାପାତ୍ର ଶିବିର ପରିଚାଳନା କରିଥିଲେ। ଏହି ଅବସରରେ ବ୍ଲକର ୨୬ ଗୋଟି ପଞ୍ଚାୟତ ଅଞ୍ଚଳରୁ ଏକ ହଜାରରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଯୋଗଦେଇ ନିଜର ପଞ୍ଜିକରଣ କରାଇଥିଲେ। ବ୍ଲକ ପ୍ରଶାସନ ତରଫରୁ ଶିବିର ପରିଚାଳନା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରିଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ଓ ରେଡ଼କ୍ରସ ପକ୍ଷରୁ ସହଯୋଗ କରାଯାଇଥିଲା।

### ପର୍ଯ୍ୟଟନସ୍ଥଳୀ ଡୋକରୀ ଚଞ୍ଚରା ବିବାଦ ଘଟଣା

## ଦୁଇ କମିଟି ସହ ପ୍ରଶାସନର ବୈଠକ




କୋକସରା, (ଭାସ୍କର ନ୍ୟୁଜ୍): ପ୍ରାକ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା କୋକସରା ବ୍ଲକ ଡୁଡୁକାଠେଙ୍ଗା ଗ୍ରାମ ପଞ୍ଚାୟତର ଖଲିଗଡ଼ ପାଦଦେଶରେ ରହିଥିବା କଳାହାଣ୍ଡିର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଗୁଡ଼ହାଣ୍ଡି ଡୋକରୀ ଚଞ୍ଚରାର ପରିଚାଳନାକୁ ନେଇ ଗତ ରାମନବମୀ ମହୋତ୍ସବ ପୂର୍ବରୁ ଅନେକ ବାଦ୍ ବିବାଦ ଦେଖାଦେଇଥିଲା। ଏମିତି କି ଦୁଇ କମିଟି ମଧ୍ୟରେ ଉପୁଜିଥିବା ବିବାଦ ପ୍ରଥମେ ଥାନା ଏବଂ ପରେ ଉଚ୍ଚ ନ୍ୟାୟାଳୟରେ ମାମଲା ପହଞ୍ଚି ସାରିଛି। ପୂର୍ବରୁ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ ସମିତି ଡୋକରୀ ଚଞ୍ଚରା ପର୍ଯ୍ୟଟନସ୍ଥଳୀକୁ ପରିଚାଳନା କରିବା ସହ ବିଭିନ୍ନ ଯାନିଯାତ୍ରା କରି ଆସୁଥିବାବେଳେ ବିବାଦ ଦେଖାଦେବା ପରେ ପ୍ରଶାସନ ପକ୍ଷରୁ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ କମିଟି (ଇଟିଜି)କୁ ଗତ ରାମନବମୀ ଓ ଗୁଡହାଣ୍ଡି ମହୋତ୍ସବ ସମୟରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଉକ୍ତ କମିଟି ମଧ୍ୟ ସୁଚାରୁରୂପେ ମହୋତ୍ସବକୁ ସମ୍ପନ୍ନ କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଛି। ଏହା ପରେ ମଧ୍ୟ ଉଭୟ କମିଟିର ବାଦ୍ ବିବାଦ ଲାଗି ରହିଛି। ଏହାକୁ ନେଇ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ବୁଧବାର କୋକସରା ବ୍ଲକ ସଭାଗୃହଠାରେ ପ୍ରଶାସନ ସହିତ ଦୁଇ କମିଟି ଡୋକରୀ ଚଞ୍ଚରା ଉନ୍ନୟନ ସମିତି ଓ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ କମିଟି (ଇଟିଜି) ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇ ସ୍ୱତନ୍ତ୍ର ଭାବରେ ଆଲୋଚନା ହୋଇଥିଲା। ମାନ୍ୟବର ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ କଳାହାଣ୍ଡି ଏଡିଏମ୍ ତନ୍ମୟ ଦରୱାନ ବୈଠକର ଅଧ୍ୟକ୍ଷତା କରିଥିବାବେଳେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡଃ ହିମାଞ୍ଚଳ ମାଝୀ, ତହସିଲଦାର କ୍ଷୀରୋଦ ବିହାରୀ ଭାରତେ ନାଗ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଧର୍ମଗଡ଼ ଦକ୍ଷିଣ ବନଖଣ୍ଡ ବନାଞ୍ଚଳ ଅଧିକାରୀ ଭବାନୀଶଙ୍କର କାଉଁର, ଆମପାଣି ଥାନା ଅଧିକାରୀ ପ୍ରଶାନ୍ତ କୋଲାହାର ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ଉଭୟ କମିଟିର ସଦସ୍ୟଙ୍କୁ ପ୍ରଶାସନ ପକ୍ଷରୁ ନିଜ ନିଜ ମତାମତ ଲୋଡ଼ିଥିଲେ। ଏବଂ କୌଣସି ଦଳ ଏକ ଚାକିଆ କରି ପାରିବେ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ଆଦେଶ ଦେଇଥିବା ଏଡିଏମ୍ କହିଥିଲେ। ଉଭୟ କମିଟି ପକ୍ଷରୁ ମତାମତ ରଖିବା ପରେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନଥିଲା। ତେବେ ପରବର୍ତ୍ତୀ ସମୟରେ ଦୁଇ କମିଟି ପକ୍ଷରୁ ନିଜ ନିଜ ମଧ୍ୟରେ ଏକ ଆଲୋଚନା କରିବା ପରେ ଆଗକୁ ପ୍ରଶାସନ ସହିତ ପୁନଃ ବୈଠକ କରି ଏକ ନୂତନ କମିଟି ଗଠନ କରାଯିବା ନେଇ ଆଲୋଚନା ହୋଇଥିବା ଏଡିଏମ୍ ଶ୍ରୀଦରୱାନ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖିଛନ୍ତି। ତେବେ ବୈଠକରେ ଉଭୟ କମିଟିର ଶତାଧିକ ଲୋକେ ସାମିଲ ହୋଇଥିବାବେଳେ ଶୃଙ୍ଖଳିତ ଭାବେ ବୈଠକ ସରିଥିଲା।

## ଦଳିତ ଆଦିବାସୀ ନିର୍ଯାତନା ଆଇନର ସଂଶୋଧନ ଆଦେଶ ପ୍ରତ୍ୟାହାର ଦାବି




ଧର୍ମଗଡ,(ଭାସ୍କର ନ୍ୟୁଜ୍): ବିଗତ ଦିନମାନଙ୍କରେ ଦଳିତ ଓ ଆଦିବାସୀ ମାନଙ୍କ ଉପରେ ଉଚ୍ଚ ବର୍ଗର ନିର୍ଯାତନା ହେତୁ ୧୯୮୯ ମସିହାରେ ପାର୍ଲିଆମେଣ୍ଟରେ ଏହି ନିର୍ଯାତନା ବିରୋଧୀ ଆଇନ ପ୍ରଣୟନ କରାଯାଇଥିଲା। ଏହି ଆଇନ ଅନୁସାରେ ଅଭିଯୋଗର ତଦନ୍ତ, ଚାର୍ଜ ସିଟ ପ୍ରଦାନ ଓ ଅଭିଯୁକ୍ତକୁ ଗିରଫ ଦାୟିତ୍ୱ ଡ଼ିଏସପି କିମ୍ବା ତଦୁର୍ଦ୍ଧ୍ୱ ଅଫିସର କରିବେ, କିନ୍ତୁ ଗତ ୩୦ ତାରିଖ ଦିନ ଓଡିଶା ସରକାରଙ୍କ ଗୃହ ବିଭାଗ ତରଫରୁ ଏହି ଦାୟିତ୍ୱ ଡ଼ିଏସପି ବଦଳରେ ଇନ୍ସପେକ୍ଟର କିମ୍ବା ସବ- ଇନ୍ସପେକ୍ଟର ନିର୍ବାହ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଭଳି ହେଲେ ନିଶ୍ଚିତ ଭାବେ ଆଗାମୀ ଦିନରେ ତଦନ୍ତ ବ୍ୟବସ୍ଥା ଢିଲା ହେବା ସହିତ ଅଭିଯୁକ୍ତମାନେ ବହୁମାତ୍ରାରେ ନିର୍ଦ୍ଦୋଷରେ ଖଲାସ ହୋଇଯିବାର ସମ୍ଭାବନା ରହିଛି ବୋଲି କଳାହାଣ୍ଡି ଦଳିତ- ଆଦିବାସୀ ସମାଜ ତରଫରୁ ଅଭିଯୋଗ କରି ଏହି ନିର୍ଦ୍ଦେଶନାମାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ଏକ କେନ୍ଦ୍ରୀୟ ଆଇନ, କେବଳ ପାର୍ଲିଆମେଣ୍ଟ ହିଁ ଏହା ଉପରେ ସଂଶୋଧନ କରି ପାରିବ. ଓଡିଶାରେ ଏହି ନିଷ୍ପତ୍ତି ରାଜ୍ୟ କ୍ୟାବିନେଟ କିମ୍ବା ବିଧାନସଭାରେ ଗୃହୀତ ହୋଇନାହିଁ। ଗୋଟିଏ ଅଫିସିଆଲ ଅର୍ଡରରେ ଏଭଳି ଆଇନକୁ ପରିବର୍ତ୍ତନ କରିବା ଅସାମ୍ବିଧାନିକ ଓ ବେଆଇନ କାର୍ଯ୍ୟ ଅଟେ। ଓଡିଶାରେ ଦଳିତ ଆଦିବାସୀଙ୍କ ସଂଖ୍ୟା ୪୦% ରୁ ଅଧିକ। ତେଣୁ ସେମାନଙ୍କୁ ସୁରକ୍ଷା ଦେବା ଓ ସବୁପ୍ରକାର ସାହାଯ୍ୟ କରିବା ପ୍ରତ୍ୟେକ ସରକାରର ନୈତିକ ଦାୟିତ୍ୱ। ହେଲେ ସରକାରଙ୍କ ଏଭଳି ଦଳିତ- ଆଦିବାସୀ ସ୍ୱାର୍ଥ ବିରୋଧୀ ପଦକ୍ଷେପ ସମସ୍ତଙ୍କୁ ମର୍ମାହତ କରୁଛି। ଏହି ଆଇନକୁ କଡାକଡି ଭାବରେ ଲାଗୁ କରିବା ପାଇଁ ଡ଼ିଏସପି ସଂଖ୍ୟା ବୃଦ୍ଧି କରିବା, ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରିବା, ଏଭଳି ମାମଲା ପରିଚାଳନା ପାଇଁ ସରକାରୀ ଓକିଲ ନିଯୁକ୍ତିରେ ଏହି ଦୁଇ ବର୍ଗରୁ ନିଯୁକ୍ତି ଦେବାକୁ ମଧ୍ୟ ସଂଘ ତରଫରୁ ଦାବି କରାଯାଇଛି। ଗାଇକୁ ନେଇଁ କିଛି ଦିନ ତଳେ ଗଞ୍ଜାମ, ଭୁବନେଶ୍ୱର ଓ ଦେବଗଡ଼ରେ ଘଟିଥିବା ଘଟଣାସବୁ ରାଜ୍ୟରେ ଜାତିଗତ ନିର୍ଯାତନା ସବୁର ଜ୍ୱଳନ୍ତ ଉଦାହରଣ। ତେଣୁ ରାଜ୍ୟସରକାର ଏସବୁ ପ୍ରତି ସଚେତନ ରହି ଏହି ବର୍ଗଙ୍କୁ ନ୍ୟାୟ ନଦେଲେ ଆଗାମୀ ଦିନରେ ସମସ୍ତେ ମିଳିତ ଭାବେ ଓଡିଶା ବନ୍ଦ କରାଯିବ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି। ଏ ବିଷୟରେ ରାଜ୍ୟର ସବୁ ଜିଲ୍ଲାରୁ ବିଭିନ୍ନ ଦଳିତ ଆଦିବାସୀ ସଂଘମାନଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ଧର୍ମଗଡ଼ରେ ସହକାରୀ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତୀରକ୍କୀ ଦାବିପତ୍ର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଦିଗାମ୍ବର ଦୁରିଆ, ପ୍ରେମଲାଲ ସାଗର, ଶିଶୁପାଳ ଦୁରିଆ,ବିନୋଦ ନାଏକ, ପଞ୍ଚାନନ ଜାଲ, ପ୍ରତାପ ସୁନାନୀ, ଜୟଦ୍ରଥ ମହାନନ୍ଦ, ଆଦିବାସୀ ନେତା ଗୋବର୍ଧନ ଶବର, ଦୟାନିଧି ମାଝୀ, ଶ୍ୟାମସୁନ୍ଦର ମାଝୀ, ଗୁଣ ଶବର, ଅବସରପ୍ରାପ୍ତ କର୍ମଚାରୀ, ଫୁଲେଶ୍ୱର ସେନାପତି, ଚକ୍ରଧର ବେଣୁପାଣି, କବିରାଜ ଦୁର୍ଗା, ଧରଣୀ ଧଙ୍ଗଡ଼ାମାଝୀ, ସଞ୍ଜୟ ଖମାରୀ, ଅଚ୍ୟୁତ ବାଗ, ତୋଫାନ ବାଗ, ମୁରଲୀ ସତନାମୀ, ଦେବାନନ୍ଦ ସୁନାନୀ ଆଦି ଅନେକ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

## ଖେଳ ଶିକ୍ଷକ ଅମିତ ମହାନ୍ତିଙ୍କୁ ବ୍ଲକ୍‌ସ୍ତରୀୟ ସମ୍ବର୍ଦ୍ଧନା

କୋକସରା, (ଭାସ୍କର ନ୍ୟୁଜ୍): ୨୦୨୪ ଶିକ୍ଷା ବର୍ଷ ପାଇଁ କୋକସରା ବ୍ଲକ ସଦର ମହକୁମା ସ୍ଥିତ ଜବାହର ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଅମିତ କୁମାର ମହାନ୍ତି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ସମ୍ମାନିତ ହୋଇଛନ୍ତି। ଯାହା ନିଜ ସ୍କୁଲ ସମେତ ସମଗ୍ର କୋକସରା ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛି। ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର



ଅଗ୍ରୱାଲ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କୋକସରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୋଫାନ ମାଝୀ, ଟେମରା ହାଇସ୍କୁଲର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ହୋତା, ମାଝୀଗୁଡା ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ଦାଶ, କାଉଡୋଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ପଣ୍ଡା, ନେଗୀଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଯୁବରାଜ ଜାଲ, ଲଡୁଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୁଦ୍ଧିରାମ ନାଏକ, ନୋଡାଲ ସିଆରସିସି ବୈକୁଣ୍ଠ ଜାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହାପରେ ଛାତ୍ରଛାତ୍ରୀ ଓ ସ୍କୁଲ ପକ୍ଷରୁ ଶିକ୍ଷକ ଶ୍ରୀମହାନ୍ତିଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ହେମନ୍ତ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀ ଅଙ୍କିତା ପଟ୍ଟନାୟକ ଓ ତପସ୍ୱିନୀ ବଚ୍ଛା ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ସିମାରାଣୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଜେଡିର କର୍ମକର୍ତ୍ତା ଚୟନ

## ପୁନର୍ବାର ସଭାପତି ହେଲେ ଯୁବନେତା କପିଳାସ ନାଏକ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କୋଷାବୋରା ସ୍ଥିତ ହେଲୋପଏଣ୍ଟ ଠାରେ ବ୍ଲକ ବିଜେଡିର ଏକ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନେତା ଗୋବିନ୍ଦ ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦଳର ସଂଗଠନ ଉପରେ ଆଲୋଚନା ହୋଇଥିଲା । ଥୁଆମୂଳ ରାମପୁର ବ୍ଲକ ବିଜେଡିର ବରିଷ୍ଠ ନେତା ତଥା ଲାଞ୍ଜିଗଡ ବିଧାୟକଙ୍କ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ ବିଜେଡି କିଭଳି ଲୋକଙ୍କ ଆସ୍ଥା ବିଶ୍ୱାସର ଭାଜନ ହୋଇପାରିବ ଏବଂ ଜନସାଧାରଣଙ୍କ ପାଇଁ କାମ କରିବ ଏନେଇ ମତବ୍ୟକ୍ତ କରିଥିଲେ । ପରେ ବିଜେଡିର ବ୍ଲକ କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା । କପିଳାସ ନାଏକଙ୍କୁ ପୁନଃ ସଭାପତି ଭାବେ ଚୟନ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ କୈଳାସ ପରିଛା ଓ ଫଟୁସିଂ ଭୋଇ, ଉପସଭାପତି ଭାବେ ପ୍ରଫୁଲ୍ଲ କୁମାର ମୁଣ୍ଡଛିନା, ବିଭିକେଶନ ଦୁରିଆ, ଧନସିଂ ମାଝୀ, ନାରାୟଣ ନାୟକ,ଦାହୁ ମାଝୀ, ଜଗବନ୍ଧୁ ସାଆନ୍ତା,ପ୍ରଫୁଲ୍ଲ ନାଏକ ,ସାଧାରଣ ସମ୍ପାଦକ ଭାବେ କୃଷ୍ଣଚନ୍ଦ୍ର ନାଏକ, ଦୁର୍ଯ୍ୟୋଧନ ନାୟକ, ସୁରେନ୍ଦ୍ର ନାୟକ, ଅନଙ୍ଗ ନାଏକ,ଜଲୁ ମାଝୀ, ହାଡିବନ୍ଧୁ ନାଏକ,ହାଦାନ ମାଝୀ, ଜୟରାମ ମାଝୀ ଏବଂ ସହ ସମ୍ପାଦକ ନିରଞ୍ଜନ ନାଏକ, ଶିବ ନାଏକ, ହାରଫୁଲ ମାଝୀ, ଗଣେଶ ମାଝୀ ସାନି ମାଝୀ,ଭୀମ ସୁନାନୀ,ମଦନ ମାଝୀ ପ୍ରମୁଖ ମନୋନୀତ ହୋଇଥିଲେ। ଏଥିସହିତ ଥୁଆମୂଳ ରାମପୁର ଜିଲ୍ଲା ପରିଷଦ ଜୋନ୍ ନଂ୧ ର ସଭାପତି କୃଷ୍ଣଚନ୍ଦ୍ର ସାହୁ ଏବଂ ୨ ନଂ ଜୋନ୍ ପାଇଁ ଲାଲ ନାଏକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। କୋଷାଧ୍ୟକ୍ଷ ଭାବେ ହରେକୃଷ୍ଣ ପଣ୍ଡା, ମିଡ଼ିଆ ସେଲ୍ ସଭାପତି ଅଙ୍ଗଦ ନାଏକ, ଅନୁସୂଚିତ ଜାତି ସେଲ୍ ସଭାପତି ଭାବେ ରାମେଶ୍ୱର ନାଏକ, ଅନୁସୂଚିତ ଜନଜାତିର ସଭାପତି ରାମଚନ୍ଦ୍ର ମାଝୀ, ପଛୁଆ ବର୍ଗରେ ଶଙ୍କର ବିଶି, ସଂଖ୍ୟା ଲଘୁର କାଳିରାମ ନାଏକ,କୃଷକ ସେଲ୍ ର ଜଗଦୀଶ ମାଝୀ ଏବଂ ଶ୍ରମିକ ସେଲ୍‌ର ସଭାପତି ଭାବେ କେଶରୀ ବାଗଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଥିଲା।

## ଡାକ୍ତର ହେବେ ଆଦିବାସୀ ଝିଅ ବିଦ୍ଦୁ



ଜୟପାଟଣା, (ଭାସ୍କର ନ୍ୟୁଜ୍): ଜୟପାଟଣା ବ୍ଲକ ଅନ୍ତର୍ଗତ ବଡ଼କର୍ଲାକୋଟ ଗ୍ରାମପଞ୍ଚାୟତ ନୂଆପଡାର ଜଣେ ଗରିବ ଆଦିବାସୀ ଝିଅ ବିଦୁ ନାଏକ(୨୧) ସର୍ବ ଭାରତୀୟ ସ୍ତର ଯୋଗ୍ୟତା ପ୍ରବେଶ ପରୀକ୍ଷା (ନିଟ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଞ୍ଚଳ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ପରିସ୍ଥିତି ଯାହା ବି ହେଉ ଯଦି ମଣିଷର ଲକ୍ଷ୍ୟ ଅଟଳ ରହିବ ଆଉ ସେଥିପାଇଁ ସେ ସାହସ, ଉଦ୍ୟମ ଓ ଧୈର୍ଯ୍ୟ ରହିବ ତେବେ ସଫଳତା ତାର ପାଦ ନିଶ୍ଚିତ ଛୁଇଁବ ତାହାକୁ ପ୍ରମାଣିତ କରିଛନ୍ତି ବିଦୁ। ଗତ ଜୁନ ୧୪ ରେ ସେ ନିଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ ବ୍ରହ୍ମପୁର ମେଡ଼ିକାଲ କଲେଜ ରେ ନାମ ଲେଖାଇ ଡାକ୍ତର ପାଠ ପଢୁଛନ୍ତି। ବିଦୁ ଗାଁରୁ ଭୁବନେଶ୍ୱର ଯିବା ଆଉ ନିଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମେଡିକାଲ କଲେଜରେ ନାମ ପର୍ଯ୍ୟନ୍ତ ରାସ୍ତା ବହୁ କଣ୍ଟକିତ ଥିଲା। ଏହି ସଫଳତାର ପଛରେ କାହାଣୀ ଯେତିକି ରୋଚକ ସେତିକି ଲୁହଭରା। କଳାହାଣ୍ଡି ଜିଲ୍ଲା ଜିଲ୍ଲା ଜୟପାଟଣା ବ୍ଲକ ଉପାନ୍ତ ଅଞ୍ଚଳରେ ଥିବା ନୂଆପଡା ଗାଁରେ ରହନ୍ତି ବିଦୁ ନାଏକଙ୍କ ପରିବାର। ବାପା ନରେନ୍ଦ୍ର, ମା' ପ୍ରମଶିଳା,ବିଦୁ ଓ ତାଙ୍କ ଛୋଟ ଭଉଣୀ। ପରିବାର ଅତି ଗରିବ ଶ୍ରେଣୀର ହୋଇଥିବା ବେଳେ କୁଲି ମଜୁରି କରି ଜୀବନ ଅତିବାହିତ କରନ୍ତି। ବିଦୁଙ୍କ ମା' ବାପା ଘରର କାମ ସହ କୁଲି ମଜୁରୀ କରି ଯାହା ଟଙ୍କା ଉପାର୍ଜନ କରନ୍ତି ସେଥିରେ କଷ୍ଟେମଷ୍ଟେ ପରିବାର ଚଳିଯାଏ। ଗାଁ ସ୍କୁଲରେ ବିଦୁ ପ୍ରଥମରୁ ପଞ୍ଚମ ପଞ୍ଚମ ପର୍ଯ୍ୟନ୍ତ ପଢିବା ପରେ ଷଷ୍ଠରୁ ଦଶମ ଶ୍ରେଣୀ ପର ଦୁଲୁକିବନ୍ଧ ଆଦିବାସୀ ସ୍କୁଲରେ ପଢିଥିବାବେଳେ ୨୦୨୦ ରେ ନମ୍ବର ୪୩୧ ମାର୍କ ରଖି ପାସ କରିଥିଲେ। କିନ୍ତୁ ୨୦୨୦ ରୁ ୨୦୨୧ ପର୍ଯ୍ୟନ୍ତ ଦୁଇ ବର୍ଷ ତାଙ୍କର ପାଠ ପଢା ବନ୍ଦ ହୋଇଗଲା। ଘରେ ଦୁଇ ଓଳି ଦୁଇ ମୁଠା ଖାଇବା ପାଇଁ ଅସୁବିଧା ହୋଇଥିଲା। ଘରର ଆର୍ଥିକ ସ୍ଥିତିକୁ ବିଦୁ ଧାନ ବିଲରେ କୁଲି ମଜୁରି କରି କିଛି ଟଙ୍କା ଘର ଚାଲିବା ପାଇଁ ଦେଇ କିଛି ଟଙ୍କା ପାଠ ପଢା ପାଇଁ ସଞ୍ଚୟ କରି ରଖିଥିଲେ। ବିଦୁଙ୍କ ଭଲ ପାଠ ପଢା ଦେଖି ତାଙ୍କୁ ସର୍ବଦା ସହଯୋଗ କରି ଆସିଥିବା ତାଙ୍କ ବଡ଼ ମା'ଙ୍କ ପୁଅ ଲାବଣ୍ୟ ପୁଝାରି ଦୁଇ ବର୍ଷ ପରେ ୨୦୨୨ରେ ବିଦୁଙ୍କ ଉଚ୍ଚ ଶିକ୍ଷା ପାଇଁ ସହଯୋଗ କରି ଆସିଥିଲେ। ବିଦୁଙ୍କୁ ଲାଞ୍ଜିଗଡ଼ ସ୍ଥିତ ଆଦିବାସୀ ହାୟର ସେକେଣ୍ଡାରୀ ସ୍କୁଲରେ ନାମ ଲେଖାଇଥିଲେ। ସେଠାରେ ବିଦୁ ୪୫୪ ମାର୍କ ବା ୭୫ ପ୍ରତିଶତ ରଖି ୨୦୨୪ ରେ ପାସ କରିଥିଲେ। ପରେ ସେ ଭୁବନେଶ୍ୱରରେ କୋଚିଂ କରି ସେଠାରେ ନିଟ ପରୀକ୍ଷା ଦେଇ ଗତ ଜୁନ ୨୦୨୫ରେ ପ୍ରଥମ ଥର ହିଁ ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ ବ୍ରହ୍ମପୁର ମେଡିକାଲ କଲେଜରେ ଡାକ୍ତର ପାଠ ପଢିବା ପାଇଁ ନାମ ଲେଖାଇଛନ୍ତି। ଜୀବନର ଜଣେ ଭଲ ଡାକ୍ତର ହୋଇ ଲୋକଙ୍କ ସେବାରେ ଜୀବନକୁ ଉତ୍ସର୍ଗ କରିବି ବିଦୁ କହିଛନ୍ତି। ବିଦୁଙ୍କ ଡାକ୍ତର ପାଠ ପଢିବା ପଛରେ ଆଉ ଗୋଟିଏ କାହାଣୀ ରହିଛି। ୨୦୧୯-୨୦ କୋଭିଡ ସମୟ। ଏହି ସମୟରେ ତାଙ୍କ ଗାଁରେ ଡାଇରିଆ ବ୍ୟାପି ଥାଏ। ଗୋଟିଏ ପଟେ କୋଭିଡକୁ ଡରି କାହା ଘରକୁ କେହି ଯାଉନାହାନ୍ତି, କାହା ସହ କେହି କଥା ହେଉ ନାହାନ୍ତି। ଆଉ ଅନ୍ୟପଟେ ଦଇରିଆ। ଲୋକଙ୍କ ସଚେତନତା ଅଭାବରୁ କିଛି ଲୋକଙ୍କ ମୃତ୍ୟୁ ହୋଇଥିଲା। ଲୋକେ ଡାଇରିଆରେ ଆକ୍ରାନ୍ତ ହୋଇ କଷ୍ଟ ଭୋଗୁଥିଲେ। ଆଉ ଏହାକୁ ଘରେ ରହି ବିଦୁ ଠିକ ଦେଖୁଥିଲେ। ଲୋକେ କିପରି ରୋଗରେ ଆକ୍ରାନ୍ତ ହେଉଥିଲେ ଆଉ ଚିକିତ୍ସା ପାଇଁ ହନ୍ତସନ୍ତ ହେଉଥିଲେ। ସେକଥା ତାଙ୍କୁ ବହୁ ବ୍ୟତୀଥ କରିଥିଲା। ମନେ ମନେ ସେ ଜଣେ ଡାକ୍ତର ହେବାପାଇଁ ସେଇ ଦିନୁ କିଛି କରିବା ପାଇଁ ସଂକଳ୍ପ ନେଇଥିଲେ। ଯାହା ଆଜି ତାଙ୍କୁ ସଫଳତାର ପାହାଚ ଆଗ୍ରସର କରାଇଛି। ଜଣେ ଡାକ୍ତର ହୋଇଛି ତାଙ୍କ ଅଞ୍ଚଳରେ ଯେଉଁ ଅନ୍ଧବିଶ୍ୱାସ ରହିଛି ତାହା ଦୂର କରିବା ସହ ଜଣେ ଭଲ ଡାକ୍ତର ହୋଇ ଅଞ୍ଚଳର ଲୋକଙ୍କ ପାଇଁ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବି ବୋଲି ଆଶା ରଖିଛି ବୋଲି କହିଛନ୍ତି। ତାଙ୍କ ଏପରି ସଫଳତାରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ସ୍ଥାନୀୟ ଆଦିବାସୀ ଛାତ୍ରଛାତ୍ରୀଙ୍କ ମନର ଏକ ନୂତନ ଆଶାର ସଞ୍ଚାର ସୃଷ୍ଟି କରିଛି।


## ୨୧ରେ 'ମେଡ଼ଭାନ୍‌ସ୍' ସମାବେଶ

## ଯୋଗଦେବେ ରାଜ୍ୟର ବହୁ ଅଭିଜ୍ଞ ଭେଷଜ ବିଶେଷଜ୍ଞ


ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭବାନୀପାଟଣାସ୍ଥିତ ଶହୀଦ ରେଣ୍ଡୋମାଝୀ ପ୍ରେକ୍ଷାଳୟରେ ଆସନ୍ତା ୨୧ ସେପ୍ଟେମ୍ବର ଦିନ ପ୍ରଥମ ଥର ପାଇଁ 'ଆସୋସିଏସନ୍ ଅଫ୍ ଫିଜିସିଆନ୍ସ ଅଫ୍ ଇଣ୍ଡିଆ' ଓଡ଼ିଶା ଷ୍ଟେଟ୍ ଚ୍ୟାପ୍ଟର୍ ତରଫରୁ 'ମେଡ଼ଭାନ୍‌ସ୍' ଶୀର୍ଷକ ଏକ ମଧ୍ୟବର୍ତ୍ତୀକାଳୀନ ନିରନ୍ତର ଶିକ୍ଷା ସମାବେଶ ଭାରତୀୟ ଚିକିତ୍ସକ ସଂଘ, କଳାହାଣ୍ଡି ଜିଲ୍ଲା ଶାଖାର ମିଳିତ ସହଯୋଗରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି 'ମେଡ଼ଭାନ୍‌ସ୍-୨୦୨୫'ର ସାଙ୍ଗଠନିକ ସମ୍ପାଦକ ତଥା କଳାହାଣ୍ଡି ଜିଲ୍ଲା ମୁଖ୍ୟଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡା. ଦୀନବନ୍ଧୁ ସାହୁ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଶାଖା ସଭାପତି ବିଶିଷ୍ଟ ଚିକିତ୍ସକ ପ୍ରଫେସର୍ ଆର୍.କେ. ଦଲାଇ, ଡା.ଅଶୋକ ସିଂ, ପ୍ରଫେସର ସାଗ୍ନିକା ତ୍ରିପାଠୀ, ମାଳତୀ ମୁର୍ମୁ,ସରିତା ବେହେରାଙ୍କ ସହ ରାଜ୍ୟର ବହୁ ଅଭିଜ୍ଞ ଭେଷଜ ବିଶେଷଜ୍ଞ ବକ୍ତା ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମଟି ଆଞ୍ଚଳିକ ଡାକ୍ତର ତଥା ପଡ଼ୋଶୀ ଜିଲ୍ଲାରେ କାର୍ଯ୍ୟରତ ଚିକିତ୍ସକମାନଙ୍କ ପାଇଁ ବିଶେଷ ଉପାଦେୟ ସାବ୍ୟସ୍ତ ହେବ ବୋଲି ସମ୍ମିଳନୀର ସାଂଗଠନିକ ସମ୍ପାଦକ ଡା. ସାହୁ ପ୍ରକାଶ କରିଛନ୍ତି । ଏହି ମଧ୍ୟକାଳୀନ ନିରନ୍ତର ଶିକ୍ଷା ସମାବେଶ ସ୍ଥାନୀୟ ମେଡ଼ିକାଲ୍ କଲେଜର ଭେଷଜ ବିଭାଗୀୟ ମୁଖ୍ୟ ପ୍ରଫେସର ଡା.ଶରତ ଚନ୍ଦ୍ର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ବେଳେ କାର୍ଯ୍ୟକ୍ରମଟିର ବିଶେଷ ସଫଳତା ପାଇଁ ଆଇ.ଏମ୍.ଏ., ଜିଲ୍ଲା ଶିକ୍ଷା ସଭାପତି ଡା.ଲମ୍ବୋଦର ସାହୁ, ସମ୍ପାଦକ ଡା.ରବିନାରାୟଣ ସେନାପତି, ସମ୍ମିଳନୀ ସମ୍ପାଦକ ଡା.ଦୀନବନ୍ଧୁ ସାହୁ ପ୍ରମୁଖ ଆଗ୍ରହୀ ଆଞ୍ଚଳିକ ଡାକ୍ତରମାନଙ୍କୁ ଯୋଗଦାନ ସକାଶେ ବିଶେଷ ଅନୁରୋଧ କରିଛନ୍ତି ବୋଲି ଆଲୋଚନା ହୋଇଥିଲା । ଥୁଆମୂଳ ରାମପୁର ବ୍ଲକ ବିଜେଡିର ବରିଷ୍ଠ ନେତା ତଥା ଲାଞ୍ଜିଗଡ ବିଧାୟକଙ୍କ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ ବିଜେଡି କିଭଳି ଲୋକଙ୍କ ଆସ୍ଥା ବିଶ୍ୱାସର ଭାଜନ ହୋଇପାରିବ ଏବଂ ଜନସାଧାରଣଙ୍କ ପାଇଁ କାମ କରିବ ଏନେଇ ମତବ୍ୟକ୍ତ କରିଥିଲେ। ପରେ ବିଜେଡିର ବ୍ଲକ କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା ।କପିଳାସ ନାଏକଙ୍କୁ ପୁନଃ ସଭାପତି ଭାବେ ଚୟନ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ କୈଳାସ ପରିଛା ଓ ଫଟୁସିଂ ଭୋଇ, ଉପସଭାପତି ଭାବେ ପ୍ରଫୁଲ୍ଲ କୁମାର ମୁଣ୍ଡଛିନା, ବିଭିକେଶନ ଦୁରିଆ, ଧନସିଂ ମାଝୀ, ନାରାୟଣ ନାୟକ,ଦାହୁ ମାଝୀ, ଜଗବନ୍ଧୁ ସାଆନ୍ତା,ପ୍ରଫୁଲ୍ଲ ନାଏକ ,ସାଧାରଣ ସମ୍ପାଦକ ଭାବେ କୃଷ୍ଣଚନ୍ଦ୍ର ନାଏକ,ଦୁର୍ଯ୍ୟୋଧନ ନାୟକ, ସୁରେନ୍ଦ୍ର ନାୟକ, ଅନଙ୍ଗ ନାଏକ,ଜଲୁ ମାଝୀ,ହାଡିବନ୍ଧୁ ନାଏକ,ହାଦାନ ମାଝୀ, ଜୟରାମ ମାଝୀ ଏବଂ ସହ ସମ୍ପାଦକ ନିରଞ୍ଜନ ନାଏକ, ଶିବ ନାଏକ, ହାରଫୁଲ ମାଝୀ, ଗଣେଶ ମାଝୀ ସାନି ମାଝୀ,ଭୀମ ସୁନାନୀ,ମଦନ ମାଝୀ ପ୍ରମୁଖ ମନୋନୀତ ହୋଇଥିଲେ। ଏଥିସହିତ ଥୁଆମୂଳ ରାମପୁର ଜିଲ୍ଲା ପରିଷଦ ଜୋନ୍ ନଂ୧ ର ସଭାପତି କୃଷ୍ଣଚନ୍ଦ୍ର ସାହୁ ଏବଂ ୨ ନଂ ଜୋନ୍ ପାଇଁ ଲାଲ ନାଏକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। କୋଷାଧ୍ୟକ୍ଷ ଭାବେ ହରେକୃଷ୍ଣ ପଣ୍ଡା, ମିଡ଼ିଆ ସେଲ୍ ସଭାପତି ଅଙ୍ଗଦ ନାଏକ, ଅନୁସୂଚିତ ଜାତି ସେଲ୍ ସଭାପତି ଭାବେ ରାମେଶ୍ୱର ନାଏକ,ଅନୁସୂଚିତ ଜନଜାତିର ସଭାପତି ରାମଚନ୍ଦ୍ର ମାଝୀ, ପଛୁଆ ବର୍ଗରେ ଶଙ୍କର ବିଶି, ସଂଖ୍ୟାଲଘୁର କାଳିରାମ ନାଏକ, କୃଷକ ସେଲ୍‌ର ଜଗଦୀଶ ମାଝୀ ଏବଂ ଶ୍ରମିକ ସେଲ୍‌ର ସଭାପତି ଭାବେ କେଶରୀ ବାଗଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା।

## ରାଶିଫଳ


**ଶୁକ୍ରବାର, ୧୨ ସେପ୍ଟେମ୍ବର ୨୦୨୫**



**ମେଷ:** ଏହି ରାଶିର ଲୋକମାନେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ବନ୍ଧୁ ଏବଂ ସମ୍ପର୍କୀୟଙ୍କ ସାହାଯ୍ୟ ନେବେ । ଆଜି ଅତିଥିମାନେ ଆପଣଙ୍କ ଘରେ ପହଞ୍ଚିବେ, ଯାହା ଘରକୁ ଚଳଚଞ୍ଚଳ କରିବ । ଆଜି କୈଣସି ପ୍ରକାରର ବିତର୍କକୁ ଉତ୍ସାହିତ କରନ୍ତୁ ନାହିଁ । ଚାକିରି କ୍ଷେତ୍ରରେ ଆପଣଙ୍କର ପ୍ରଭାବ ବୃଦ୍ଧି ପାଇବ ।




**ବୃଷ:** ଏହି ରାଶିର ଲୋକଙ୍କୁ ସେମାନଙ୍କର ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖିବାକୁ ପଡିବ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ନିଷ୍ପତ୍ତି ନେବା ପୂର୍ବରୁ, ଦୟାକରି ଧ୍ୟାନ ଦିଅନ୍ତୁ । ଘନିଷ୍ଠ ସମ୍ପର୍କୀୟଙ୍କ ସହିତ ସାକ୍ଷାତ ହୋଇପାରେ । ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ଆୟ ସ୍ୱାଭାବିକ ହେବ। ଚାକିରି କ୍ଷେତ୍ରରେ କିଛି ଟେନସନ ହୋଇପାରେ ।




**ମିଥୁନ:** ଏହି ରାଶିର ଲୋକଙ୍କ ପାଇଁ ସ୍ଥାୟୀ ଧନ ବୃଦ୍ଧି ହେବାର ସମ୍ଭାବନା ଅଛି । ବ୍ୟବସାୟୀମାନେ ଏକ ଲାଭ ଜନକ ଡିଲ୍ କରି ପାରିବେ । ଆପଣ ସାଙ୍ଗମାନଙ୍କ ସହିତ ଭ୍ରମଣ କରିବାକୁ ଯୋଜନା କରିପାରିବେ । ନିଯୁକ୍ତି ପ୍ରୟାସ ସଫଳ ହେବ ।




**କର୍କଟ:** ଏହି ରାଶିର ବ୍ୟକ୍ତିମାନେ ଆଜି ମିଶ୍ରିତ ଫଳାଫଳ ପାଇବେ। ଆପଣ ଆପଣଙ୍କର ବ୍ୟବସାୟରେ କିଛି ପରିବର୍ତ୍ତନ କରିବାକୁ ଚେଷ୍ଟା କରି ପାରିବେ । ଅଧସ୍ତନ କର୍ମଚାରୀମାନେ ଆପଣଙ୍କୁ ଚାକିରି କ୍ଷେତ୍ରରେ ସମର୍ଥନ କରିବେ । ପାରିବାରିକ ପରିବେଶ ଖୁସି ହେବ। ପ୍ରେମ ସମ୍ପର୍କ ମଜବୁତ ହେବ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଉପହାର ପାଇବା ସମ୍ଭାବନା ଅଛି।



**ସିଂହ:** ଏହି ରାଶିର ଲୋକଙ୍କ ପାଇଁ ଆଜି ଏକ ଭଲ ଦିନ ହେବ । ଆପଣ ବ୍ୟବସାୟରେ ଲାଭ ପାଇପାରିବେ । ଚାକିରି କ୍ଷେତ୍ରରେ ପରିସ୍ଥିତି ଆପଣଙ୍କ ସପକ୍ଷରେ ରହିବ । ଆପଣ ଧାର୍ମିକ କାର୍ଯ୍ୟ କଳାପରେ ଅଧିକ ଆଗ୍ରହୀ ହେବେ । ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ ।




**କନ୍ୟା:** ଏହି ରାଶିର ଲୋକମାନେ ସେମାନଙ୍କର ନୂତନ ଯୋଜନା ପୂରଣ କରିବାରେ ସଫଳ ହେବେ। ଆପଣ କଠିନ ପରିଶ୍ରମର ତୁରନ୍ତ ଲାଭ ପାଇବ ନାହିଁ। କର୍ମ କ୍ଷେତ୍ରରେ ଉନ୍ନତି ହେବାର ଆଶା କରା ଯାଉଛି । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । ସାମାଜିକ କ୍ଷେତ୍ରରେ ସମ୍ମାନ ହାସଲ କରାଯିବ । ବ୍ୟବସାୟରେ ମନ ଅନୁଯାୟୀ, ଆପଣ ଲାଭ ପାଇପାରିବେ।



**ତୁଳା:** ଲୋକମାନେ ଆଜି ନିଜ ପରିବାର ସଦସ୍ୟଙ୍କ ସହ ପିକନିକ୍ କାର୍ଯ୍ୟକ୍ରମ କରିପାରିବେ। ପିଲାମାନଙ୍କ ତରଫରୁ ଅସୁବିଧା ସମାପ୍ତ ହେବ। ବିବାହିତ ଜୀବନ ଭଲ ହେବ । ଜୀବନସାଥୀ ଆପଣଙ୍କର ଭାବନା ବୁଝିବେ । କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସଫଳତାର ସମ୍ଭାବନା ଅଛି ।



**ବିଛା:** ଏହି ରାଶି ଲୋକମାନେ ଏଥର କିଛି ଭାବିବେ ନାହିଁ । ଆପଣ ଆପଣଙ୍କର କ୍ରୋଧ ଏବଂ ଉତ୍ସାହକୁ ନିୟନ୍ତ୍ରଣ କରନ୍ତୁ। ମୂଲ୍ୟବାନ ଜିନିଷଗୁଡିକ ସଂରକ୍ଷିତ ହେବା ଆବଶ୍ୟକ ଅନ୍ୟଥା ନିଖୋଜ ହେବାର ସମ୍ଭାବନା ଅଛି । ଆପଣ ଉତ୍ସାହର ସହିତ କିଛି କରିବା ଉଚିତ୍ ନୁହେଁ । ଗାଡି ଚଳାଇବା ସମୟରେ ସତର୍କ ରହିବାକୁ ପଡିବ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ।




**ଧନୁ:** ଏହି ରାଶିର ଲୋକମାନେ ଏକ ଲାଭଜନକ ଯାତ୍ରା କରିପାରିବେ । ଆପଣଙ୍କର ବ୍ୟବସାୟ ଭଲ କରିବ । ଚାକିରି କ୍ଷେତ୍ରରେ ବଡ ଅଧିକାରୀମାନେ ଆପଣଙ୍କ ସହିତ ଖୁସି ହେବେ। ଋଣ ଦିଆଯାଇଥିବା ଟଙ୍କା ଫେରସ୍ତ କରାଯାଇ ପାରିବ । ଆୟ ବୃଦ୍ଧି ପାଇବ। ପିତାମାତାଙ୍କର ସମ୍ପୂର୍ଣ୍ଣ ସମର୍ଥନ ରହିବ। ପରିବାରକୁ ନେଇ ଚିନ୍ତିତ ହେବେ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମିଳିପାରିବ।




**ମକର:** ଏହି ରାଶିର ଲୋକମାନେ ଆଜି ଭଲ ଦିନ ପାଇବେ । ବେକାରୀ ହଟାଇବାକୁ ଚେଷ୍ଟା ସଫଳ ହୋଇପାରେ । ଆପଣ କିଛି କାର୍ଯ୍ୟରେ ସଫଳତା ପାଇବେ, ଯାହା ଆପଣଙ୍କୁ ଖୁସି କରିବ। ଆପଣ ପୂର୍ଣ୍ଣ ଭାଗ୍ୟ ପାଇବେ । ଆପଣ ସାଙ୍ଗମାନଙ୍କଠାରୁ ଉପହାର ପାଇପାରିବେ । ଯେଉଁମାନେ ଷ୍ଟକ୍ ମାର୍କେଟ୍ ସହିତ ସଂଯୁକ୍ତ, ସେମାନେ ଆବଶ୍ୟକୀୟ ଲାଭ ପାଇବା ସମ୍ଭାବନା ।



**କୁମ୍ଭ:** କୁମ୍ଭ ଲୋକମାନେ ନିଜ ଘରେ ସେମାନଙ୍କର ନିକଟ ସମ୍ପର୍କୀୟଙ୍କୁ ଭେଟିବାକୁ ଯାଇପାରନ୍ତି । ହଠାତ୍ ଟେଲି ଯୋଗାଯୋଗ ମାଧ୍ୟମରେ ଭଲ ଖବର ପାଇବାର ସମ୍ଭାବନା ଅଛି । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ନୂତନ ଲୋକମାନେ ପରିଚିତ ହୋଇପାରିବେ । ଆପଣ ଆପଣଙ୍କର ଶତ୍ରୁମାନଙ୍କୁ ପରାସ୍ତ କରିବେ । ଲାଭ ପାଇଁ ସୁଯୋଗ ହାତକୁ ଯାଇପାରେ ।



**ମୀନ:** କୌଣସି ବ୍ୟସ୍ତତା କାର୍ଯ୍ୟହେତୁ ବହୁତ ବିବ୍ରତ ହେବେ। ଗାଡି ଚଳାଇବା ସମୟରେ ବେପରୁଆ ହୁଅନ୍ତୁ ନାହିଁ । ଅନାବଶ୍ୟକ ନିୟନ୍ତ୍ରଣକୁ ରଖିବାକୁ ହେବ, ନଚେତ ଆର୍ଥିକ ସମସ୍ୟା ବୃଦ୍ଧି ପାଇପାରେ। ଚାକିରୀ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇପାରେ। କୌଣସି ବିପଦ ପୂର୍ଣ୍ଣ କାର୍ଯ୍ୟରେ ଯୋଗ ଦିଅନ୍ତୁ ନାହିଁ। ବ୍ୟବସାୟ ଭଲ ହେବ। ଆୟ ବୃଦ୍ଧି ପାଇବ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯